DIGITAL EDITION

ଓଡ଼ିଶା ଭାସ୍କର

ODISHA BHASKAR ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୬୯ Vol. 21 No-269 28 DECEMBER 2024 SATURDAY BHUBANESWAR ଶନିବାର, ୨୮ ଡିସେମ୍ବର ୨୦୨୪ ପୃଷ୍ଠା: ୮ ମୂଲ୍ୟ: ୭.୦୦



# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଜାନୁଆରୀରେ ଭାଜପାର ସଦସ୍ୟତା ନେବେ ରଘୁବର ଦାସ | ୬



ମେଡ଼ିକାଲ କଲେଜରେ ହେଲ୍ଥ ସର୍କିଟ ବନାଅ | ୬


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୬୯ Vol. 21 No-269 28 DECEMBER 2024 SATURDAY BHUBANESWAR ଶନିବାର, ୨୮ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ମନମୋହନଙ୍କ ଶେଷ ଦର୍ଶନ କଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

# ଆଜି ଶେଷକୃତ୍ୟ





ନୂଆଦିଲ୍ଲୀ,୨୭।୧୨: ଗୁରୁବାର ରାତି ୯.୧୫ରେ ଦିଲ୍ଲୀ ଏମ୍ସରେ ଶେଷନିଃଶ୍ୱାସ ତ୍ୟାଗ କରିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଅନ୍ତିମ ସଂସ୍କାର ଶନିବାର କରାଯିବ। ଦିଲ୍ଲୀର ଶକ୍ତି ସ୍ଥଳରେ ତାଙ୍କର ଶେଷକୃତ୍ୟ ସମାପନ କରାଯିବ। ଗୁରୁବାର ବିଳମ୍ବିତ ରାତିରେ ଦିଲ୍ଲୀ ଏମ୍ସରୁ ସ୍ୱର୍ଗତଃ ସିଂହଙ୍କ ପାର୍ଥିବ ଶରୀର ତାଙ୍କ ବାସଭବନରେ ପହଞ୍ଚିବା ପରେ ଶୁକ୍ରବାର ସକାଳୁ ସେଠାରେ ପ୍ରବଳ ଗହଳି ଲାଗି ରହିଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, କଂଗ୍ରେସ ନେତା ସୋନିଆ ଗାନ୍ଧୀ, ଲୋକସଭାରେ ● ପୃଷ୍ଠା ୫ ଦେଖନ୍ତୁ

## ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୨୭।୧୨(ଭାସ୍କର ନ୍ୟୁଜ): ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ମନମୋହନ ସିଂହଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଦେଶର ଜଣେ ମହାନ ବରପୁତ୍ର ମନମୋହନ ସିଂହଙ୍କ ବିୟୋଗ ଅତ୍ୟନ୍ତ ଦୁଃଖଦାୟକ। ଅର୍ଥନୀତି କ୍ଷେତ୍ରରେ ତାଙ୍କ ଜ୍ଞାନ ଓ ଦକ୍ଷତା ପାଇଁ ସେ ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଥିଲେ। ତାଙ୍କର ଉଦାର ଅର୍ଥନୈତିକ ନୀତି ଭାରତକୁ ବିଶ୍ୱର ଅର୍ଥନୀତି କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନରେ ପହଞ୍ଚାଇଥିଲା। ପ୍ରଧାନମନ୍ତ୍ରୀ ଭାବେ ଦେଶର ବିକାଶକୁ ସେ ତ୍ୱରାନ୍ୱିତ କରିଥିଲେ। ତାଙ୍କର ଜ୍ଞାନ, ଭଦ୍ରତା, ସାଧୁତା ଓ ଅମାୟିକ ସ୍ୱଭାବ ଯୋଗୁ ରାଜନୀତି କ୍ଷେତ୍ରରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିଲା। ● ପୃଷ୍ଠା ୫ ଦେଖନ୍ତୁ

## ମନମୋହନଙ୍କ ବିୟୋଗରେ

# କେନ୍ଦ୍ର କ୍ୟାବିନେଟ୍‌ର ଶୋକ



ନୂଆଦିଲ୍ଲୀ,୨୭।୧୨: ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ବିୟୋଗରେ କେନ୍ଦ୍ର କ୍ୟାବିନେଟ୍ ପକ୍ଷରୁ ଗଭୀର ଶୋକ ପ୍ରକଟ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମନମୋହନଙ୍କ ବିୟୋଗରେ ଏକ ଶୋକ ସଂକଳ୍ପ ମଧ୍ୟ ପାରିତ ହୋଇଛି। କ୍ୟାବିନେଟ୍ ପକ୍ଷରୁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଆସନ୍ତା ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ୭ ଦିନ ପାଇଁ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି। ଏହି ଶୋକପାଳନ ସମୟରେ ସାରା ଦେଶରେ ଜାତୀୟ ପତାକା ଅର୍ଦ୍ଧନମିତ ରହିବ। ସେହିପରି ବିଦେଶରେ ଥିବା ଭାରତୀୟ ଦୂତାବାସ, ଉଚ୍ଚାୟୁକ୍ତ କାର୍ଯ୍ୟାଳୟଗୁଡ଼ିକରେ ଉଡୁଥିବା ଜାତୀୟପତାକା ଗୁଡ଼ିକୁ ମଧ୍ୟ ଅର୍ଦ୍ଧନମିତ କରାଯିବ। ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ମନମୋହନଙ୍କ ଅନ୍ତିମ ସଂସ୍କାର କରାଯିବ। ଅନ୍ତିମ ସଂସ୍କାର ଦିନ କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ଏବଂ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଅଧାଦିନ ଛୁଟି ଘୋଷଣା କରାଯିବ। ୧୯୩୨ ମସିହା ସେପ୍ଟେମ୍ବର ୨୬ ତାରିଖରେ ଅବିଭକ୍ତ ଭାରତର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ପଶ୍ଚିମ ପଞ୍ଜାବର ଗାହ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଡକ୍ଟର ସିଂହଙ୍କର ଶିକ୍ଷାଗତ ଜୀବନ ବେଶ ଚମତ୍କାର ଥିଲା। ୧୯୪୫ ମସିହାରେ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ● ପୃଷ୍ଠା ୫ ଦେଖନ୍ତୁ

## ମନୋଜ ଆହୁଜାଙ୍କ ଉପରେ ଭରସା କଲେ ସରକାର

# କାର୍ଯ୍ୟକାଳ ଆଉ ଏକବର୍ଷ ବୃଦ୍ଧି



ଭୁବନେଶ୍ୱର,୨୭।୧୨(ଭାସ୍କର ନ୍ୟୁଜ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଉପରେ ଭରସା କରିଛନ୍ତି ରାଜ୍ୟ ସରକାର। ଆସନ୍ତା ୩୧ ତାରିଖରେ ତାଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାବେଳେ ରାଜ୍ୟ ସରକାର ତାଙ୍କ କାର୍ଯ୍ୟକାଳକୁ ଆଉ ଏକବର୍ଷ ବୃଦ୍ଧି କରିଛନ୍ତି। ଅର୍ଥାତ୍ ୨୦୨୬ ଜାନୁଆରୀ ୧ ପର୍ଯ୍ୟନ୍ତ ସେ ମୁଖ୍ୟ ଶାସନସଚିବ ପଦବୀରେ କାର୍ଯ୍ୟ କରିବେ। ସୂଚନାଯୋଗ୍ୟ ଯେ ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ଗତ ଜୁନ୍ ୩୦ ତାରିଖରେ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ସେତେବେଳେ ଡେପୁଟେସନରୁ ଆସି ମୁଖ୍ୟ ସଚିବ ପଦବୀ ଅଲଙ୍କୃତ କରିଥିଲେ ମନୋଜ ଆହୁଜା। ଗତ ୬ ମାସ ଭିତରେ ନୂଆ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳ ଭାବେ ଶ୍ରୀ ଆହୁଜା କାର୍ଯ୍ୟକାରୀ କରିପାରିଛନ୍ତି। ● ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଓଡ଼ିଶା ଲ' କମିଶନ ଗଠିତ

ଭୁବନେଶ୍ୱର,୨୭।୧୨(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଶୁକ୍ରବାର ଓଡ଼ିଶା ଲ' କମିଶନର ପୁନର୍ଗଠନ କରିଛନ୍ତି। ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ କମିଶନର ଅଧ୍ୟକ୍ଷ ରହିଛନ୍ତି। ତାଙ୍କ ସହ ୬ଜଣ ସଦସ୍ୟ ମଧ୍ୟ କମିଶନରେ ରହିଥିବା ସୂଚନା ମିଳିଛି। ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଓ ଆଇନ ବିଭାଗ ସଚିବ ଏକ୍ସ ଅଫିସିଓ ସଦସ୍ୟଭାବେ ରହିଥିବାବେଳେ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟପ୍ରକାଶ ମିଶ୍ର, ସୌରଚନ୍ଦ୍ର ମହାପାତ୍ର ଓ କମିଶନଙ୍କ ସଚିବ ସଦସ୍ୟ ରହିଛନ୍ତି।

### ବାଘଛାଲ ର୍ୟାକେଟ୍‌ରେ ଡାକ୍ତର

ବାଲେଶ୍ୱର,୨୭।୧୨(ଭାସ୍କର ନ୍ୟୁଜ): ଗତ ୨୩ ତାରିଖରେ ବାଲେଶ୍ୱରର ସୋର ଅଞ୍ଚଳରୁ ଜଗତ କରାଯାଇଥିବା ମହାବଳ ବାଘଛାଲ ଘଟଣାରେ ଉଦଳା ହସ୍ପିଟାଲର ଜଣେ ଡାକ୍ତରଙ୍କୁ ବନ ବିଭାଗ ଗିରଫ କରିଛି। ଟଙ୍କା ନେଣଦେଣର ସେ ମୁଖ୍ୟ କାର୍ପଟଦାର ବୋଲି ବନ ବିଭାଗ କହିଛି। ଏହି ଘଟଣାରେ ବନ ବିଭାଗ ପୂର୍ବରୁ ୧୧ଜଣଙ୍କୁ ଗିରଫ କରି ସାରିଛି। ତେବେ ଜଣେ ଡାକ୍ତରଙ୍କ ସଂପୃକ୍ତିକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି।






କୋଦଳା (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ୍ ଅନ୍ତର୍ଗତ ବୁରୁଝରୀ ପଂଚାୟତର ବି. ନୂଆଗାଁ ସ୍ଥିତ ବଲ୍ଲଭ ନାୟକ ଉଚ୍ଚ ବିଦ୍ୟାଳୟରେ ଲଗାଣ ବର୍ଷା ଯୋଗୁଁ ବିଦ୍ୟାଳୟ ପରିସରରେ ନବ ନିର୍ମିତ ମହାପୁରୁଷ ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇପାରିନଥିଲା । ଶୁକ୍ରବାର ଦିନ ରାଜ୍ୟ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ପ୍ରତିମୂର୍ତ୍ତି ଉନ୍ମୋଚନ କରିବା କାର୍ଯ୍ୟକ୍ରମ ରହିଥିଲା । କିନ୍ତୁ ଗୁରୁବାର ଦିନ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଡକ୍ଟର ମନମୋହନ ସିଂଙ୍କ ଦେହାନ୍ତ ଖବର ପାଇବା ପରେ ଏହି କାର୍ଯ୍ୟକ୍ରମ ବାତିଲ ହୋଇଥିଲା । ତେବେ କବିସୂର୍ଯ୍ୟନଗର ବିଧାୟକ ଉକ୍ତ ବିଦ୍ୟାଳୟକୁ ଯାଇ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବକୁ ବାତିଲ କରି ସ୍ୱର୍ଗତ ପ୍ରଧାନମନ୍ତ୍ରୀଙ୍କ ଆତ୍ମାର ସଦଗତି ପାଇଁ ଏକ ଶୋକସଭା କରିଥିଲେ । ସ୍ୱର୍ଗତ ପ୍ରଧାନମନ୍ତ୍ରୀ ସିଂ ଙ୍କ ଫଟୋଚିତ୍ର ରେ ପୁଷ୍ପ ଧୂପ ପ୍ରଦାନ କରିବା ଶହ ନିରବ ପ୍ରାଥନା କରାଯାଇଥିଲା । ଏଥିରେ ଦକ୍ଷିଣ ଓଡିଶା ସାହିତ୍ୟ ସଂସଦର ମହାସଚିବ ଦଣ୍ଡପାଣି ମହାପାତ୍ର ଯୋଗଦେଇ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଙ୍କ ଯୁଗାନ୍ତକାରୀ ଅର୍ଥନୈତିକ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରିଥିଲେ । ଏଥିରେ କୋଦଳା ଏନଏସି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିନାଥ ନାହାକ, ସମିତି ସଭ୍ୟ ସତୀଶ ରଞ୍ଜନ ତାରିଣୀ,ସମାଜସେବୀ ଚିତ୍ରସେନ ପରିଡା, ମଣ୍ଡଳ ସଭାପତି ଆଲୋକ କୁମାର ଶତପଥି, ନାରାୟଣ ସୁମନ୍ତରାୟ,ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ସମେତ ପୁରାତନ ଛାତ୍ର ଛାତ୍ରୀ ଏବଂ ବର୍ତ୍ତମାନର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହିଥିଲେ ।

# ବିପଦରେ ବନ ସୁରକ୍ଷା ସମିତିର ଜଙ୍ଗଲ ସୁରକ୍ଷା ଓ ପରିଚାଳନା

## ଜଙ୍ଗଲ ଜମି ଉପରେ ଖଣି ଓ ଶିଳ୍ପ ସଂସ୍ଥାମାନଙ୍କର ନଜର

ଅନୁଗୋଳ (ଭାସ୍କର ନିୟୁଜ ) ଜଏଣ୍ଟ ଫରେଷ୍ଟ ମ୍ୟାନେଜମେଣ୍ଟ (ଜେ. ଏଫ୍.ଏମ.) ନୀତି ଆଧାରରେ ଗଠନ କରାଯାଇଥିବା ବନ ସୁରକ୍ଷା ସମିତିର ଜଙ୍ଗଲ ସୁରକ୍ଷା ଓ ପରିଚାଳନା ବିପଦମୁଖୀ ହୋଇଛି । ଦାନ୍ତ ନଥିବା ବନ ସୁରକ୍ଷା ସମିତିର ଜଙ୍ଗଲ ସବୁ ପର୍ଯ୍ୟାୟକ୍ରମେ ଖଣି ଓ ଶିଳ୍ପ ସଂସ୍ଥାମାନେ ଶାଗମାଛ ଦରରେ ଜଙ୍ଗଲକୁ ସଫା କରି ଖଣି ଖୋଳିବା ଏବଂ ଶିଳ୍ପ ସଂସ୍ଥା ସ୍ଥାପନ ହେଉଥିବା ଏକ ପ୍ରକାର ସାଧାରଣ ଘଟଣା ହୋଇଛି । ଦୀର୍ଘ ୫୦ ବର୍ଷରୁ ଅଧିକ ହେବ ଗ୍ରାମଗୋଷ୍ଠୀ ସୁରକ୍ଷା ଦେଇ ଆସୁଥିବା ଏବଂ ପରବର୍ତ୍ତୀ ସମୟରେ ଜେ.ଏଫ୍.ଏମ. ଆଧାରରେ ଗଠିତ ବନ ସୁରକ୍ଷା ସମିତିର ପରିଶ୍ରମ କମ୍ପାନୀ ଆଗରେ ବୃଥା ହୋଇଅଛି । ଏପରିକି ଖଣି ଓ ଶିଳ୍ପ ସଂସ୍ଥାମାନେ ଜଙ୍ଗଲ ଜମିର ବ୍ୟବହାରିକ ସଂସ୍ଥା ଭାବରେ ଦାଖଲ କରୁଥିବା ପ୍ରସ୍ତାବରେ ଗ୍ରାମଗୋଷ୍ଠୀଙ୍କ ଭୂମିକା ଓ କାର୍ଯ୍ୟଧାରା ସଂପର୍କରେ ପ୍ରସ୍ତାବରେ ସ୍ଥାନ ଦେଉନାହାନ୍ତି । ଅପର ପକ୍ଷରେ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ତରରେ ହେଉଥିବା ତଦାରଖ କ୍ଷେତ୍ର ପରିଦର୍ଶନ ସହ ମତାମତରେ ଗ୍ରାମଗୋଷ୍ଠୀଙ୍କ ଉଦ୍ୟମକୁ କୌଣସି ଟିପ୍ପଣୀ ଦେଉନଥିବା ଜଣାଯାଇଛି । ଗ୍ରାମଗୋଷ୍ଠୀ ଏବଂ ବନ ସୁରକ୍ଷା ସମିତିର କୌଣସି ମତାମତ ନିଆ ନଯାଇ ହଜାର ହଜାର ହେକ୍ଟର ଗ୍ରାମବାସୀଙ୍କର ସୁରକ୍ଷା ଦିଆଯାଇ ଆସୁଥିବା ଜଙ୍ଗଲ ଖଣି ଓ ଶିଳ୍ପ ସଂସ୍ଥା ବିନା ବାଧାରେ ଅଧିଗ୍ରହଣତଃ ପରିବର୍ତ୍ତନ ହେଉଥିବା ଜଣାଯାଇଛି । ଜଙ୍ଗଲ ସଂରକ୍ଷଣ ଆଇନର ଷ୍ଟେଜ - ୧ ଓ ଷ୍ଟେଜ - ୨ ମଞ୍ଜୁରୀ ପାଇବା ପରେ ଖଣି ଓ ଶିଳ୍ପ ସଂସ୍ଥା ଜଙ୍ଗଲ କାଟିବା ସମୟରେ ଗ୍ରାମଗୋଷ୍ଠୀ ଓ ବନ ସୁରକ୍ଷା ସମିତିର ପ୍ରତିବାଦ ମୂଲ୍ୟହୀନ ହୋଇଯାଉଛି । ପ୍ରଶାସନ, ଜଙ୍ଗଲ ବିଭାଗ ଏବଂ କମ୍ପାନୀମାନଙ୍କ ମଧ୍ୟରେ ଅସାଧୁ ସମନ୍ୱୟଜନିତ କାର୍ଯ୍ୟଧାରାରେ ଗ୍ରାମଗୋଷ୍ଠୀଙ୍କର ୫୦ ବର୍ଷର ଉଦ୍ୟମ ଧୂଳିସାତ ହେଉଛି । ଅନୁଗୋଳ ଜିଲ୍ଲାର ତାଳଚେର, କଣିହାଁ, ଛେଣ୍ଡିପଦା



ଅଞ୍ଚଳରେ ଗ୍ରାମଗୋଷ୍ଠୀଙ୍କ ଅଜାଣତରେ ଗ୍ରାମଗୋଷ୍ଠୀଙ୍କର ସୁରକ୍ଷା ଜଙ୍ଗଲ ହଜାର ହଜାର ହେକ୍ଟର କମ୍ପାନୀ କର୍ତ୍ତୃପକ୍ଷ ନେଇଯାଉଥିବା ଏକ ଉଦବେଗର କାରଣ ହୋଇଛି । ଏପରିକି ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲ ଗ୍ରାମଗୋଷ୍ଠୀଙ୍କ ଉଦ୍ୟମରେ ବୃଦ୍ଧି ପାଇଥିବା ବେଳେ ବନ ବିଭାଗ ବହୁ ବିଳମ୍ବରେ ଜେ.ଏଫ୍.ଏମ. ମାଧ୍ୟମରେ ଗଠନ କରିଥିବା ବନ ସୁରକ୍ଷା ସମିତିର ଜଣେ ଭାଗିଦାରୀ ସୂତ୍ରରେ ବାହା ବାହା ନେଉଥିବା ଜଣାଯାଇଅଛି । କମ୍ପାନୀ ସବୁ ଜଙ୍ଗଲ ଖଣି ଓ ଶିଳ୍ପ ପାଇଁ ନେଇଯାଉଥିବାରୁ ବର୍ତ୍ତମାନ ଗ୍ରାମଗୋଷ୍ଠୀଙ୍କର ଜଙ୍ଗଲ ସୁରକ୍ଷା ଓ ଠେଙ୍ଗା ପାଳି ବ୍ୟବସ୍ଥା ଉପରେ ଆଗ୍ରହ ଆସୁନଥିବା ପରିଲକ୍ଷିତ ହେଉଅଛି । ଏପରିକି ଯୁବ ସମାଜ ଜଙ୍ଗଲ ସୁରକ୍ଷା ଓ ପରିଚାଳନାକୁ ଆଦୌ ଗ୍ରହଣ କରିବାକୁ ପ୍ରସ୍ତୁତି ନ ଥିବା ଜଣାଯାଉଥିବା ଆଗାମୀ ଦିନରେ ଗ୍ରାମଗୋଷ୍ଠୀଙ୍କର ଜଙ୍ଗଲ ସୁରକ୍ଷା ବ୍ୟବସ୍ଥା ଦିଗହରା ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ବନ ବିଭାଗ ଗ୍ରାମଗୋଷ୍ଠୀଙ୍କ ଦ୍ୱାରା ଜଙ୍ଗଲ ବୃଦ୍ଧି ପାଇଥିବାର ଶ୍ରେୟ ନିଜକୁ ମନେ କରୁଥିବା ବେଳେ ଆଗାମୀ ଦିନରେ ଦିଗହରା ପରିଚାଳନା ଏବଂ ଗ୍ରାମଗୋଷ୍ଠୀଙ୍କୁ ଅଣଦେଖାର ପ୍ରଭାବ ପରିସ୍ଥିତି ଭିନ୍ନ ହୋଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଅଛି । ଜଏଣ୍ଟ ଫରେଷ୍ଟ ମ୍ୟାନେଜମେଣ୍ଟ ସଂକଳନ ଆଧାରରେ ବନ ସୁରକ୍ଷା ସମିତି ଗ୍ରାମସଭାର ଏକ ଉପକମିଟି ବୋଲି କୁହା ଯାଉଥିବା ବେଳେ ଖଣି ଓ ଶିଳ୍ପ ସଂସ୍ଥାମାନେ ଉପ କମିଟିର ମତାମତ ନ ନେଇ ଜୋଜବରଦସ୍ତ ଜଙ୍ଗଲ ସବୁ ନେଇ ଯାଉଥିବାକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଏପରିକି ଖଣି ଓ ଶିଳ୍ପ ସଂସ୍ଥା ସମେତ ବନ ବିଭାଗ ମିଳିତ ଭାବେ ଗ୍ରାମବାସୀଙ୍କୁ ଭୟଭୀତ କରି ଏବଂ ଆବଶ୍ୟକ ବେଳେ ବିଭାଜନ ନୀତିରେ ଗ୍ରାମବାସୀଙ୍କୁ ବିଭାଜିତ କରି ଜଙ୍ଗଲ ଜମି ହାତେଇବାରେ ସଫଳ ହେଉଛନ୍ତି । ଏହାର ପ୍ରଭାବ ପଡୋଶୀ ଗ୍ରାମବାସୀମାନଙ୍କୁ ପ୍ରଭାବିତ କରୁଥିବା ବେଳେ ଜଙ୍ଗଲ ସୁରକ୍ଷାର ଉଦ୍ୟମ ମୂଲ୍ୟହୀନ ହୋଇପଡୁଥିବା ଅନୁଭବ କରୁଛନ୍ତି । ଦୀର୍ଘ ୫୦ ବର୍ଷର ଜଙ୍ଗଲ ସୁରକ୍ଷା ସାଧନା ଉଦ୍ୟମ ଠେଙ୍ଗା ପାଳିର ସାମୁହିକ ଉଦ୍ୟମ କମ୍ପାନୀ ଆଗରେ ତୁଚ୍ଛ ହୋଇଯାଉଅଛି । ଗ୍ରାମଗୋଷ୍ଠୀ ଜେ.ଏଫ୍.ଏମ.କୁ ଆଉ ବିଶ୍ୱାସରେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି । ଜଙ୍ଗଲ ବିଭାଗର ଅସଲ ଚେହେରା ଗ୍ରାମବାସୀଙ୍କୁ ମର୍ମାହତ କରୁଅଛି । ଜେ.ଏଫ୍.ଏମ. ସଂକଳନରେ ପଞ୍ଜୀକୃତ ବନ ସୁରକ୍ଷା ସମିତିର ପ୍ରଦତ୍ତ ଜଙ୍ଗଲ ଉପରେ ଗ୍ରାମଗୋଷ୍ଠୀଙ୍କର ଭୂମିକା ନଗଣ୍ୟ ହୋଇଯାଉଅଛି । ଦାନ୍ତ ନଥିବା ଜେ.ଏଫ୍.ଏମ. କୁ ଖାତିର ନ କରି ଏବଂ ବନ ବିଭାଗକୁ ହାତ ବାରିସି କରି ଖଣି ଓ ଶିଳ୍ପ ସଂସ୍ଥାମାନେ ଘରୋଇ ଜମି ପରିବର୍ତ୍ତେ ଜଙ୍ଗଲ ଜମିକୁ ଅଧିଗ୍ରହଣ କରୁଥିବା ଜଣାଯାଇଅଛି। ଘରୋଇ ଜମି ଏକର ପ୍ରତି ଛେଣ୍ଡିପଦା ଅଞ୍ଚଳରେ ୧ କୋଟିରୁ ଉର୍ଦ୍ଧ୍ୱ ହେଉଥିବା ବେଳେ ଜଙ୍ଗଲ ଜମି ଏକରକୁ ମାତ୍ର ୫ ଲକ୍ଷ ଟଙ୍କାରେ କମ୍ପାନୀମାନେ ନେଇଯାଉଥିବା ଜଣା ଯାଇଅଛି । କମ୍ପାନୀମାନେ ଜଙ୍ଗଲ, ଗୋଚର, ସରକାରୀ ପୁରାତନ ପତିତ, ଜଳାଶୟ, ଗୋଷ୍ଠୀଗତ ଜମି ଉପରେ ଅଧିକ ନଜର ରଖି ଖଣି ଖନନ ଓ ଶିଳ୍ପ ସ୍ଥାପନ କରିବାକୁ ଉଦ୍ୟମ ଜାରି ରଖିଛନ୍ତି । ଏପରିକି ଖଣି ଓ ଶିଳ୍ପ ସଂସ୍ଥାମାନଙ୍କର ଚାପରେ ଛେଣ୍ଡିପଦା, ତାଳଚେର ଓ କଣିହାଁ ଅଞ୍ଚଳରେ ଗ୍ରାମଗୋଷ୍ଠୀ ଜଙ୍ଗଲକୁ କମ୍ୟୁନିଟ ଫରେଷ୍ଟ ମ୍ୟାନେଜମେଣ୍ଟର ସ୍ୱୀକୃତି ଦିଆଯାଉନାହିଁ। ଜାତୀୟ ଆଇନ ଜଙ୍ଗଲ ଅଧିକାର ଆଇନ - ୨୦୦୫ ବଳରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାରର ସ୍ୱତ୍ତ୍ୱ ସ୍ୱୀକୃତି ପାଇବାର ବ୍ୟବସ୍ଥା ରହିଅଛି । ଏହି ଜଙ୍ଗଲ ଅଧିକାର ଆଇନ ବଳରେ ଗ୍ରାମବାସୀ ସୁରକ୍ଷା ଦେଇ ଆସୁଥିବା ଜଙ୍ଗଲର ସ୍ୱୀକୃତି ଦିଆଯିବାର ବ୍ୟବସ୍ଥା ରହିଅଛି । ଦୀର୍ଘ ୧୯ ବର୍ଷ ହେଲା ଆଇନ ପ୍ରଣୟନ ହୋଇଥିଲେ ସୁଦ୍ଧା ଅନୁଗୋଳ ଜିଲ୍ଲାରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାରର ସ୍ୱୀକୃତି ଦେବାରେ ଅଗ୍ରସର ହେଉନାହିଁ । ଖଣି ଓ ଶିଳ୍ପ ସଂସ୍ଥା ମାନଙ୍କର ଚାପରେ ଛେଣ୍ଡିପଦା, ତାଳଚେର ଓ କଣିହାଁ ଅଞ୍ଚଳରେ ଜଙ୍ଗଲ ଅଧିକାର ଆଇନର ସଠିକ୍ କାର୍ଯ୍ୟକାରୀ ହେଉନାହିଁ । ଗ୍ରାମବାସୀ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ସ୍ୱୀକୃତି ବଳରେ ସ୍ୱତ୍ତ୍ୱ ପାଇଲେ ଏହି ସ୍ୱତ୍ତ୍ୱ ପାଇଥିବା ଜଙ୍ଗଲକୁ ଖଣି ଓ ଶିଳ୍ପ ସଂସ୍ଥାମାନେ ସହଜରେ ଶାଗମାଛ ଦରରେ ନେଇ ପାରିବେ ନାହିଁ । ଘରୋଇ ଜମିର ମୂଲ୍ୟ ଭଳି ଗ୍ରାମଗୋଷ୍ଠୀ ସୁରକ୍ଷା ଦେଇ ଆସୁଥିବା ଜଙ୍ଗଲର ମୂଲ୍ୟ ନିର୍ଦ୍ଧାରଣ ହେବ। ଭୟରେ ଖଣି ଓ ଶିଳ୍ପ ସଂସ୍ଥା ବନ ବିଭାଗ ଓ ପ୍ରଶାସନକୁ ହାତ ବାରିସି କରିଅଛି । ଗ୍ରାମଗୋଷ୍ଠୀ ଜଙ୍ଗଲକୁ ଖଣି ଓ ଶିଳ୍ପ ସଂସ୍ଥା ବ୍ୟବହାର ପାଇଁ ନେଇ ଯାଉଥିବା କାରଣରୁ ଗ୍ରାମଗୁଡିକରେ ଅନ୍ତଃବିବାଦ ବୃଦ୍ଧି ପାଇଅଛି। ଗ୍ରାମ ସ୍ତରରେ ବିଭାଜନ, ଅନ୍ତଃବିବାଦ, ଦୁର୍ନୀତି, ରାହାଜାନୀ ଓ ଗଣ୍ଡଗୋଳ ଗ୍ରାମ ଜଙ୍ଗଲକୁ ନେଇ ବୃଦ୍ଧି ପାଉଅଛି । ଗାଁର ମାମଲତ କାରିଆ ଦଲାଲ ଓ କୁଜିନେତାଙ୍କୁ ହାତ କରି ଖଣି ଓ ଶିଳ୍ପ ସଂସ୍ଥା ଜଙ୍ଗଲ ଜମିକୁ ହାତେଇବାରେ ସକ୍ଷମ ହେଉଛନ୍ତି । ଜଙ୍ଗଲ ଅଧିକାର ଆଇନ - ୨୦୦୬ ବଳରେ ଜଙ୍ଗଲ ନିକଟବର୍ତ୍ତୀ ପ୍ରତ୍ୟେକ ଗ୍ରାମରେ ଗ୍ରାମସଭାର ଆହ୍ୱାନ କରାଯାଇ ଜଙ୍ଗଲ ଅଧିକାର କମିଟି ଗଠନ, ଗୋଷ୍ଠୀଗତ ଜଙ୍ଗଲ ସ୍ୱୀକୃତି ପାଇଁ ଦାବିଦାର ପ୍ରକ୍ରିୟା, ଉପଖଣ୍ଡ ସ୍ତରୀୟ ଜଙ୍ଗଲ ଅଧିକାର କମିଟି ଓ ଜିଲ୍ଲା ସ୍ତରୀୟ କମିଟିରେ ଆଲୋଚନା ମୂଳକ ସ୍ୱୀକୃତିର ସ୍ୱତ୍ତ୍ୱ ପ୍ରଦାନ ପାଇଁ ଦୃଢ଼ ଦାବୀ ହେଉଛି । ଜେ.ଏଫ୍.ଏମ. ଏକ ସଂକଳନ ଏବଂ ଏହି ଢାଞ୍ଚାରେ ଜଙ୍ଗଲ ସୁରକ୍ଷା ଓ ପରିଚାଳନା ପରିବର୍ତ୍ତେ ସି.ଏଫ୍.ଏମ. କୁ ସ୍ୱୀକୃତି ପ୍ରଦାନ ମୂଳକ ଜଙ୍ଗଲ ଅଧିକାର ଆଇନ ବଳରେ ଗୋଷ୍ଠୀଗତ ଜଙ୍ଗଲର ସୁରକ୍ଷା ଓ ପରିଚାଳନା କରାଯିବାକୁ ଓଡ଼ିଶା ଜଙ୍ଗଲ ମଞ୍ଚ ପକ୍ଷରୁ ଏକ ଗଣ ଆନ୍ଦୋଳନ ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଜଣାଯାଇଅଛି ।

# ଜଳୁଥିଲା ସ୍କୁଟି-ବାଇକ୍, ଝାସରେ ଲାଗିଗଲା ବିଧାୟକଙ୍କ ଗାଡ଼ିରେ ନିଆଁ

କନ୍ଧମାଳ(ଭାସ୍କର ନ୍ୟୁଜ): ଦିନକୁଦିନ ବଢି ଚାଲିଛି ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ କାର୍ଯ୍ୟ। ଗଞ୍ଜେଇ ଚୋରା ଚାଲାଣ, ମଦ ଆଡାର ଆଶ୍ରୟସ୍ଥଳୀ ଏହା ସହିତ ପୋଲିସର ବି ପେଟ୍ରୋଲିଂ ଢିଲା। ଅଚଳାବସ୍ଥାରେ ପଡି ରହିଛି ସିସି କ୍ୟାମେରା। ଯାହାର ଫାଇଦା ନେଇଛନ୍ତି ଅସାମାଜିକ ବ୍ୟକ୍ତି । ବହୁତ ଦୁଃଖର ଘଟଣା ଘଟଯାଇଛି ଗୁରୁବାର ବିଳମ୍ବିତ ରାତିରେ । ଫୁଲବାଣୀ ସର୍କିଟ ହାଉସରେ ବିଳମ୍ବିତ ରାତ୍ରରେ ଫୁଲବାଣୀ ବିଜେପି ବିଧାୟକ ଉମା ଚରଣ ମଲ୍ଲିକଙ୍କ । ସ୍କର୍ପିଓ ଗାଡି, ଗୋଟିଏ ସ୍କୁଟି ଓ ଗୋଟିଏ ବାଇକ୍ ପୋଡି ଦେଇଥିବା ଘଟଣା ସାମ୍ନାକୁ ଆସିଛି । ନିଆଁ ଧାସରେ ବିଧାୟକଙ୍କ ଗାଡ଼ିର କିଛି ଅଂଶ ପୋଡ଼ି ଯାଇଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ଗୁରୁବାର ବିଳମ୍ବିତ ରାତିରେ ଗୋଟିଏ ସ୍କୁଟି ଓ ଗୋଟିଏ ବାଇକ୍ ଜାଳୁଥିବା ଦେଖି ସର୍କିଟ୍ ହାଉସ୍‌ର ରାତି ଜଗୁଆଳି ପାଖକୁ ଯାଇ ଦେଖିଥିଲେ । ସେତେବେଳକୁ ପାଖରେ ଥିବା ଫୁଲବାଣୀ ବିଧାୟକଙ୍କ ଗାଡ଼ିର ପଛ ଭାଗର କିଛି ଅଂଶ ପୋଡ଼ି ଯାଇଥିବା ଜଣାପଡ଼ିଛି। ଏହି ଖବର ପାଇ ଶୁକ୍ରବାର ସକାଳୁ ସକାଳୁ କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ଶ୍ରୀ ହରିଶ ବିଶି ଘଟଣା ସ୍ଥଳରେ ପହଁଚି ତୁରନ୍ତ ଘଟଣାର ତଦନ୍ତ




**ପୋଲିସ ପାଟ୍ରୋଲିଂ ଢିଲା ଅଭିଯୋଗ**

ଚଳାଇଛନ୍ତି ଏବଂ ଘଟଣା ଘଟାଇଥିବା ଦୁର୍ବୃତ୍ତମାନେ ନା ରାଜନୈତିକ କୌଣସି ବ୍ୟକ୍ତି ସମ୍ପୃକ୍ତ ଅଛନ୍ତି କି ବୋଲି ଜୋରଦାର ଘଟଣାର ତଦନ୍ତ ଆରମ୍ଭ ହୋଇଛି । କିଛିଦିନ ତଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଯୋଜନା ରେ ଲଗା ଯାଇଥିବା ବଡ ଫ୍ଲେକ୍ସକୁ ଜଳେଇବାକୁ ନେଇ ବିଜେପିର ସକ୍ରିୟ କର୍ମୀ ଆଦର୍ଶ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ପୋଲିସର ଶାସନ ଢିଲା ଫଳରେ ପ୍ରାୟ କୋଡିଏ ଦିନ ହେବ ଲାଗିଥିବା ସିସି କ୍ୟାମେରା ଦେଖି ମଧ କାହାକୁ ଗିରଫ କରିନାହାନ୍ତି । ଏହିପରି ଦୁଇ ଦୁଇଟି ଘଟଣା ସନ୍ଦେହ ଘେରକୁ ଟାଣି ନେଉଛି । ଅନ୍ୟପକ୍ଷରେ ଯେଉଁଠି ଏହି ବାଇକ୍ ଜଳିଛି ସେଇ ସ୍ଥାନରେ ଗୋଟିଏ ଅଧା ବୋତଲ ପେଟ୍ରୋଲ ଥିବା ଏକ ବୋତଲ ପଡ଼ିଥିବା ଦେଖିବାକୁ ମିଳିଛି। ତେଣୁ କେହି ଉଦ୍ଦେଶ୍ୟ ମୂଳକ ଭାବେ ଏଭଳି କାଣ୍ଡ କରିଛନ୍ତି କି ନା ଏଥିରେ ଆଉ କାହାର ହାତ ରହିଛି । ଘଟଣାର ତଦନ୍ତ ହେଲେ ପ୍ରକୃତ ଘଟଣା ଜଣାପଡ଼ିବ କହିଛନ୍ତି । ଦୁଃଖ ପ୍ରକାଶ କରିଛନ୍ତି ଫୁଲବାଣୀ ବିଧାୟକ । ଯଥା ଶୀଘ୍ର ସର୍କିଟ ହାଉସର ଚତୁଃପାର୍ଶ୍ୱରେ ସିସି କ୍ୟାମେରା ଲଗାଇବା ସହ ଟାଉନର ସିସି କ୍ୟାମେରା ଚାଲୁ କରିବା ପାଇଁ ପ୍ରକାଶ କରିଛନ୍ତି । ସେପଟେ ଘଟଣାର ତଦନ୍ତ ଚାଲୁ ରହିଛି । ତଦନ୍ତ ପରେ ଜଣାପଡିବ ବୋଲି କହିଛନ୍ତି କନ୍ଧମାଳ ଏସ୍‌ପି ହରିଶ ବିଶି ।

## ମନମୋହନ ସିଂଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସର ଶୋକସଭା

କନ୍ଧମାଳ(ଭାସ୍କର ନ୍ୟୁଜ): ପୂର୍ବତନ ଭାରତର ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂଙ୍କ ପରଲୋକ ରେ କନ୍ଧମାଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଶୋକସଭା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲ୍ଲା ସଭାପତି ଚନ୍ଦ୍ର ଶେଖର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସ୍ୱର୍ଗତ ମନମୋହନ ସିଂଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯିବ ସହିତ ଦୀପ ପ୍ରଜ୍ୱଳନ କରିବା ସହିତ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ବରିଷ୍ଠ କଂଗ୍ରେସ ନେତା ବିଜୟ କୁମାର ମହାନ୍ତି, ଚନ୍ଦ୍ର ଶେଖର ପରିଡା, ଆଇନଜୀବୀ ସରୋଜ ପ୍ରଧାନ, ରଜତ କୁମାର ମହାନ୍ତି, ବଳଦେବ ବେହେରା, ଗୌର ବେହେରା, ପୂର୍ବତନ କାଉନସିଲର ବୁଢ଼ା ଦାସ, ହେମନ୍ତ କର, ସଂସାର ଭୋଇ, ଶିବ ଶଙ୍କର ବେହେରା, ପ୍ରମୁଖ ଉପସ୍ଥିତ ରହି ଗଭୀର ଶୋକ ପ୍ରକାଶ କରିଥିଲେ ।

# ବିପଜ୍ଜନକ ମାଲ ପରିବହନ



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ଗତ ଅକ୍ଟୋବର ୨୮ ତାରିଖ ଦିନ ୪୭ ଜଣ ଶ୍ରମିକଙ୍କୁ ନେଇ ହେମଗିରରୁ ଝାରସୁଗୁଡ଼ା ଯାଉଥିବା ଏକ ପିକ୍‌ଅପ ଗାଡ଼ିକୁ ପୋଲିସ ଓ ଏମ୍‌ଭିଆଇ ଗାନ୍ଧିଛକ ଠାରେ ଧରିଥିଲେ। ଏମ୍‌ଭି ଆକ୍ଟ ଉଲଂଘନ ଅଭିଯୋଗରେ ଉକ୍ତ ଗାଡ଼ିରୁ ୨୫ ହଜାର ଟଙ୍କା ଜୋରିମାନା ଆଦାୟ ।କରାଯାଇଥିଲା। ସେପଟେ ଏହି ଘଟଣା ପରେ ଆଗକୁ ଧରପଗଡ଼ ଜୋରଦାର କରାଯିବା ସହିତ ଉଲଂଘନକାରୀ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ତରଫରୁ କୁହାଯାଇଥିଲା। କିନ୍ତୁ ପୋଲିସର କାର୍ଯ୍ୟାନୁଷ୍ଠାନ ପରେ ମଧ୍ୟ ମାଲ ପରିବହନ ଗାଡ଼ିରେ ବେଧଡ଼କ ଭାବେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଅହରହ ଲୋକ ପରିବହନ କରାଯାଉଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ସବୁଠାରୁ ଗୁରୁତର କଥା ଯେ, ଛୋଟିଆ ମାଲ ପରିବହନ ଗାଡ଼ିରେ ଟିଣ ଆଜବେଷ୍ଟସ ଓ ଲୁହା ରଡ଼ ପରିବହନ କରାଯାଉଥିବାରୁ ଏହା ଗାଡ଼ି ପଛ ଭାଗରେ ବିପଦଜନକ ଭାବେ ଝୁଲିକି ରହୁଛି। ବିଶେଷ କରି ଜନଗହଳିପୂର୍ଣ୍ଣ ରାସ୍ତା ଦେଇ ଉକ୍ତ ଗାଡ଼ି ଗୁଡିକ ଯାତାୟତ କରୁଥିବାରୁ ପଥଚାରୀ ଅସୁରକ୍ଷିତ ମଣୁଥିବା ସହିତ ଦୁର୍ଘଟଣା ଘଟିବାର ଯଥେଷ୍ଟ ସମ୍ଭାବନା ମଧ୍ୟ ଦେଖାଦେଇଛି। ତେଣୁ ଏଭଳି ବେପରୁଆ ଭାବରେ ମାଲ ପରିବହନ ଉପରେ ଜିଲ୍ଲା ପ୍ରଶାସନ ରୋକ ଲଗାଇବା ସହିତ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲୋକେ ଦାବି କରିଛନ୍ତି।

# ମକର ମେଳା ନାମରେ ସାପ୍ତାହିକ ହାଟରେ ଚାଲିଛି ଜୁଆ ଓ କୁକୁଡ଼ା ଗାଲି



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର ମାଲକାନଗିରି, ମୋଟୁ, କାଳିମେଳା ଓ ଏମଭି ୭୯ ଥାନା ଅଞ୍ଚଳରେ ପୋଲିସକୁ ଖୁଲମ ଖୋଲା ଚାଲେଞ୍ଜ ଦେଇ ମକର ମେଳା ନାମରେ ସାପ୍ତାହିକ ହାଟ ଗୁଡିକରେ କୁକୁଡ଼ା ଗାଲି ଓ ଖୁଡୁଖୁଡି ଜୁଆଖେଳ ଚାଲିଥିବା ଅଭିଯୋଗ ହେଉଛି । ଏହି ଖେଳ ବନ୍ଦ ପାଇଁ ମାଲକାନଗିରି ଜିଲ୍ଲା କୋୟା ସମାଜ ପକ୍ଷରୁ ବାରମ୍ବାର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇବା ପରେ ମଧ ଏଥିପ୍ରତି ରୋକ ଲଗାଇବାରେ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଦିନ ଦ୍ୱିପ୍ରହରରେ ଏହି ଖେଳ ଚାଲୁ ରହୁଥିବା ଦେଖିବାକୁ ମିଳୁଛି । ଏଠାରେ ମକର ମେଳା ନାମରେ କୁକୁଡ଼ା ଗାଲି ଚାଲିଥିବା ବେଳେ କିଛି ଦୂରରେ ବେଧଡକ ଭାବେ ଚାଲିଛି ଜୁଆଖେଳ । ମେଳା ନାଁରେ ଅଂଚଳର ବିଭିନ୍ନ ସ୍ଥାନରେ ଏହିଭଳି ଜୁଆଆଡ୍ଡା ଚାଲିଥିବାର ଦେଖିବାକୁ ମିଳୁଛି। ଏହି ମେଳା ନିକଟରେ ଥିବା ପଡ଼ିଆରେ ଖୁଡଖୁଡ଼ି ଜୁଆ ଖେଳ ହେଉଥିବା ସହ ଅନେକ ଲୋକେ ଏହି ଖେଳରେ ଟଙ୍କା ଲଗାଉଥିବା ଦେଖିବାକୁ ମିଳିଥିଲା। ବେଧଡକ ଭାବେ ଏପରି ଖେଳ ଜାରି ରହିଥିବା ବେଳେ ଏହା ନିକଟରେ କୁକୁଡା ଲଢେଇ ଖେଳ ମଧ୍ୟ ହେଉଥିଲା। ତେବେ ଏହି କୁକୁଡା ଲଢେଇ ଖେଳରେ ମଧ୍ୟ ଲୋକେ ଟଙ୍କା ଲଗାଉଥିବା ଦେଖାଯାଇଛି। ଦିନ ଦ୍ୱିପ୍ରହରରେ ମାଲକାନଗିରି - ମୋଟୁ ଜାତୀୟ ରାଜପଥ ଠାରୁ ମାତ୍ର ୧ କିଲୋମିଟର ଦୂର ଏହି ଜନଗହଳି ସ୍ଥାନ ଗୁଡ଼ିକରେ କିପରି ଖୋଲାଖୋଲି ଜୁଆ ଓ କୁକୁଡା ଲଢେଇ ଖେଳଚାଲିଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ଏନେଇ ମୋଟୁ ଥାନା ଅଧିକାରୀ ସୁନିଲ କୁମାର ସୋରେନଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ତାହା ସମ୍ଭବ ହୋଇ ପାରି ନଥିବାରୁ ପ୍ରତିକ୍ରିୟା ମିଳି ପାରିନାହି ।

**AFFIDAVIT**

I , Santaso Kumar Moharana , S/o Kunu Moharana , resident of Vill/Po-Madhabandha ,Ps-K.Nuagam, Dist-Ganjam, Odisha ,hear by declare I hve changed my name from Santoso Kumar Moharana , S/o Kuna Moharana to Santaso Kumar Moharana , S/o Kunu Moharana as per Affidavit vide No-A-2557, dt 02.12.2024 sworn before the Notary Public,Patrapur.Hence I shall be known as . *Santaso Kumar Moharana , S/o Kunu Moharana* for all purposes.

**AFFIDAVIT**

By virtue of an affidavit before the Executive magistrate Jagatsinghpur on 24.12.2024, I Sambit Kumar Mohanty, S/o-Saroj Kumar Mohanty, resident of village/post-Ghodansa, PS-Naugaon, Dist- Jagatsinghpur declares that my actual name is Sambit Kumar Mohanty as per Secondary School Examination Certificate and correct date of Birth is 03.11.2004 as per Birth Certificate. But in Aadhar Card my name has been wrongly mentioned as Sambit Mohanty instead of Sambit Kumar Mohanty & BOB 01.01.2004. Sambit Kumar Mohanty & Sambit Mohanty is same and one person myself bearing date of birth 03.11.2004. This affidavit is to be used for necessary correction.
Sd/- Sambit Kumar Mohanty

**LOST**

I, ChittaranjanSahoo, S/o-LaxmanSahoo, residing At-Kacheri Road, Badamba, PO-Badambagarh, Dist-Cuttack-754031, I do hereby declare that, Ihave lost my original Sale deed No.132, dated 16.05.2006, Khata No. 942/266, Plot No-896/2540/3005 and 896/3006, Mouza-NizigarhBadamba, Tahasil-Badamba, P.S-Badamba, Cuttack in some where. If anyone finds these documents, kindlycontact 9937508099 within 7 days from the date of publication.

ମହକୁମେ, ବରିଷ୍ଠ ଦେୱାନୀ ବିଚାରପତି ଙ୍କ ଅଦାଲତ, କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର
Order 5 Rule 20 C.P.C.
ସିଭିଲ ମୋକଦ୍ଦମା ନଂ. ୬୩/ ୨୦୧୯
ବୁଧୁ ବାଘ @ କିସାନ ........................................ ବାଦୀ
ବନାମ
ଦୁର୍ଗା ବାଘ @ କିସାନ ଓ ଅନ୍ୟ ........................................ ପ୍ରତିବାଦୀ
ପ୍ରାପ୍ତେଷୁ,
ପ୍ରତିବାଦୀ ନଂ. ୫- ସୁଦର୍ଶନ ବାଘ @ କିସାନ, ବୟସ ୫୩ ବର୍ଷ, ପିତା- ସ୍ୱର୍ଗତ ବିର୍ଶା ବାଘ @ କିସାନ, ନିବାସୀ- ଜାମୁନାଲି- ଆଡ଼ିପଥର, ପୋ.- କଟାପାଲି, ଥାନା/ ତହସିଲ/ ଜିଲ୍ଲା- ଦେବଗଡ଼ ।
ଏତତ୍ ଦ୍ୱାରା ଆପଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବୁଧୁ ବାଘ @ କିସାନ, ପିତା- ସ୍ୱର୍ଗତ ମଲିଆ ବାଘ @ କିସାନ, ନିବାସୀ- ଡ଼ଙ୍ଗାଯୋର, ପୋ.- ଡ଼ଙ୍ଗାଯୋର, ଥାନା- ଗୋବିନ୍ଦପୁର, ତହସିଲ- ବାମରା, ଜିଲ୍ଲା- ସମ୍ବଲପୁର । ତୁମ୍ଭ ମାନଙ୍କ ନାମରେ ଉପରୋକ୍ତ ବିଚାରାଳୟରେ ଡ଼ଙ୍ଗାଯୋର ମୌଜା ସ୍ଥିତ ଖାତା ନଂ. ୫୪ ର ରକବା ଏ. ୧୦.୧୮ଡ଼ି ର ଭାଗବଣ୍ଟା (Partition) ନିମନ୍ତେ ଉପରୋକ୍ତ ମୋକଦ୍ଦମା ଦାୟର କରିଛନ୍ତି । ତୁମ୍ଭଙ୍କୁ ଅଦାଲତ ତରଫରୁ ନୋଟିସ ଯାଉଥିଲେ ମଧ୍ୟ ତୁମ୍ଭେ ଜାଣିଶୁଣି ଏହାକୁ ଗ୍ରହଣ ନ କରି ଅଗ୍ରାହ୍ୟ କରୁଥିବା ପ୍ରତିତ ହେଉଅଛି ।
ଏଣୁ ଏତତ୍ ଦ୍ୱାରା ଜଣାଇ ଦିଆ ଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମା ର ପରବର୍ତ୍ତି ତାରିଖ ଆସନ୍ତା ତା. ରିଖ ସମୟ ୧୦.୦୦ଘଣ୍ଟା ଧାର୍ଯ୍ୟ କରାଯାଇଛି । ଉକ୍ତ ତାରିଖ ଓ ସମୟ ମତେ ତୁମ୍ଭେ ନିଜେ କିମ୍ବା ତୁମ୍ଭ ଓକିଲଙ୍କ ଜରିଆରେ ହାଜର ହୋଇ ମୋକଦ୍ଦମା ବିଷୟରେ ଲିଖିତ ଭାବରେ ଜଣାଇବ ନଚେତ ମୋକଦ୍ଦମାଟି ତୁମ୍ଭ ଅନୁପସ୍ଥିତିରେ ଏକତରଫା ଭାବରେ ବିଚାର କରାଯିବ ।
ବରିଷ୍ଠ ଦେୱାନୀ ବିଚାରପତି କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର

ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ଜିଲ୍ଲାସ୍ତରୀୟ ସମାରୋହ

# ଟିବି ହାରିବ, ଦେଶ ଜିତିବ

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଅଡିଟୋରିୟମ୍ ଠାରେ ଗୁରୁବାର ଦିନ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନର ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଜିଲ୍ଲା ସମାରୋହକୁ ସାଂସଦ ଅନନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ସମାରୋହରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପାଟଣା ବିଧାୟକ ଅଖିଳ ନାଏକ,ତେଲକୋଇ ବିଧାୟକ ଡ଼ଃ ଫକୀର ମୋହନ ନାଏକ ଜିଲ୍ଲାପାଳ ବିଶାଳ ସିଂ, ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଅର୍ଥନୈତିକ ପରାମର୍ଶ ଦାତା ଡାକ୍ତର କେ.କେ. ତ୍ରିପାଠୀ ଓ ରାଜ୍ୟ ସରକାର ଙ୍କ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ଉପସ୍ଥିତ ଥିଲେ। ସାଂସଦ, ବିଧାୟକ ଓ ଜିଲାପାଳ ପତକା ଦେଖାଇ ୪ଟି ସଚେତନତା ରଥର ଶୁଭାରମ୍ଭ କରିଥିଲେ। ସଂପୂର୍ଣ୍ଣ ଯକ୍ଷ୍ମା ମୁକ୍ତ ଭାରତ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ୨୦୨୫ ସୁଦ୍ଧା ଟିବିକୁ ଦେଶରୁ ଦୂରେଇବା ପାଇଁ ଅଭିଯାନ ଚାଲୁ ରହିଛି । ଯକ୍ଷ୍ମା ରୋଗର ମୂଳୋତ୍ପାଟନ ପାଇଁ ଏକ ୧୦୦ ଦିନିଆ ଯକ୍ଷ୍ମା ଦୂରୀକରଣ ଅଭିଯାନ ଆରମ୍ଭ କରାଯାଇଛି । ଏହା ଡିସେମ୍ବର ୭ ତାରିଖ ୨୦୨୪ ମସିହାରୁ ମାର୍ଚ୍ଚ ୨୪ ତାରିଖ ୨୦୨୫ ମସିହା ପର୍ଯ୍ୟନ୍ତ ଚାଲୁ ରହିବ । ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତି, ଅପପୁଷ୍ଟିର ଶିକାର ବ୍ୟକ୍ତି, ମଧୁମେହ ବା ଡାଇବେଟିସ ରୋଗୀ, ଏଚ୍.ଆଇ.ଭି. ସଂକ୍ରମିତ, ନିୟମିତ ଧୂମପାନ ଓ ମଦ୍ୟପାନ କରୁଥିବା ବ୍ୟକ୍ତି ପୂର୍ବରୁ ଯକ୍ଷ୍ମା ରୋଗରେ ପୀଡିତ ଥିବା ବ୍ୟକ୍ତି ଓ ଯକ୍ଷ୍ମାରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କର ପରୀକ୍ଷା କରାଯିବ। କେନ୍ଦୁଝର ଜିଲ୍ଲା ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମା ବା ଟିବି ମୁକ୍ତ ଭାରତ ଅଭିଯାନରେ ସାମିଲ୍ ହୋଇଛି । ବର୍ତ୍ତମାନ ଜିଲ୍ଲାରେ ୨୧୭୫ ଜଣ ଯକ୍ଷ୍ମାରୋଗୀ ଚିକିତ୍ସିତ ହେଉଛନ୍ତି । ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ସମସ୍ତ ଯକ୍ଷ୍ମାରୋଗୀଙ୍କୁ ପ୍ରତି ମାସ ପୌଷ୍ଟିକ ଖାଦ୍ୟ ପାଇଁ ମାସିକ ୧୦୦୦ ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯିବା ସହିତ ଜନଜାତି ବ୍ୟକ୍ତିଙ୍କୁ ଅଧିକ ୭୫୦ ଟଙ୍କା ପ୍ରଦାନ କରାଯାଉଛି। ଯକ୍ଷ୍ମା ରୋଗରୁ ମୁକ୍ତ ହୋଇଥିବା ୪୨ଜଣ ଟିବି ଚମ୍ପିଆନ୍‌ମାନଙ୍କୁ ମାସିକ ୩୫୦୦ ଟଙ୍କା ପାରିତୋଷିକରେ ଯକ୍ଷ୍ମା ଦୂରୀକରଣ କାର୍ଯ୍ୟକ୍ରମରେ ସାମିଲ୍ କରାଯାଇଛି। ଆସନ୍ତୁ ଯକ୍ଷ୍ମାମୁକ୍ତ କେନ୍ଦୁଝର ପାଇଁ ହାତକୁ ହାତ ମିଶାଇବା ଓ ଏହି ଅଭିଯାନକୁ ସଫଳ କରିବା ।

# ଥାନା ଏଏସ୍‌ଆଇଙ୍କ ଝୁଲନ୍ତା ଶବ ଉଦ୍ଧାର

ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଅନ୍ତର୍ଗତ ମଙ୍ଗର ଦୋରା ରାଇସିଂ ଯୋଡ଼ି ଠାରେ ଝୁଲନ୍ତା ଅବସ୍ଥାରେ ଏକ ଶବ ମିଳିଛି । ଶବଟି ତେନ୍ତୁଳି ଖୁଣ୍ଟି ଥାନାରେ କାର୍ଯ୍ୟରତ ଥିବା ଏ ଏସ ଆଇ ରେଣୁ ପ୍ରସାଦ ପ୍ରଧାନ ବୋଲି ଜଣା ପଡିଛି । ଏ ଏସ୍ ଆଇ ଗତ ୨୩ ତାରିଖ ସୋମବାର ଦିନ ଠାରୁ କୌଣସି କାମରେ ନବରଙ୍ଗପୁର ଯାଇ ଫେରିନଥିଲେ । ଶ୍ରୀ ପ୍ରଧାନ ଥାନା କୁ ଆସି ନଥିବାରୁ କୁଆଡେ ଗଲେ କଣ ହେଲା ଜାଣିବା ପାଇଁ ତାଙ୍କୁ ଫୋନ୍ କଲ୍ କରି ବୁଝିବା କୁ ଚେଷ୍ଟା କରିଥିଲେ ଥାନା ଭାର ପ୍ରାପ୍ତ ଅଧିକାରୀ ଗୋପାଳ କୃଷ୍ଣ ଆଗୁ ପାତ୍ର ଲକିନ୍ତୁ ତାଙ୍କ ଫୋନ କେହି ଉଠାଉ ନଥିବାରୁ ତେନ୍ତୁଳିଖୁଣ୍ଟି ଥାନାର କାର୍ଯ୍ୟରତ ସହକର୍ମୀମାନେ ବହୁ ଖୋଜାଖୋଜି କରୁଥିଲେ। ତାପରେ ତାଙ୍କ ପରିବାର ସଦସ୍ୟ ବାହାରେ ରହୁଥିବାରୁ ହୁଏତ ତାଙ୍କ ଘରକୁ ଯାଇଥାଇ ପାରନ୍ତି ବୋଲି ଭାବି ଯୋଗାଯୋଗ କରିଥିଲେ । କିନ୍ତୁ କୌଣସି ଖବର ପାଇ ପାରି ନଥିଲେ । ଖବର ମିଳି ନଥିବାରୁ ସମସ୍ତ କର୍ମଚାରୀ ହତାଶ ହୋଇ ଚିନ୍ତିତ ରହିଥିଲେ। ଶେଷରେ ଗତ ୨୬ତାରିଖ ଅପରାହ୍ନ ରେ ତେନ୍ତୁଳିଖୁଣ୍ଟି ପର୍ଯ୍ୟଟନ ସ୍ଥଳୀ ନିକଟରେ ଥିବା ରାଇସିଂ ଯୋଡି ଠାରେ ରହିଥିବା ଏକ ଗଛ ରେ ଝୁଲନ୍ତା ମୃତଦେହ ଝୁଲୁଥିବାର ସ୍ଥାନୀୟ ଲୋକେ ଦେଖିଥିଲେ । ପରେ ଥାନାକୁ ଖବର ଦେଇଥିଲେ ।

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ସିନିୟର ଡିଇଇ/ ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଟେଣ୍ଡରଗୁଡ଼ିକ ୨୪.୦୧.୨୦୨୫, ଅପରାହ୍ନ ୩.୩୦ରେ ଖୋଲାଯିବ। ଏ କ୍ଷେତ୍ରରେ କୌଣସି ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଯଦି ବି ଆସେ ତେବେ ସେଗୁଡ଼ିକୁ ଅଗ୍ରାହ୍ୟ କରି ଦିଆଯିବ। କ୍ରମିକ ନଂ ୧. ଟେଣ୍ଡର ନୋଟିସ ନଂ: ସିକେପି-ଡି-୬୭୨-ଏଫଓବି-ଡିପିଏସ୍, ତାରିଖ: ୨୬.୧୨.୨୦୨୪, କାର୍ଯ୍ୟର ନାମ: ଚକ୍ରଧରପୁର ଡିଭିଜନର ଡାଙ୍ଗପୋଷି ଷ୍ଟେସନର ବିପରୀତ ଦିଗ ଶେଷରେ ଥିବା ପ୍ଲାଟଫର୍ମ ନଂ ୨ର ସିକ୍‌ଲାଇନ୍ ୟାର୍ଡରେ ଓଏଚ୍‌ଇ କାର୍ଯ୍ୟସହ ଏଫଓବି ୟୁପି ପ୍ଲାଟଫର୍ମର କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ଟ.୮,୬୩,୬୨୬.୮୪/-, ଅମାନତ ଜମା: ଟ. ୧୭,୩୦୦/-, କ୍ରମିକ ନଂ ୨. ଟେଣ୍ଡର ନୋଟିସ ନଂ ସିକେପି-ଡି-୨୦୦-ଏଟିଆଇ ବିଏସଏସ-ଏଚଏଲଡି-ବିଡିଓ, ତାରିଖ: ୨୬.୧୨.୨୦୨୪, କାର୍ଯ୍ୟର ନାମ: ଚକ୍ରଧରପୁର ଡିଭିଜନର ହାଲୁଦ୍‌ପୁକର (ପାସେଞ୍ଜର ହଲ୍ଟ)-ବହଲଦା ରୋଡ୍ ମଧ୍ୟରେ ଥିବା ଅପ୍ ଆଣ୍ଡ ଡାଉନ୍ ଦିଗର ଆଇବିଏସ୍‌ଏସ୍ ସହ ଦୁଇଟି ଆକ୍‌ଜୁଲାରୀ ଟ୍ରାନ୍ସଫର୍ମର ସଂଯୋଗ, ଟେଣ୍ଡର ମୂଲ୍ୟ: ଟ.୫,୩୩,୯୪୩.୬୯/-. ଅମାନତ ଜମା: ଟ. ୧୦,୭୦୦/-, କ୍ରମିକ ନଂ ୩. ଟେଣ୍ଡର ନୋଟିସ ନଂ ସିକେପି-ଡି-୨୦୦-ଏଟି-କେଏମପିଡି-ୱାଇଡି, ତାରିଖ: ୨୬.୧୨.୨୦୨୪, କାର୍ଯ୍ୟର ନାମ: ଚକ୍ରଧରପୁର ଡିଭିଜନର କରମାପଡ଼ାରେ ଆକଜୁଲାରୀ ଟ୍ରାନ୍ସଫର୍ମର ସଂଯୋଗ ସହ କରମପଡ଼ା ୟାର୍ଡରେ ଇଣ୍ଟରଲକିଂ ସଂଯୋଗର ମୋଡ଼ିଫିକେସନ। ଟେଣ୍ଡର ମୂଲ୍ୟ: ଟ. ୪,୧୮,୩୬୩.୦୩/-, ଅମାନତ ଜମା: ଟ. ୮,୪୦୦/-। କାର୍ଯ୍ୟ ଅବଧି: ୦୯ ମାସ (କ୍ରମିକ ନଂ ୧ ପାଇଁ) ଏବଂ ୦୬ ମାସ (କ୍ରମିକ ନଂ ୨ ଏବଂ ୩ ପାଇଁ), ଟେଣ୍ଡର ଖୋଲିବାର ତାରିଖ ଏବଂ ସମୟ: ୨୪.୦୧.୨୦୨୫ ଅପରାହ୍ନ ୩.୩୦। (କ୍ରମିକ ନଂ ୧ଠାରୁ ୩ ପର୍ଯ୍ୟନ୍ତ)। ଇ-ଟେଣ୍ଡର ଖୋଲିବା ସ୍ଥାନ: ସିନିୟର ଡିଇଇ/ଟିଆରଡି, ଦକ୍ଷିଣ-ପୂର୍ବ ରେଳପଥ। ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ: ୨୪.୦୧.୨୦୨୫ ଅପରାହ୍ନ ୩ଟା। (କ୍ରମିକ ନଂ ୧ରୁ ୩ ପର୍ଯ୍ୟନ୍ତ), ଇ-ଟେଣ୍ଡର ୱେବସାଇଟ୍ http://www.ireps.gov.in ରେ ଦେଖିପାରିବେ। ଟେଣ୍ଡରର ଏବଂ ବିଡରମାନଙ୍କର କ୍ଲାସ୍-ଥ୍ରୀ ଡିଜିଟାଲ ସିଗନେଚର ସାର୍ଟିଫିକେଟ ଏବଂ ଆଇଆରପିଏସ୍ ପୋର୍ଟାଲରେ ନିଶ୍ଚିତଭାବେ ରେଜିଷ୍ଟ୍ରେସନ କରିଥିବେ। କେବଳ ରେଜିଷ୍ଟର ଟେଣ୍ଡରର/ବିଡର ଏହି ଇ-ଟେଣ୍ଡରରେ ଭାଗ ନେଇପାରିବେ। ସମସ୍ତ ଆବଶ୍ୟକ କାଗଜପତ୍ର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କଲାବେଳେ ନିଶ୍ଚିତ ଅପଲୋଡ୍ କରିବେ।
(PR-956)

IndusInd Bank
ଆଞ୍ଚଳିକ କାର୍ଯ୍ୟାଳୟ:
ସାବିତ୍ରୀ ଟାୱାର, ୩ଏ, ଅପର ଉଡ୍ ଷ୍ଟ୍ରିଟ୍,
କୋଲକାତା-୭୦୦୦୧୭

ଆପେଣ୍ଡିକ୍ସ-୪ (ରୁଲ୍-୮ (୧) ଦେଖନ୍ତୁ
ଶାରୀରିକ ଦଖଲ ନୋଟିସ୍
(ସ୍ଥାବର/ଅସ୍ଥାବର ସମ୍ପତ୍ତି ପାଇଁ)

ଯେପରିକି,
ନିମ୍ନ ସ୍ୱାକ୍ଷରକାରୀ ଇଣ୍ଡସଇଣ୍ଡ ବ୍ୟାଙ୍କ ଲିମିଟେଡ୍‌ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ ଜାରି କରି କଥିତ ନୋଟିସ ମାଧ୍ୟମରେ ନୋଟିସ ଦର୍ଶିତ ଅର୍ଥରାଶି ସହିତ ସେ ବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ ପ୍ରାପ୍ତି ତାରିଖଠାରୁ ୬୦ ଦିନ ମଧ୍ୟରେ ପୈଠ କରିବାକୁ କୁହାଯାଇଥିଲା। ରଣଗ୍ରହୀତାମାନେ ଦେୟ ପୈଠ କରିବାରେ ବିଫଳ ହୋଇଥିବାରୁ ଏହି ନୋଟିସ ମାଧ୍ୟମରେ ରଣଗ୍ରହୀତା/ ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ ଦଖଲକୁ ନିଆଯାଇଛି।
ତେଣୁ ବିଶେଷକରି ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟରାଶି ସହିତ ସେ ବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ଇଣ୍ଡସଇଣ୍ଡ ବ୍ୟାଙ୍କ ଲିମିଟେଡ୍ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍ୱାରା ରଣ ଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ରଣଗ୍ରହୀତା/ଗ୍ୟାରେଣ୍ଟର/ବନ୍ଧକ ଦାତାଙ୍କ ନାମ | ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସର ତାରିଖ ଏବଂ ପଜେସନର ତାରିଖ | ବାକି ରହିଥିବା ଅର୍ଥ ପରିମାଣ |
|---|---|---|---|
| ରଣଗ୍ରହୀତା: ମେସର୍ସ ସ୍ୱର୍ଣ୍ଣଲକ୍ଷ୍ମୀ ଭଣ୍ଡାର, ମନୋରଞ୍ଜନ ପଣ୍ଡା, ଅରୁପମା ପଣ୍ଡା ଏବଂ ଜଗନ୍ନାଥ ପଣ୍ଡା | ଅବିଭକ୍ତ ସମ୍ପତ୍ତିର ଅଂଶବିଶେଷ ଯାହାକି ଜମି ଏକତ୍ର ସହ ଘର ନିର୍ମାଣ, ଯାହାର ସାବକ ପ୍ଲଟ ନଂ ୩୩୬, ସାବକ ଖାତା ନଂ ୧୬୯, ମୌଜା- ନୂଆପଡ଼ା, ଏରିଆ- ଏ.୦.୦୪୦ ଡିସିମିଲ, ଯାହାର ଯୋଗାଯୋଗ ହାଲ୍ ଖାତା ନଂ ୬୧୪/୫୩୮, ପ୍ଲଟ୍ ନଂ ୩୩୬/୩୦୪୪, ଏରିଆ- ଏ.୦.୦୪୦ ଡିସିମିଲ, କିସମ-ଘରବାରୀ, କଟକ, ବାଉଣ୍ଡରୀ- ଉତ୍ତର: ସୁଧିର କୁମାର ସାହୁ, ଦକ୍ଷିଣ: ବାବାଜୀ ରଣା, ପୂର୍ବ: ଓଟିଏସ୍ ମିଲ, ପଶ୍ଚିମ: ରାସ୍ତା। ଏହି ସମ୍ପତ୍ତିର ସ୍ୱତନ୍ତ୍ର ଭାବେ ଡିଡ୍ ନଂ ୧୭୯୪, ତାରିଖ: ୨୨.୦୪.୧୯୯୯, ଯାହାକି ମନୋରଞ୍ଜନ ପଣ୍ଡାଙ୍କ ନାମରେ ଡିଡ୍ ହୋଇଛି। ଦୟାକରି ନୋଟ୍ କରନ୍ତୁ- ଏଗୁଡ଼ିକ ମେସର୍ସ ସ୍ୱର୍ଣ୍ଣଲକ୍ଷ୍ମୀ ଭଣ୍ଡାରଙ୍କ ଦ୍ୱାରା ଉପଭୋଗ କରାଯାଉଛି। କ୍ରସ୍ ଗ୍ୟାରେଣ୍ଟେଡ୍ ସହ ମନୋରଞ୍ଜନ ପଣ୍ଡା (କୋଲେଟ୍ରାଲ/ଗ୍ୟାରେଣ୍ଟର/କମନ ସିକ୍ୟୁରିଟି, ଯାହାକି ବନ୍ଧକ ରହିଛି ଉପରେ ବର୍ଣ୍ଣିତ)। | ୧୯.୦୧.୨୦୨୨ ଏବଂ ୨୬.୧୨.୨୦୨୪ | ଟ.୫୬,୫୭,୧୫୭.୦୦/- (ଛପନ ଲକ୍ଷ ସତାବନ ହଜାର ଏକଶହ ସତାବନ ଟଙ୍କା ମାତ୍ର) ଡିମାଣ୍ଡ ନୋଟିସରେ ଦର୍ଶାଯାଇଥିବା ସୁଧ ସହ |
| ରଣଗ୍ରହୀତା: ମନୋରଞ୍ଜନ ପଣ୍ଡା, ମେସର୍ସ ସ୍ୱର୍ଣ୍ଣଲକ୍ଷ୍ମୀ ଭଣ୍ଡାର, ଅରୁପମା ପଣ୍ଡା ଏବଂ ଜଗନ୍ନାଥ ପଣ୍ଡା | ଅବିଭକ୍ତ ସମ୍ପତ୍ତିର ଅଂଶବିଶେଷ ଯାହାକି ଜମି ଏକତ୍ର ସହ ଘର ନିର୍ମାଣ, ଯାହାର ସାବକ ପ୍ଲଟ ନଂ ୩୩୬, ସାବକ ଖାତା ନଂ ୧୬୯, ମୌଜା- ନୂଆପଡ଼ା, ଏରିଆ- ଏ.୦.୦୪୦ ଡିସିମିଲ୍, ଯାହାର ଯୋଗାଯୋଗ ହାଲ୍ ଖାତା ନଂ ୬୧୪/୫୩୮, ପ୍ଲଟ୍ ନଂ ୩୩୬/୩୦୪୪, ଏରିଆ- ଏ.୦.୦୪୦ ଡିସିମିଲ୍, କିସମ-ଘରବାରୀ, କଟକ, ବାଉଣ୍ଡରୀ- ଉତ୍ତର: ସୁଧିର କୁମାର ସାହୁ, ଦକ୍ଷିଣ: ବାବାଜୀ ରଣା, ପୂର୍ବ: ଓଟିଏସ୍ ମିଲ୍, ପଶ୍ଚିମ: ରାସ୍ତା। ଏହି ସମ୍ପତ୍ତିର ସ୍ୱତନ୍ତ୍ର ଭାବେ ଡିଡ୍ ନଂ ୧୭୯୪, ତାରିଖ: ୨୨.୦୪.୧୯୯୯, ଯାହାକି ମନୋରଞ୍ଜନ ପଣ୍ଡାଙ୍କ ନାମରେ ଡିଡ୍ ହୋଇଛି। ଦୟାକରି ନୋଟ୍ କରନ୍ତୁ- ଏଗୁଡ଼ିକ ମନୋରଞ୍ଜନ ପଣ୍ଡାଙ୍କ ଦ୍ୱାରା ଉପଭୋଗ କରାଯାଉଛି। କ୍ରସ୍ ଗ୍ୟାରେଣ୍ଟେଡ୍ ସହ ମେସର୍ସ ସ୍ୱର୍ଣ୍ଣଲକ୍ଷ୍ମୀ ଭଣ୍ଡାର (କୋଲେଟ୍ରାଲ/ଗ୍ୟାରେଣ୍ଟର/କମନ ସିକ୍ୟୁରିଟି, ଯାହାକି ବନ୍ଧକ ରହିଛି ଉପରେ ବର୍ଣ୍ଣିତ)। | ୧୯.୦୧.୨୦୨୨ ଏବଂ ୨୬.୧୨.୨୦୨୪ | ଟ.୫୭,୬୫,୮୬୦.୦୯/- (ସତାବନ ଲକ୍ଷ ପଞ୍ଚଷଠୀ ହଜାର ଆଠଶହ ଷାଠିଏ ଟଙ୍କା ଏବଂ ନଅ ପଇସା ମାତ୍ର) ଡିମାଣ୍ଡ ନୋଟିସରେ ଦର୍ଶାଯାଇଥିବା ସୁଧ ସହ |

ତାରିଖ: ୨୬/୧୨/୨୦୨୪
ସ୍ଥାନ: କଟକ
ସ୍ୱା/-ପ୍ରାଧିକୃତ ଅଧିକାରୀ
ଇଣ୍ଡସଇଣ୍ଡ ବ୍ୟାଙ୍କ ଲିମିଟେଡ୍

# ଓଡ଼ିଶା ଭାସ୍କର ମହାନଗର





କଟକ(ଭାସ୍କର ନ୍ୟୁଜ୍): ବେଆଇନ ଲଘୁ ଖଣିଜ କାରବାର ଘଟଣାରେ ଉଲଂଘନକାରୀଙ୍କ ବିରୋଧରେ ଜିଲ୍ଲାପ୍ରଶାସନର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଆଠଗଡ଼ ତହସିଲ ଅନ୍ତର୍ଗତ ପାଟେଣୀ ଗାଁ ମୌଜା ରେ ଜଣେ ମୁଷ୍ଟିମେୟ ବ୍ୟକ୍ତି ଏକ ବେଆଇନ ଭାବେ ପାଚେରୀ ନିର୍ମାଣ କରି ଏହାର ଆଢୁଆଳରେ ବାଲି ବିକ୍ରୀ କରି ଚାଲିଥିଲେ। ସ୍ଥାନୀୟ ଲୋକ ମାନଙ୍କୁ ଡର ଦେଖାଇ, ଏହି ବ୍ୟକ୍ତି ଜଣକ ମହାନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିଲେ ଓ ଚଢ଼ା ଦରରେ ବାହାରେ ବିକ୍ରୀ କରୁଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହାକୁ ବିରୋଧ କରି ସ୍ଥାନୀୟ ଲୋକମାନେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଜିଲ୍ଲା ଖଣି ଅଧିକାରୀଙ୍କ ତଦନ୍ତ ରିପୋର୍ଟ ଆଧାରରେ ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ସରକାରୀ ଜମିରେ ବେଆଇନ ଭାବେ ଗଢ଼ାଯାଇଥବା ଉପରୋକ୍ତ ପାଚେରୀକୁ ଭାଙ୍ଗିବା ନିମନ୍ତେ ଆଦେଶ ଜାରି କରିଥିଲେ। ଆଦେଶ ମୁତାବକ ସରକାରୀ କାର୍ଯ୍ୟାନୁଷ୍ଠାନ ସମ୍ମୁଖୀନ ହେବା ପୂର୍ବରୁ ଭୟ ବସତଃ ବ୍ୟକ୍ତି ଜଣକ ନିଜେ ହିଁ ରାତାରାତି ପାଚେରୀକୁ ଭାଙ୍ଗି ଦେଇଥିଲେ।

## ଜିରୋ ନାଇଟ ସେଲିବ୍ରେସନ ନାଁରେ ବିଶୃଙ୍ଖଳା ହେଲେ କାର୍ଯ୍ୟାନୁଷ୍ଠାନ: ଡିସିପି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜିରୋ ନାଇଟ ପାଇଁ ପୋଲିସର ପ୍ରସ୍ତୁତି । ହୋଟେଲ, ସୋସାଇଟି, କ୍ଲବରେ ଉତ୍ସବ ହେବ । ବିଶୃଙ୍ଖଳା ଉପରେ ପୋଲିସ ନଜର ରଖିବ । ଏଥିପାଇଁ ପୋଲିସ ପ୍ରସ୍ତୁତ ରହିଛି । ଭୁବନେଶ୍ୱରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଡିସିପି ପିନାକ ମିଶ୍ର କହିଛନ୍ତି । ସର୍ବସାଧାରଣ ସ୍ଥାନରେ ପାଳନ ଉପରେ ପୋଲିସ ଠାରୁ ପରମିସନ ଆବଶ୍ୟକ । ମଦୁଆଙ୍କ ଉପରେ ନଜର ରଖିବା ପାଇଁ ଚେକିଂ କଡାକଡି କରିବ ପୋଲିସ । ମଦ୍ୟପାନ ହୋଇ ଗାଡି ନ ଚଳେଇବା ଉପରେ ନିବେଦନ କରାଯାଇଛି । ଯେଉଁ ମାନେ ବିଶୃଙ୍ଖଳା କରିବେ ସେମାନଙ୍କ ପ୍ରତି ଆକ୍ସନ ନେବ ପୋଲିସ ।

## ଜିରୋ ନାଇଟରେ ଚୋରା ମଦ ବିକ୍ରି ଉପରେ ଅବକାରୀ ବିଭାଗର ନଜର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜିରୋ ନାଇଟକୁ ନେଇ ବିଭାଗର ପ୍ରସ୍ତୁତି । ଚୋରା ମଦ ବିକ୍ରି ଉପରେ ଅବକାରୀ ବିଭାଗର ନଜର । ଏନେଇ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି । ଜିରୋ ନାଇଟ ପାଇଁ ଦିଆଯିବ ନାହିଁ କୌଣସି ଅସ୍ଥାୟୀ ଲାଇସେନ୍ସ । ଚୋରା ମଦ ବିକ୍ରି କଲେ ସରକାର ନେବେ କୋଠର କାର୍ଯ୍ୟାନୁଷ୍ଠାନ । ଜିରୋ ନାଇଟର ଆଳ ଦେଖାଇ କେହି ଚୋରା ମଦ ବିକ୍ରି କରିପାରିବେ ନାହିଁ । ଆଗାମୀ ଜାନୁଆରୀ ଶେଷ ପର୍ଯ୍ୟନ୍ତ କଡ଼ା ଚେକିଂ ପାଇଁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ଜିଲ୍ଲାକୁ ମଧ୍ୟ କଡା ଚେକିଂ ପାଇଁ ଜଣାଇ ଦିଆଯାଇଛି ।

## ଧଉଳି ଥାନା ଅଞ୍ଚଳରେ ଘରେ ପଶି ଲୁଟ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଧଉଳି ଥାନା ଗଙ୍ଗୋତ୍ରୀ ନଗର ଲେନ ୧ରେ ପଶି ଘରେ ପଶି ଲୁଟ କରିଛନ୍ତି ଦୁର୍ବୃତ୍ତ । ୫ରକା ତାଡି ଗଡ଼ରେଜ ଭାଙ୍ଗି ସୁନା ଅଳଙ୍କାର ଲୁଟି ନେଇଛନ୍ତି ଦୁର୍ବୃତ୍ତ । ଏନେଇ ଘର ମାଲିକ ପ୍ରମୋଦ ଧଉଳି ଥାନାରେ ଅଭିଯୋଗ ପରେ ପୋଲିସ ଛାନଭିନ କରିଛି । ୨୦ଲକ୍ଷରୁ ଅଧିକ ଟଙ୍କାର ସୁନା ଅଳଙ୍କାର ଲୁଟ ହୋଇଥିବା ଅଭିଯୋଗ ହୋଇଛି । ବିଳମ୍ବିତ ରାତିରେ ଘରେ ଗୋଟିଏ ରୁମରେ ସାନ ଭାଇ ଶୋଇଥିବା ବେଳେ ବଡ଼ ଭାଇ ଘରୁ ଲୁଟ ହୋଇଛି ।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା ଆସାମୀକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

କଟକ(ଭାସ୍କର ନ୍ୟୁଜ୍): ଏକ ନାବାଳିକା ଦୁଷ୍କର୍ମ ଅଭିଯୋଗ ମାମଲାରେ କଟକର ଆଡହକ୍ ଆଡିସିନାଲ୍ ଡିଷ୍ଟ୍ରିଟ୍ ଏଣ୍ଡ ସେସନ୍ ଜଜ୍ ଫାଷ୍ଟ୍ରାକ୍ କୋର୍ଟ -୧ ଆସାମୀ କିଶୋରନଗର ବୋଧାରପୁରର ସୋନୁ ଓରଫ ସୁମନ୍ତ ସେଠୀ (୨୭)କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି । ଏଥିସହିତ କୋର୍ଟ ଆସାମୀକୁ ୫୦ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି । ଜୋରିମାନା ନ ଦେଇ ପାରିଲେ ଆସାମୀକୁ ଆଉ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ଏଥିସହିତ ପିଡିତାକୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି । ଆସାମୀ ଜଣକ ଜଣେ ନାବାଳିକାକୁ ଅପହରଣ କରି ନେଇ ବଳାତ୍କାର କରିଥିବା ନେଇ କିଶୋରନଗର ଥାନାରେ ୨୦୧୯ ମସିହା ଫେବୃୟାରୀ ୨ ତାରିଖରେ ଏତଲା ରୁଜୁ ହୋଇଥିଲା । ପୋଲିସ୍ ଘଟଣାର ତଦନ୍ତ କରି ଆସାମୀକୁ ଗିରଫ କରି ତା ବିରୋଧରେ ତଦନ୍ତ ଆରମ୍ଭ କରିଥିଲେ । ଏହା ପରେ ପୋଲିସ୍ ତା ବିରୋଧରେ କୋର୍ଟରେ ଅଭିଯୋଗପର୍ଦ୍ଦ ଦାଖଲ କରିଥିଲା । ମାମଲାର ଶୁଣାଣି ବେଳେ କଟକର ଆଡହକ୍ ଆଡିସିନାଲ୍ ଡିଷ୍ଟ୍ରିଟ୍ ଏଣ୍ଡ ସେସନ୍ ଜଜ୍ ଫାଷ୍ଟ୍ରାକ୍ କୋର୍ଟ-୧ ତା ବିରୋଧରେ ଚାର୍ଜଫ୍ରେମ୍ କରିଥିଲେ । କୋର୍ଟ ମାମଲାର ସମସ୍ତ ସାକ୍ଷ୍ୟପ୍ରମାଣ ଓ ପ୍ରାମଣିକ ନଥିପତ୍ର ଆଧାରରେ ଆସାମୀକୁ ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି ।

## ଅନ୍ତର୍ଜାତୀୟ ଅର୍କ ନୃତ୍ୟ ଉତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶୁକ୍ରବାର ଦ୍ୱିତୀୟ ଆନ୍ତର୍ଜାତୀୟ ଅର୍କ ନୃତ୍ୟ ଉତ୍ସବ ଭୁବନେଶ୍ୱରର ଉକଳା ମଣ୍ଡପରେ ଏକ ବର୍ଣ୍ଣାଢ୍ୟ ଓ ମନୋଜ୍ଞ ପରିବେଶ ଭିତରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଦୁଇ□ଦିନିଆ ନୃତ୍ୟ କାର୍ଯ୍ୟକ୍ରମରେ ବିଦେଶ, ଦେଶ ତଥା ରାଜ୍ୟର ନୃତ୍ୟଶିଳ୍ପୀମାନେ ଯୋଗଦାନ କରୁଅଛନ୍ତି । କାର୍ଯ୍ୟକ୍ରମ ଆରମ୍ଭରେ ଓଡ଼ିଶୀ ଏକକ ନୃତ୍ୟରେ କୁମାରୀ ସ୍ୱୟଂସିଦ୍ଧା, ପ୍ରତ୍ୟୁଷି ବେହେରା, ଭୂମିଶ୍ରୀ ମହାନ୍ତି, ସୁଚିସ୍ମିତା ସାହୁ, ଦିବ୍ୟାଶା ଦିବ୍ୟଦର୍ଶିନୀ ସ୍ୱାଇଁ, ମିରଙ୍ଗକୀ ସ୍ୱାଇଁ, ତପସ୍ୱିନୀ ସତଙ୍ଗୀ, ରଶ୍ମିତା ଦାଶ, ଶୁଭପ୍ରୀୟା ଖଟୁଆ, ମନିଷା ନନ୍ଦ, ଭବ୍ୟତା ସାହୁ, ଶୁଶ୍ରି ସ୍ୱାଗତିକା, ବିପାଶା ବେହେରା, ଶୁଭଜିତ୍ ଖଟେଇ, ଶତାବ୍ଦୀ ତନୟା ପାଣି, ଅଶ୍ଳେଷ ରୟ, ଜୟଶ୍ରୀ ସାହୁ, ଜୋର୍ତିମୟୀ ସାହୁ, ଅଶିଂତା ସାହୁ, ଶୁକ୍ରୀତି ମିଶ୍ର, ସାଇଶ୍ରୀୟା ବେହେରା, ଆରୁଷି ସ୍ୱାଇଁ, ସାଇ ସନ୍‌ଭୀ ଧଳ, ସାଇଶ୍ରୀ ପ୍ରୀୟଦର୍ଶିନୀ, କିତ୍ତ୍ରୀ ରାଣି ରାଉତ, ଆତ୍ମଜା ବଳ, ଅୟନ୍ୟା ରୟ, ତନିଶା ଗୁରୁ, ବିଦ୍ୟାଶି ଜେନା, କେ କାବ୍ୟା, ଗ୍ରୀତିକା ବିଶ୍ୱାଳ, ଅର୍ଣ୍ଣ ପଲ୍, ଅଦ୍ୱିତ ନନ୍ଦି, ମାନଭୀ, ସାଇ ସମିକ୍ଷା ରାଉତ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ । ସଂଧ୍ୟା ଅଧିବେଶନ ଉପସ୍ଥାପନରେ ଥିଲା ଓଡ଼ିଶୀ ଏକକ ଓ ଦଳଗତ ନୃତ୍ୟ ଯାହାକୁ ପରିବେଷଣ କରିଥିଲେ ମିରାହ କର, ଜୀଭିକା କୁମାରୀ, ବାଗ୍ମୀ ଶତପଥୀ, ନିଲାନା ରୟ, ଅନନ୍ୟା ଜୁଗାଡ଼େ, ଗୁରୁ ଜ୍ୟୋତି ରାଉତଙ୍କ ଅନୁଷ୍ଠାନର ଶିଳ୍ପୀ ବୃନ୍ଦ, ପ୍ରଜ୍ଞାନ ଦାଶ, ଦୀପା ବିଶ୍ୱକର୍ମା, ଶର୍ମିଷ୍ଠା ମହାପାତ୍ର, ମୀରା ଶ୍ରୀତା ଦାସ, ଅନନ୍ୟା ଦାସ, ଗୁରୁ ଶିବ ଶଙ୍କର ମେହେର ଏବଂ ଗୁରୁ ରମା ରଞ୍ଜାନ କହଁର । ଭୁବନେଶ୍ୱର ଏକ ଅଗ୍ରଣୀ ନୃତ୍ୟାନୁଷ୍ଠାନ ଦାସୀ ସାଂସ୍କୃତିକ ଗ୍ରାମ ଦ୍ୱାରା ଆୟୋଜିତ ଏହି ଆନ୍ତର୍ଜାତିକ ଅର୍କ ନୃତ୍ୟ ଉତ୍ସବକୁ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଉଦ୍‌ଘାଟନୀ ଉତ୍ସବର ଅତିଥିମାନେ ଥିଲେ ବିଶିଷ୍ଟ ଓଡ଼ିଶୀ ବିଷାରଦ ରମା ରଞ୍ଜାନ କହଁର, ଭାଗ୍ୟଶ୍ରୀ ଦାସ, ଭାଗ୍ୟଶ୍ରୀ ପଟ୍ଟନାୟକ, ଜଗନ୍ନାଥ ପ୍ରଧାନ, ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଜ୍ୟୋତି ରାଉତ, ପ୍ରମୋଦ ବିଶ୍ୱାଳ ଓ ଦାସି ସାଂସ୍କୃତିକ ଗ୍ରାମ ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ନାରାୟଣ ମହାପାତ୍ର । ଶିବଶଙ୍କର ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ବୁଦ୍ଧଦେବ ଦାଶ ।

NBCC
A Navratna CPSE

**NBCC (INDIA) LIMITED**
(A Government of India Enterprise)
CIN- L74899DL1960GOI003335

CBC 20109/15/0011/2425



RERA Registration No.: MP/19/2018/00027

NBCC announces the SALE OPENING of balance Commercial Spaces at Tower I at NBCC IMPERIA, GADAKANA, CHANDRASEKHARPUR, BHUBANESWAR through E-Auction.

Application document having complete details and terms and conditions is available at NBCC's website: www.nbccindia.in under "Buy Properties" section.

Last date of registration for e-auction: 14/01/2025 and date of e-auction: 16/01/2025

Contact no: 9311442134, 8527136569, 011-46990020

Addendum/corrigendum (if any) shall be uploaded on the above website only.

Channel Partner / Property Agent may also connect for association.

Real Estate Marketing Division, NBCC Place, Pragati Vihar, Bhishma Pitamah Marg, New Delhi – 110003
Follow us on:

वस्त्र मंत्रालय
MINISTRY OF TEXTILES

राष्ट्रीय परीक्षा एजेंसी
National Testing Agency

राष्ट्रीय फैशन प्रौद्योगिकी संस्थान
निफ्ट अधिनियम 2006 द्वारा शासित एक सांविधिक संस्थान
NATIONAL INSTITUTE OF FASHION TECHNOLOGY
A Statutory Institute Governed by the NIFT Act 2006

**ନିଫ୍ଟ ଆଡମିସନ ୨୦୨୫**

ସ୍ନାତକ କାର୍ଯ୍ୟକ୍ରମ
ସ୍ନାତକୋତ୍ତର କାର୍ଯ୍ୟକ୍ରମ
ଡକ୍ଟରାଲ କାର୍ଯ୍ୟକ୍ରମ
**ପଞ୍ଜିକରଣ ଖୋଲା**
ପଞ୍ଜିକରଣ ଶେଷ ଦିବସ
୬ ଜାନୁଆରୀ ୨୦୨୫
ସ୍ନାତକ/ସ୍ନାତକୋତ୍ତର ପାଇଁ ପ୍ରବେଶିକା ପରୀକ୍ଷା
୯ ଫେବୃଆରୀ ୨୦୨୫
ଅନ୍‌ଲାଇନ ଆବେଦନ କରନ୍ତୁ
https://nift.ac.in
https://exams.nta.ac.in/NIFT/




ସାରା ଦେଶରେ
**୭୫+**
ସହରରେ ପରୀକ୍ଷା କେନ୍ଦ୍ର

CBC 21354/12/0002/2425



सत्यमेव जयते
Government Of India

NSO INDIA
Data for Development
75 National Sample Survey
Celebrating 75 years of NSS

# ଭାରତର ଅବିଭକ୍ତ କ୍ଷେତ୍ର କ୍ଷମତାର ସମୁଚିତ ଉପଯୋଗ

## ଆସନ୍ତୁ ଆମେ ସମସ୍ତେ ମିଳିମିଶି ରାଷ୍ଟ୍ରୀୟ ପରିସଂଖ୍ୟାନ ପ୍ରଣାଳୀକୁ ମଜବୁତ କରିବା

ଏନଏସଓ, ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଭାରତରେ ଅବିଭକ୍ତ ଅଣକୃଷି ପ୍ରତିଷ୍ଠାନର ସ୍ଥିତି ଏବଂ ଆବଶ୍ୟକତା ପାଇଁ ନୀତି ନିର୍ଦ୍ଧାରକ, ଶୋଧକର୍ତ୍ତା ଏବଂ ଜନସାଧାରଣଙ୍କୁ ସକ୍ଷମ କରିବାକୁ ଅବିଭକ୍ତ କ୍ଷେତ୍ର ଉଦ୍ୟୋଗଗୁଡ଼ିକର ବାର୍ଷିକ ସର୍ବେକ୍ଷଣ (ଏଏସ୍‌ୟୁଏସ୍‌ଇ) ଆୟୋଜନ କରୁଛନ୍ତି ।

**ଏଏସ୍‌ୟୁଏସ୍‌ଇର ପ୍ରମୁଖ ନିଷ୍କର୍ଷ**

- ବିଭିନ୍ନ ଉଦ୍ୟୋଗରେ ଅବିଭକ୍ତ ଉଦ୍ୟୋଗଗୁଡ଼ିକର ପ୍ରବେଶ
- ଲଘୁ ଉଦ୍ୟୋଗରେ ରୋଜଗାର ସୁଯୋଗ
- ଲଘୁ ଉଦ୍ୟୋଗର ଆର୍ଥିକ ଅବଦାନ
- ଲଘୁ ଉଦ୍ୟୋଗଗୁଡ଼ିକର ଆବଶ୍ୟକତା
- କ୍ଷୁଦ୍ର ଉଦ୍ୟୋଗକୁ ଋଣ ପ୍ରଦାନ
- ଲଘୁ ଉଦ୍ୟୋଗଦ୍ୱାରା ସୂଚନା ଏବଂ ସଞ୍ଚାର ପ୍ରଯୁକ୍ତିର ଉପଯୋଗ







ସମସ୍ତ ନମୁନା ଉଦ୍ୟୋଗଗୁଡ଼ିକ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନଏସ୍‌ଓ)ର ଗଣନାକାରୀଙ୍କ ସହ ସହଯୋଗ କରିବା ଏବଂ ସଠିକ୍ ତଥ୍ୟ ପ୍ରଦାନ କରିବାକୁ ଅନୁରୋଧ କରାଯାଉଛି ।

ସର୍ବେକ୍ଷଣରେ ଭାଗ ନେବାକୁ ଆଗ୍ରହୀ ଉଦ୍ୟୋଗ ଏନଏସଓରେ ପହଞ୍ଚନ୍ତୁ, ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟର ସମସ୍ତ ରିପୋର୍ଟ/ ମାଇକ୍ରୋଡାଟା ଗୋପନୀୟ ରଖାଯିବ ।

ଏନ୍‌ଏସ୍‌ଓ, ଏମଓଏସ୍‌ପିଆଇର ସଠିକ ରିପୋର୍ଟ ପାଇଁ ଦୟାକରି ପରିଦର୍ଶନ କରନ୍ତୁ www.mospi.gov.in, ମାଇକ୍ରୋ ଡାଟା https://microdata.gov.in/nada43/index.php/home ରେ ଉପଲବ୍ଧ ।

www.mospi.gov.in @GoIStats /GoIStats Ministry of Statistics and Programme Implementation Ministry of Statistics & PI

cbc 39101/13/0009/2425



"ଖୁସି ସେତେବେଳେ ହୁଏ, ଯେତେବେଳେ
ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ
ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ
ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ ।"
- ଉତ୍କଳମଣି ଗୋପବନ୍ଧୁ ଦାସ



## ଆର୍ôଥିକ ସଂସ୍କାର ଓ ଉଦାରୀକରଣର ସ୍ରଷ୍ଟା

# ମନମୋହନଙ୍କ ମହାପ୍ରୟାଣ

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ପ୍ରଖ୍ୟାତ ଅର୍ଥନୀତିଜ୍ଞ, ଶିକ୍ଷାବିତ୍, ବରିଷ୍ଠ ରାଜନେତା ଡକ୍ଟର ମନମୋହନ ସିଂହଙ୍କ ଘଟଣାବହୁଳ ଜୀବନର ଅବସାନ ଘଟିଛି । ୯୨ବର୍ଷ ବୟସରେ ଚିରଦିନ ପାଇଁ ବିଦାୟ ନେଇଛନ୍ତି ଭାରତର ଉଦାରୀକରଣ ଓ ଜଗତିକରଣ ଅର୍ଥନୀତିର ସ୍ରଷ୍ଟା ତଥା ଆର୍ଥିକ ସଂସ୍କାରର ଜନକ ମନମୋହନ । ଗୁରୁବାର ରାତ୍ରୀରେ ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ (ଏମ୍ସ)ରେ ଦେଶର ଏହି ସୁଯୋଗ୍ୟ ସନ୍ତାନ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଭାରତୀୟ ଅର୍ଥନୀତି ଚରମ ଦୁର୍ଦ୍ଦିନ ଭିତର ଦେଇ ଗତି କରୁଥିବା ବେଳେ ଏବଂ ବୈଦେଶିକ ମୁଦ୍ରାର ଘୋର ଅଭାବ ଦେଖା ଦେଇଥିବା ସମୟରେ ୧୯୯୧ ମସିହାରେ ପି.ଭି. ନରସିଂହ ରାଓ ଦେଶର ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ । ସେ ତୁରନ୍ତ ଅର୍ଥନୀତିଜ୍ଞ ମନମୋହନଙ୍କୁ ତାଙ୍କ ସରକାରରେ ଅର୍ଥମନ୍ତ୍ରୀ ରୂପେ ନିଯୁକ୍ତ କରିଥିଲେ । ଅର୍ଥମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ମାତ୍ରେ ମନମୋହନ ସିଂହ ନିଜର ଗଭୀର ଅର୍ଥନୈତିକ ଜ୍ଞାନ ଏବଂ ବିଚକ୍ଷଣତା ବଳରେ ଦେବାଳିଆ ସ୍ଥିତିରେ ପହଞ୍ଚିଥିବା ଅର୍ଥନୀତିରେ ସୁଧାର ଆଣିବା ଉଦ୍ଦେଶ୍ୟରେ ଆର୍ଥିକ ସଂସ୍କାରର ମୂଳଦୂଆ ପକାଇ ଥିଲେ । ଆମ ଦେଶରେ ଅୟମାରମ୍ଭ ହୋଇଥିଲା ଉଦାରୀକରଣ, ଘରୋଇକରଣ ଓ ଜଗତିକରଣର ସୁବର୍ଣ୍ଣ ଯୁଗ । ପୂର୍ବରୁ ଚାଲି ଆସିଥିବା ଲାଇସେନ୍ସ ରାଜ୍‌ର ଅନ୍ତ ଘଟାଇବା ସହିତ ଟିକସ ବ୍ୟବସ୍ଥାରେ ସେ ଆଣିଥିଲେ ବଡ଼ ପରିବର୍ତ୍ତନ । ବିଭିନ୍ନ କ୍ଷେତ୍ରରେ ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜି ନିବେଶ (ଏଫ୍.ଡି.ଆଇ) ପାଇଁ ବାଟ ଫିଟାଇ ଦେବା ଫଳରେ ଦେଶର ଅର୍ଥନୀତି, ବ୍ୟବସାୟ ଢାଞ୍ଚା ଓ ଆର୍ଥିକ ଦୃଶ୍ୟପଟରେ ଏକ ବଡ଼ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଲା । ଏହି ପଦକ୍ଷେପ ଯୋଗୁଁ ଭାରତରେ ଅନେକ ନୂଆ ଶିଳ୍ପ କାରଖାନା ଗଢ଼ି ଉଠିବା ସଙ୍ଗେ ସଙ୍ଗେ ଲୋକଙ୍କ ପାଖରେ ଅଧିକ ଟଙ୍କା ଉପଲବ୍ଧ ହେଲା । ଭାରତ ଏକ ବିଶାଳ ଉପଭୋକ୍ତା ବଜାର ରୂପେ ମୁଣ୍ଡ ଟେକିବା ସହିତ ଆମଦାନି ଓ ରପ୍ତାନି ନିୟମ କୋହଳ କରାଯିବାରୁ ବାଣିଜ୍ୟ ବ୍ୟବସାୟ ସୁବିଧାଜନକ ହୋଇପାରିଲା । ମନମୋହନଙ୍କ ଅର୍ଥମନ୍ତ୍ରୀତ୍ୱ ସମୟରେ ୧୯୯୨ରେ ଭାରତର ସର୍ବବୃହତ୍ ଷ୍ଟକ୍ ଏକ୍ସଚେଞ୍ଜ 'ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ' ସ୍ଥାପିତ ହୋଇଥିଲା । ପୂର୍ବରୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍.ବି.ଆଇ)ର ଗଭର୍ଣ୍ଣର ଥିବା ଏହି ଅର୍ଥନୀତିଜ୍ଞଙ୍କ ଅଭିଜ୍ଞତା ଦେଶର ଦେବାଳିଆ ଅର୍ଥନୀତିକୁ ସୁଧାରିବାରେ ବେଶ୍ ସହାୟକ ହୋଇଥିଲା । ପରବର୍ତ୍ତୀ ସମୟରେ ମନମୋହନ ୨୦୦୪ରୁ ୨୦୧୪ ମସିହା ପର୍ଯ୍ୟନ୍ତ ଦୁଇ ଦୁଇଥର ଭାରତର ପ୍ରଧାନମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ । କମ୍ କଥା କହୁଥିବାରୁ କେହି କେହି ତାଙ୍କୁ 'ମୌନ ମୋହନ' ବା 'ଅପ୍ରତ୍ୟାଶିତ ପ୍ରଧାନମନ୍ତ୍ରୀ' କହି ପରିହାସ କରୁଥିଲେ ହେଁ ଦଶବର୍ଷର ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ସୂଚନା ଅଧିକାର ଆଇନ, ଗ୍ରାମାଞ୍ଚଳ ନିଶ୍ଚିତ କର୍ମଯୋଗାଣ ଯୋଜନା ବା 'ମନରେଗା', ଶିକ୍ଷା ଅଧିକାର ଆଇନ ଏବଂ ଖାଦ୍ୟ ନିରାପତ୍ତା ଆଇନ ଭଳି ଅନେକ ଯୁଗାନ୍ତକାରୀ ଜନକଲ୍ୟାଣକାରୀ ପଦକ୍ଷେପର ଶୁଭାରମ୍ଭ କରିଥିଲେ । ଖୁବ୍ ସରଳ ଜୀବନଯାପନ ଏବଂ ସାଧୁତା ଏହି ମହାନ ରାଷ୍ଟ୍ରନେତାଙ୍କ ଜୀବନର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ଥିଲା । ୨୦୦୯ରୁ ୨୦୧୪ ମସିହା ତାଙ୍କର ଦ୍ୱିତୀୟ ପାଳି ସରକାରରେ ଅନେକ ମନ୍ତ୍ରୀ ଦୁର୍ନୀତି ମାମଲାରେ ଛନ୍ଦି ହୋଇ ପଡ଼ିଥିଲେ ହେଁ ମନମୋହନଙ୍କୁ ଦୁର୍ନୀତି ଆଦୌ ସ୍ପର୍ଶ କରିନଥିଲା । ପ୍ରଧାନମନ୍ତ୍ରୀ ଥିଲେ ହେଁ ସେ ନିଜେ ଦୋକାନକୁ ଯାଇ ଧାଡ଼ିରେ ଛିଡ଼ା ହୋଇ ଜିନିଷପତ୍ର କିଣିବା ଓ ନିଜର ଗାଡି ଖଣ୍ଡିଏ ନଥିବା ବ୍ୟକ୍ତିଗତ ଜୀବନରେ ତାଙ୍କର ସ୍ୱଚ୍ଛତାର ନିଦର୍ଶନ । ଅତୁଳନୀୟ ନିଷ୍ଠାର ସହ ଦେଶକୁ ଦଶନ୍ଧି ଧରି ମାର୍ଗ ଦର୍ଶନ କରିଥିବା ଏହି ବିଶ୍ୱବିଖ୍ୟାତ ଅର୍ଥନୀତିଜ୍ଞଙ୍କ ମହାପ୍ରୟାଣ ଏକ ବିରାଟ ଶୂନ୍ୟତା ସୃଷ୍ଟି କରିଛି । ଭାରତ ସରକାର ଏହି ମହାନ ଦେଶଭକ୍ତଙ୍କ ସ୍ମୃତିକୁ ସମ୍ମାନ ଜଣାଇ ସାତଦିନ ରାଷ୍ଟ୍ରୀୟ ଶୋକ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । 'ଓଡ଼ିଶା ଭାସ୍କର' ପରିବାର ଏହି ମହାନ୍ ଆତ୍ମାଙ୍କୁ ଅନ୍ତିମ ସମ୍ମାନ ଜଣାଉଛି ।



# ଦାରିଦ୍ର୍ୟର ପରିବର୍ତ୍ତିତ ପରିଭାଷା



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ସାଧାରଣରେ ଗୋଟିଏ କଥା ସବୁବେଳେ ଆଲୋଚିତ ହୋଇଥାଏ । ତାହାହେଲା ଦେଶ ଗରିବ ହୁଏ କାହିଁକି ? ଏ ସମ୍ପର୍କରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଆଲୋଚନା ହୋଇଥାଏ । ବିଭିନ୍ନ କାରଣ ମଧ୍ୟ ଖୋଜା ଯାଇଥାଏ । କିନ୍ତୁ ସଠିକ୍ ଉତ୍ତର ମିଳିପାରେ ନାହିଁ । ସାଧାରଣ ଅର୍ଥରେ କହିଲେ ଗରିବ ଏକ ସାମାଜିକ ଅବସ୍ଥାକୁ ବୁଝାଇଥାଏ, ଯେଉଁଠି ଲୋକମାନେ ସର୍ବନିମ୍ନ ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୋଇଥାନ୍ତି । ଏହାର କାରଣ ସମ୍ପର୍କରେ ବୁଝାଇବାକୁ ଯାଇ ଅର୍ଥଶାସ୍ତ୍ରୀ ରାଗ୍‌ନର ନରକ୍ସେ କହିଛନ୍ତି- 'ଗୋଟିଏ ଦେଶ ଗରିବ କାରଣ ତାହା ଗରିବ' । ଅନ୍ୟଅର୍ଥରେ କହିଲେ ଗୋଟିଏ ଦେଶର ଦାରିଦ୍ର୍ୟର କାରଣ ହେଉଛି ସେ ଦେଶର ଦାରିଦ୍ର୍ୟ । ଏଦୃଷ୍ଟିରୁ ବିଚାର କଲେ ଦେଶର ଦାରିଦ୍ର୍ୟର କାରଣ ବହୁବିଧ । ଉଭୟ ଚାହିଦା ଓ ଯୋଗାଣ ପାର୍ଶ୍ୱରେ ସ୍ୱଳ୍ପ ମୁଣ୍ଡ ପିଛା ଆୟ, ସ୍ୱଳ୍ପ ଚାହିଦା, ସ୍ୱଳ୍ପ ସଞ୍ଚୟ, ସ୍ୱଳ୍ପ ନିବେଶ ଦାରିଦ୍ର୍ୟର କରାଳଚକ୍ର ସୃଷ୍ଟି କରୁଛି । ଏଥିପାଇଁ ସ୍ୱଳ୍ପ ଉତ୍ପାଦନ ସହିତ ମୁଣ୍ଡ ପିଛାଆୟ ହ୍ରାସ ପାଉଛି । ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କ ସଂଖ୍ୟା ୧୯୯୩-୯୪ ମୋଟ ଜନ ସଂଖ୍ୟାର ୪୫.୩ ପ୍ରତିଶତ ଥିଲା, ଯାହା କି ୨୦୦୪-୦୫ ବେଳକୁ ୩୭.୨ ପ୍ରତିଶତକୁ ହ୍ରାସ ପାଇଥିଲା । ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଅନୁପାତ ସେହି ସମୟ ମଧ୍ୟରେ ୫୦.୧ପ୍ରତିଶରୁ ୪୧.୮ ପ୍ରତିଶତକୁ ହ୍ରାସ ପାଇଥିଲା । ସହରାଞ୍ଚଳରେ ଏହି ଅନୁପାତ ୧୯୯୩-୯୪ ରୁ ୩୧.୮ ପ୍ରତିଶତକୁ ୨୦୦୪-୦୫ରେ ୨୫.୭ ପ୍ରତିଶତକୁ ହ୍ରାସ ପାଇଥିଲା । ୨୦୧୧-୧୨ ବେଳକୁ ଦେଶର ମୋଟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା । ସଂଖ୍ୟାନୁସାରେ ଏହି ସମୟରେ ଦ୍ରାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୪୧ କୋଟିରୁ ୨୭ କୋଟିକୁ ହ୍ରାସ ପାଇଥିଲା । ତେବେ ଏହି ତଥ୍ୟ ସୁରେଶ ତେନ୍ଦୁଲକର କମିଟି ଆଧାରରେ ଦିଆଯାଇଛି । କିନ୍ତୁ ଶ୍ରୀ ରଙ୍ଗ ରାଜନଙ୍କ କମିଟି ରିପୋର୍ଟରେ ଦେଶର ଦାରିଦ୍ର୍ୟ ହାର ୨୯.୬ ପ୍ରତିଶତ ବୋଲି କଳନା କରାଯାଇଛି । ନିକଟରେ ନିତି ଆୟୋଗ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ ଦାରିଦ୍ର୍ୟ କ୍ଷେତ୍ରରେ ଜାତୀୟ ହାର ୨୫.୦୧ ପ୍ରତିଶତ ରହିଥିବା ବେଳେ ଓଡ଼ିଶାରେ ଏହା ୨୯.୩୫ ପ୍ରତିଶତ ରହିଛି । ବିହାର ଦାରିଦ୍ର୍ୟରେ ଏକ ନମ୍ବରରେ ଥିବାବେଳେ ଓଡ଼ିଶା ସ୍ଥାନ ନବମରେ ରହଛି । ଅର୍ଥାତ ରାଜ୍ୟରେ ତିନିଜଣରେ ଜଣେ ଗରିବ । ମାଳ ମାଳ ଯୋଜନା ସତ୍ତ୍ୱେ ଗରିବ ହଟୁନି ।

ଏକ ଅନୁକୂଳ ପରିବେଶ ଜୀବନ ଧାରଣ ପାଇଁ ଅପରିଧାର୍ଯ୍ୟ ଜନସଂଖ୍ୟାର ବିସ୍ଫୋରଣ ପରିବେଶ ପାଇଁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି । ଦାରିଦ୍ର୍ୟ ନୟନ୍ତ୍ରଣ ପାଇଁ କେତକ ଫଳପ୍ରଦ ପଦକ୍ଷପ ନେବା ଜରୁରି ମନେହୁଏ । ନିବେଶ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ । ଏହା ଲୋକମାନଙ୍କ ଆୟ ବୃଦ୍ଧି କରି ଦାରିଦ୍ର୍ୟ ହ୍ରାସ କରିବା ପାଇଁ ସହାୟକ ହୋଇଥାଏ । ଭାରତରେ ଘରୋଇ ସଞ୍ଚୟ ବୃଦ୍ଧି ଘରୋଇ ଆୟ ଉପରେ ନିର୍ଭୟ କରୁଥିବାରୁ ଏହା ଆମ ଦେଶ ପାଇଁ ଅସମ୍ଭବ ମନେହୁଏ ତେଣୁ ଆମେ ପ୍ରଥମେ ବିଦେଶୀ ନିବେଶ ଉପରେ ନିର୍ଭର କରି ପରେ ଘରୋଇ ନିବେଶ ଓ ସଞ୍ଚୟ ବୃଦ୍ଧି ପାଇଁ ଯତ୍ନବାନ ହେବା ଆବଶ୍ୟକ । ପରିସଂଖ୍ୟାନରୁ ଜଣାଯାଏ, ସାରା ବିଶ୍ୱରେ ଏବେ ବି ୧.୩ ବିଲିୟନ ବା ୨୨ ପ୍ରତିଶତ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି । ଚରମ ଦାରିଦ୍ର୍ୟ ରହିଥିବା ଦେଶ ମଧ୍ୟରେ ନାଇଜେରିଆରେ ୮୬.୯ ପ୍ରତିଶତ, କଙ୍ଗୋରେ ୬୦.୯ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିବାର ଜଣାଯାଏ । ସେହିପରି କମ୍ ଦାରିଦ୍ର୍ୟ ଥିବା ଦେଶମାନଙ୍କ ମଧ୍ୟରେ କତାର, ମକାଓ, ସିଙ୍ଗାପୁର ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶମାନେ ରହିଛନ୍ତି । ସେହିପରି ମୋଟ ଜାତୀୟ ଉତ୍ପାଦକୁ ହିସାବକୁ ନେଲେ ଆମ ଦେଶ ଭାରତର ସ୍ଥାନ ୧୨୪ରେ ରହିଛି । ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ଧ୍ୱସ୍ତ ବିଧ୍ୱସ୍ତ । ଶିଳ୍ପ ଜଗତ କୋମାରେ । କୃଷି କ୍ଷେତ୍ରରେ ଅଗ୍ରଗତି ସନ୍ତୋଷଜନକ ନୁହେଁ । ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ମଧ୍ୟ ସ୍ଥାଣୁତା । ଫଳରେ ବିଶ୍ୱ ସମେତ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଛି । ଏଥିପାଇଁ ଦାରିଦ୍ର୍ୟ ହାର ମଧ୍ୟ ବଢିଛି ।

ଗରିବ ହଟାଅ ଆମ ଜାତୀୟ ସ୍ଲୋଗାନ ହୋଇଥିଲେ ମଧ୍ୟ ଦାରିଦ୍ର୍ୟ ଭାରତ ପାଇଁ ଏକ ଆହ୍ୱାନ ହୋଇରହିଛି । ଏହା ନିଶ୍ଚିତ ପରିତାପର ବିଷୟ । ଏପରିକି ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ପରେବି ଏ କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷଜନକ ହୋଇପାରି ନାହିଁ । ଜନସଂଖ୍ୟା ବୃଦ୍ଧି ଏହାର ଏକ ପ୍ରମୁଖ କାରଣ । କୁହାଯାଏ, ବିକାଶ ପ୍ରକ୍ରିୟାରେ ମାନବ ସମ୍ବଳ ଏକ ଅବିଚ୍ଛେଦ୍ୟ ଅଙ୍ଗ । କିନ୍ତୁ ଭାରତରେ ଜନସଖ୍ୟା ବୃଦ୍ଧ ଆମ ପ୍ରଗତି ପଥରେ ପ୍ରଧାନ ପ୍ରତିବନ୍ଧକ ଭାବେ ଉଭାହୋଇଛି । ଫଳରେ ଭାରତରେ ଯେତେ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି ହେଉଛି ତା'ର ମୂଳରେ ରହିଛି ଏହି ଜନସଂଖ୍ୟା ବିସ୍ଫୋରଣ । ଇତିମଧ୍ୟରେ ଭାରତର ଜାତୀୟ ଆୟ ୭ ଗୁଣ ଆୟ ବୃଦ୍ଧି ପାଇଥିବା ବେଳେ ମୁଣ୍ଡପିଛା ଆୟ ମାତ୍ର ୩ଗୁଣ ବୃଦ୍ଧି ପାଇଛି । ଅର୍ଥ ଶାସ୍ତ୍ରୀ ମାଲଥସ୍‌ଙ୍କ ମତରେ ଏକ ଜନବହୁଳ ରାଷ୍ଟ୍ରରେ ଖାଦ୍ୟ ଯୋଗାଣ ଅପେକ୍ଷା ଜନସଂଖ୍ୟାର ବୃଦ୍ଧି ଅଧିକା ହୋଇଥାଏ । ଏହା ଉତ୍କଟ ଖାଦ୍ୟ ସମସ୍ୟା ସୃଷ୍ଟି କରିଥାଏ । ଏଥିସହିତ ଶ୍ରମଶକ୍ତିର ଯୋଗାଣ ଚାହିଦା ଠାରୁ ଅଧିକା ହେଲେ ବେକାରୀ ସୃଷ୍ଟି ହୁଏ । ବେକାରୀ ସମସ୍ୟା ଭାରତୀୟ ଅର୍ଥନୀତିର ଚିର ସହଚର ହୋଇରହିଛି । ଜନସଂଖ୍ୟାର ଦ୍ରୁତବୃଦ୍ଧି ଉପଭୋଗ ଖର୍ଚ୍ଚ ବଢାଇଥାଏ । ଫଳରେ ସଞ୍ଚୟ କମିଯାଏ ଓ ପୁଞ୍ଜିଗଠନ ହ୍ରାସପାଏ ।

ପ୍ରାୟ ୬୦ପ୍ରତିଶତ ଭାରତର କୃଷି ଉପରେ ନିର୍ଭରଶୀଳ । ନିମ୍ନ କୃଷି ଉତ୍ପାଦନଶୀଳତା ଗ୍ରାମାଞ୍ଚଳ ଦାରିଦ୍ରାତାର ମୁଖ୍ୟ କାରଣ । ତେଣୁ କୃଷିର ଦ୍ରୁତ ବିକାଶ ପାଇଁ ବିଭିନ୍ନ ପଦକ୍ଷପ ନେବା ଆବଶ୍ୟକ ଫଳରେ ଏହା ଗ୍ରାମାଞ୍ଚଳ ଆୟ ବୃଦ୍ଧି କରି ଦାରିଦ୍ର୍ୟ ଦୂର କରିବାର ସହାୟକ ହୋଇପାରିବ । ଏଥିସହିତ କୃଷି ଓ ଶିଳ୍ପ ପରସ୍ପର ନିର୍ଭରଶୀଳ । ଯେକୌଣସି ଗୋଟିକର ବିକାଶ, ଅନ୍ୟଟିର ବିକାଶ ପାଇଁ ପଥ ପରିଷ୍କାର କରିଥାଏ । ସେହିପରି କୃଷି ଭିତ୍ତିକ ଶିଳ୍ପର ବିକାଶ ହେଲେ ଶିଳ୍ପ କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇ ଦାରିଦ୍ର୍ୟ ହଟାଇପାରିବ । ଏଥିସହିତ ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ ରାଷ୍ଟ୍ରରୁ ବୋକାରୀ ଦୂର କରିବା ପାଇଁ ସହାୟକ ପ୍ରଦାନ କରେ । ଉତ୍ପାଦନ କୌଶଳ ଦୁଇ ପ୍ରକାର: ଯଥା ଶ୍ରମ ପ୍ରଦାନ କୌଶଳ ଓ ପୁଞ୍ଜି ପ୍ରଦାନ କୌଶଳ । ଭାରତ ଭଳି ଜନବହୁଳ ଦେଶରେ ଶ୍ରମପ୍ରଦାନ କୌଶଳକୁ ବ୍ୟବହାର କରିବା ଉଚିତ୍ କାରଣ ଦାରିଦ୍ର୍ୟ ନିରାକାରଣ ପାଇଁ ଗଣନିଯୁକ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି । ଏତଦ୍‌ବ୍ୟତୀତ ଆଉକେତେକ ପଦକ୍ଷପ ନେବା ଜରୁରି ମନେହୁଏ । ସେଗୁଡିକ ହେଲା- (କ) ନିମ୍ନ ଆୟକାରୀ ଗୋଷ୍ଠୀ ଦ୍ୱାରା ବ୍ୟବହୃତ ଦ୍ରବ୍ୟ ଉପରେ ସରକାର କମ୍ ଟିକସ ବସାଇବା ଆବଶ୍ୟକ । ଏହା ସେମାନଙ୍କର ଉପଭୋଗ କ୍ଷମତା ବୃଦ୍ଧି କରିପାରିବା ଏବଂ ସେମାନଙ୍କୁ ଦାରିଦ୍ର୍ୟର ସୀମାରେଖା ଉପରକୁ ଆଣିପାରିବ । (ଖ) ଦରିଦ୍ରମାନଙ୍କୁ ସରାକାରୀ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଅତ୍ୟାବଶ୍ୟକ ଦ୍ରବ୍ୟ ରାହାତି ମୂଲ୍ୟରେ ଯୋଗାଇଦେବା ଉଚିତ୍ । (ଗ) ଆଇନ୍ ଦ୍ୱାରା ସରକାର ସମସ୍ତଙ୍କ ପାଇଁ ନ୍ୟାୟୋଚିତ ମଜୁରୀ ବ୍ୟବସ୍ଥା କରିବା ଉଚିତ୍ । (ଘ) ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଯୋଗାଇଦେବା ଉଚିତ୍ । (ଙ) ପ୍ରତ୍ୟେକ ଦରିଦ୍ର ପରିବାରର ଅତିକମ୍‌ରେ ଜଣକୁ ନିଯୁକ୍ତି ଦେବା ଜରୁରି ।

ଦାରିଦ୍ର୍ୟ ଉଭୟ ସମାଜ ଓ ଅର୍ଥବ୍ୟବସ୍ଥା ପାଇଁ ଏକ ଅଭିଶାପ । ଏହା ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି କରିଥାଏ । ବିଶ୍ୱସ୍ତରରୁ ଆରମ୍ଭ କରି ଆମ ଦେଶ ତଥା ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ଯୋଜନା କରାଯାଇଛି ଓ କରାଯାଉଛି ମଧ୍ୟ । କିନ୍ତୁ ସେଗୁଡିକର ସଫଳତା ଉତ୍ସାହଜନକ ନୁହେଁ । ତେଣୁ ଦାରିଦ୍ର୍ୟର ଆଶୁ ନିରାକରଣ ପାଇଁ ଅଧିକ ନିବେଶ, କୃଷିର ବିକାଶ, ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ, ଦରଦାମ୍‌ର ସ୍ଥିରତା, ଅସମାନତା ହ୍ରାସ, ଜନସଂଖ୍ୟା ନିୟନ୍ତ୍ରଣ ଓ ସର୍ବୋପରି କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ୍ ।

# ଭକ୍ତକବି ମଧୁସୂଦନ ରାଓ



ଯଶସ୍ୱିନୀ ପଟ୍ଟନାୟକ
ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ
ସେକ୍ଟର-୮, ସିଡିଏ, କଟକ

ମଧୁସୂଦନ ରାଓଙ୍କ ଜୀବନର ମୂଳ ଭିତ୍ତି ଥିଲା ଭଗବତ ଶକ୍ତି । ପୁରୀର ପଥୁରିଆ ସାହିରେ ସେ ଜନ୍ମ ହୋଇଥିଲେ । ବାଲ୍ୟକାଳରୁ ତାଙ୍କ ଅନ୍ତରରେ ଧର୍ମପିପାସା ଜାଗ୍ରତ ଥିଲା । ଶିକ୍ଷାର୍ଥୀ ଜୀବନ ଶେଷ ହେବା ପରେ ଶିକ୍ଷକ ଭାବେ ଆରମ୍ଭ କରିଥିଲେ ନିଜର କର୍ମମୟ ଜୀବନ । ମଧୁସୂଦନ ଥିଲେ ଜଣେ ଆଦର୍ଶ ଓ ନିଷ୍ପାପର ଶିକ୍ଷାସେବୀ । ତାଙ୍କ ଶିକ୍ଷାଦାନ ପ୍ରଣାଳୀ, ଗମ୍ଭୀରତା, ନିର୍ମଳ ଚରିତ୍ର ଓ ଅକପଟ ସ୍ନେହ ଯୋଗୁଁ ସେ ଛାତ୍ରମାନଙ୍କର ପ୍ରିୟ ଥିଲେ । ୧୮୯୫ରେ ସେ ରଚନା କରିଥିଲେ 'ବର୍ଣ୍ଣବୋଧ' । ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ, ବିଦ୍ୟା ଅଟଇ ମହାରତ୍ନ ହୃଦୟେ ଘେନ କରି ଯତ୍ନ, କି ସୁନ୍ଦର ଆହା, କି ଆନନ୍ଦମୟ ଏହି ବିଶାଳ ସଂସାର, ଧନ୍ୟ ମହାପ୍ରଭୁ, ମହିମା ତୁମର, ଅଟେ ଅନନ୍ତ ଅପାର... ଆଦି ଅବିସ୍ମରଣୀୟ । ୧୯୧୨ ଡିସେମ୍ବର ୨୮ ତାରିଖ ଦିନରେ ଭକ୍ତକବି ମଧୁସୂଦନ ରାଓଙ୍କ ପରଲୋକ ହୋଇଥିଲା ।



## ନୀତିବାଣୀ

**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ ।

# ଅବୈଧ ଅନୁପ୍ରବେଶ ବନ୍ଦ ହେବ କେବେ ?

ସୁଧାଂଶୁ ପାତ୍ର
୮୦୨ ପାର୍ଟ, ଜୟଦେବ ବିହାର, ଭୁବନେଶ୍ୱର
ମୋ: ୮୦୯୩୫୪୮୫୦୬

ବେଆଇନ ଇମିଗ୍ରେସନ୍ ତଥା ଅବୈଧ ଅନୁପ୍ରବେଶ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଏହା ଏବେ କେବଳ ବେଙ୍ଗଲ ଓ ଆସାମ ପରି ରାଜ୍ୟର ସମସ୍ୟା ନୁହେଁ । ଭାରତର ଅଧିକାଂଶ ରାଜ୍ୟକୁ ବ୍ୟାପି ସାରିଛି ଅବୈଧ ଅନୁପ୍ରବେଶ । ଏହି ଅନୁପ୍ରବେଶ ଦେଶକୁ ଚିନ୍ତିତ କରିବା ସହ ସେହିସବୁ ରାଜ୍ୟରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରୁଛି । ମୁଖ୍ୟତଃ ଏହା ଭାରତୀୟ ସମ୍ବଳ ଉପରେ ପ୍ରଭାବ ତଥା ଚାପ ସୃଷ୍ଟି କରୁଛି ବୋଲି ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଧନଞ୍ଜୟ ୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ଖଣ୍ଡପୀଠ ତାଙ୍କ ଅନ୍ତରୀଣ ଆଦେଶରେ ଦର୍ଶାଇଥିଲେ । ଧାରା-୬-ଏ ସାମ୍ବିଧାନିକକୁ ଚ୍ୟାଲେଞ୍ଜ କରୁଥିବା ଯୁକ୍ତି ବିବାଦର ମୂଳକାରଣ ବୋଲି କହି ମାନ୍ୟବର ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ଏକ ସମ୍ପୂର୍ଣ୍ଣ ରିପୋର୍ଟ ମାଗିଥିଲେ । ଏଥିସହ ଅଦାଲତଙ୍କର ଏହା ଉପରେ ତଥ୍ୟ ଭିତ୍ତିକ ସୂଚନ ପାଇବା ଉଚିତ୍ ବୋଲି ଖଣ୍ଡପୀଠ ତାଙ୍କ ଆଦେଶରେ କହିଥିଲେ । ମାତ୍ର ସବୁଠାରୁ ବିଡ଼ମ୍ବନା ତଥା ଦୁଃଖର ବିଷୟ ଯେ, ଏହା ଉପରେ କୌଣସି ତଥ୍ୟଭିତ୍ତିକ ରିପୋର୍ଟ ନାଁ କେନ୍ଦ୍ର ସରକାର ନା ରାଜ୍ୟ ସରକାର କାହା ପାଖରେ ହେଲେ ନାହିଁ । ଏହି ପରିପ୍ରେକ୍ଷୀରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଏହି ଆଦେଶ କିପରି କମ୍ପ୍ଲାଏ କରାଯିବ ତାହା ଏବେ କେନ୍ଦ୍ର ସରକାରଙ୍କ ମୁଣ୍ଡ ବିନ୍ଧାର କାରଣ ।

ଅବୈଧ ଅନୁପ୍ରବେଶ ଏବେ ପ୍ରବଳ ମାତ୍ରାରେ ଜାରି ରହିଛି । ବାଙ୍ଗଲାଦେଶୀଙ୍କୁ ବାଙ୍ଗଲାଦେଶରୁ ଆଣି ଭାରତରେ ବିଭିନ୍ନ ରାଜ୍ୟରେ ଅବସ୍ଥାବିତ କରିବାରେ ନିୟୋଜିତ ଦଲାଲ୍ ଏବେ ବି ଭାରତରେ ସକ୍ରୀୟ ଅଛନ୍ତି ବୋଲି ଏନ୍.ଆଇ.ଏ ସ୍ପଷ୍ଟ କରିସାରିଛି । ଭାରତର ୧୦ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ରାଷ୍ଟ୍ରୀୟ ତଦନ୍ତକାରୀ ଏଜେନ୍ସି, ଏନ୍.ଆଇ.ଏ ପକ୍ଷରୁ ଚଢ଼ାଉ କରାଯାଇ ୫୦ରୁ ଅଧିକ ଦଲାଲଙ୍କ ଗିରଫଦାରୀ ପରେ ଅବୈଧ ଅନୁପ୍ରବେଶ ପ୍ରକ୍ରୀୟା ଜାରି ରହିଛି ବୋଲି ସ୍ପଷ୍ଟ ହୋଇଛି । ଏନ୍.ଆଇ.ଏ ମଧ୍ୟ ଆହୁରି ଅଧିକ ତଥ୍ୟ ଦେବାକୁ ଯାଇ କହିଛି ଯେ, ଅନୁପ୍ରବେଶ କରାଉଥିବା ଦଲାଲ୍‌ଙ୍କର ନେଟୱାର୍କ ସାରା ଦେଶରେ କାର୍ଯ୍ୟ କରୁଛି ଏବଂ ବହୁ ଦ୍ରୁତଗତିରେ ଗତିଶୀଳ ମଧ୍ୟ ହେଉଛି । ତ୍ରିପୁରା, ଆସାମ, ବେଙ୍ଗଲ, ଓଡ଼ିଶା, କର୍ଣ୍ଣାଟକ, ତାମିଲ୍‌ନାଡୁ, ତେଲେଙ୍ଗାନା, ହରିଆନା, ରାଜସ୍ଥାନ, ପଣ୍ଡିଚେରୀର ୫୫ଟି ସ୍ଥାନରେ ଚଢ଼ାଉ ବେଳେ ଏନ୍.ଆଇ.ଏକୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମିଳିଛି । ଦଲାଲଙ୍କ ଠାରୁ ବହୁ ନକଲି ଆଧାର, ପ୍ୟାନ୍‌କାର୍ଡ଼ ସହିତ ପରିଚୟ ସମ୍ପର୍କୀତ ଅନ୍ୟାନ୍ୟ ବହୁ କାଗଜପତ୍ର ମଧ୍ୟ ଏନ୍.ଆଇ.ଏକୁ ମିଳିଛି ବୋଲି ଏନ୍.ଆଇ.ଏ ପକ୍ଷରୁ ତଥ୍ୟ ରଖାଯାଇଛି । ଜମ୍ମୁକାଶ୍ମୀର ଠାରୁ ରାଜସ୍ଥାନ ଏପରିକି ଦକ୍ଷିଣ ଭାରତ ପର୍ଯ୍ୟନ୍ତ ଅବୈଧ ଅନୁପ୍ରବେଶକାରୀଙ୍କୁ ବିଭିନ୍ନ ସ୍ଥାନରେ ପରିଚୟ ପତ୍ର ସହ ଥଇଥାନ କରିବାରେ ସଫଳତା ଦଲାଲମାନଙ୍କ ହାତ କେତେ ଦୂର ଲମ୍ବିଛି ବୋଲି ମଧ୍ୟ ପ୍ରମାଣିତ କରୁଛି । ଏକ ବଳିଷ୍ଠ ନେଟୱାର୍କ ଏକ୍ଷେତ୍ରରେ ତୀବ୍ରଗତିରେ ଚାଲିଛି ବୋଲି ସୂଚନା ଦେଉଛି ।

ବାଙ୍ଗଲାଦେଶୀ ଅବୈଧ ଉପାୟରେ ଭାରତ ମଧ୍ୟକୁ ଅକ୍ଳେଶରେ ଅନୁପ୍ରବେଶ କରାଇ ଆସାମ ବେଙ୍ଗଲ ପରେ ଜାମ୍ମୁ-କାଶ୍ମୀର ଠୁ ହାଇଦ୍ରବାଦ, ଚେନ୍ନାଇ ପର୍ଯ୍ୟନ୍ତ ଦଲାଲମାନେ ଅବସ୍ଥାପିତ କରାଇ ପାରୁଛନ୍ତି । ଏଥିରୁ ସ୍ପଷ୍ଟ ଭାବେ ଅନୁମାନ କରିହେବ ଯେ, ଏଥିରେ ଏକ ବିରାଟ ବଡ଼ ଦଲାଲ ନେଟୱାର୍କ ରହିଛି । ଏମାନଙ୍କୁ ଏପ୍ରକାର ନାଗରିକତ୍ୱ ପ୍ରଦାନ କରି ଏଠାକାର ରାଜନୀତିରେ ପ୍ରବେଶ କରାଇବା ସହ ସରକାର ଗଠନ କ୍ଷେତ୍ରରେ ଭୋଟ୍ ବ୍ୟାଙ୍କ ରୂପେ କାର୍ଯ୍ୟ କରୁଛି ଓ ପ୍ରଶାସକଙ୍କର ମଧ୍ୟ ପ୍ରଚ୍ଛଦ ହାତ ରହିଛି ବୋଲି ଧରିବାକୁ ହେବ । ଫଳରେ ଭାରତୀୟ ରାଜନୀତିରେ ହଇଚଇ ସୃଷ୍ଟି କରିବା ପଛରେ ଏମାନଙ୍କର ପ୍ରମୂଖ ଭୂମିକା ରହୁଛି ।

ଜାତୀୟ ରାଜନୀତି ସହ ଜାତୀୟ ସମ୍ବଳ ଓ ଜାତୀୟ ସୁରକ୍ଷା କ୍ଷେତ୍ରରେ ଅବୈଧ ଅନୁପ୍ରବେଶକାରୀଙ୍କ ପାଇଁ ବହୁ କୁପ୍ରଭାବ ପଡୁଛି । ଜାତୀୟ ସମ୍ବଳରେ ଏମାନେ ଭାଗିଦାର ସାଜୁଛନ୍ତି । ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟକଳାପରେ ଏମାନଙ୍କ ଭୂମିକା ଜାତୀୟ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଛି । ବିଦେଶରୁ ଆସୁଥିବା ବ୍ରାଉନ୍ ସୁଗାର, ଚରସ୍ ପରି ନିଶାଦ୍ରବ୍ୟର ବାହାକ ସାଜୁଛନ୍ତି ଏହି ଅନୁପ୍ରବେଶକାରୀ ବାଙ୍ଗଲାଦେଶୀ । ଯାହାର ମାତ୍ରାଧିକ ଘଟଣା ବିଗତ ଦିନରେ ଘଟିସାରିଛି ଏବଂ ପ୍ରମାଣ ମଧ୍ୟ ଦେଉଛି । ହରିଆଣାରେ ଘଟିଯାଇଥିବା ସାମ୍ପ୍ରଦାୟିକ ହିଂସାରେ ରୋହିଙ୍ଗ୍ୟା ଅବୈଧ ଅନୁପ୍ରବେଶକାରୀଙ୍କ ହାତଥିବାର ସ୍ପଷ୍ଟ ସୂଚନା ମିଳିଛି । ଦିଲ୍ଲୀ ଦଙ୍ଗାରେ ମଧ୍ୟ ଏମାନଙ୍କ ହାତ ରହିଥିବା ଆଶଙ୍କା କରାଯାଉଛି । ଏହି ଜାତିର ଅବୈଧ ଅନୁପ୍ରବେଶକାରୀଙ୍କ ପ୍ରକୃତ ସଂଖ୍ୟା କେତେ ତାହା କହିବା ଅସମ୍ଭବ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା କେତେ ତାହା କହିବା ଅସମ୍ଭବ । ବାଙ୍ଗଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ୧ କୋଟି ପାଖାପାଖି କୁହାଯାଉଥିବା ବେଳେ ରୋହିଙ୍ଗ୍ୟାଙ୍କ ସଂଖ୍ୟା ୫୦ ରୁ ୭୦ ହଜାରୁ ଅଧିକ ବୋଲି କୁହାଯାଇଛି । ମିଆଁମାରରୁ ସିଧା ଆସି କିମ୍ବା ବାଙ୍ଗଲାଦେଶ ଦେଇ ଭାରତ ମଧ୍ୟରେ ଅବୈଧ ଭାବେ ବସବାସ କରୁଥିବା ଏହି ଜାତି ଭାରତ ପାଇଁ ବିପଦ । ମିଆଁମାର ଦେଇ କିଛିଦିନ ତଳେ କିଛି ଚୀନ ଆଦିବାସୀ ସମ୍ପ୍ରଦାୟ ଲୋକ ମିଆଁମାର ବାଟରେ ଆସି ମିଜୋରାମ୍‌ରେ ବସବାସ କରୁଥିବା ସୂଚନା ଏନ୍.ଆଇ.ଏ ପାଖରେ ରହିଛି । ମିଆଁମାର ଦେଇ ବହୁ ଚୀନି, କୁକି ସମ୍ପ୍ରଦାୟର ଲୋକ ଅବୈଧ ଅନୁପ୍ରବେଶକାରୀଙ୍କ ଏକ ବଡ଼ ସଂଖ୍ୟା ମଣିପୁରରେ ମଧ୍ୟ ରହିଛନ୍ତି । ତେଣୁ ଜାତୀୟ ସୁରକ୍ଷା କ୍ଷେତ୍ରରେ ଏମାନଙ୍କର ଉପସ୍ଥିତି ଏକ ବଡ଼ ବିପଦ ସୃଷ୍ଟି କରିବାର ଆଶଙ୍କା ରହୁଛି । ଅବୈଧ ଅନୁପ୍ରବେଶକାରୀଙ୍କ ହାତ ମଣିପୁର ହିଂସାରେ ରହଛି ବୋଲି ମଧ୍ୟ ରିପୋର୍ଟ ଆସୁଛି । ସେ ବାଙ୍ଗଲାଦେଶୀ ହୁଅନ୍ତୁ ବା ରୋହିଙ୍ଗ୍ୟା ହୁଅନ୍ତୁ ବା ଶରଣାର୍ଥୀ ଏମାନଙ୍କୁ ନିଜନିଜ ଦେଶକୁ ପଠାଇବା ଭାରତ ସରକାରଙ୍କ ପାଇଁ ଏତେ ସହଜ ବ୍ୟାପାର ନୁହେଁ । ଯେତେବେଳେ ଏମାନଙ୍କୁ ନିଜନିଜ ଦେଶକୁ ପଠାଇବା ପ୍ରସ୍ତାବ ଆଲୋଚନାକୁ ଆସୁଛି ସେତେବେଳେ ସେହି ଆଲୋଚନା ଅଧାରୁ ସ୍ଥଗିତ ରହୁଛି । ଅନ୍ୟପକ୍ଷରେ ଯେତେବେଳେ ଏହି ପ୍ରସଙ୍ଗ ବା ଦାବି ଉଠୁଛି ସେତେବେଳେ ଆମେରିକା ଓ ୟୁରୋପ ଅବସ୍ଥାପିତ କେତେକ ମାନବାଧିକାର ସଂଗଠନ ପକ୍ଷରୁ ଘୋର ବିରୋଧୀ ସ୍ୱର ଉଠୁଛି । ଅବୈଧ ଅନୁପ୍ରବେଶକାରୀଙ୍କୁ ରୋକିବାକୁ ହେଲେ ସୀମାରେ ଥିବା ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାର ଆବଶ୍ୟକତା ରହିଛି । ଅନୁପ୍ରବେଶକାରୀ ପ୍ରବେଶ ପ୍ରତି ଅଧିକ ଦୃଷ୍ଟିଦେବା ଦରକାର ଯେପରି ଏହାର ସଂଖ୍ୟା ଆଉ ନବଢେ । ଅନ୍ୟପକ୍ଷରେ ମାନ୍ୟବର ସୁପ୍ରିମପୋର୍ଟ ମାଗିଥିବା ରିପୋର୍ଟ ପଇଠ କରିବା ବା କମ୍ପ୍ଲାଏ କରିବା ଭାରତ ସରକାରଙ୍କ ପକ୍ଷେ ଏକ କଷ୍ଟସାଧ୍ୟ କାର୍ଯ୍ୟ । ତେଣୁ ୨୦୧୮ ଏବଂ ବିଗତରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ସମ୍ପର୍କରେ ହାସଲ କରାଯାଇଥିବା ରିପୋର୍ଟ ଆଧାରରେ ହିଁ ଆନୁମାନିକ ଆକଳନ କରି କୋର୍ଟକୁ ସନ୍ତୁଷ୍ଟ କରିବ, ନଚେତ୍ ଏନ୍.ଆଇ.ଆରର ସମୀକ୍ଷା ରିପୋର୍ଟ ଉପରେ ଭାରତ ସରକାରଙ୍କୁ ନିର୍ଭର କରିବାକୁ ପଡ଼ିବ । କାରଣ ଏମାନଙ୍କ ଉପସ୍ଥିତି ଦିଲ୍ଲୀ ଦଙ୍ଗା ଦେଇ ମଣିପୁର ଅବା ପଞ୍ଜାବରେ ସେମାନଙ୍କ ସହଯୋଗ ଜାତୀୟ ସୁରକ୍ଷା ପ୍ରତି ବିପଦ ।

# ବହି : ଏକ ଦରଦୀ ବନ୍ଧୁ



ଭାସ୍କର ବାରିକ୍
ବାସୁଦେବପୁର, ଭଦ୍ରକ
ମୋ: ୯୪୩୭୩୨୦୩୫୦

ମିଳିମିଶି ଚଳୁଥିବା ସମ୍ପର୍କରେ ଟିକେ ମନାନ୍ତର ମତାନ୍ତର ହେଲେ, ଭାଇ ମାଗିପାରେ ଭାଗ, ଭାଙ୍ଗିଯାଏ ରକ୍ତ ସମ୍ପର୍କର ସେତୁବନ୍ଧ । ସାଙ୍ଗର ସ୍ୱାର୍ଥରେ ବାଧା ଆସିଲେ ସେ ଅନ୍ତରଙ୍ଗ ବନ୍ଧୁର ବେକରେ ଲଗେଇ ପାରେ ବନ୍ଧୁକ । ଅଫିସ୍ କାମରେ ଟିକିଏ କେଉଁଠି ଭୁଲ୍ ହେଇଗଲେ, ଉପରିସ୍ଥ ଅଧିକାରୀଙ୍କ ପାଖରୁ ଶୁଣିବାକୁ ପଡ଼େ କେତେ କଡ଼ା କଥା । ମିଳିପାରେ ଅନ୍ୟ କିଛି ଦଣ୍ଡ । ନିଜର ସ୍ତ୍ରୀ ପିଲାମାନଙ୍କର ଅଭାବ ଅସୁବିଧା ପୂରଣ ନହେଲେ, ସେମାନେ ଅସନ୍ତୋଷ ଦେଖେଇ ପାରନ୍ତି । ସବୁଠି ସ୍ୱାର୍ଥର ବହ୍ନି । କିନ୍ତୁ ବହି ଏକ ଅକପଟ ଦରଦୀ ବନ୍ଧୁ ଯାହା କେବଳ ଦେଇ ଶିଖିଛି, ନେଇ ଶିଖିନି । ଗଢ଼ିବା ଶିଖିଛି, ସତ୍ୟ, କଳାସଂସ୍କୃତି, ସଭ୍ୟତାର ମହନୀୟତାକୁ ଧରି ରଖି ଜାଣିଛି । ସ୍ୱାର୍ଥପରତା ନୁହେଁ, ସମ୍ବେଦନଶୀଳତା ବାର୍ତ୍ତାର ମହକରେ ମହକେଇବା ମନ୍ତ୍ର ବାଣ୍ଟିବା ଜାଣିଛି । ବହି ଶିଖେଇବା ଶିଖିଛି, ଭଲପାଇବା ଦେଇ ଜାଣିଛି, ହୃଦୟରେ ଥିବା ମହଣ ମହଣ ଦୁଃଖକୁ ଭୁଲେଇବା ଜାଣିଛି, ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇ ବି ଜାଣିଛି । ବିଶିଷ୍ଟ କବି ଲେଖକମାନଙ୍କ କଲମରୁ ଝରୁଥିବା ଶବ୍ଦର ଶକ୍ତି ଏତେ ଶକ୍ତିଶାଳୀ ଯାହା ଆଣିପାରେ ସମାଜରେ ବିରାଟ ପରିବର୍ତ୍ତନ । ମାରିଦେଇ ପାରେ ସମାଜରେ ପ୍ରଚଳିତ ଘୃଣ୍ୟ ବ୍ୟବସ୍ଥାକୁ । ମଣିଷ ମନରେ ଭରିଦେଇ ପାରେ ଶତସିଂହର ବଳ । ଆଖିର ଲୁଣିଆ ଲୁହ ଟୋପାକୁ ଶୁଖେଇ ଓଠରେ ଭରି ଦେଇପାରେ ଚେନାଏ ହସ । ସାହିତ୍ୟ ଓ ବହି ପେଟ ପୂରେଇ ପାରେନି ସତ କିନ୍ତୁ ମନ ହୃଦୟରେ ଶାନ୍ତି ଆଣିଦିଏ ।

ମରୁଭୂମିର ଡହ ଡହ ତତଲା ବାଲିରେ ସାହିତ୍ୟିକ ମାନେ ଫୁଟେଇ ପାରନ୍ତି ହଜାରେ ଗୋଲାପର ବଗିଚା । ମହାସାଗରର ଉତ୍ତାଳ ଢେଉରେ ଦେଖି ପାରନ୍ତି ରୂପସୀ ନାୟିକାର ଛନ୍ଦାୟିତ ଚାଲି । କଳ୍ପନାର ଇଲାକାରେ ଗଢି ଦେଇ ପାରନ୍ତି ବିଶ୍ୱାସର ବିରାଟ କଳ୍ପବଟ । ଧୋକାର ଧକ୍କା , ଶଠତା, ଛଳନା, କ୍ରୂରତା, ପଶୁତ୍ୱର ଭୟଙ୍କର ଘୂର୍ଣ୍ଣିଝଡ଼, ବିଶ୍ୱାସଘାତକତା ସେମାନଙ୍କ କଲମକୁ ଅଟକେଇ ପାରେନି ବରଂ ଜଣେ ସାହିତ୍ୟିକ ଏହିସବୁ କଦର୍ଯ୍ୟ କଦାକାର ଗୁଣର ସମାଧି ତିଆରି କରିପାରେ କଲମ ମୁନରେ । ସମଗ୍ର ବିଶ୍ୱରେ ବୁଣି ଦେଇ ପାରେ ମାନବବାଦ ମହାମନ୍ତ୍ରର ମଞ୍ଜି । ନିରୋଳାରେ ହାତରେ ଖଣ୍ଡିଏ ଭଲ ବହି ଧରି ପଢ଼ି ବସିଲେ, ଯେଉଁ ଖୁସି ମିଳେ, ସେ ଖୁସିର ଅନୁଭବକୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ । କୌଣସି ବିଶିଷ୍ଟ ବ୍ୟକ୍ତି ବା ମହାପୁରୁଷଙ୍କ ଜୀବନୀ ହେଉ, ଆତ୍ମଜୀବନୀ ହେଉ, ଭଲ ଗଳ୍ପ, ପ୍ରବନ୍ଧ, ଉପନ୍ୟାସ, କବିତା ହେଉ ବା ନାଟକ ହେଉ, ସବୁଥିରେ ଭରି ରହିଥାଏ ସମାଜ ପାଇଁ କିଛି ନା କିଛି ବାର୍ତ୍ତା । ନୀଳ ମାଷ୍ଟ୍ରାଣୀ, ବୁଢ଼ା ଶଙ୍ଖାରୀ, ଶେଷ ବସନ୍ତର ଚିଠି, ଭଳି ଅନବଦ୍ୟ ଗଳ୍ପର ରଚୟିତା ମରି ବି ଅମର । କାଳିଜାଇରେ ସନ୍ଧ୍ୟା, ରାମଚଣ୍ଡୀରେ ସନ୍ଧ୍ୟା, ଆଜି ବି ମନେ ପଡ଼ିଲେ, ଏକ ଭିନ୍ନ ପ୍ରକାରର ଅନୁଭବ ଆସେ ମନରେ । The Last Girl, Autobiography of a Yogi, Our Moon has Blood Clots, An Apprenticed to a Himalayan Master, War and Peace, The Cherry Orchard,The Old Man and the Sea, A passage to India,Who will Cry When You die (the list is endless) ଭଳିଆ ଖଣ୍ଡେ ବହି ମଣିଷର ସମଗ୍ର ସତ୍ତାକୁ ଦୋହେଲେଇ ଦେବାର କ୍ଷମତା ରଖେ । ଏମିତି ବହିଟିଏ ଧରି ବସିଲେ, ନସରିବା ପର୍ଯ୍ୟନ୍ତ ଆପେ ଆପେ ଭୋକ ଶୋଷ ଭୁଲି ହେଇଯାଏ ।

ଓଡ଼ିଆ ସାହିତ୍ୟରେ, ଫକୀର ମୋହନ ସେନାପତି, ମଧୁସୁଦନ ରାୟ, ନନ୍ଦକିଶୋର ବଳ, ଗଙ୍ଗାଧର ମେହେର, ଉପେନ୍ଦ୍ର ଭଞ୍ଜ, କବିବର ରାଧାନାଥ ରାୟ, ଉତ୍କଳମଣି ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଞ୍ଚସଖା ଯୁଗର ସମସ୍ତ ବରେଣ୍ୟ ସ୍ରଷ୍ଟା, ଗୋପିନାଥ ମହାନ୍ତି, ରାଧାମୋହନ ଗଡ଼ନାୟକ, ବିନୋଦ ନାଏକ, ରବି ସିଂ, ବିଭୂତି ପଟ୍ଟନାୟକ, ପ୍ରତିଭା ରାୟ, ମନୋଜ ଦାସ, ଫନୀ ମହାନ୍ତିଙ୍କ ଭଳି ଅନେକ ମାନ୍ୟଗଣ୍ୟଙ୍କ କଲମରୁ ଝରିଥିବା ସୁନ୍ଦର ଲେଖା ମନ ହୃଦୟକୁ ଶାନ୍ତି ଦିଏ । ଏମିତି ବଶିଷ୍ଠ ବରେଣ୍ୟ ସାହିତ୍ୟିକ ମାନଙ୍କର ତାଲିକା ଖୁବ୍ ଲମ୍ବା ।

ବହିର ନୀରବ ଶବ୍ଦମାନଙ୍କ ଭିତରେ ଲୁଚି ରହିଥାଏ ପ୍ରଚଣ୍ଡ ଜ୍ଞାନର ଶବ୍ଦ । ବହିରେ ବର୍ଣ୍ଣିତ ହସ ଖୁସି, ମିଳନ ବିଚ୍ଛେଦ, ଲୁହ, ଆତ୍ମୀୟତା, ଚାଲିଚଳନ, ବିଶ୍ୱାସ ଅବିଶ୍ୱାସ ଭିତରେ ସଂଘର୍ଷ, ବିଜୟ ପରାଜୟର ଅନୁଭବ, ସାମାଜିକ ରୀତିନୀତି, ପ୍ରଥା ପରମ୍ପରା ଭଲପାଇବା, ସମ୍ବେଦନଶୀଳତା, ଆନ୍ତରିକତା, ସଭ୍ୟତାର ସଂଯୋଗ, କଳା ସଂସ୍କୃତି ସଂସ୍କାରର ପ୍ରବହମାନ ଧାରା ଆନମନା କରେ ପାଠକଙ୍କୁ । ବେଳେ ବେଳେ ପାଠକଙ୍କୁ ଲାଗେ ସତେ ଯେମିତି ବହିଟିର ନାୟକ ବା ନାୟିକା ସେ ନିଜେ । ପଢୁପଢୁ କେବେ ପାଠକର ନିଜର ଅଜାଣତରେ ଆଖିରୁ ଦୁଇଟୋପା ଲୁହ ଗଡ଼ିପଡେ ପୁଣି କେବେ ଓଠରୁ ଝରେ ହସ । ଅତ୍ୟାଧୁନିକ ଯୁଗରେ ସୋସିଆଲ ମିଡ଼ିଆ, ୟୁଟ୍ୟୁବ ଆଦିରୁ ଜ୍ଞାନ ଆହରଣ କରିବାରେ କିଛି ଅସୁବିଧା ନାହିଁ । କିନ୍ତୁ ବହିର ସ୍ଥାନ କେବେ ସୋସିଆଲ ମିଡ଼ିଆ ପୂରଣ କରିପାରିବ ନାହିଁ । ଆଜିକାଲି ପିଲାଙ୍କ ଭିତରେ ପାଠ୍ୟପୁସ୍ତକ ବ୍ୟତୀତ ଅନ୍ୟ କୌଣସି ବହି ପଢ଼ିବା ପ୍ରତି ଆଗ୍ରହ କମିଯାଉଛି ବୋଲି ଅନେକ ବିଜ୍ଞ ଲୋକ ମତ ଦିଅନ୍ତି । କେତେକାଂଶରେ ଏଇଟା ଠିକ୍ । କ'ଣ କଲେ ଯୁବପିଢିଙ୍କ ଭିତରେ ବହି ପଢ଼ିବା ପ୍ରତି ଆଗ୍ରହ ବଢ଼ିବ, ସେ ବିଷୟରେ ଚିନ୍ତାଶୀଳ ବିଜ୍ଞ ଲୋକ ଓ ନେତୃମଣ୍ଡଳୀ ଚିନ୍ତା କରିବାର ଆବଶ୍ୟକତା ରହିଛି । ପାଠକ ବଢ଼ିଲେ, ବହି ଓ ସାହିତ୍ୟ ବଞ୍ଚିବ ଓ ସଭ୍ୟତାର ବିକାଶ ଓ ସୁରକ୍ଷା ଦିଗରେ ଏହାର ନିଶ୍ଚିତ ପ୍ରଶଂସନୀୟ ଓ ଉଲ୍ଲେଖନୀୟ ଅବଦାନ ରହିବ । ଏବେ ଚିନ୍ତା କରିବା ବହି ଭଳି ଦରଦୀ ବନ୍ଧୁକୁ ଆମେ କୋଳେଇ ନେଇ ପ୍ରଜ୍ଞାର ପାରିଜାତ ଫୁଟେଇବା ନା ଆଡେଇ ଦେଇ ନିଜର ତଥା ନିଜ ଭବିଷ୍ୟତ ପିଢ଼ିଙ୍କୁ ଅଜ୍ଞତାର ଏକ ଭିନ୍ନ ଇଲାକା ଆଡ଼କୁ ବାଟ ଦେଖେଇବା ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ବାଲିଚନ୍ଦ୍ରପୁର (ଭାସ୍କର ନ୍ୟୁଜ): ଅର୍ଥନୀତି ବିଶାରଦ, ବିକଶିତ ଭାରତ ବର୍ଷର ଜନକ ପୂର୍ବ ପ୍ରଧାନମନ୍ତ୍ରୀ ଡ଼.ମନମୋହନ ସିଂହଙ୍କ ବିୟୋଗରେ ବଡ଼ଚଣା କଂଗ୍ରେସ ଦଳ ତରଫରୁ ଏକ ଶୋକ ସଭା ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀଙ୍କ ଅଧ୍ୟକ୍ଷତାରେ ବାଲିଚନ୍ଦ୍ରପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ ଯୋଗଦେଇ ମନମୋହନ ସିଂହଙ୍କ ଭାରତ ବର୍ଷପ୍ରତି ଅବଦାନ ସବୁଦିନ ପାଇଁ ଏ ଜାତି ମନେରଖିବାକୁ ବାଧ ହେବ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସରପଞ୍ଚ ଦେବେନ୍ଦ୍ର କୁମାର ସାମଲ, ବିଳାସ ଚନ୍ଦ୍ର ବାରିକ, ସେକ୍ ରିଆସତ ଅଲ୍ଲି, ଅଜୟ କୁମାର ଜେନା, ପ୍ରାକ୍ତନ ସମିତି ସଭ୍ୟ ରମେଶ ଚନ୍ଦ୍ର ଗଡ଼ନାୟକ, ସେକ୍ ଅବଦୁଲା ମଜିଦ, ବଟକୃଷ୍ଣ ଦାସ, ବିଶ୍ୱ ପ୍ରକାଶ ସାମଲ, ଶ୍ରୀକାନ୍ତ କୁମାର ମଲ୍ଲିକ, ଅଶୋକ କୁମାର ରାଉତ, ସଂଜୟ କୁମାର ରାୟ, ସନ୍ତୋଷ କୁମାର ପରିଡ଼ା, ସାମ୍ବାଦିକ ସେକ୍ ଇକବାଲ ହୁସେନ୍ଙ୍କ ସମେତ ବହୁ କର୍ମୀଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



### ନିମାପଡ଼ା ମହୋତ୍ସବ ଉଦ୍‌ଯାପିତ

# ସଲିମ୍-ସୁଲେମାନଙ୍କ ଗୀତରେ ଦର୍ଶକ ମତୁଆଲା




ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ୨୪ତମ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବ ଆରମ୍ଭରୁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ମନମୋହନ ସିଂହ ଜଣେ ଦକ୍ଷ ରାଜନୀତିଜ୍ଞ ଥିଲେ। ତାଙ୍କରି ଉଦ୍ଦେଶ୍ୟରେ ହଜାର ହଜାର ସଂଖ୍ୟକ ଜନସାଧାରଣଙ୍କ ସମେତ ନିମାପଡ଼ା ମହୋତ୍ସବ କମିଟି, ହେଲ୍ପ ଲାଇନ, ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ହେଲ୍ପ ଲାଇନ୍ ସଭାପତି ଅକ୍ଷୟ କୁମାର ସାହୁ, ଏନ୍‌ଏମ୍ ଗ୍ରୁପ୍ ନିର୍ଦ୍ଦେଶିକା ରୀଚା ପରିଡ଼ା, ପୂର୍ବତନ ହେଲ୍ପ ଲାଇନ ସଂପାଦକ ପ୍ରତାପ ପାତ୍ର, ସଂପାଦକ ମହୋତ୍ସବ କମିଟି ନିଗମାନନ୍ଦ ସାହୁ, ଏନ୍‌ଏମ୍ ଗ୍ରୁପ୍‌ର ଅନୁପ ଦାସ ପ୍ରମୁଖ ଯୋଗଦେଇ ଉଦ୍‌ଯାପନ କରିଛନ୍ତି। ତିନିଦିନ ବ୍ୟାପି ଚାଲିଥିବା ମହୋତ୍ସବ କମିଟି ସରି ଯାଇଥିଲେ ମଧ୍ୟ ଅନେକ ଅଭୁଲା ସ୍ମୃତି ରଖି ଯାଇଛି। ଉଦ୍‌ଯାପନୀ ଦିବସରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହୋତ୍ସବ କମିଟି ସଭାପତି ପ୍ରଭାତି ପରିଡ଼ା ରାଷ୍ଟ୍ରୀୟ ଶୋକ କାରଣରୁ କାର୍ଯ୍ୟକ୍ରମରେ ଯୋଗ ଦେଇ ନଥିଲେ। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ମହୋତ୍ସବ ୩ ଦିନ ଧରି ଚାଲିଥିବା ବେଳେ ମହୋତ୍ସବ କମିଟି ହେଲ୍ପ ଲାଇନ୍, ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ସୂଚାରୁ ରୂପେ କାର୍ଯ୍ୟ ସଂପାଦନା କରାଯାଇଥିଲା। ଏହି ମହୋତ୍ସବକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚି ପାରିଛି। ଏହି ଉଦ୍‌ଯାପନୀ ଦିବସରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହୋତ୍ସବ କମିଟି ସଭାପତିଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ବେଶ୍ ଉଚ୍ଚକୋଟୀର ହୋଇପାରିଥିଲା। ବଲିଉଡ୍ ସିଙ୍ଗର ସଲିମ୍-ସୁଲେମାନଙ୍କ ଦ୍ୱାରା ଗୀତକୁ ୧୫ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପଭୋଗ କରିଥିଲେ। ଉପସ୍ଥାପିକା ସ୍ୱପ୍ନା ମିଶ୍ରଙ୍କ ଦ୍ୱାରା ଉପସ୍ଥାପନା ଉଚ୍ଚକୋଟୀର ହୋଇପାରିଥିଲା। ଶୀତୁଆ ସଂଧ୍ୟାର ଏହି ସଂଗୀତକୁ ଦୀର୍ଘ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ଦର୍ଶକ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା କାର୍ଯ୍ୟକର୍ତ୍ତାଙ୍କୁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡ଼ା ଧନ୍ୟବାଦ ଦେଇଛନ୍ତି। ନିମାପଡ଼ା ମହୋତ୍ସବ ଚଳିତ ବର୍ଷ ଏକ ଭିନ୍ନ ସ୍ୱାଦର ମହୋତ୍ସବ ଥିବା ବେଳେ ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ବହୁ ସଂଖ୍ୟକ ଜନସାଧାରଣଙ୍କୁ ଦେଖିବାକୁ ମିଳିଥିଲା। ଏହି ମହୋତ୍ସବରେ ବିଭିନ୍ନ ଷ୍ଟଲ୍, ବିଭିନ୍ନ ସ୍କୁଲ ପକ୍ଷରୁ ପାଠ୍ୟ ପୁସ୍ତକ, ମୀନା ବଜାର ଦେଖିବାକୁ ମିଳିଥିଲା। ମହୋତ୍ସବ କମିଟି ହେଲ୍ପ ଲାଇନ ଓ ରାଜ୍ୟ ସଂସ୍କୃତି ବିଭାଗ, ନିମାପଡ଼ା ଆରକ୍ଷୀ ବାହିନୀ, ସ୍ୱାସ୍ଥ୍ୟ ବିଭାଗ, ବିଜ୍ଞାପିତ ପରିଷଦ ଅଂଚଳ ସମେତ ସମସ୍ତ ସରକାରୀ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛି। ବିଶେଷକରି, ଗଣମାଧ୍ୟମର ଭୂମିକାକୁ ମଧ୍ୟ ସାଧୁବାଦ ଦିଆଯାଇଛି। ଆଗାମୀ ବର୍ଷରେ ନିମାପଡ଼ା ମହୋତ୍ସବ ଆହୁରି ଉଚ୍ଚକୋଟୀର ହୋଇପାରିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି।

## ତହସିଲଦାରଙ୍କୁ ବିଜେଡିର ଦାବିପତ୍ର



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ): ଦୁଇ ଦୁଇ ଥର ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ବଜ୍ରକୋଟ, ରାମଲେଙ୍କା, ମାଲୁଦ, ବୁଦ୍ଧିବର, ସିଆଳ ସିଆଣ୍ଡି, ତିତିପ ଓ ବଡଝଡ଼ ପଞ୍ଚାୟତରେ ବ୍ୟାପକ ଭାବେ ଖରିଫ ଧାନ ଓ ରବି ଚିନାବାଦାମ ମୁଗ କୋଳଥ ବିରି ପନିପରିବା ଫସଲ ବ୍ୟାପକ ପରିମାନରେ କ୍ଷୟ କ୍ଷତି ଘଟିଛି। ତାହାର ଆଜି ପର୍ଯ୍ୟନ୍ତ ସଠିକ କ୍ଷତି ଆକଳନ ନିମନ୍ତେ ଆଜି କୃଷ୍ଣପ୍ରସାଦ ବିଜୁ ଜନତା ଦଳ ତରଫରୁ ଏକ ଦାବିପତ୍ର ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ବ୍ଲକ ଅଧକ୍ଷା ସରୋଜିନୀ ତରେଇ, ରାମଲେଙ୍କା ସରପଞ୍ଚ ସବିତା ବିଶ୍ୱାଳ, ଯୁବ ନେତା ଦିଲ୍ଲୀପ ରାଣସିଂହ ପ୍ରମୁଖ ଶତାଧିକ ବିଜୁ ଜନତା ଦଳ କର୍ମୀ ଓ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ପଞ୍ଚାୟତ ଜନ ପ୍ରତିନିଧି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ଏରସମା (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୭ଟି ପଞ୍ଚାୟତର ଜନ ପ୍ରତିନିଧି ଓ ଚାଷୀ ମାନଙ୍କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବାଲିତୁଠ ପଞ୍ଚାୟତର ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏରସମା ବ୍ଲକ ଉପାଧକ୍ଷ ବିକାଶ କୁମାର ପରିଡ଼ା, ଚଟୁଆ ସରପଞ୍ଚ ପ୍ରକାଶ ଚନ୍ଦ୍ର ସୁନ୍ଦରାୟ, ଢ଼ିଙ୍କିଆ ସରପଞ୍ଚ ପିଙ୍କି ଦାସ, ବାମଦେଇପୁର ସରପଞ୍ଚ ବୈଜୟନ୍ତୀ ମହାନ୍ତି, ଗଡ଼କୁଜଙ୍ଗ ସରପଞ୍ଚ କବିତା ଦାସ, ନୂଆଗାଁ ସରପଞ୍ଚଙ୍କ ପ୍ରତିନିଧି ସ୍ମୃତି ରଞ୍ଜନ ମନ୍ତ୍ରୀ, ବାଲିତୁଠ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଭୁ ରଞ୍ଜନ ସାମନ୍ତରାୟ, ଅଖିଳ ବଲ୍ଲଭ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ତଥା ବାଲିତୁଠ ସେବା ସମବାୟ ସମିତିର ସଭାପତି ହରିହର ଲିଙ୍ଗରାଜ ମହାନ୍ତି, ଚାଷୀ ଯଦୁନାଥ ଖଟୁଆ, ବଟକୃଷ୍ଣ ସାହୁ,ସୁବଳ ବାରିକ, ମହେନ୍ଦ୍ର ସ୍ୱାଇଁ, ଆଲୋକ ମହାନ୍ତି, କାର୍ତ୍ତିକ ଦାସ, ନିଶାକର ସେଠି, ସୁରେଶ ରାଉତ, ପ୍ରଶାନ୍ତ ମଲ୍ଲିକ, ଶରତ ସ୍ୱାଇଁ, ଶ୍ୟାମ ସୁନ୍ଦର ରାଉତ ଓ ଶଙ୍କର ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ ଚାଷୀମାନେ ଯୋଗଦେଇଥିଲେ। ଅଦିନିଆ ବର୍ଷାରେ ନଷ୍ଟ ହୋଇଥିବା ଧାନ ଫସଲ ଅର୍ଥାତ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ କ୍ଷୟକ୍ଷତିର ଭରଣା ଏକର ପିଛା ୨୦ହଜାର ଟଙ୍କା ଓ ସମସ୍ତ ଚାଷୀଙ୍କର କୃଷି ଋଣ ଛାଡ଼ କରିବା ପାଇଁ ଉପସ୍ଥିତ ଜନପ୍ରତିନିଧି ମାନେ ରାଜ୍ୟ ସରକାରଙ୍କ ନିକଟରେ ଏହି ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି।

# ୧୯୮୨ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମପଞ୍ଚାୟତର ମେହେନ୍ଦିପୁରସ୍ଥିତ ଲାଲବାହାଦୁର ନୋଡାଲ ଉଚ୍ଚ ଶିକ୍ଷାଶ୍ରମର ୧୯୮୨ମାଟ୍ରିକ ବ୍ୟାଚ ଶିକ୍ଷାର୍ଥୀମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ତରାପୁର ଶାରଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଶିକ୍ଷକ ଅକ୍ଷୟ କୁମାର ଦାଶ ଓ ୪୦ ଜଣ ଶିକ୍ଷାର୍ଥୀ ଯୋଗଦେଇ ଏକ ଆଲୋଚନା ଚକ୍ର ଓ ସାମୁହିକ ଭୋଜି କରିଥିଲେ। ବନ୍ଧୁ ବାବାଜୀ ଚରଣ ମହାନ୍ତି ଗାୟତ୍ରୀ ମନ୍ତ୍ର ପାଠ କରି ବାଖ୍ୟା କରିବା ସହ ଗୋଲକ ସେଠୀ ଓ ନୃସିଂହ ରାଉତ ସଙ୍ଗୀତ ପରିବେଷଣ କରିଥିଲେ। ବନ୍ଧୁ ସୁଧାଂଶୁ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତନୁଜ କିଶୋର ରାଉତ, ରାଜଶ୍ରୀ ଜେନା, ନିର୍ମଳ ସ୍ୱାଇଁ, ପୁଷ୍ପଲତା ବିଶ୍ୱାଳ, ମଧୁସୂଦନ ଦଳାଇ ପ୍ରମୁଖ ଉଦ୍‌ବୋଧନ ଦେଇ ତାଙ୍କ ବିଦ୍ୟାଳୟକାଳୀନ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପ୍ରତିବର୍ଷ ଏହି ବନ୍ଧୁମିଳନ ପରମ୍ପରାକୁ ବଜାୟ ରଖି ସମସ୍ତ ବନ୍ଧୁମାନଙ୍କୁ ଏଭଳି କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ କରିବାକୁ ପରାମର୍ଶ ଦିଆଯାଇଥିଲା। ଶେଷରେ ସୁଧାଂଶୁ କୁମାର ଦାସ ସମସ୍ତ ସଦସ୍ୟମାନଙ୍କର ସଦୟ ଉପସ୍ଥିତି ନିମନ୍ତେ କୃତଜ୍ଞତା ଜ୍ଞାପନ କରିଥିଲେ।

# ପିଛା ଛାଡୁନି ବର୍ଷା, ବିଲରେ ପଡ଼ିଛି ପାଚିଲା ଧାନ



ଧାମନଗର (ଭାସ୍କର ନ୍ୟୁଜ): ଧାର କରଜ କରିବା ସହ ଋଣ କରି ଚାଷୀ କେତେ ଆଶାରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଚାଷ କରିଥିଲା। ବର୍ଷକ ପାଇଁ ମଧ୍ୟ ରୋଜଗାରର ଅର୍ଥ ଆସି ଥାଆନ୍ତା। ପରନ୍ତୁ ନିକଟରେ ଦାନା ବାତ୍ୟା ଚାଷୀର ଅଧା ଦାନା ଛଡାଇ ନେଯାଇଥିଲା, ଆଉ ଯାହା ପଡି ଝଡି ରହିଥିଲା ଏହି ଲଘୁ ଚାପ ବର୍ଷା ସବୁ ନଷ୍ଟ କରିଦେଲା। ଚଳିତ ବର୍ଷ ଧାମନଗର ବ୍ଲକ ଅଞ୍ଚଳରେ ୧୭୮୯୨ ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ବେଳେ ୧ ହଜାର ହେକ୍ଟର ଜମିରେ ଅଣ ଧାନ ଚାଷ ହୋଇଥିବା ଜଣାଯାଇଛି। ବଙ୍ଗୋପସାଗରରେ ଲଘୁଚାପ ପ୍ରଭାବରେ ଦୁଇ ଥର ଲଗାଣ ବର୍ଷାରେ ପାଚିଲା ଧାନ କଟା ଅବା ଅକଟା ଅବସ୍ଥାରେ କିଆରିରେ ପଡ଼ିଛି। କିଛି ଚାଷୀ ସେଥିରୁ କିଛି ଧାନ ଖଳାକୁ ଆଣିଥିବା ବେଳେ ଆଉ ସବୁ ବିଲରେ ପଡ଼ିରହି ଝିପି ଝିପି ବର୍ଷାରେ ଭିଜୁଛି। ଏହି ସମୟରେ ଦାଉ ସାଧୁଥିବା ଅଦିନିଆ ବର୍ଷା ପାଇଁ ଚିନ୍ତାରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ପାଚିଲା ଧାନ କଟା ହୋଇ ବିଲରେ ପଡି ଥିବା ବେଳେ ଲଗାଣ ବର୍ଷାରେ କଟା ଧାନ ବିଲରେ ଭାସୁଛି। ଅଧିକାଂଶ ସ୍ଥାନରେ ମଧ୍ୟ ଧାନ ଗଜା ହୋଇଗଲାଣି। ଯାହା ଋଣ କରି ଚାଷୀ ଧାନ ଚାଷ କରିଥିଲା ଧାନ ତ ନଷ୍ଟ ହେଲା ଏବେ ଚାଷୀ କେମିତି ସରକାରି ଋଣ ଶୁଝିବ ସେ ନେଇ ଚିନ୍ତାରେ ଅଛି।

# ଧର୍ମପ୍ରାଣା ମହିଳାଙ୍କ ସ୍ମୃତିଚାରଣ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ଗ୍ରାମପଞ୍ଚାୟତ ବାଣୀନଗର(ବଣୁଆସାହି) ଠାରେ ବିଶିଷ୍ଟ ଧର୍ମ ପରାୟଣା ମହିଳା ସ୍ୱର୍ଗୀୟା ପ୍ରମିଳା ରାଉତଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ କଂଗ୍ରେସ ନେତା ଇଂ ସିଦ୍ଧାର୍ଥ ସ୍ୱରୂପ ଦାଶ, ଯୁବନେତା ସଞ୍ଜୟ ବେହେରା, ପୂର୍ବତନ ସରପଞ୍ଚ ଦିଲୀପ କୁମାର ରାଉତ, ନିରଞ୍ଜନ ସାମଲ, ସିଡିପିଓ ସତ୍ୟଭାମା ବିଶୋଇ, ସମାଜସେବୀ ରଞ୍ଜିତ ଭୂୟାଁ, ସାମ୍ବାଦିକ ଅଜୟ କୁମାର ମହାନ୍ତି, ପ୍ରଫୁଲ୍ଲ କୁମାର ଦାଶ,ବଲ୍ଲଭ ଚରଣ ପଲେଇ, ରମେଶ ଚନ୍ଦ୍ର ଜେନା, ରଞ୍ଜିତ ମଲିକ, ରଶ୍ମିତା ରାଉତ, ସସ୍ମିତା ରାଉତ,ଗୌତମ ରାଉତ,ପ୍ରଶାନ୍ତ କୁମାର ନାୟକ,ଅନିଲ କୁମାର ରାଉତ, ସୁନିଲ କୁମାର ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ସ୍ୱର୍ଗୀୟା ପ୍ରମିଳାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ।

# ଚାଷୀଙ୍କ କ୍ଷୟକ୍ଷତି ନେଇ ବିଜେଡିର ଦାବିପତ୍ର

ନିଆଳି (ଭାସ୍କର ନ୍ୟୁଜ): ଲଘୁଚାପ ଜନିତ ବର୍ଷାରେ ନିଆଳି ବ୍ଲକରେ ଚାଷୀ ମାନଙ୍କ ପାଚିଲା ଧାନ ସହିତ ପନି ପରିବା କ୍ଷତିଗ୍ରସ୍ତ ହୋଇଛି। ଚାଷ ନିମନ୍ତେ ଚାଷୀ ବ୍ୟାଙ୍କରୁ ଋଣ ନେଇଥିବାରୁ ସରକାର ଚାଷୀ ମାନଙ୍କର କ୍ଷୟ କ୍ଷତି ଚିହ୍ନଟ କରି ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ନିଆଳି ବିଜୁ ଜନତା ଦଳ ପକ୍ଷରୁ ନିଆଳି ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରର ନକଲ ବ୍ଲକ କୃଷି ଅଧିକାରୀ ଓ ଉଦ୍ୟାନ ଅଧିକାରୀଙ୍କୁ ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ, ଅନ୍ତର୍ଯ୍ୟାମୀ ବଡୁ, ବିଷ୍ଣୁ ସ୍ୱାଇଁ, ତ୍ରିନାଥ ମହାନ୍ତି, ପ୍ରଦୀପ ଦାଶ, ରାଧେ ଜେନା, ପରି ବାରିକ ଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଉପସ୍ଥିତ ରହିଥିଲେ।

# ଭୁବନେଶ୍ୱରୀ କ୍ଲବ ଦ୍ୱାରା ୭ ବର୍ଷରେ ୭ ମିନି ଜଙ୍ଗଲ ସୃଷ୍ଟି



କଣ୍ଟାପଡ଼ା (ଭାସ୍କର ନ୍ୟୁଜ): ଧ୍ୱଂସର ଦ୍ୱାର ଦେଶରେ ପହଞ୍ଚିଛି ଏବେ ଜୀବଜଗତ। ଏହି ଘଡିସନ୍ଧି ମୁହୂର୍ତ୍ତରେ ପୃଥିବୀକୁ ପୁଣି ସବୁଜ ଶ୍ୟାମଳା କରି ଧ୍ୱଂସମୁଖରୁ ରକ୍ଷା କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ଯୁବ ସମାଜ। ଏହି କ୍ରମରେ ପରିବେଶ ସୁରକ୍ଷା ରୂପକ ସେତୁବନ୍ଧରେ ଗୁଣ୍ଡୁଚି ମୂଷା ଭଳି ଧୁଳି ଟିକିଏ ଝାଡି ଦେବା ପାଇଁ ପ୍ରୟାସ କରୁଛନ୍ତି କଟକ ଜିଲ୍ଲା କଣ୍ଟାପଡା ବ୍ଲକ ବ୍ରାହ୍ମଣ ସାଇଲୋ ଗ୍ରାମରେ ଥିବା ଭୁବନେଶ୍ୱରୀ କ୍ଲବର ସଦସ୍ୟ ମାନେ। ଏହି କ୍ଲବ ଦ୍ୱାରା ଗ୍ରାମରେ ବିଗତ ୭ ବର୍ଷ ମଧ୍ୟରେ ୭ଟି ମିନି ଜଙ୍ଗଲ ସୃଷ୍ଟି କରାଯାଇଛି। ୨୦୧୭ ଅଗଷ୍ଟ ୧୫ ତାରିଖରୁ ଏହି କାମ ଆରମ୍ଭ ହୋଇଥିବା ବେଳେ ଜୀବନବ୍ୟାପୀ ଗଛ ଲଗାଇ ଏହାର ସୁରକ୍ଷା କରିବା ନେଇ ପଣ କରିଛନ୍ତି ଏହି ସବୁଜ ବାହିନୀ। ପ୍ରଥମ ବର୍ଷ ଗାଁ ରାସ୍ତାର ଉଭୟ ପାର୍ଶ୍ୱରେ ଏକ କିଲୋମିଟର ବ୍ୟାପୀ ଗଛ ଲଗେଇ ଏହାକୁ ବଡ କରି ସଫଳ ହେବା ପରେ ଏହି ସବୁଜ ବାହିନୀ ଆଉ ପଛକୁ ଫେରି ନାହିଁ ନାହାନ୍ତି। ପରବର୍ତ୍ତୀ ବର୍ଷମାନଙ୍କରେ ବାଲିଖମା ପଡିଆ, ବାଳିକା ବିଦ୍ୟାଳୟ ପଛପଟ, ଗାଁ ଠାକୁରାଣୀଙ୍କ ପାଖ ଅନାବାଦି ଜମି ଏବଂ ଗାଁ ମଶାଣୀ ଓ ଦଣ୍ଡାରେ ବିନା କୌଣସି ସରକାରୀ ଓ ବେସରକାରୀ ସହାୟତାରେ ୧୦,୦୦୦ରୁ ଊର୍ଦ୍ଧ୍ୱ ଗଛ ଲଗେଇ ଏସବୁକୁ ବଡ କରି ଉଦାହରଣ ସୃଷ୍ଟି କରିଛନ୍ତି। ଚଳିତ ବର୍ଷ କ୍ଲବର ସଦସ୍ୟମାନେ ପ୍ରାୟ ୧,୦୦୦ରୁ ଊର୍ଦ୍ଧ୍ୱ ତାଳମଞ୍ଜି ସଂଗ୍ରହ କରି ପୋତିଛନ୍ତି। ଏହି କ୍ଲବର ପିଲାମାନଙ୍କର ମହତ କାମକୁ ଅନେକ ପ୍ରଶଂସା କରାଯାଉଛି।

# କଲ୍ୟାଣ ମଣ୍ଡପକୁ ନେଇ ଉଠିଲା ପ୍ରଶ୍ନ

କୁଜଙ୍ଗ (ଭାସ୍କର ନ୍ୟୁଜ): ମାଲି ମକଦ୍ଦମା ସତ୍ତ୍ୱେ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଚାଲିଛି ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ। ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ କୁଜଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ପଞ୍ଚାୟତ କଲ୍ୟାଣ ମଣ୍ଡପକୁ ସମୀର କୁମାର ସୂତାର ବର୍ଷିକୀୟା ଲିଜ୍ ସୂତ୍ରରେ ନେଇଥିଲେ। ମାତ୍ର ଲିଜ୍ ସୂତ୍ରର ସମୟ ସୀମା ଶେଷ ହେବାରୁ ସେ କୁଜଙ୍ଗ ସିଭିଲ୍ ଜଜ୍ ସିନିୟର୍ ଡ଼ିଭିଜନଙ୍କ ଅଦାଲତରେ ଏକ ମକଦ୍ଦମା ଦାୟର କରିଛନ୍ତି। ଯାହାର ସି.ଏସ.କେସ ନଂ ୩୩୩/ ୨୦୨୪ ଆଇ.ଏ.ନଂ ୨୪୯/ ୨୦୨୪। ଅଦାଲତରେ ଏହା ବିଚାର ଧୀନ ଥିବା ଉକ୍ତ କଲ୍ୟାଣ ମଣ୍ଡପ ଉପରେ ମାଲି ମକଦ୍ଦମା ରୁଜୁ ହୋଇଛି। ମାତ୍ର ଏଠାରେ ଆଇନ ଆଖିରେ ଧୂଳି ଦେଇ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଥିବା ଜଣାପଡିଛି। କୋର୍ଟ ଆଦେଶକୁ ଅବମାନନା କରି କଲ୍ୟାଣ ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିବା ନେଇ ଜନ ସାଧାରଣଙ୍କ ମନରେ ପ୍ରଶ୍ନ ଉଠିଛି। ଯାହାକୁ ନେଇ କୁଜଙ୍ଗ ଗ୍ରାମ ପଞ୍ଚାୟତର ସରପଞ୍ଚ ବନ୍ଦିତା ଦାସ ଏ ବାବଦରେ କୁଜଙ୍ଗ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଇବା ସହିତ ଜଗତସିଂହପୁର ଜିଲ୍ଲାପାଳଙ୍କୁ ଅବଗତ କରାଇବେ ବୋଲି ସୂଚନା ଦେଇଛନ୍ତି।

## ଓଲଟିଲା ଅଣ୍ଡା ବୋଝେଇ ଟ୍ରକ

ବାଲୁଗାଁ (ଭାସ୍କର ନ୍ୟୁଜ): ବାଣପୁର ବାଲୁଗାଁ ୧୬ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ଧୂଆଁଳ ଛକ ଓଭରବ୍ରିଜ ଉପରେ ଏକ ଅଣ୍ଡା ବୋଝେଇ ଟ୍ରକ ଦୁର୍ଘଟଣା ଗ୍ରସ୍ତ ହୋଇ ମଝି ରାସ୍ତାରେ ଓଲଟିପଡିଛି। ସୂଚନା ମୁତାବକ ଆନ୍ଧ୍ରାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଅଣ୍ଡା ବୋଝେଇ ଟ୍ରକକୁ ଏକ ଟ୍ରଲର ଧୂଆଁଳ ଛକ ଓଭରବ୍ରିଜ ଉପରେ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ଜାତୀୟ ରାଜପଥ ପାଟ୍ରୋଲିଂ ଟିମ ପହଞ୍ଚିଥିବା ବେଳେ ଟ୍ରକ ଡ୍ରାଇଭର ଅଚେତ ହୋଇପଡିଥିବା ଜଣାପଡିଛି। ଦୁର୍ଘଟଣାସ୍ଥଳରେ ଟ୍ରକଟି ପଡି ରହିଥିବା ବେଳେ ଯାତାୟାତରେ ବାଧାପ୍ରାପ୍ତ ହୋଇଛି।

# ଦନ୍ତା ଆକ୍ରମଣରେ ମହିଳା ଗୁରୁତର

ଶୁଳିଆପଦା (ଭାସ୍କର ନ୍ୟୁଜ): ଶୁଳିଆପଦା ବ୍ଲକ୍ ବାଘଡା ପଞ୍ଚାୟତ ଅଧିନ ସୀମାନ୍ତବର୍ତ୍ତୀ ଗ୍ରାମବାସୀ ମାନଙ୍କୁ ସିଙ୍ଗେଲ୍ ଦନ୍ତା ଭୟ ଘାରିଛି। ଝାଡଖଣ୍ଡି ହାତିପଲ ବର୍ଷିମବଙ୍ଗକୁ ଫେରି ଯାଇଥିବା ବେଳେ ଗୋଟିକିଆ ଦନ୍ତା ହାତୀ ରହିଯାଇଛି। ଉକ୍ତ ହାତୀଟି ଅଧିକାଂଶ ସମୟରେ ପଶ୍ଚିମବଙ୍ଗ ର ଜଙ୍ଗଲରେ ରହୁଥିବା ବେଳେ ରାତିରେ ସୁଯୋଗ ଉଣ୍ଡି ଚୁପଚାପ୍ ସୀମାବର୍ତ୍ତୀ ଗାଁ ମାନଙ୍କରେ ପ୍ରବେଶ କରୁଛି। ଗତ ରାତି ଏହି ହାତୀଟି ପଶ୍ଚିମବଙ୍ଗର ତେନ୍ତୁଳି ମୁଣ୍ଡି ଜଙ୍ଗଲରୁ ଆସି ସୀମାନ୍ତବର୍ତ୍ତୀ ଗାଁ ଦାରୁଡିହିରେ ପ୍ରବେଶ କରି ତପନ ମହାନ୍ତଙ୍କ ଘର କବାଟ, ଝରକାକୁ ଶୁଣ୍ଢରେ ପେଲି ପକାଇ ଦେବା ପରେ ଉକ୍ତ ଗ୍ରାମର ପରେଶ୍ ମହାନ୍ତଙ୍କ ଘର ଭାଙ୍ଗି ଧାନ,ଚାଉଳ ନଷ୍ଟ କରିଥିବା ସୂଚନା ମିଳିଛି। ଘର ଭାଙ୍ଗି ଯିବାପରେ ଭିତରେ ଶୋଇଥିବା ତାଙ୍କ ସ୍ତ୍ରୀ ନିରୁପମା(୮୦)ଙ୍କ ଉପରେ କାନ୍ଥ ଚାକି ଯିବାରୁ ସେ ଗୁରୁତର ହୋଇ ପ୍ରଥମେ କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବାରିପଦା ପିଆରଏମ୍ ମେଡିକାଲ କଲେଜ କୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ଚାଲିଥିବା ଜଣାଯାଇଛି।

# ବିବାଦୀୟ ଯନ୍ତ୍ରୀଙ୍କୁ ନେଇ ଉତ୍ତେଜନା, ତଦନ୍ତ ଦାବି କଲେ ଗ୍ରାମବାସୀ




ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ଗ୍ରାମ ପଞ୍ଚାୟତରେ ଜଣେ ବିବାଦୀୟ ତଥା ବିଦାୟୀ ଯନ୍ତ୍ରୀଙ୍କ ଉପସ୍ଥିତିକୁ ନେଇ ଉତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଦେବା ସହ ଦୀର୍ଘ ସମୟ ପର୍ଯ୍ୟନ୍ତ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ଅଟକ ରଖିଥିଲେ। ନିଶ୍ଚିନ୍ତକୋଇଲି ବ୍ଲକର ବହୁ ଚର୍ଚ୍ଚିତ କନିଷ୍ଠ ଯନ୍ତ୍ରୀ ବି ଏନ ଦଳବେହେରାଙ୍କ ପ୍ରାୟ ୪-୫ମାସ ହେଲା ନିଆଳି ବ୍ଲକକୁ ବଦଳି ହୋଇସାରିଲାଣି। ସମ୍ପୃକ୍ତ ଯନ୍ତ୍ରୀ ଜଣଙ୍କ ନିଆଳି ବ୍ଲକରେ ଦୀର୍ଘ ଦିନ ହେଲା କାର୍ଯ୍ୟରେ ଯୋଗଦେଇ ସାରିଲେଣି। ମାତ୍ର ସମ୍ପୃକ୍ତ ଯନ୍ତ୍ରୀ ଜଣକ ନିଆଳି ବ୍ଲକରେ କାର୍ଯ୍ୟ କରିବା ପରିବର୍ତ୍ତେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମପଞ୍ଚାୟତରେ କବାଟକିଲା ବୈଠକରେ ଜାଲ କାଗଜପତ୍ର ଓ ବିଲ ପିଛିଲା ତାରିଖରେ ପ୍ରସ୍ତୁତ କରୁଥିବାର ଅଭିଯୋଗ ହୋଇଛି। ସମ୍ପୃକ୍ତ ଯନ୍ତ୍ରୀ ଏହି ବ୍ଲକରେ ବହୁ ଦୁର୍ନୀତି ଓ ଜାଲିଆତି କରିଥିବା ଘଟଣା କାହାରିକୁ ଅଛପା ନାହିଁ। କଟକ ସାଂସଦ ଭର୍ତ୍ତୃହରି ମହତାବ ତିଳକଣା ଗ୍ରାମପଞ୍ଚାୟତ ଦେମାଣ୍ଡୋସ୍ଥିତ ଚନ୍ଦ୍ର ଶେଖର ଉଚ୍ଚ ବିଦ୍ୟାଳୟର ପାଚେରୀ ନିର୍ମାଣ ନିମନ୍ତେ ତାଙ୍କ ସାଂସଦ ପାଣ୍ଠିରୁ ୫ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଥିଲେ। ମାତ୍ର ଶ୍ରୀ ଦଳ ବେହେରା ୩ଲକ୍ଷ ଟଙ୍କାର କାର୍ଯ୍ୟ କରିଥିଲା ବେଳେ ଅବଶିଷ୍ଟ ୨ ଲକ୍ଷ ଟଙ୍କାର ମିଥ୍ୟା ବିଲ କରିଥିବାର ତିଳକଣା ଗ୍ରାମପଞ୍ଚାୟତ ବିଜେଡି ସଭାପତି ରମେଶ ଜେନା ଅଭିଯୋଗ କରିଛନ୍ତି। ଏହିପରି ଭାବେ ଶ୍ରୀ ଦଳବେହେରା ସ୍ଥାନୀୟ ସାନ୍ତପୁର, ତିଳକଣା ପ୍ରଭୃତି ବହୁ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ଓ ଜାଲିଆତି କରିଥିବାର ଅଭିଯୋଗ ହୋଇଛି। ଏପରିକି କାର୍ଯ୍ୟ ନକରି ମଧ୍ୟ ଠିକାଦାରଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇଥିବାର ଅଭିଯୋଗ ହୋଇଛି। ତେବେ ଶ୍ରୀ ଦଳ ବେହେରାଙ୍କ କାର୍ଯ୍ୟସ୍ଥଳୀ ନିଆଳି ବ୍ଲକ ହୋଇଥିଲା ବେଳେ ଦୀର୍ଘ ଦିନ ହେଲା ପ୍ରଶାସନର ଜ୍ଞାତସାରରେ ସେ କିଭଳି ଭାବେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ରହି କାର୍ଯ୍ୟ କରୁଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଶ୍ରୀ ଦଳବେହେରା ଆଜି ତିଳକଣା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଗୃହରେ ଗୁପ୍ତ ଭାବେ ରହି ସରକାରୀ କାଗଜପତ୍ର ଓ ମିଥ୍ୟାବିଲ କରୁଥିବାର ସ୍ଥାନୀୟ ଲୋକେ ବିଶେଷ ସୂତ୍ରରୁ ଖବର ପାଇଁ ତାଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ତାଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକ ରଖିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ସାଧାରଣରେ ତୀବ୍ର ଉତେଜନା ପ୍ରକାଶ ପାଇଥିଲା। ଖବର ପାଇ ବ୍ଲକ ପ୍ରଶାସନ ତରଫରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ଏହି ବହୁ ଚର୍ଚ୍ଚିତ ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଏହି ପଞ୍ଚାୟତରେ ହୋଇଥିବା ଦୁର୍ନୀତି ଓ ଜାଲିଆତିର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକାୟିତ ଦୁର୍ନୀତିର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷରେ ତାଙ୍କର ଦୀର୍ଘ ଦିନ ହେଲା ବଦଳି ହୋଇଥିଲା ବେଳେ ଏପର୍ଯ୍ୟନ୍ତ ସେ ରହସ୍ୟ ଜନକ ଭାବେ ତିଳକଣା ସମେତ ବିଭିନ୍ନ ପଂଚାୟତ ଦାୟୀତ୍ୱରେ ଥିବା ସରକାରୀ କାଗଜପତ୍ର ହସ୍ତାନ୍ତର କରିନଥିବାର ଅଭିଯୋଗ ହୋଇଛି। ନୂତନଭାବେ ତାଙ୍କ ସ୍ଥାନରେ କାର୍ଯ୍ୟଭାର ନେଇଥିବା କନିଷ୍ଠ ଯନ୍ତ୍ରୀମାନଙ୍କୁ କାଗଜପତ୍ର ହସ୍ତାନ୍ତର କରାଯାଇନଥିବା କାରଣରୁ ସେମାନେ କାର୍ଯ୍ୟ କରିନପାରି ନିରାଶରେ ଫେରିବାକୁ ବାଧ ହେଉଥିବାର ଅଭିଯୋଗ ହୋଇଛି।

# ୧୧ କେଭି ତାର ଛିଡି ଜଳିଗଲେ ଚାଷୀ

### ପ୍ରତିବାଦରେ ରାସ୍ତାରୋକ



ଚାନ୍ଦବାଲି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ଚାନ୍ଦବାଲି ଏନଏସସି ବାଲିଗାଁ ନରସିଂହପୁର ଚାଷୀ ପ୍ରମୋଦ ଦାସ( ୨୯ ) ଶୁକ୍ରବାର ଦିନ ନିଜ ବିଲ କୁଞ୍ଜକାଳିକା ନିକଟକୁ ଧାନ କାଟିବାକୁ ଯାଇଥିବା ବେଳେ ବିଲ ଉପରେ ଦେଇ ଯାଇଥିବା ୧୧ କେଭି ଇଲେଟ୍ରି ତାର ହଠାତ ତାଙ୍କ ବେକ ଉପରେ ଛିଡି ପଡିବାରୁ ପ୍ରଚଣ୍ଡ ବିଦ୍ୟୁତ ଆଘାତରେ ଜଳିଯାଇ ଘଟଣାସ୍ଥଳରେ ପ୍ରମୋଦଙ୍କର ମୃତ୍ୟୁ ଘଟିଥିଛି। ବିଦ୍ୟୁତ ତାର ଲାଗି ତାଙ୍କ ଜମି ସହିତ ଆଖ ପାଖରେ ଦୁଇରୁ ତିନି ଏକର ଚାଷ ଜମି ପୋଡି ପାଉଁଶ ହୋଇଯାଇଥିଲା। ପାଖରେ ଧାନ କାଟୁଥିବା ଅନ୍ୟ ଚାଷୀମାନେ ବିଦ୍ୟୁତ ତାର ଲାଗିଥିବାରୁ ପ୍ରମୋଦଙ୍କ ପାଖକୁ ଆସିବାକୁ ସାହସ କରିନପାରି ଦମକଳବାହିନୀ ଓ ବିଦ୍ୟୁତ ଅଫିସକୁ ଫୋନ କରିଥିଲେ। ଦମକଳବାହିନୀ ଆସି ନିଆଁକୁ ଆୟତ୍ତ କରିବା ସହ ପାଖ ଜମିକୁ ଜଳିବାରୁ ରକ୍ଷା କରିଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ଼ ଯୋଗୁ କିଛି ସମୟ ଉତ୍ତେଜନା ଲାଗିରହିଥିଲା। ଚାନ୍ଦବାଲି ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝା ସୁଝା କରିଥିଲା। ଭଗବାନ ଦାସଙ୍କ ପୁଅ ପ୍ରମୋଦ ଦାସ ଘରେ ଏକ ମାତ୍ର ରୋଜଗାରିଆ ପୁଅ ଥିଲେ। ତାଙ୍କର ଅନ୍ୟ ଦୁଇ ଭାଇ ମାନସିକ ବିକାରଗ୍ରସ୍ତ ଥିବା ବେଳେ ପ୍ରମୋଦଙ୍କ ଉପରେ ସମ୍ପୂର୍ଣ ପରିବାର ନିର୍ଭର କରୁଥିଲା। ଘଟଣା ସ୍ଥଳରୁ ଆମ୍ବୁଲାନସ ଯୋଗେ ପରିବାର ଲୋକ ଓ ବାଲିଗାଁ ଅଞ୍ଚଳର ଶତାଧିକ ଚାଷୀ ପ୍ରମୋଦଙ୍କ ମୃତ ଶରୀର ଚାନ୍ଦବାଲି ବସଷ୍ଟାଣ୍ଡ ନିକଟରେ ଥିବା ବିଦ୍ୟୁତ କାର୍ଯ୍ୟାଳୟ ଆଗରେ ରଖି କ୍ଷତି ପୂରଣ ଦାବି କରି ଟାୟାର ଜାଳି ପ୍ରତିବାଦ କରି ଭଦ୍ରକ ଚାନ୍ଦବାଲି ମୁଖ୍ୟ ରାସ୍ତା ଅବରୋଧ କରି ବସିରହିଥିଲେ। ଉକ୍ତ ପରିବାରକୁ ଦଶ ଲକ୍ଷ ଟଙ୍କା କ୍ଷତି ପୂରଣ ଓ ପରିବାରର ଜଣକୁ ଚାକିରି ପ୍ରଦାନ ପାଇଁ ଲିଖିତ ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରି ଶବକୁ ରଖି ଏହିଠାରେ ବସିରହିବୁ ବୋଲି କହିଥିଲେ ବିଶ୍ୱନାଥ ଦଶ, ଚିନ୍ତାମଣି ସାହୁ, ସୁଶାନ୍ତ ସାହୁ, ଜମଞ୍ଜୟ ରାଉଳ, ଦୀପକ ଦଶ, ଅର୍ଜୁନ ସାହୁ ପ୍ରମୁଖ ଚାଷୀ। ଘଟଣାସ୍ଥଳରେ ଏସଡ଼ିଓ ଆସି ପହଞ୍ଚି ତହସିଲଦାର ଭାବତୋଷ ମଲ୍ଲିକ ଓ ବିଡ଼ିଓ ଅଶିତ କୁମାର ମହାନ୍ତିଙ୍କ ମାଧ୍ୟମରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଶେଷରେ ବିଦ୍ୟୁତ୍ ବିଭାଗ ଏସଡ଼ିଓ ଭାଗିରଥି ପଣ୍ଡା ଏବଂ ତହସିଲଦାର ଭାବତୋଷ ମଲ୍ଲିକ ମୃତଙ୍କ ପରିବାରଙ୍କୁ ରେଡ଼କ୍ରସ ମାଧ୍ୟମରେ ୩୦ ହଜାର ଟଙ୍କା ଓ ବିଦ୍ୟୁତ୍ ବିଭାଗ ତରଫରୁ ୩୦ ହଜାର ଟଙ୍କା ପ୍ରଦାନ କରିବା ସହ ପରିବାରର ଜଣକୁ ଚାକିରି ଦେବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

ଓଡିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ବାରିପଦା, (ଭାସ୍କର ନ୍ୟୁଜ) : ଓଡିଶାର ଲୋକପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସୁପ୍ରିମୋ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ସାରା ରାଜ୍ୟରେ ବିଜେଡି ଦଳର ୨୮ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୟୁରଭଞ୍ଜ ଜିଲ୍ଲାର ସଦରମହକୁମା ବାରିପଦାସ୍ଥିତ ବିଜୁ ଗୋଲାଇଠାରେ ଓଡିଶାର ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଉତ୍ସବ ମୟୁରଭଞ୍ଜ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ସୁଦାମ ମାରାଣ୍ଡିଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି। ପରେ ବାରିପଦାସ୍ଥିତ ବିଜୁ ଭବନରେ ବିଜେଡି କର୍ମୀଙ୍କୁ ଉତ୍ସାହିତ କରିବା ଏବଂ ବିଜେପି ସରକାରର ବିଫଳତା ବିଷୟରେ ଜନସାଧାରଣଙ୍କୁ ସଚେତନତା କରିବାକୁ ଏକ ସାଧାରଣ ସଭା ଶହ ଶହ କର୍ମୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଷ୍ଠା ଦିବସ ସଭାରେ ସମସ୍ତ ବିଜେଡି କର୍ମୀ ଘରେ ଘରେ ଯାଇ ଲୋକଙ୍କୁ ବିଜେପି ସରକାର ବିଫଳତା ବିଷୟରେ ବୁଝାଇବାକୁ ଶପଥ ନେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଉପ ବାଚସ୍ପତି ଶ୍ରୀଯୁକ୍ତ ସାନନ୍ଦ ମାରାଣ୍ଡି, ବରିଷ୍ଠ ବିଜେଡି ପୂର୍ବତନ ମୋରଡା ବିଧାୟକ ରାଜକିଶୋର ଦାସ, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ଭାରତୀ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି (ନଚ୍ଚି), ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମାଣ୍ୟମ ମହାନ୍ତି,ବରିଷ୍ଠ ବିଜେଡି ନେତା କୃଷ୍ଣ ଦାସ ଓ ସରୋଜ ମହାପାତ୍ର, ଉପ ନଗରପାଳ ସୀମା ଦାସ, ଶ୍ରାବଣୀ ଦାସ, ମିଡ଼ିଆ ସଂଯୋଜକ ସୁକୁମାର ରଞ୍ଜନ ପ୍ରଧାନ, ଯୁବ ସଭାପତି ଅରୁଣ ବରାଡ଼, ଛାତ୍ର ସଭାପତି ସୁନୀଲ କୁମାର ନାୟକ, ଛାତ୍ର ବିଜେଡି ସାଧାରଣ ସମ୍ପାଦକ ମନୀଷ ବେହେରା ପ୍ରମୁଖ ସମେତ ସମସ୍ତ ୱାର୍ଡର ୱାର୍ଡ କାଉନସିଲର ଓ କର୍ମୀମାନେ ଯୋଗଦାନ କରିଥିଲେ।



# ଶିଶୁ ମନ୍ଦିର ଭାରତୀୟ ଶିକ୍ଷା ପ୍ରଣାଳୀର ଏକ ପ୍ରୟୋଗଶାଳା : ଧର୍ମେନ୍ଦ୍ର ପ୍ରଧାନ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍) : ଶିଶୁ ମନ୍ଦିର ଏକ ମଣିଷ ତିଆରି କାରଖାନା। ଶିଶୁ ମନ୍ଦିରରେ ଯାଦୁ ଅଛି। ଏହି ଅନୁଷ୍ଠାନ ଭାରତର ମୂଳ ଶିକ୍ଷା ପ୍ରଣାଳୀକୁ ଆପଣାଉଛି। ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶରେ ଶିକ୍ଷା ନୀତିରେ ଭାରତୀୟ ଶିକ୍ଷା ନୀତିକୁ ଯୋଡି ଦେଇଛନ୍ତି। ଫଳରେ ଆମ ସଭ୍ୟତା ଓ ସଂସ୍କୃତି ପୂର୍ବଭଳି ହଜାର ହଜାର ବର୍ଷ ଧରି ବଞ୍ଚିରହିବ। ଶିଶୁ ମନ୍ଦିର ଗୁଡିକ ଏହାର ଏକ ପ୍ରୟୋଗଶାଳା ମାତ୍ର। ଗଞ୍ଜାମ ଜିଲ୍ଲାର ଏହି ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ଆଗାମୀ ଦିନରେ +୨ ଖୋଲୁ ଓ ଏହା ଏକ ସ୍ୱୟଂ ସଂପୂର୍ଣ୍ଣ ଅନୁଷ୍ଠାନଭଳି ମୁଣ୍ଡ ଟେକୁ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବରେ ଆଜି ମୁଁ ଏହି ଅନୁଷ୍ଠାନକୁ ସ୍ୱୀକୃତି ଦେଉଛି ବୋଲି ଭଞ୍ଜନଗର ଠାରେ ଆୟୋଜିତ ଶିଶୁ ବିଦ୍ୟା ମନ୍ଦିରର ନୂତନ ଶୈକ୍ଷିକ କୋଠା ଓ ଛାତ୍ରାବାସ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଲ୍ଲେଖ କରିଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ନିଜ ଉଦ୍‌ବୋଧନରେ କହିଥିଲେ ଯେ, ଇଂରାଜୀ ଶିକ୍ଷା ହେଲେ ହିଁ ଆମର ସମୃଦ୍ଧି ହେବ ତାହା ନୁହଁ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କେତେ ଇଂରାଜୀ ଜାଣିଥିଲେ ? ହେଲେ ସେ ଓଡିଆ ଭାଷାରେ ଯେଉଁଭଳି କାବ୍ୟ ରଚନା କରିଛନ୍ତି ତାହା ସେକ୍ସପିୟରଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁ। କୋଣାର୍କ ମନ୍ଦିର ନିର୍ମାଣ କରିଥିବା ଓଡିଆମାନେ କୌଣସି ଆର୍କିଟେକ୍ ନଥିଲେ। ହେଲେ ସେତେବେଳେ ସେମାନେ ଯେଉଁଭଳି କଳା ନୈପୁଣ୍ୟତାର ଉଦାହରଣ ସୃଷ୍ଟି କରି ଯାଇଛନ୍ତି ତାର ପଟାନ୍ତର ନାହିଁ। ଏହାହିଁ ଆମ ଦେଶର ମୌଳିକତା। ଯେଉଁଠି ଜାତି ପାଇଁ ସଂସ୍କୃତି ପାଇଁ ନିରନ୍ତର କାମ କରିବା ପାଇଁ ପ୍ରେରଣା ମିଳିଥାଏ। ଏପ୍ରକାର ପ୍ରୟୋଗ ରାଷ୍ଟ୍ରୀୟ ଶିକ୍ଷାନୀତିରେ ଆରମ୍ଭ କରାଯାଇଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ଉଲ୍ଲେଖ କରିଥିଲେ। ଏଭଳି ବିଚାର ଶିକ୍ଷା ବିକାଶ ସମିତି, ସତ୍ୟସାଇ ବିଦ୍ୟା ବିହାର, ଶ୍ରୀଅରବିନ୍ଦ ଶିକ୍ଷାନୁଷ୍ଠାନ ଓ ଚିନ୍ମୟ ମିଶନ ଦ୍ୱାରା ଆୟୋଜିତ ଡିଭାଇନ୍ ଲାଇଫ୍ ସ୍କୁଲ ଆଦି ଶିକ୍ଷାନୁଷ୍ଠାନରୁ ହିଁ ଆସିଛି। ଯାହାକୁ ଏବେ କେନ୍ଦ୍ର ସରକାର ଜାତୀୟ ଶିକ୍ଷାନୀତିରେ ଯୋଡିଛନ୍ତି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଦୃଢତାର ସହ ଉଲ୍ଲେଖ କରିଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୫ତମ ପ୍ରତିଷ୍ଠା ଦିବସକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିବାସହ ଏଥରେ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ। ଶିଶୁମନ୍ଦିରରେ ପହଞ୍ଚିବାପରେ ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସେ ଏକ କୋଟି ୮୫ ଲକ୍ଷ ବ୍ୟୟରେ ନିର୍ମିତ ଶିଶୁ ମନ୍ଦିରର ନୂତନ ଶୈକ୍ଷିକ କୋଠା ଓ ଛାତ୍ରାବାସକୁ ଉଦଘାଟନ କରିଥିଲେ। ଏହି ଶିକ୍ଷାନୁଷ୍ଠାନ ଦକ୍ଷିଣ ଓଡିଶାର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ହେବାକୁ ଯାଉଛି। ଏଠାରେ କନ୍ଧମାଳ ସଂସଦୀୟ କ୍ଷେତ୍ର ସମେତ ଭଞ୍ଜନଗର ଉପଖଣ୍ଡର ଛାତ୍ରଛାତ୍ରୀଙ୍କ ପାଇଁ ଏକ ନୂତନ ପ୍ରୟୋଗଶାଳା ହେବ। ଏହି ଶିକ୍ଷାନୁଷ୍ଠାନକୁ ଆଗକୁ ଯାହା ସବୁ ଆବଶ୍ୟକ ତାକୁ ମଧ୍ୟ ପୂରଣ କରାଯିବ ବୋଲି ମଧ୍ୟ ସେ ପ୍ରତିଶୃତି ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡକ୍ଟର ପ୍ରଦୀପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଆସିକା ସାଂସଦ ଅନୀତା ପ୍ରିୟଦର୍ଶନୀ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସମେତ ଗଞ୍ଜାମ ଜିଲ୍ଲାର ସମସ୍ତ ନବ ନିର୍ବାଚିତ ବିଜେପି ବିଧାୟକଗଣ ଉପସ୍ଥିତ ରହିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବେଲଗୁଣ୍ଠାର ପିତଳ ମାଛକୁ କେନ୍ଦ୍ର ମନ୍ତ୍ରୀଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଭଞ୍ଜ ଗବେଷକ ପ୍ରାକ୍ତନ ବିଡିପୁର କଲେଜ ଅଧ୍ୟକ୍ଷ ଡକ୍ଟର କମ୍ବୁପାଣି ସାମନ୍ତ ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ ସଂପାଦକ ପଦ୍ମନାଭ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ନୀଳମାଧବ ପାତ୍ର ଓ ଗୁରୁଜୀ ସୁଶାନ୍ତ ବେହେରା ସଂଯୋଜନା କରିଥିଲେ।

# ୨୧ତମ ବୋଲଗଡ଼ ମହୋତ୍ସବ ଉଦ୍‌ଘାଟିତ



ବୋଲଗଡ଼, (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମ ସମ୍ମୁଖ ପଡ଼ିଆରେ ଉଦ୍‌ଘାଟିତ ହୋଇ ଯାଇଛି ୨୧ ତମ ବୋଲଗଡ଼ ମହୋତ୍ସବ 'ଆଶା -୨୦୨୪'। ଗତ କିଛି ଦିନ ହେବ ଲଗାଣ ବର୍ଷା ଜାରିରହିଥିବା କାରଣରୁ ମହୋତ୍ସବ ଅନୁଷ୍ଠିତ ହେବା ନେଇ ଅନିଶ୍ଚିତତା ଲାଗିରହିଥିଲା। କମିଟି ପକ୍ଷରୁ ଗେଟ, ଷ୍ଟେଜ, ଆଲୋକସଜ୍ଜା, ଷ୍ଟଲ ନିର୍ମାଣ, ବ୍ୟବସାୟୀଙ୍କୁ ସ୍ଥାନ ଆବଣ୍ଟନ କାର୍ଯ୍ୟ ଧିମେଇ ଯାଇଥିଲା। ସେହିପରି ପଡିଆ ମଧ୍ୟରେ ପାଣି ଜମିଥିବାରୁ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରିନଥିଲା। ଫଳରେ ମହୋତ୍ସବ ଆରମ୍ଭ ହେବା ବିଳମ୍ବିତ ହୋଇଥିଲା। ତେବେ ମଧାହ୍ନରେ ଗଡ଼ଦେବୀ ମା' ରାମଚଣ୍ଡୀଙ୍କ ନିକଟରୁ ଢୋଲ ମୃଦଙ୍ଗ ଝାଞ୍ଜ ଓ ଶଙ୍ଖ ଧ୍ୱନି ମଧ୍ୟରେ ପଟୁଆରରେ ମଶାଲ ଅଣାଯାଇ ଠାକୁରାଣୀଙ୍କ ପତାକା ମଞ୍ଚାଗ୍ରେ ସ୍ଥାପନା କରାଯାଇଥିଲା। ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ବିଭିର୍ଣ୍ଣ ଗ୍ରାମ୍ୟ କଳାକାରଙ୍କ ଦ୍ୱାରା ସଂକୀର୍ତ୍ତନ, ପାଲା, ଖଞ୍ଜଣି ଭଜନ ଓ ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ ସହ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ାର ଗଡମେକର ଗ୍ରୁପ ପକ୍ଷରୁ ଓଡ଼ିଶୀ ନୃତ୍ୟ, କୁହୁଡିର ଉତ୍କଳ କନ୍ୟା ପାଇକ ଆଖଡ଼ା ଦଳ ଦ୍ୱାରା ପାଇକ ଆଖଡ଼ା, କଳାହାଣ୍ଡିର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଘୁମୁରା ଓ ନିରାକାର ପୁରର ଶ୍ରୀ ଏକାଡେମୀ ପକ୍ଷରୁ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ, ଆସନ ଗ୍ରହଣ, ପୁଷ୍ପ ଗୁଚ୍ଛ ପ୍ରଦାନ ଓ ଅତିଥି ପରିଚୟ ପରେ ବଂଶୀଧର ସଂଗୀତ ମହାବିଦ୍ୟାଳୟ ପକ୍ଷରୁ ଆବାହନୀ ସଂଗୀତ ଗାନ କରାଯାଇଥିଲା। ଉଦ୍‌ଘାଟନୀ ସନ୍ଧ୍ୟାରେ ବୋଲଗଡ଼ ମହୋତ୍ସବ କମିଟି ସଭାପତି ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଅଧକ୍ଷତା କରିଥିଲା ବେଳେ ପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ବିଜେଡ଼ି ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ସାମାଜିକ କର୍ମୀ ରିତାଞ୍ଜଳି ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟା ସୁନନ୍ଦିତ ସାହୁ, ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର କୁମାର ପରିଡା ଓ ପ୍ୟାରୀ ମୋହନ ଦାସ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ ଓ ସମିତି ସଭ୍ୟା ନିର୍ମଳ ପ୍ରଧାନ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। କମିଟି ସମ୍ପାଦକ ବୀର ଦାସ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିବା ବେଳେ ଉପଦେଷ୍ଟା ରବୀନ୍ଦ୍ର ପରିଡ଼ା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ମରଣିକା ବୋଲଗଡ଼ ମହୋତ୍ସବ ଉନ୍ମୋଚିତ ହୋଇଥିଲା। କମିଟି ସଦସ୍ୟ ଭଞ୍ଜକିଶୋର ଯତୀ ଓ ଲକ୍ଷ୍ମୀଧର ଚୌଧୁରୀ ମଞ୍ଚ ସଂଯୋଜନା କରିଥିଲେ। ସାଂସ୍କୃତିକ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷତିଗ୍ରସ୍ତ ଫସଲର ଆକଳନ ପାଇଁ କୃଷକ ମୋର୍ଚ୍ଚାର ତୋଫାନୀ ଗସ୍ତ



କେନ୍ଦୁଝର,(ଭାସ୍କର ନ୍ୟୁଜ୍) : ଓଡିଶାରେ ଲଘୁଚାପ ଜନିତ ଅଦିନିଆ ଲଗାତାର ଦୀର୍ଘ ୫ଦିନ ବ୍ୟାପି ଲଗାଣ ବର୍ଷା ଫଳରେ ଧାନ, ପନିପରିବା, ବିରି, ମୁଗ, କପା ଚାଷ ପ୍ରଭୃତି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ବିଜେପି କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର ଓ କଟକ ପ୍ରଭୃତି ଜିଲ୍ଲାକୁ ତୋଫାନୀ ଗସ୍ତ କରିଛନ୍ତି। ଏହି ତୋଫାନୀ ଗସ୍ତ ସମୟରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ସହିତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସାମିଲ ହୋଇଥିଲେ। ଉକ୍ତ ଜିଲ୍ଲା ମାନଙ୍କରେ କ୍ଷତିଗ୍ରସ୍ତ ହୋଇଥିବା ଧାନ ଫସଲକୁ କ୍ଷେତକୁ ଯାଇ ପରିଦର୍ଶନ କରିବା ସହିତ ଚାଷୀମାନଙ୍କ ସହିତ କ୍ଷୟକ୍ଷତି ବିଷୟରେ ଚାଷୀମାନଙ୍କ ସହିତ ସଭାପତି ମହୋଦୟ ଆଲୋଚନା କରିଥିଲେ। ଓଡିଶାର ଚାଷୀ କୂଳ ଉକ୍ତ ଲଘୁଚାପ ଜନିତ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀମାନେ ଭୟଭୀତ ଓ ଆତଙ୍କିତ ନହେବା ପାଇଁ ଶ୍ରୀ ସାହୁ କହିଥିଲେ। ଓଡ଼ିଶାର ଚାଷୀ ଦରଦୀ ଲୋକପ୍ରିୟ ଯଶସ୍ୱୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ରାଜସ୍ୱ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ଯଥାଶୀଘ୍ର ରାଜସ୍ୱ ଏବଂ କୃଷି ବିଭାଗ ମିଳିତ ଭାବରେ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାର ସମସ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଘୋଷଣାକୁ ଶ୍ରୀ ସାହୁ ସ୍ୱାଗତ କରିବା ସହିତ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସାହୁଙ୍କ ୬ ଟି ଜିଲ୍ଲା ତୋଫାନୀ ଗସ୍ତ ସମୟରେ ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଶ୍ରୀ ଆଲୋକ କୁମାର ସେଠୀ, ରାଜ୍ୟ ଉପସଭାପତି ଶ୍ରୀ ହୃଷୀକେଶ ଜେନା, ରାଜ୍ୟ ସଂପାଦକ ଶ୍ରୀ ବିକ୍ରମ କେଶରୀ ରାଉତରାୟ, ରାଜ୍ୟ ସଂଯୋଜକ ଶ୍ରୀ ସୁରଥ ସେଠୀ, ଶ୍ରୀଧର ପ୍ରସାଦ ପ୍ରଧାନ, ପାଣ୍ଡବ ଧଳ, ତପନ କୁମାର ବେହେରା, ବିଚିତ୍ର ପ୍ରଧାନ, ଶ୍ରୀ ଯୁଧିଷ୍ଠିର ମଲ୍ଲିକ, ହରମୋହନ ଶାସିନି, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଶ୍ରୀ ଶଙ୍କର୍ଷଣ ଜେନା, ଭାସ୍କର ପାଢୀ, ପ୍ରତାପ ଚନ୍ଦ୍ର ଧଳ, ଅଞ୍ଜନ ପଲେଇ, ଜଗନ୍ନାଥ ସ୍ୱାଇଁ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଓ କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# ଶିକ୍ଷକ ପ୍ରଶିକ୍ଷଣ ଶିବିର ପାଳିତ



କୋଣାର୍କ,(ଭାସ୍କର ନ୍ୟୁଜ୍) : ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିକ୍ଷା କେନ୍ଦ୍ରଠାରେ ଉତ୍କଳ ଶିକ୍ଷା ବିକାଶ ପରିଷଦ, ଭୁବନେଶ୍ୱର ଆନୁକୁଲ୍ୟରେ ୫ଦିନିଆ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। କୋଣାର୍କ ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସଭାପତି ଘନଶ୍ୟାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, କୋଣାର୍କ ଭଗବତୀ ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀ ତଥା ଅଧ୍ୟାପକ ଲେଫ୍ଟନାଣ୍ଟ କର୍ଣ୍ଣେଲ ବିନୟ ଭୂଷଣ ମହାନ୍ତି, ଉତ୍କଳ ଶିକ୍ଷା ବିକାଶ ପରିଷଦର ଅଧକ୍ଷ ମଙ୍ଗୁଳି ଚରଣ ମହାନ୍ତି, ସଂପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ, ତୁଳସୀପୁର ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଏହି ପ୍ରଶିକ୍ଷଣ ଶିବିରର ଶୁଭାରମ୍ଭ କରିଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସୁସ୍ଥ ସମାଜ ଗଠନ ଦିଗରେ ବ୍ରତୀ ହୋଇ ଉତ୍ତମ ଛାତ୍ରଛାତ୍ରୀ ତିଆରି କରିବା ପାଇଁ ନିଷ୍ଠାପର ଭାବେ ଶିକ୍ଷାଦାନ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କ ମାନସିକ, ବୌଦ୍ଧିକ ଓ ଉତ୍ତମ ଚରିତ୍ର ଗଠନ ଦିଗରେ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିବା ଜରୁରୀ ବୋଲି ଅତିଥି ମାନେ ଆଲୋକପାତ କରିଥିଲେ। କୋଣାର୍କ ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ସଂପାଦକ ଗୁଣନିଧି ମୁଦୁଲି ପ୍ରଶିକ୍ଷଣ ଶିବିରର ଆଭିମୁଖ୍ୟ ଓ କାର୍ଯ୍ୟଧାରା ବିଷୟରେ ଆଲୋକପାତ କରିଥିଲେ। ଓଡିଶାର କୋଣ ଅନୁକୋଣରୁ ୧୧୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରି ତାଲିମ କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି। ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଅଧକ୍ଷ ପୁର୍ଣ୍ଣଚନ୍ଦ୍ର ମୁଦୁଲି ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୋଣାର୍କ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ବଳରାମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାରିପଦା (ଭାସ୍କର ନ୍ୟୁଜ) : ବାରିପଦା ସ୍ଥାନୀୟ ବିଜୟ ରାମଚନ୍ଦ୍ରପୁରସ୍ଥିତ ବାବା ରାମେଶ୍ୱର ଶିବ ମନ୍ଦିର କମିଟି ତରଫରୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଦ୍ୟ ବାବା ରାମେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ପ୍ରହ୍ଲାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ମହାପାତ୍ରଙ୍କ ସହିତ ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ପୂର୍ବତନ ବିଶ୍ୱ ହିନ୍ଦୁ ପରିଷଦର ସଭାପତି ଦିବାକର ତ୍ରିପାଠୀ, ସମାଜସେବୀ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ ମନ୍ଦିରର ସୁରକ୍ଷା ତଥା ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ହାତକୁ ନେଇଥିଲେ ଏବଂ ଏହାର ପାରିପାର୍ଶ୍ୱ କିପରି ଉନ୍ନତିମୂଳକ କାର୍ଯ୍ୟ ହେବ ବୋଲି ପ୍ରତିଶୃତି ଦେଇଥିଲେ। କାର୍ଯ୍ୟକ୍ରମର ମନ୍ଦିର କମିଟିର ସଭାପତି କୃଷ୍ଣଚନ୍ଦ୍ର ବେହେରା ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ ଏବଂ ଅଭିଜିତ ପଣ୍ଡା ଅତିଥିମାନଙ୍କୁ କାର୍ଯ୍ୟକ୍ରମର ମଂଚକୁ ଆମନ୍ତ୍ରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର କମିଟି ସଦସ୍ୟ ବନମାଳୀ ପାତ୍ର, ରୋମାନାଥ ସାହୁ, ଜ୍ଞାନେନ୍ଦ୍ର ଦାସ, ଖଗେଶ୍ୱର ପାତ୍ର, ଜିତ୍‌ବାନ ପାଲ, ରଜତ ପାତ୍ର, ମନରଞ୍ଜନ ଦାସ, ରସିକାନନ୍ଦ ମିଶ୍ର, ଭାରତୀ ପାତ୍ର, ପାର୍ବତୀ ରଣା, ଇନ୍ଦୁଭୂଷଣ ଜେନା, ଶିରିଶ ଚନ୍ଦ୍ର ବେହେରା, ଜଗେଶ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କମିଟିର ସମ୍ପାଦକ ଲାଲବିହାରୀ ସେଠୀ ଧନ୍ୟବାଦ ଅର୍ପଣ କରି ସଭାସଙ୍ଗ କରିଥିଲେ।

# ଆର୍‌ସେଟିରେ ଜିଲ୍ଲାସ୍ତରୀୟ ଏମ୍‌ବିକେ ଦିଦିଙ୍କ ସମ୍ମିଳନୀ

ବେଲପାହାଡ଼, ( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ସ୍ଥିତ ଟିଆର୍‌ଏଲ୍ କମ୍ପାନୀ ଓ ଷ୍ଟେଟବ୍ୟାଙ୍କ୍ ଅଫ ଇଣ୍ଡିଆର ମିଳିତ ଆନୁକୁଲ୍ୟରେ ପରିଚାଳିତ ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ କେନ୍ଦ୍ରରେ ଜିଲ୍ଲା ସ୍ତରୀୟ ଏମ୍‌ବିକେ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାର ସମସ୍ତ ଏମ୍‌ବିକେ ଦିଦି ଉପସ୍ଥିତଥିଲା ବେଳେ ଜିଲ୍ଲାପରିଷଦ ପ୍ରୋଗ୍ରାମ ମ୍ୟାନେଜର ପୁଷ୍ପଶ୍ରୀ ନାୟକ ଯୋଗଦେଇ ଏମ୍‌ବିକେ ଦିଦିମାନଙ୍କ କାର୍ଯ୍ୟ ସମ୍ପାଦନ ଦକ୍ଷତା ବୃଦ୍ଧି କରିବା କ୍ଷେତ୍ରରେ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ଆର୍‌ସେଟି ଅଧକ୍ଷ ରାଜକୁମାର ସାହୁ, ରଜନୀ ରାଣୀ ନାୟକ, ମାନସ ରଞ୍ଜନ ବେହେରା, ରଶ୍ମି ରଞ୍ଜନ ମହାନ୍ତି ଓ ସନ୍ଧ୍ୟା ବାଗ ପ୍ରମୁଖ ଉପସ୍ଥିତ ରହି ତାଲିମ କେନ୍ଦ୍ରର ୨୦୨୪-୨୦୨୫ ଆର୍ଥିକ ବର୍ଷ ପାଇଁ ତାଲିମ ଖସଡ଼ା ପ୍ରସ୍ତୁତ କରିବାରେ ସହଯୋଗ କରିଥିଲେ। ନାରୀ ସଶକ୍ତିକରଣ କ୍ଷେତ୍ରରେ ଏମ୍‌ବିକେ ଦିଦି ମାନଙ୍କ ଥିବା ଗୁରୁ ଦାୟିତ୍ୱ ସମ୍ପର୍କରେ ଉପସ୍ଥିତ ଅଧିକାରୀ ମାନେ ସମ୍ମିଳନୀରେ ଆଲୋକପାତ କରିଥିଲେ।

# ଲକ୍ଷ୍ମୀନାରାୟଣ ମନ୍ଦିରରଙ୍କ ଚୋରି



ବ୍ରଜରାଜନଗର, (ଭାସ୍କର ନ୍ୟୁଜ ): ଗତକାଲି ବିଳମ୍ବିତ ରାତିରେ ବ୍ରଜରାଜନଗର ସ୍ଥିତ ବିର୍ଲା ଲକ୍ଷ୍ମୀନାରାୟଣ ମନ୍ଦିରରେ ଚୋରୀ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଖବର ପାଇବା ପରେ ବ୍ରଜରାଜନଗର ପୁଲିସ ଘଟଣାସ୍ଥଳରେ ପହଂଚି ଘଟଣାର ଅନୁସନ୍ଧାନ ଜାରି ରଖିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ଲକ୍ଷ୍ମୀନାରାୟଣ ମନ୍ଦିର କବାଟ ଭାଙ୍ଗି ଦୁର୍ବୃତ୍ତ ମାନେ ଭିତରେ ପଶି ଲକ୍ଷ୍ମୀ ଓ ନାରାୟଣଙ୍କୁ ଦୈନନ୍ଦିନ ବେଶ କରାଯାଉଥିବା ୪ଟି ଶାଢ଼ୀ ଚୋରି କରି ନେଇଛନ୍ତି। ଏ ନେଇ ଅଭିଯୋଗ ପରେ ଥାନା ବ୍ରଜରାଜନଗର ଥାନାଧିକାରୀ ଧବଳେଶ୍ୱର ସାହୁ, ଏସ୍‌ଆଇ ମହେଶ୍ୱର ପାଣିଗ୍ରାହୀ, ଏଏସ୍‌ଆଇ ଅଭୟ ମହାନ୍ତି ଓ ଦିଲ୍ଲୀପ ବାଘ ଘଟଣା ସ୍ଥଳକୁ ପହଞ୍ଚି ଘଟଣାର ତଦନ୍ତ କରିଥିଲେ।

# ପଞ୍ଚାୟତବାସୀଙ୍କ ବେଆଇନ୍ ବିସ୍ଥାପନକୁ ଦୃଢ ବିରୋଧ



ଅନୁଗୁଳ (ଭାସ୍କର ନ୍ୟୁଜ) : ଅନୁଗୁଳ ବ୍ଲକ୍ ଅନ୍ତର୍ଗତ ପୁରୁଣାକୋଟ ଥାନା ଅଂଚଳରୁ ସ୍ଥାନୀୟ ବନ ବିଭାଗ ଅଭୟାରଣ୍ୟ ଓ ବ୍ୟାଘ୍ର ପ୍ରକଳ୍ପ ଆଳରେ ଗୋଟିଏ ପରେ ଗୋଟିଏ ଗ୍ରାମକୁ ବିସ୍ଥାପନ କରି ଚାଲିଛି । ଗତ ୨ ବର୍ଷ ମଧ୍ୟରେ କଟରଂଗ, ଟୁଲୁକା, ଅଶନବାହଳ ଓ ଭୂର୍କୁଣ୍ଡି ଗ୍ରାମକୁ ବିଭାଜନ ନୀତିରେ ବିସ୍ଥାପନ କରିବାରେ ସଫଳ ହୋଇଛି । ସରକାରୀ ଆଇନ୍ ଓ ନିୟମାବଳୀକୁ ଉପେକ୍ଷା କରି ତରବରିଆ ଭାବେ ଗ୍ରାମବାସୀଙ୍କୁ ଶସ୍ତାରେ ଶାଗମାଛ ଦରରେ କ୍ଷତିପୂରଣ ଦେଇ ପ୍ରାୟ ୭ ଶହ ପରିବାରକୁ ବାସଚ୍ୟୁତ କରାଯାଇଅଛି । ଏପରିକି ବାସଚ୍ୟୁତ ହେବା ପରେ ବିସ୍ଥାପିତ ପରିବାର ମାନଙ୍କ ମୌଳିକ ସୁବିଧା ଯୋଗାଇବାରେ ସଂପୂର୍ଣ୍ଣ ବିଫଳ ହୋଇଛି । ବିସ୍ଥାପନକୁ ବିରୋଧ କରିଥିବା ପରିବାର ମାନଙ୍କୁ ଜାଣିଶୁଣି ହଇରାଣ କରାଯାଇ ବିସ୍ଥାପନ ପ୍ୟାକେଜ୍ ପ୍ରଦାନ କରାଯାଇନାହିଁ । ଗ୍ରାମବାସୀ ମାନଙ୍କର ହଜାର ହଜାର ଲିଖିତ ଅଭିଯୋଗକୁ ବନ ବିଭାଗ ଆଦୌ କର୍ଣ୍ଣପାତ କରି ନାହିଁ । ବାଧ୍ୟ ହୋଇ କ୍ଷତିଗ୍ରସ୍ତ ପ୍ରଭାବିତ ପରିବାର ଉଚ୍ଚ ନ୍ୟାୟାଳୟ, ମାନବ ଅଧିକାର କମିସନ୍, ଅନୁସୂଚିତ ଜନଜାତି କମିସନ୍ ଓ ଭିନ୍ନକ୍ଷମ କମିସନ୍‌ଙ୍କ ନିକଟରେ ମାଳମାଳ କେସ୍ ରୁଜୁ କରିଥିବା ଜଣାଯାଇଅଛି । ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନକୁ ଏକ ପ୍ରକାର ଜୋରଜବରଦସ୍ତ ବିସ୍ଥାପନର ରୂପ ଦିଆଯାଇଅଛି । ସାତକୋଶିଆ ବନଖଣ୍ଡର ଅଧିକାରୀ ୭ ବର୍ଷ ଧରି ଗୋଟିଏ ସ୍ଥାନରେ ରହିବା ଦ୍ୱାରା ଗ୍ରାମଗୁଡିକୁ ବିସ୍ଥାପନ ନାମରେ ଭାଙ୍ଗି ଦେଉଛନ୍ତି । ଗ୍ରାମର ସାମାଜିକ ଭାଇଚାରା, ଚଳଣିକୁ ଧୁଳିସାତ୍ କରିଛନ୍ତି । ଗ୍ରାମବାସୀ ମାନଂକର କୌଣସି ସମ୍ମତି ନିଆ ନ ଯାଇ ଟିକରପଡା ପଂଚାୟତର ମଝିପଡା ଓ ଟିକରପଡା ଗ୍ରାମକୁ ବିସ୍ଥାପନ ପାଇଁ କ୍ଷତିପୂରଣ ଅନୁଦାନ ମଗାଯାଇଥିବା ଜଣାଯାଇଅଛି । ଗ୍ରାମର ଭୂମିହୀନ, ଘର ନଥିବା ଏବଂ ଦୀର୍ଘ ଦିନ ବାହାରେ ଥିବା ଲୋକ ମାନଂକୁ ଉସୁକାଇ ଏବଂ ୨୦ ଲକ୍ଷ ପ୍ୟାକେଜ୍‌ର ପ୍ରଲୋଭନ ଦେଖାଇ ଦରଖାସ୍ତ ଗ୍ରହଣ କରାଯାଇଅଛି । ଏପରିକି ଜିଲ୍ଲା ସ୍ତରୀୟ ବିସ୍ଥାପନ କମିଟିରେ ଟିକରପଡା ଓ ମଝିପଡା ଗ୍ରାମକୁ ବିସ୍ଥାପନ ପାଇଁ ନିଷ୍ପତ୍ତି ଗ୍ରହଣ ପୂର୍ବକ ରେଗୁଲେସନ୍ କରାଯାଇ ଅଛି । ଗ୍ରାମବାସୀ ଜାଣିବା ପରେ ବନ ବିଭାଗ ସମେତ ଜିଲ୍ଲା ପ୍ରଶାସନକୁ ଏହି ବେଆଇନ୍ ବିସ୍ଥାପନକୁ ବନ୍ଦ କରିବାକୁ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ବନ ବିଭାଗ ଗ୍ରାମବାସୀ ମାନଂକ ସହିତ ପୂର୍ବବର୍ତ୍ତୀ କୌଣସି ସଭା ସମିତି ମାଧ୍ୟମରେ ଆଲୋଚନା ନ କରି ଏକ ଗୋଷ୍ଠୀକୁ ସବୁ ପ୍ରକାର ଭିତିରିଆ ସହଯୋଗ କରି ବିସ୍ଥାପନକୁ ଆଗେଇ ନେବାକୁ ଷଡଯନ୍ତ୍ର କରିଅଛି। ଏପରିକି ଗ୍ରାମବାସୀ ମାନଂକର ବାରଣ ସତ୍ତ୍ୱେ ଏକ ପଲ୍ଲୀସଭାର ଆୟୋଜନ କରାଯାଇଥିଲା । ଏହି ପଲ୍ଲୀସଭାରେ ଗୋଟିଏ ସାହି ବିସ୍ଥାପନକୁ ସହମତି ପ୍ରଦାନ କରିଥିବା ବେଳେ କେଉଟସାହି ଓ ନୂଆସାହିର ବାସିନ୍ଦା ମାନେ ପଲ୍ଲୀସଭାକୁ ବର୍ଜନ କରିଥିଲେ । ଗ୍ରାମ ବିସ୍ଥାପନ ନେଇ ବନ ବିଭାଗର ଭିତିରିଆ କାର୍ଯ୍ୟକ୍ରମ ଏବଂ ଗ୍ରାମରେ ବିଭେଦ ଓ ଭୟ ସୃଷ୍ଟି କରାଯାଇଥିବାରୁ ଗ୍ରାମବାସୀ ମାନସିକ ଯନ୍ତ୍ରଣାରେ ରହୁଛନ୍ତି । ଏପରିକି ଘରଦ୍ୱାର ନିର୍ମାଣ କରିବା, ଜମିବାଡିର ସାଜସଜ୍ଜା ପୂର୍ବକ ଉନ୍ନତି କରିବାରେ ଖର୍ଚ୍ଚ କରିବାକୁ ଉଚିତ୍ ମନେ କରୁନାହାନ୍ତି । ଅନ୍ୟପକ୍ଷରେ ସରକାରୀ ଭାବେ କୌଣସି ବିଭାଗୀୟ କାର୍ଯ୍ୟକ୍ରମ ଠୋସ୍ ଚାଲିନାହିଁ । ବନ ବିଭାଗ ମଧ୍ୟ ପରିବେଶ ବିକାଶ ସମିତିର କାର୍ଯ୍ୟକ୍ରମ ଏବଂ ଇକୋ ଟୁରିଜିମ୍‌ର କାର୍ଯ୍ୟଧାରାରେ ବ୍ରେକ୍ ଦେଇଥିବା ଜଣାଯାଇଅଛି । ବନ ବିଭାଗର ବିସ୍ଥାପନ କାର୍ଯ୍ୟଧାରରେ ଗ୍ରାମବାସୀ ଅତିଷ୍ଠ ହୋଇ ଆଜି ପଂଚାୟତ ସ୍ତରୀୟ ଏକ ସଭାର ଆୟୋଜନ କରିଥିଲେ । ଟିକରପଡା ପଂଚାୟତର ରାମିମୁଣ୍ଡା ଆମ୍ବ ତୋଟାରେ ପ୍ରାୟ ୫ ଶହ ଗ୍ରାମବାସୀ ଯୋଗଦାନ କରି ବେଆଇନ୍ ବିସ୍ଥାପନକୁ ଦୃଢ ବିରୋଧ କରିଥିଲେ। ବେହେରାସାହି ଗ୍ରାମର ଜ୍ଞାନ ରଂଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିସ୍ଥାପନ ବିରୋଧି ସଭାରେ ସରପଂଚ ସୌମ୍ୟ ରଂଜନ ସାହୁ , ସମିତିସଭ୍ୟ ତପସ୍ୱନୀ ଦେହୁରୀ , ପୂର୍ବତନ ସରପଂଚ ବିଦ୍ୟାଧର ପ୍ରଧାନ, ତ୍ରୀନାଥ ସାହୁ , ସୁମତି ଦଳବେହେରା, ପୂର୍ବତନ ସମିତିସଭ୍ୟ ଫକିର ଜାନି , ପ୍ରମିଳା ଜାନି ଏବଂ ସାତକୋଶିଆ ଅଭୟାରଣ୍ୟ ପ୍ରଜା ସୁରକ୍ଷା ସମିତି ସଭାପତି ତଥା ଅନୁଗୋଳ ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ନବ କିଶୋର ବିଶୋଇ ଆଲୋଚନାରେ ସକ୍ରିୟ ମତାମତ ପ୍ରଦାନ କରିଥିଲେ । ଅଭୟାରଣ୍ୟ ଓ ବ୍ୟାଘ୍ର ପ୍ରକଳ୍ପ ଆଳ ଦେଖାଇ ବନ ବିଭାଗ ଗ୍ରାମବାସୀଂକର ବିକାଶରେ ବାଧକ ସାଜିଥିବା ପ୍ରକାଶ କରିଥିଲେ। ଟିକରପଡା ପଂଚାୟତରେ ଥିବା ୧୧ ଟି ୱାର୍ଡ ଏବଂ ୭ ଟି ଗ୍ରାମର ମୁଖିଆମାନଙ୍କୁ ଗ୍ରାମ ବିସ୍ଥାପନ ସମ୍ବନ୍ଧୀୟ ଗ୍ରାମବାସୀଂକ ମତାମତ ରଖିବାକୁ କୁହାଯାଇଥିଲା । ସମସ୍ତ ଗ୍ରାମର ଗ୍ରାମ ସଭାପତି , ସଂପାଦକ ଏବଂ ଅନ୍ୟାନ୍ୟ ଗ୍ରାମ ସ୍ତରୀୟ ମୁଖିଆମାନେ ବିସ୍ଥାପନକୁ ଦୃଢ ବିରୋଧ ସମ୍ବନ୍ଧୀୟ ମତ ଦେଇଥିଲେ । ଏପରିକି ବନ ବିଭାଗ ବିକାଶ କାର୍ଯ୍ୟ ଯଥା ରାସ୍ତା ନିର୍ମାଣ, ପୋଲ ନିର୍ମାଣ, ଟେଲିଫୋନ୍ ଲାଇନ୍, ପାନୀୟ ଜଳ ପାଇପ୍ ଲାଇନ୍, ଗ୍ରାମ୍ୟ ଚଲାପଥକୁ କଟକଣା ନାମରେ ବନ୍ଦ କରୁଥିବାକୁ ନିନ୍ଦା କରାଯାଇ ଥିଲା। ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନ ସମ୍ବନ୍ଧୀୟ ରହିଥିବା ଆଇନ୍, ନୀତି , ସରକାରୀ ଗାଇଡଲାଇନ୍ ଉପରେ ଆଇନଜୀବି ପ୍ରସନ୍ନ କୁମାର ବେହେରା ପ୍ରାଂଜଳ ଭାବେ ଗ୍ରାମବାସୀ ମାନଂକୁ ଅବଗତ କରାଇଥିଲେ । ବନ ବିଭାଗ ଆଇନ୍ ଓ ନିୟମାବଳୀର ଅନୁପାଳନ ପୂର୍ବକ ସଠିକ୍ କାର୍ଯ୍ୟକାରୀ କରୁ ନ ଥିବା ଗ୍ରାମବାସୀଙ୍କୁ ଦର୍ଶାଇଥିଲେ । ବିସ୍ଥାପିତ ଗ୍ରାମବାସୀ ବାଘ ପାଇଁ ସର୍ବସ୍ୱ ହରାଇଥିବା ବେଳେ ସେମାନଙ୍କୁ ସମ୍ମାନ ପ୍ରଦାନ ପରିବର୍ତ୍ତେ ଶୋଷଣ କରାଯାଇଥିବା ଆଲୋଚନା କରାଯାଇଥିଲା। ଗ୍ରାମବାସୀମାନେ ସାମୁହିକ ଭାବେ ଗ୍ରାମ ବିସ୍ଥାପନକୁ ବିରୋଧ କରିବାକୁ ଦୃଢ଼ ନିଷ୍ପତି ଗ୍ରହଣ କରିଥିଲେ ।

# ଟଙ୍କା ନେଣଦେଣକୁ ନେଇ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ



ଅସ୍ତରଙ୍ଗ, ( ଭାସ୍କର ନ୍ୟୁଜ୍ ): ଟଙ୍କା ନେଣ ଦେଣକୁ ନେଇ ଯୁବକଙ୍କୁ ମୁଖ୍ୟ ରାସ୍ତା ଉପରେ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚିତ୍କାର କରୁଥିବା ବେଳେ ମୁହଁ ଓ ଛାତିକୁ ବାରମ୍ବାର ଆଘାତ। ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ କୁସୁମ୍ବର ଗ୍ରାମର ଦୁଷ୍ମନ୍ତ ଦାସ ଗୁରୁବାର ଅପରାହ୍ଣ ୪ଘଟିକା ସମୟରେ ଅସ୍ତରଙ୍ଗକୁ ଆସିବା ପାଇଁ ରାସ୍ତାର ଗୋଟିଏ ପାର୍ଶ୍ୱରୁ ଅନ୍ୟ ଏକ ପାର୍ଶ୍ୱକୁ ଆସୁଥିବା ବେଳେ ଟଙ୍କା ଦେଣ ନେଣକୁ ନେଇ ବାନାମ୍ବର ଦାସ ଓ ଦୁଷ୍ମନ୍ତ ଦାସ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। ବଚସା ତୀବ୍ର ହେବାରୁ ବାନାମ୍ବର ଦାସ ହାତରେ ଏକ ମାରଣାସ୍ତ୍ର ଫାର୍ଶାରେ ଦୁଷ୍ମନ୍ତଙ୍କ ମୁହଁକୁ ୩ରୁ ୪ଟି ଚୋଟ ଓ ଛାତିକୁ ମଧ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡି ଚିତ୍କାର କରୁଥିବା ବେଳେ ଦୁଷ୍ମନ୍ତଙ୍କୁ ସୁବ୍ରତ ଦାସ ଓ ଯୋଗିଆ ଦାସ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ରକ୍ତଜୁଡୁ ଅବସ୍ଥାରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚିବା ସହ ଚିକିତ୍ସା ପରେ ଅସ୍ତରଙ୍ଗ ଥାନାରେ ଅଭିଯୋଗ ପରେ ପୁଲିସ ଅଭିଯୋଗକୁ ଭିତ୍ତି କରି ଥାନାରେ ୨୬୩/ ୨୪ରେ ମାମଲା ରୁଜୁ କରୀ ତଦନ୍ତ କରିବା ସହ ଶୁକ୍ରବାର ଅପରାହ୍ଣରେ ଆକ୍ରମଣକାରୀ ବାନାମ୍ବର ଦାସଙ୍କୁ ପୁଲିସ ଅଦାଲତ ଚାଲାଣ କରିଛି। ଅନ୍ୟ ପଟେ ଅନ୍ୟ ମାନଙ୍କ ନାଁରେ ମାମଲା ରୁଜୁ କରିଛି ଅସ୍ତରଙ୍ଗ ପୁଲିସ।



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ରାଜ୍ୟ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ପଞ୍ଚଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସରକାର ପିଏମ୍ ପୋଷଣ ଯୋଜନାରେ ପାଚିକା ଓ ସହାୟିକାଙ୍କ ନିମନ୍ତେ ଏକ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଏବଂ ରନ୍ଧନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମଣ୍ଡଳ ଶିକ୍ଷାଅଧିକାରୀ ଶତ୍ରୁଘ୍ନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଶିକ୍ଷାଅଧିକାରିଣୀ ସୁଧାଂଶୁବାଳା ଶତପଥୀ ସଂଯୋଜନାରେ ଆୟୋଜିତ ଶିବିରରେ ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ମୋଟ ୧୧୦ଜଣ ପାଚିକା, ସହାୟିକା ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କ ମଧ୍ୟରେ ରନ୍ଧନ ପ୍ରତିଯୋଗିତା କରାଯାଇଥିଲା। ବିଚାରକ ଭାବେ ସାଧନ ସଂଯୋଜକ ଆଲୋକ ଲେଙ୍କା, ପ୍ରଧାନଶିକ୍ଷକ ବାବୁରାମ ବେହେରା ଖାଦ୍ୟର ମାନ ଓ ସ୍ୱଚ୍ଛତା ଉପରେ ପରୀକ୍ଷଣ କରିଥିଲେ। ପ୍ରଶିକ୍ଷକ ଭାବେ ସାଧନ ସଂଯୋଜକ ରବୀନ୍ଦ୍ର କୁମାର ପରିଡ଼ା, ନାରାୟଣ ପରିଡ଼ା ଖାଦ୍ୟ ପ୍ରସ୍ତୁତ ବେଳେ ସ୍ୱଚ୍ଛତା, ପୃଷ୍ଟିଯୁକ୍ତ ଚାଉଳ ଉପରେ ପ୍ରଶିକ୍ଷଣ ଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟର ସମସ୍ତ ସାଧନ ସଂଯୋଜକ, ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନାରେ ସହାୟତା କରିଥିଲେ।

## ବାଲି ନେବା ପାଇଁ ଘାଟ ମାଲିକଙ୍କ ଦବଙ୍ଗଗିରି

# କେନାଲକୁ ପୋତି ରାସ୍ତା ନିର୍ମାଣ



କଣ୍ଟାପଡା (ଭାସ୍କର ନ୍ୟୁଜ୍) : କଣ୍ଟାପଡା ତହସିଲ ଅଧୀନସ୍ଥ ଗୋବିନ୍ଦପୁର ପଞ୍ଚାୟତରେ ଥିବା ତୀର୍ଥପଡ଼ା ବାଲିଘାଟରୁ ବାଲି ନେବା ନିମନ୍ତେ ନଦୀବନ୍ଧ ରାସ୍ତା କାଟି ପ୍ରତାପ ନଗରୀ କାକଟପୁର ମୁଖ୍ୟ କେନାଲରେ ହୋମ ପାଇପ ପକାଇ ଜୋରଜବରଦସ୍ତି ରାସ୍ତା ନିର୍ମାଣ କରାଯାଉଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବାଲିଘାଟ ନେଇଥିବା ମାଲିକ ନିଜ କ୍ଷମତାର ଅପବ୍ୟବହାର କରି ବିରୋଧ କରୁଥିବା ଲୋକ ପ୍ରତିନିଧିଙ୍କୁ ମଧ୍ୟ ଭୟ କରୁନାହାଁନ୍ତି। ମୁଖ୍ୟ କେନାଲରେ ପାଣି ହୋମ ପାଇପ ବଦଳରେ ରୋକି ହେଲେ ଉପର ମୁଣ୍ଡରେ ବନ୍ୟା ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ। ଏଠାରେ ପ୍ରଶ୍ନ କାହା ବଳରେ ବଳିଆନ ଘାଟ ମାଲିକ। ଉକ୍ତ କେନାଲଟି ପ୍ରାଚୀ ଡିଭିଜନ ଅଧୀନରେ ଥିବାବେଳେ ଝାରପଡା ସବଡ଼ିଭିଜନ ଜେଇଙ୍କ ଅଧୀନରେ ରହିଛି। ଏ ନେଇ ବିଭାଗୀୟ ଜେଇ ସୁନାକର ଦଳେଇଙ୍କୁ ପଚାରିବାରୁ ସେ ଏ ବାବଦରେ ଜାଣି ନାହାନ୍ତି ବୋଲି କହିଛନ୍ତି। ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ରାସ୍ତା ନିର୍ମାଣ କରୁଥିବା ବ୍ୟକ୍ତିଙ୍କ ଉପରେ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି ଜେଇ ସୁନାକର ଦଳେଇ ଚେତାବନୀ ଦେଇଛନ୍ତି। ଏଠାରେ ସୂଚନା ଥାଉ କି ଦିନ ଦ୍ୱିପ୍ରହରରେ ଘାଟ ମାଲିକ କିଭଳି ଭାବରେ କେନାଲ ମଧ୍ୟରେ ରାସ୍ତା ନିର୍ମାଣ କରୁଛନ୍ତି, ହେଲେ ଜେଇ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଘାଟ ମାଲିକଙ୍କୁ ଘଣ୍ଟ ଘୋଡାଉଛନ୍ତି, ଯାହାର ଅଡିଓ ଏବେ ଭାଇରଲ ହେଉଛି। ଉପରିସ୍ଥ ଅଧିକାରୀ ଅନୁମତି ଦେଇଥିବା ବାଲିଘାଟ ମାଲିକ କହୁଛନ୍ତି। ଏହି ଘାଟରେ ଦୈନିକ ଶହ ଶହ ଟ୍ରିପ ବାଲି ଚୋରି ହେଉଥିଲା। ଗ୍ରାମବାସୀ ମଧ୍ୟ ଏହାକୁ ତୀବ୍ର ବିରୋଧ କରିଥିଲେ। ଯଦି ସମ୍ପୃକ୍ତ ଘାଟ ମାଲିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆନଯାଏ ତେବେ ସ୍ଥାନୀୟ ଅଞ୍ଚଳବାସୀ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଅପର ପକ୍ଷରେ ଖଲର୍ଦା ଝାରପଡା ରାସ୍ତାକାମ ଚାଲୁଥିବାରୁ ବାଲି ବୋଝେଇ ହାଇୱା ବନ୍ଦ କରିବାକୁ ବୁଦ୍ଧିଜୀବୀମାନେ ଚେତାବନୀ ଦେଇଛନ୍ତି।

# ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଅସ୍ତରଙ୍ଗ





ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗର ସ୍ୱର୍ଣ୍ଣିମ ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ବଙ୍ଗୋପ ସାଗରରେ ମିଶିଥିବା ଦେବୀମୁହାଣକୁ ଲାଗିଥିବା ଦେବୀନାସିର ଜଳ ନିଳାମ୍ବୁ ଚିଲିକା ଭଳି ଓ ଦୁଇପାଶ୍ୱର୍ରେ ଥିବା ହେନ୍ତାଳବଣ ସୌନ୍ଦର୍ଯ୍ୟ ଭିତରକନିକା ଠାରୁ କମ୍ ନୁହେଁ। ସୌନ୍ଦର୍ଯ୍ୟରେ ଭରପୁର ଦେବୀନାସି ଦୂରତା ଦୃଷ୍ଟିକୋଣରୁ ଟିକିଏ ଦୂରରେ ରହିଥିଲେ ମଧ୍ୟ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦବିନ୍ଦୁ ସାଜିଛି। ମୁହାଣ ନିକଟବର୍ତ୍ତୀ ଅଞ୍ଚଳ ଏବେ ପର୍ଯ୍ୟଟନର ନୂଆ ଠିକଣା ପାଲଟିଛି। ସହନ ମୌଜା ନିକଟରେ ବହିଯାଉଥିବା ଦେବୀନାସି ବା ଗଙ୍ଗାଦେବୀ ନାମରେ ନାମିତ ଏକ ପ୍ରଶସ୍ତ ନଈର ଦୁଇପାର୍ଶ୍ୱରେ ଉଭାହୋଇଛି ହେନ୍ତାଳ ବଣ। ଗଛ ଡାଳରେ ଦେଶୀ ଓ ବିଦେଶୀ ପକ୍ଷୀଙ୍କର ସମାଗମ ସାଙ୍ଗକୁ ଖିଚିରିମିଚିରି ଶବ୍ଦ, ଜଳଭାଗ ମଧ୍ୟସ୍ଥ ସ୍ଥଳଭାଗ ବା ଆଇଲ୍ୟାଣ୍ଡରେ ନାଲି କଙ୍କଡା, ଜଳଭାଗକୁ ଲାଗି ନିର୍ଦ୍ଦିଷ୍ଟ ସ୍ଥାନରେ ପକ୍ଷୀଙ୍କ ସମାଗମ ଏକ ନିଆରା ପରିବେଶ ସୃଷ୍ଟି କରୁଛି। ବହୁ ସମୟରେ ଜଳରାଶିରେ ଡଲଫିନ୍‌ଙ୍କ ଜଳକ୍ରୀଡ଼ା ସାଙ୍ଗକୁ ନଭେମ୍ବର ମାସର ମେ ମାସ ମଧ୍ୟରେ ଜଳରାଶି ଓ ବେଳାଭୂମିର ବାଲୁକା ରାଶିକୁ ଅଲିଭ୍ ରିଡଲେ କଇଁଛ ଆଗମନ କରିଥାନ୍ତି। ସାତ ଦରିଆ ପାରିହୋଇ ଶହଶହ ସଂଖ୍ୟାରେ କଇଁଛ ଆସି ଅଣ୍ଡାଦାନ କରି ଫେରିଥାନ୍ତି। ରାଜ୍ୟ ଓ ରାଜ୍ୟ ବାହାର ପର୍ଯ୍ୟଟକ ପୀରଜାହାନିଆ ବେଳାଭୂମି ସମେତ ଏବେ ଦେବୀନାସିସ୍ଥିତ ଗଙ୍ଗାଦେବୀରେ ବୋଟିଂ କରି ମୁହାଣ ମୁହଁ ପର୍ଯ୍ୟନ୍ତ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି। କିନ୍ତୁ ଏହି ପର୍ଯ୍ୟଟନ କ୍ଷେତ୍ରରେ ସରକାରୀ ସୁବିଧାଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନଥିବାରୁ ପର୍ଯ୍ୟଟକମାନେ ନିରାଶ ହେଉଛନ୍ତି। ସେହିପରି ଦେବୀନାସିରେ ବନବିଭାଗ ବିଟ୍ ହାଉସ୍ ଠାରୁ ମୁହାଣ ପର୍ଯ୍ୟନ୍ତ ଲମ୍ବିଥିବା ଜଙ୍ଗଲରେ ହରିଣ, ଠେକୁଆ, ହେଟାବାଘ, ମୟୂର ଓ ଅନ୍ୟାନ୍ୟ ଜୀବଜନ୍ତୁ ପର୍ଯ୍ୟଟଙ୍କର ଦୃଷ୍ଟିଆକର୍ଷଣ କରୁଛନ୍ତି। ଜଗତସିଂହପୁର ଓ ରାଜନଗର ପଟୁ ନଦୀ ପାରିହୋଇ ହରିଣ ଆସୁଥିବା ସୂଚନା ମିଳିଛି। ଯଦି ଭିତ୍ତିଭୂମି ବିକାଶ କରାଯାଇପାରନ୍ତା, ଏହା ରାଜ୍ୟର ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ଭାବେ ଦେଶବିଦେଶର ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିପାରନ୍ତା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ପାଟକୁରା ବିଜେଡ଼ିର ୨୮ତମ ପ୍ରତିଷ୍ଠା ଦିବସ ପାଳିତ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ପଞ୍ଚାୟତର ଚାନ୍ଦୋଳ ଠାରେ ଆଜି ପାଟକୁରା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଗରଦପୁର ବ୍ଲକ ସଭାପତି ଅଭୟ ମହାରାଜଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍ଶାଘାଇ ବ୍ଲକର ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ରଥ, ଗରଦପୁର ବ୍ଲକ ଜିଲ୍ଲା ପରିଷଦ ସଦସ୍ୟ ସତ୍ୟାନନ୍ଦ ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ପ୍ରତିଷ୍ଠା ଉତ୍ସବରେ ବିଜେଡ଼ିର ୨୪ ବର୍ଷ ଶାସନକାଳ ମଧ୍ୟରେ ଓଡ଼ିଶାର ଛାତ୍ର, ଯୁବକ, ମହିଳା, କୃଷକଙ୍କ ସମେତ ବିଭିନ୍ନ ବର୍ଗର ଲୋକମାନଙ୍କ ପାଇଁ ଅନେକପ୍ରକାର ଯୋଜନା କରି ଲୋକପ୍ରିୟତା ଅର୍ଜନ କରି ପାରିଥିଲେ ବୋଲି ବରିଷ୍ଠ ବିଜେଡ଼ି ନେତା ସୁଦିପ୍ତ ସାମଲ, ଭବାନୀ ପ୍ରସାଦ ଓଝା, ଦିଲ୍ଲୀପ ସାହୁ, ସରୋଜ ନାୟକ, ମନୋରଞ୍ଜନ ଉପାଧ୍ୟାୟ, ସୁକାନ୍ତ ଦ୍ୱିବେଦୀ, ଯୋଗାନନ୍ଦ ମହାନ୍ତି, ଜୟନ୍ତ ଶତପଥି, ମହେନ୍ଦ୍ର ସିଂ, ଅମ୍ବିକା ରଥ, ସୁଧିର କୁମାର ଖଟୁଆ, ବାସୁଦେବ ବେହେରା, ଶୈଳେନ୍ଦ୍ର ମହାନ୍ତି ପ୍ରମୁଖ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ସଭାରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଳିକ, ଇନ୍ଦାଲୋ ସରପଞ୍ଚଜ୍ୟୋସ୍ନାମୟୀ ବେହେରା, ସମିତିସଭ୍ୟା ମାମିନା



ମଳିକ, ମୁକୁନ୍ଦପୁର ସରପଞ୍ଚ ମିତାରାଣୀ ମଳିକ, ସମିତିସଭ୍ୟ ପ୍ରଶାନ୍ତ କୁମାର ବେହେରା, କୁରୁଜଙ୍ଗା ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ଛୋଟି ସରପଞ୍ଚ ରଜନୀ ମଳିକ, ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି, ଲକ୍ଷ୍ମୀନାରାୟଣପୁର ସରପଞ୍ଚ ଅରକ୍ଷିତ କାଣ୍ଡି, ବାଲିଆ ସରପଞ୍ଚ ପ୍ରବିର ସିଂ, ରତାଦିଆ ସମିତିସଭ୍ୟ ନିତ୍ୟାନନ୍ଦ ଭଦ୍ର, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ରଜତ ବଳ, ଚୌଧୁରୀ ରବିନ୍ଦ୍ର ଜେନା, ରାଜକିଶୋର ମଲ୍ଲ, ସତ୍ୟରଞ୍ଜନ ସାମଲ, ଦିଲ୍ଲୀପ ଦାସ, ପ୍ରଶାନ୍ତ ସାମନ୍ତରାୟ, ଅକ୍ଷୟ ସ୍ୱାଇଁ, ଅଭିମନ୍ୟୁ ରାଉତ, ଅରକ୍ଷିତ ସାମନ୍ତରାୟ, ନାରୀନେତ୍ରୀ ସରଳରେଖା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ଛାମୁଆଁ କର୍ମୀମାନେ ଯୋଗ ଦେଇଥିଲେ। ଶେଷରେ ଚାନ୍ଦୋଳ ସମିତିସଭ୍ୟା ମଞ୍ଜୁଲତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନଶିକ୍ଷକଙ୍କ ବଦଳି ଦାବି କଲେ ଗ୍ରାମବାସୀ

କଣ୍ଟାପଡା (ଭାସ୍କର ନ୍ୟୁଜ୍) : କଣ୍ଟାପଡା ବ୍ଲକ ବାଇରୋଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନୃସିଂହ ଚରଣ ବେହେରାଙ୍କୁ ଉକ୍ତ ବିଦ୍ୟାଳୟରୁ ଅନ୍ୟତ୍ର ବଦଳି କରିବା ନିମନ୍ତେ ଅଭିଭାବକ ଓ ବାଇରୋଇ ଗ୍ରାମବାସୀ ବିଓ, ଡ଼ିଓ, ଜିଲ୍ଲାପାଳ ଓ ନିଆଲି ବିଧାୟକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରଧାନଶିକ୍ଷକ ଶ୍ରୀ ବେହେରା ପିଲାମାନଙ୍କୁ ପାଠ ପଢ଼ାଉ ନାହାନ୍ତି। ବିଦ୍ୟାଳୟକୁ ସଠିକ ସମୟରେ ଆସୁନାହାନ୍ତି, ଯେତିକି ସମୟ ଆସୁଛନ୍ତି ପାଠ ନପଢାଇ ରାଜନୀତି କରୁଥିବା ଭଳି ଅଭିଯୋଗ ହୋଇଛି। ଯଦି ସମ୍ପୃକ୍ତ ଶିକ୍ଷକଙ୍କୁ ବଦଳି କରାନଯାଏ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ସମ୍ପୃକ୍ତ ଶ୍ରୀ ବେହେରାଙ୍କୁ ପଚାରିବାରୁ ଅଭିଯୋଗ କିଏ କଲା ନକଲା ମୋର ଯାଏ ଆସେ ନାହିଁ ବୋଲି କହିଛନ୍ତି।

# ଅନୁକୂଳ ଗ୍ରାମ ପଞ୍ଚାୟତ ଗଠନ ସମ୍ବନ୍ଧିତ ପ୍ରଶିକ୍ଷଣ ଶିବିର



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ସମାଜରେ ଦିନକୁ ଦିନ ନାରୀ ନିର୍ଯାତନା ଓ ଲିଙ୍ଗଗତ ସମସ୍ୟା ବୃଦ୍ଧିକୁ ଲକ୍ଷ୍ୟ କରି ଆଜି ରଘୁନାଥପୁର ବ୍ଲକ ପ୍ରଶାସନ ପକ୍ଷରୁ ଲିଙ୍ଗଗତ ସମାନତା ଓ ମହିଳା ଅନୁକୂଳ ଗ୍ରାମପଞ୍ଚାୟତ ଗଠନ ସମ୍ବନ୍ଧିୟ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବ୍ଲକ ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶିକ୍ଷକ ଭାବେ ରଘୁନାଥପୁର ବ୍ଲକ ଏବିଡିଓ ଜ୍ଞାନଦା ନାୟକ, ଜିପିଇଓ ସ୍ମାରକ ରଂଜନ ମହାନ୍ତି, ବିପିଏମ ଲିପିକା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଲିଙ୍ଗଗତ ସମାନତା ଓ ମହିଳା ଅନୁକୂଳ ଗ୍ରାମ ଗଠନ ନିମନ୍ତେ ପଂଚାୟତର ଭୂମିକା ଉପରେ ପ୍ରଶିକ୍ଷଣ ଦେଇଥିଲେ।ଏଥିରେ ମହିଳା ଏବଂ ବାଳିକାଙ୍କ ପ୍ରତି ହେଉଥିବା ଅପରାଧ ହ୍ରାସ କରିବା, ସମସ୍ତ ସରକାରୀ ଓ ବେସରକାରୀ କ୍ଷେତ୍ରରେ ମହିଳାଙ୍କ ସୁରକ୍ଷାକୁ ନିଶ୍ଚିତ କରିବା, ସାମାଜିକ, ରାଜନୈତିକ ଅବହେଳିତ କାର୍ଯ୍ୟକଳାପରେ ତଥା ଗୋଷ୍ଠୀସ୍ତରୀୟ ଅନୁଷ୍ଠାନ ଗୁଡିକରେ ମହିଳା ମାନଙ୍କର ଅଂଶଗ୍ରହଣକୁ ବୃଦ୍ଧି କରିବା, ପାଞ୍ଚ ବର୍ଷରୁ କମ୍ ବୟସର ସମସ୍ତ ବାଳିକାମାନଙ୍କୁ ଗୁଣାତ୍ମକ ପୃଷ୍ଟି କର ଖାଦ୍ୟ ନିଶ୍ଚିତ କରିବା, ମହିଳାଙ୍କ ପାଇଁ ବ୍ୟାଙ୍କିଙ୍ଗ ସେବାକୁ ସୁଗମ କରିବା, ମାତୃ ମୃତ୍ୟୁହାର ହ୍ରାସ କରିବା, ବିଦ୍ୟାଳୟରେ ବାଳିକାମାନଙ୍କର ସଂପୂର୍ଣ୍ଣ ନାମଲେଖା ଏବଂ ପାଠପଢା ଅଧାରୁ ନଛାଡିବା ପାଇଁ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଢେଇକୂଳ ସରପଞ୍ଚ ରୀନା ସ୍ୱାଇଁ, ଧରାଧରପୁର ସରପଞ୍ଚ ନଳୀନିପ୍ରଭା ମୁଦୁଲି, ତାରାପୁର ସରପଞ୍ଚ ସୁଷମା ମଲ୍ଲିକ, ଜଇଶୋଳ ସରପଞ୍ଚ ମମତା ମଲ୍ଲିକ, ବିଦ୍ୟାଧରପୁର ସରପଞ୍ଚ ସାହେଦା ତବସୁମାଙ୍କ ସମେତ ଏହି ପାଞ୍ଚୋଟି ପଞ୍ଚାୟତର ସମସ୍ତ ମହିଳା ୱାର୍ଡ ସଭ୍ୟା, ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର,ଆଶା କର୍ମୀ, ଏମବିକେ, ସିଆରପି, ଜିପିଏଲଏଫର ସଭାନେତ୍ରୀ ଓ ସଂପାଦିକା, ପଞ୍ଚାୟତ ନିର୍ବାହୀ ଅଧୀକାରି ଓ ଏଡିଓମାନେ ଭାଗ ନେଇଥିଲେ।

# ପ୍ରସ୍ତର କଳାକୁ କୌଳିକ ବୃତ୍ତି ଭାବେ ବାଛି ନେଇଛନ୍ତି ୨୦୦ ପରିବାର





## ସରକାରୀ ସହାୟତା ନମିଳିଲେ ଲୋପ ପାଇଯିବ ଏହି କଳା !

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ମୟୁରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଖିଚିଙ୍ଗର ମା' 'କିଚକେଶ୍ୱରୀ'। ମା'ଙ୍କ ମନ୍ଦିର ଠାରୁ ମାତ୍ର ୩ କିଲୋମିଟର ଦୂରରେ ରହିଛି ଶୁକ୍ଳି ବ୍ଲକ ଅନ୍ତର୍ଗତ ଏକ ଛୋଟ ଗାଁ କେଶନା। ଗାଁରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଏହି ଗାଁଟି ସମଗ୍ର ଦେଶରେ ପ୍ରସିଦ୍ଧି ଲାଭ କରିଛି ତା'ର ପଥର ଶିଳ୍ପ ଭାସ୍କର୍ଯ୍ୟ କଳା ଓ ସ୍ଥାପିତ୍ୟ ନିମନ୍ତେ। ପାରମ୍ପାରିକ ଚାଷ କୁ ଛାଡ଼ି ପଥର ଦେହରେ ବିଭିନ୍ନ ମୂର୍ତ୍ତି ତିଆରି କରି ଏ ଅଞ୍ଚଳର କାରିଗର ସମଗ୍ର ଦେଶରେ ନିଜ ପାଇଁ ସୃଷ୍ଟି କରିଛନ୍ତି ଏକ ଅନନ୍ୟ ପରିଚୟ, ଖିଚିଙ୍ଗର ମା' କିଚକେଶ୍ୱରୀ ମନ୍ଦିର ନିର୍ମାଣ ସମୟରେ ଏହି ଗ୍ରାମ କେସନା ପ୍ରତିଷ୍ଠିତ ହୋଇଥିବାର ଜଣାଯାଏ। ଶହ ଶହ କାରିଗର ସେହିଦିନ ଠାରୁ ଏହି ପ୍ରସ୍ତର କଳାକୁ ନିଜର କୌଳିକ ବୃତ୍ତି ଭାବେ ବାଛି ନେଇ ଜୀବନ ଜୀବିକା କରି ଚଳି ଆସୁଛନ୍ତି। ଏହି କେସନା ଗାଁର ଅଧିବାସୀ ଗାଁ ଠାରୁ ୪/୫ କିଲୋମିଟର ଦୂରବର୍ତ୍ତୀ ଅଞ୍ଚଳରେ ରହିଥିବା ଆଦିପୁର ଅଞ୍ଚଳରୁ ମିଳୁଥିବା ବିଶାଳକାୟ ଆଗ୍ନେୟ ଶିଳା ବା ଇଗ୍ନେୟ ସ୍ରୋକ ବା ଗ୍ରାନାଇଟ, ଡୋଲରାଇଟ, କଳା ମୁଗୁନି ଆଦି ପଥର ଦେହରେ ଛେଣି, ହାତୁଡ଼ି ସାହାଯ୍ୟରେ କାରିଗରମାନେ ପ୍ରସ୍ତୁତ କରିଥାନ୍ତି ବିଭିନ୍ନ ଦେବଦେବୀ, ରାଜା ମହାରାଜା, ପଶୁପକ୍ଷୀ, ରାମାୟଣ ଓ ମହାଭାରତ ଯୁଦ୍ଧର ବିଭିନ୍ନ ଐତିହାସିକ ଦୃଶ୍ୟର ଚରିତ୍ର। ତା' ସାଙ୍ଗକୁ ଦେବଦେବୀ ଦୁର୍ଗା, କାଳୀ, ଭବାନୀ, ମଙ୍ଗଳା, ଗଣେଶ, ନଟରଜ, ହନୁମାନ, ଶିବ ଇତ୍ୟାଦି ଅନେକ ମୂର୍ତ୍ତି ତିଆରି କରିଥାନ୍ତି ଏଠାକାର ପଥର କାରିଗର। ଜୀବନ ନଥିବା ପଥର ଉପରେ ଛେଣି ହାତୁଡ଼ି ସାହାଯ୍ୟରେ କାରିଗର ମାନଙ୍କର ନିଖୁଣ ହାତର ସ୍ପର୍ଶରେ ପଥରରେ ତିଆରି ହେଉଥିବା ମୂର୍ତ୍ତି ସବୁ ଜୀବନ୍ତ ହୋଇ ଉଠେ, ସତେ ଯେମିତି ମନେହୁଏ ପଥର ବି ଏଠାରେ କଥା କହେ। ଦିନରାତି ଏଠାରେ କାରିଗରମାନଙ୍କ ହାତୁଡ଼ି ଓ ଛେଣିର ଠକ ଠକ ଶବ୍ଦ ସୂଚାଇ ଦିଏ କଳା ସ୍ଥାପିତ୍ୟ ର ପରିଚୟ। ମୁଖ୍ୟତଃ ଏ ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ବିଭିନ୍ନ ମୂର୍ତ୍ତି ରାଜ୍ୟ ତଥା ରାଜ୍ୟ ବାହାରକୁ ମଧ୍ୟ ଲୋକ ମାନଙ୍କ ଚାହିଦା ଅନୁଯାୟୀ ପଠା ଯାଇଥାଏ। ପିଢ଼ି ପରେ ପିଢ଼ି ବିତି ଯାଇଥିଲେ ମଧ୍ୟ ଏହି ପଥର କଳା ଶିଳ୍ପକୁ ବଜାଇ ରଖିଛନ୍ତି ଏଠାକାର ପଥର କାରିଗର ମାନେ। ଯଦିଓ ପ୍ରସ୍ତର ଶିଳ୍ପ ନିମନ୍ତେ ଏ ଅଞ୍ଚଳର କାରିଗର ସମଗ୍ର ଦେଶରେ ତଥା ଦେଶ ବାହାରେ ପ୍ରସିଦ୍ଧ ଲାଭ କରିଛନ୍ତି କିନ୍ତୁ କାରିଗରମାନଙ୍କର ଆର୍ଥିକ ସ୍ଥିତି ଅଧିକ ସ୍ୱଚ୍ଛଳ ନୁହେଁ, କାରିଗରମାନଙ୍କ କହିବା ମୁତାବକ ଆଗରୁ ସେମାନେ ପଥର ବହୁ ସୁବିଧାରେ ପାଇ ପାରୁଥିଲେ ହେଲେ ଏବେ ପଥର ଉପରେ କଟକଣା ଯୋଗୁଁ ଉଚିତ ସମୟରେ ପଥର ପାଇପାରୁ ନାହାନ୍ତି। ତତ୍ ସହିତ ସେହି କେସନା ଅଞ୍ଚଳରେ ଥିବା ପଥର ଉପରେ ୧୪୪ ଧାରା ଲାଗୁ ହୋଇ ଥିବା ହେତୁ ପଥର ପାଇପାରୁ ନାହାନ୍ତି ଏବଂ ଯୋଉଠୁ ପଥର ଆଣୁଛନ୍ତି ତାହା ମଧ୍ୟ ଅଧିକ ଦରରେ ଏବଂ ପଥରର ଘୋର ଅଭାବ ରହିଛି ବୋଲି ଏଠାକାର ପଥର କାରିଗରମାନେ ମତପ୍ରକାଶ କରିଛନ୍ତି। ତେବେ ଶହ ଶହ ପଥର କାରିଗରଙ୍କ ଭାଗ୍ୟଚକ୍ର ଏବେ ଏହି ପଥର ଉପରେ ନିର୍ଭର କରେ। ଯଦି ଭବିଷ୍ୟତରେ ଏଭଳି ପଥର ସମସ୍ୟା ଲାଗି ରହେ ତେବେ ଏଠାରେ ଯେଉଁ ପଥର ଶିଳ୍ପ ପାଇଁ ପ୍ରସିଦ୍ଧ ଲାଭ କରିଥିବା କାରିଗରମାନେ ତାଙ୍କ କଳା ସ୍ଥାପିତ୍ୟକୁ ହରାଇ ବସିବେ। ତେବେ ସ୍ଥିର ସରକାରଙ୍କ ଦୀର୍ଘଦିନର ଶାସନ ସମୟରେ ଏହି ପଥର କାରିଗରମାନଙ୍କୁ କୌଣସି ପ୍ରକାର ସାହାଯ୍ୟ ସହଯୋଗ ନମିଳିବା ପରିତାପର ବିଷୟ, କିନ୍ତୁ ବର୍ତ୍ତମାନ୍ ସରକାର ପରିବର୍ତ୍ତନକୁ ନେଇ ଏକ ନୂଆଆଶା ବାନ୍ଧିଛନ୍ତି ଏଠାକାର କାରିଗରମାନେ। ନୂଆ ସରକାର ଏହି ପଥର ଶିଳ୍ପ କାର୍ଯ୍ୟ ଉପରେ ନିଶ୍ଚୟ ନଜର ପକେଇବେ। ଏଣୁ ସରକାର କାରିଗରମାନଙ୍କୁ ଲିଜ ମାଧ୍ୟମରେ ପଥର ଯୋଗାଇ ଏବଂ ବ୍ୟବସାୟ ନିମନ୍ତେ ଉଚିତ୍ ବଜାର ସୃଷ୍ଟି କରିବା ଭଳି ପଦକ୍ଷେପ ନେବା ପାଇଁ ଏଠାକାର ପଥର କାରିଗର ମାନେ ଦାବି କରିଛନ୍ତି।


# ରାମକୃଷ୍ଣ ମିଶନ ତରଫରୁ କମ୍ବଳ ବଣ୍ଟନ





ଭାପୁର (ଭାସ୍କର ନ୍ୟୁଜ୍): ରାଜ୍ୟରେ ବର୍ତ୍ତମାନ ପ୍ରବଳ ଶୀତଲହରୀ ଚାଲିଥିବାରୁ ଭାପୁର ପଞ୍ଚାୟତ ଦୁର୍ଗାପୁରସ୍ଥିତ ରାମକୃଷ୍ଣ ମିଶନ ଶାଖା ତରଫରୁ ଭାପୁର ପଞ୍ଚାୟତ ଅନ୍ତର୍ଗତ ମାନପୁରସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ଶୁକ୍ରବାର ଦିନ ପଞ୍ଚାୟତ ଅଞ୍ଚଳର ନିହାତି ଗରିବ ନିରାଶ୍ରୟ ୧୦୧ ଜଣଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଭୁବନେଶ୍ୱର ରାମକୃଷ୍ଣ ମିଶନ ଓ କଲିକତା ରାମକୃଷ୍ଣ ବିବେକାନନ୍ଦ ମିଶନ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାପୁର ରାମକୃଷ୍ଣ ମିଶନର ଶାଖା ପରିଚାଳକ ଶ୍ରୀ ହରି ଭକ୍ତାନନ୍ଦଜି ମହାରାଜ କାର୍ଯ୍ୟକ୍ରମକୁ ପରିଚାଳନା କରିଥଲେ। ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡ.ପ୍ରିଦିପ୍ତ କିଶୋର ପାଇକରାୟ, ସ୍ଥାନୀୟ ବିଡ଼ିଓ ସାରଦା ପ୍ରସାଦ ପଣ୍ଡା, ଭାପୁର ବଜାର କମିଟିର ସଭ୍ୟ ଗଙ୍ଗାଧର ବାରିକ, ଲକ୍ଷ୍ମଣ ସାହୁ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପ୍ରଭାକର ସାହୁ ଏବଂ ସଭ୍ୟ ଲକ୍ଷ୍ମୀଧର ମହାପାତ୍ର, ସାଧୁ ଚରଣ ସିଂହ, ପଞ୍ଚୁ ସାହୁ, ହାଡିବନ୍ଧୁ ଦାସ, ଗଦାଧର ବେହେରା ପ୍ରମୁଖ ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ। ପେଶାରେ ଡାକ୍ତର ହେଲେ ମଧ୍ୟ ନିଶା ସମାଜସେବା ହୋଇଥିବାରୁ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ଯେ କୌଣସି ସ୍ଥାନରେ ସମାଜସେବା ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ଖବର ଯାହାଙ୍କ ନିକଟରେ ପହଁଚିଗଲେ ସେ ବସି ରହିପାରନ୍ତି ନାହିଁ ସେ ହେଉଛନ୍ତି ଡ଼ା ପ୍ରଦୀପ୍ତ କିଶୋର ପାଇକରାୟ ଏବଂ ଭାପୁର ଅଞ୍ଚଳର ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ସେବା କରିଚାଲିଥିବା ଅବସରପ୍ରାପ୍ତ ସାମରିକ କର୍ମଚାରୀ ପ୍ରଭାକର ସାହୁ ଉପସ୍ଥିତ ରହି କମ୍ବଳ ବଣ୍ଟନ କରିଥିଲେ। ଏହିଭଳି କାର୍ଯ୍ୟକ୍ରମକୁ ଭାପୁର ଅଞ୍ଚଳରେ ସ୍ୱାଗତ କରାଯାଇଛି।

## ରାଶିଫଳ


ଶନିବାର, ୨୮ ଡିସେମ୍ବର ୨୦୨୪



**ମେଷ:** କାର୍ଯ୍ୟପ୍ରଣାଳୀରେ ଉନ୍ନତି ହେବ। ତୁରନ୍ତ କୌଣସି ଲାଭ ହେବ ନାହିଁ। ଯେକୌଣସି ପୁରୁଣା ରୋଗ ଅବରୋଧର କାରଣ ହୋଇପାରେ। ଅର୍ଥନୈତିକ ନୀତିରେ ପରିବର୍ତ୍ତନ ଆସିବ। ଆପଣ ସାମାଜିକ କାର୍ଯ୍ୟ କରିବାକୁ ଏକ ସୁଯୋଗ ପାଇବେ।




**ବୃଷ:** ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ବ୍ୟବସାୟ ବୃଦ୍ଧି ପାଇବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନିଅନ୍ତୁ। ଧାର୍ମିକ ରୀତିନୀତିରେ ଅଂଶଗ୍ରହଣ କରିବାକୁ ଆପଣ ଏକ ସୁଯୋଗ ପାଇପାରନ୍ତି । ରାଜନୈତିକ ସମର୍ଥନ ପାଇବେ।



**ମିଥୁନ:** ବେପରୁଆ ହୁଅନ୍ତୁ ନାହିଁ, ବିଶେଷକରି ଗୃହିଣୀ। ଜରୁରି ଜିନିଷଗୁଡିକ ନିଖୋଜ ହୋଇପାରେ। ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଯାନ, ଯନ୍ତ୍ର ଏବଂ ଅଗ୍ନି ବ୍ୟବହାର କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।




**କର୍କଟ:** ବ୍ୟବସାୟ ବୃଦ୍ଧି ପାଇବ । ଉଚ୍ଚ ପଦାଧିକାରୀମାନେ ଚାକିରିରେ ଖୁସି ହେବେ । ବିନିଯୋଗ ଭଲ ହେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନିଅନ୍ତୁ। ବିବାହ ପ୍ରସ୍ତାବ ଗ୍ରହଣ କରାଯାଇପାରେ । କମ୍ ପ୍ରତିଦ୍ୱନ୍ଦ୍ୱିତା ହେବ । ରାଜନୈତିକ ସମର୍ଥନ ପାଇବେ।




**ସିଂହ:** ସ୍ଥାୟୀ ସମ୍ପତ୍ତିର ବଡ କାରବାର ବଡ଼ ଲାଭ ଦେଇପାରେ । ଆପଣ ଚାହୁଁଥିବା ଚାକିରି ପାଇବେ । ବ୍ୟାଙ୍କ ବାଲାନ୍ସ ବୃଦ୍ଧି ପାଇବ। ବ୍ୟବସାୟରେ ଅଭିବୃଦ୍ଧି ହେବାର ସମ୍ଭାବନା ଅଛି । ଅର୍ଥନୈତିକ ପ୍ରଗତି ପାଇଁ ପ୍ରୟାସ ସଫଳ ହେବ। ଋଣ ଠିକ୍ ସମୟରେ ପରିଶୋଧ କରିବାକୁ ସକ୍ଷମ ହେବେ।




**କନ୍ୟା:** କିଛି ଶୁଭ କାମର ଆୟୋଜନ କରାଯାଇପାରେ । ଆପଣ ସୁସ୍ୱାଦୁ ଭୋଜନ ଉପଭୋଗ କରିପାରିବେ । ଭ୍ରମଣ ଲାଭଦାୟକ ହେବ। ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ । ସ୍ୱାସ୍ଥ୍ୟ ଦୁର୍ବଳ ହୋଇପାରେ । ଅନ୍ୟମାନଙ୍କ ସହିତ ଝଗଡା କରନ୍ତୁ ନାହିଁ ।



**ତୁଳା:** ଆୟରେ ନିଶ୍ଚିତତା ରହିବ । ଖରାପ ଖବର ଆସିପାରେ, ଧୈର୍ଯ୍ୟବାନ ହୁଅନ୍ତୁ । ଅତ୍ୟଧିକ ବ୍ୟସ୍ତତା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇବ। ଥକ୍କା ଏବଂ ଦୁର୍ବଳ ଅନୁଭବ କରିପାରନ୍ତି। ବକ୍ତବ୍ୟରେ କଠୋର ଶବ୍ଦ ବ୍ୟବହାର କରିବାଠାରୁ ଦୂରେଇ ରୁହନ୍ତୁ ।



**ବିଛା:** ବିନିଯୋଗ ଲାଭଦାୟକ ହେବ । ବ୍ୟବସାୟ ଏବଂ କାରବାର ଭଲ ରହିବ। ଜରୁରୀ ଜିନିଷକୁ ଠିକ୍ ସମୟରେ ନ ପାଇବାରୁ ଦୁଃଖିତ ହେବେ। କରାଯାଉଥିବା କାର୍ଯ୍ୟରେ ବାଧା ଉପୁଜିବ । ସ୍ୱାସ୍ଥ୍ୟ ଦୁର୍ବଳ ହେବ। ବିବାହ ପ୍ରସ୍ତାବ ଗ୍ରହଣ କରାଯାଇପାରେ। ଅଳ୍ପ ପରିଶ୍ରମ ସହିତ, କାମ ସରିବାରେ ସୁଖ ମିଳିବ।



**ଧନୁ:** ବ୍ୟବସାୟ ଭଲ ହେବ । ସହକର୍ମୀମାନେ ଏହି କାର୍ଯ୍ୟରେ ସହଯୋଗ କରିବେ। ଶୀଘ୍ର ଏବଂ ଅସାବଧାନତା ଯୋଗୁଁ କ୍ଷତି ହେବ। ଏକ ରାଜନୈତିକ କ୍ରୋଧ ହୋଇପାରେ। ବିବାଦ କରନ୍ତୁ ନାହିଁ । ଭଲ ଖବର ଗ୍ରହଣ କରାଯିବ । ହଜିଯାଇଥିବା ବନ୍ଧୁ ଏବଂ ସମ୍ପର୍କୀୟଙ୍କ ସହ ଭେଟ ହେବ। ବିରୋଧୀମାନେ ସକ୍ରିୟ ରହିବେ । ରିସ୍କ ନେବାକୁ ସାହସ କରନ୍ତୁ ।



**ମକର:** ବ୍ୟବସାୟ ବୃଦ୍ଧି ପାଇବ । ସେୟାର ବଜାର ଅନୁକୂଳ ଲାଭ ଦେବ । ବ୍ୟବସାୟ ଭ୍ରମଣ ଲାଭଦାୟକ ହେବ । ଚାକିରୀ ପାଇବେ । ଆୟ ବୃଦ୍ଧି ପାଇବ । ଘର ବାହାରେ ଖୁସିର ବାତାବରଣ ରହିବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । କିଛି ଅଘଟଣ ଘଟିବାର ସମ୍ଭାବନା ରହିବ ।



**କୁମ୍ଭ:** ଚାକିରିରେ କାର୍ଯ୍ୟଭାର ରହିବ । କ୍ଳାନ୍ତ ଅନୁଭବ କରିବେ। ମୂଲ୍ୟବାନ ସାମଗ୍ରୀକୁ ଦାୟିତ୍ୱରେ ରଖନ୍ତୁ । ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ। ବ୍ୟବସାୟର ଗତି ଧୀର ହେବ। ସହକର୍ମୀମାନେ ସହଯୋଗ କରିବେ ନାହିଁ। ଆଖିର ବିଶେଷ ଯତ୍ନ ନିଅନ୍ତୁ । ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ।



**ମୀନ:** ବୁଦ୍ଧି ବ୍ୟବହାର କରନ୍ତୁ । ଅଟକାଯାଇଥିବା ଅର୍ଥ ଗ୍ରହଣ କରାଯିବ । ପ୍ରୟାସ ସଫଳ ହେବ । ଭ୍ରମଣ ଆନନ୍ଦଦାୟକ ହେବ । ବ୍ୟବସାୟରେ ସନ୍ତୁଷ୍ଟ ହେବେ । ପ୍ରଲୋଭିତ ହୁଅନ୍ତୁ ନାହିଁ । ବିନିଯୋଗ ଲାଭଦାୟକ ହେବ। ଚାକିରିରେ ପ୍ରଭାବର କ୍ଷେତ୍ର ବୃଦ୍ଧି ପାଇବ । ଆପଣ ବ୍ୟବସାୟରେ ଉତ୍ସାହର ସହିତ କାମ କରିବାକୁ ସମର୍ଥ ହେବେ ।



ଗ୍ରହଯୋଗ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ): ବିଜେଡି ସଭାପତି ରମେଶ ଚନ୍ଦ୍ର ମାଝି ଆଜି ଉମରକୋଟ ବ୍ଲକ ଅନ୍ତର୍ଗତ ଭଣ୍ଡାରି ଗୁଡ଼ା ଗ୍ରାମ ପଞ୍ଚାୟତର ପୋଡାଗଡ ଠାରେ ଅନୁଷ୍ଠିତ ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡିର ୨୮ ତମ ପ୍ରତିଷ୍ଠା ଦିବସ ରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜେପି ଉପରେ ବର୍ଷିଛନ୍ତି । ପ୍ରତିଷ୍ଠା ଦିବସରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଝରିଗାଁ ର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ଯୋଗଦେଇଥିବାବେଳେ ସମସ୍ତ ଅତିଥିମାନଙ୍କୁ ଆଦିବାସୀ ପାରମ୍ପରିକ ନୃତ୍ୟ ଓ ବାଜା ବଜେଇ ମଞ୍ଚ ସ୍ଥଳ ଯାଇ ଲୋକମାନେ ପାଛୋଟି ନେଇଥିଲେ । ପରେ ଉପସ୍ଥିତ ଅତିଥିମାନେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀର ଉମରକୋଟ ବ୍ଲକ ସଭାପତି ଅଜିତ ପ୍ରଧାନ ସଭାପତିତ୍ୱ କରିବା ସହ ମଞ୍ଚ ପରିଚାଳନ କରିଥିଲେ । ଏହି ଅବସରରେ ଉମରକୋଟ ବ୍ଲକ ଅଧକ୍ଷା ସୁଶୀଳା ମାଝୀ, ବ୍ଲକ ଉପାଧକ୍ଷ ସାମଲ ସରକାର, ବରିଷ୍ଠ ବିଜେଡି ନେତା ଦେବୀ ସିଂ ମାଝି, ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ବିଜେଡି ନେତା ଉର୍ଦ୍ଧବ ନାୟକ, ଜିଲ୍ଲା ପରିଷଦ ସଭ୍ୟା । ଡାଲିମ୍ବ ଭତ୍ରା, ସମିତି ସଭ୍ୟ ବିକ୍ରମ ସିଂ ପ୍ରମୁଖ ଉପସ୍ଥିତ ଅନ୍ୟତମ ଅତିଥି ଭାବରେ ଉପସ୍ଥିତି ରହି ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଜିର ବୈଠକରେ ବିଜେଡ଼ିର ସମସ୍ତ ସାରପଞ୍ଚ, ସମିତି ସଭ୍ୟ, ବରିଷ୍ଠ ଆଗ ଧାଡ଼ିର ନେତାଙ୍କ ସମେତ ଝରିଗାଁ ବିଧାନସଭା ରେ ଆସୁଥିବା ଉମରକୋଟ ବ୍ଲକର ୧୫ ଟି ଗ୍ରାମ ପଞ୍ଚାୟତରୁ ୧ ହଜାର ରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ ।



# ବେହାଲ କଲା ଲଘୁଚାପ ବର୍ଷା



ଉମରକୋଟ(ଭାସ୍କର ନ୍ୟୁଜ): କେଇ ଘଣ୍ଟାର ଅନବରତ ଲଗାଣ ବର୍ଷା । ଗତକାଲି ଅପରାହ୍ନ ଚାରିଟାରୁ ଆରମ୍ଭ ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ ଜାରି ରହିଛି । ଯାହାଫଳରେ ଜନଜୀବନ ଅସ୍ତବ୍ୟସ୍ତ ହେବାସହ ଅମଳ ଧାନ ଓ ମକା ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି । ଅଦିନିଆ ବର୍ଷା ଯୋଗୁଁ ଧାନ ଗଦା କରି ରଖିଥିବା ଚାଷୀ ଓ ମକା ଶୁଖାଇଥିବା ଚାଷୀ ଚିନ୍ତାରେ ପଡ଼ିଛନ୍ତି । ଆଉ ଦିନଟି ଯଦି ବର୍ଷା ଲାଗି ରହିବ ତାହାହେଲେ ଶସ୍ୟ ନଷ୍ଟ ହେବାର ସମ୍ଭାବନା ରହିଛି । ଧାନ,ମକା ସହ ଡ଼ାଲି ଜାତୀୟ ଶସ୍ୟ ନଷ୍ଟ ହେବାର ଆଶଙ୍କା ରହିଛି । ଝରିଗାଁ ବ୍ଲକର ସମଗ୍ର ଅଞ୍ଚଳ ଲଘୁଚାପଜନିତ ବର୍ଷା ଚାଦରରେ ଢାଙ୍କି ହୋଇଯାଇଛି । ମେଘୁଆ ପାଗ କୋହଲା ପବନ ଡିସେମ୍ବର ମାସର ଥଣ୍ଡା ଯୋଗୁଁ ଦୈନିକ ବଜାର ମାନ୍ଦା ରହିଛି । ଅଧିକାଂଶ ଦୋକାନ ବନ୍ଦ ରହିଛି । ଜନ ଗହଳି ରାସ୍ତାରେ ନାହିଁ । ଧାନ କାଟି ଖଳାରେ ଗଦା କରି ରଖିଥିବା ଧାନଗଦା ଗୁଡ଼ିକୁ ପଲିଥିନ ଢାଙ୍କି ରଖିଛନ୍ତି ଚାଷୀ । ସେହିପରି ଅମଳ ମକା ରଖିଥିବା ଚାଷୀ ମକା ଗଦାକୁ ଜରି ପାଲ କିଣି ଘୋଡାଇ ରଖୁଥିବା ଦେଖିବାକୁ ମିଳିଛି । ଗରିବ ଚାଷୀ ଜରି କିଣି ଶସ୍ୟକୁ ବର୍ଷା ଦାଉରୁ ରକ୍ଷା କରିବାକୁ ଅର୍ଥ ନଥିବାବେଳେ ଖଳାରେ ଗଦା କରି ଛାଡି ଦେଇଛି । ରହି ରହିକି ବର୍ଷା ବର୍ଷୁଛି । କେତେବେଳେ ମୁଷଳ ଧାରାରେ ଅଜାଡୁଛି ତ ଆଉ କେତେବେଳେ ଝିପିରି ଝିପିରି ବର୍ଷା ହେଉଛି । ଦିନକର ବର୍ଷା, ବର୍ଷାରତୁ ଠାରୁ ଅଧିକ ବଳି ଗଲା ବୋଲି ଚାଷୀ କହିଛନ୍ତି । ସଦ୍ୟ ଧାନ ମଣ୍ଡି ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ମଣ୍ଡିରେ ହଜାର ହଜାର ଧାନ ବସ୍ତା ଚାଷୀ ରଖିଛନ୍ତି । ଟିଣ ସେଡ ବ୍ୟବସ୍ଥା ଥିବା ମଣ୍ଡି ଗୁଡିକରେ ଧାନ ବସ୍ତା ସୁରକ୍ଷିତ ଥିବା ବେଳେ ଚାରି ଆଡୁ ପାଣି ଛିଞ୍ଚା ବସ୍ତାରେ ପଡୁଛି । ଯାହାଦ୍ୱାରା ଧାନ ବସ୍ତା ଭିଜୁଛି । ଖୋଲା ଆକାଶ ତଳେ ମଣ୍ଡିରେ ରହିଥିବା ଧାନ ବସ୍ତା ଗୁଡ଼ିକ ପଲିଥିନ ଢ଼ଙ୍କା ଯାଇଥିବା ଦେଖିବାକୁ ମିଳିଛି । ମଳା ହୋଇନଥିବା ଧାନ ଗଦା ଗୁଡ଼ିକ ଖୋଲାମାଟି ଉପରେ ରହିଥିବାରୁ ଅନବରତ ବର୍ଷା ଯୋଗୁଁ

**ଧାନ ଓ ମକା ପାଇଁ ଚିନ୍ତାରେ ଚାଷୀ**

ମାଟି ବତୁରିବା ସହ ସନ୍ତେଇ ହୋଇ ଧାନନଷ୍ଟ ହେବାର ଆଶଙ୍କା ରହିଛି । କେତୋଟି ସ୍ଥାନରେ ଖଳାରେ ପାଣି ଜମିରହିଥିବା ଦେଖିବାକୁ ମିଳିଛି । ୨୪ ଘଣ୍ଟା ହେବ ଜାରି ରହିଛି ବର୍ଷା । ଝରିଗାଁ ବ୍ଲକର ଚଚା,ଧୋଡ୍ରା ଓ ଚାଟି ଗୁଡ଼ା ମଣ୍ଡିରେ ଖୋଲା ଆକାଶ ତଳେ ପଡି ରହିଛି ହଜାର ହଜାର ଧାନବସ୍ତା । ବସ୍ତା ଗୁଡ଼ିକ ପଲିଥିନ ଢ଼ଙ୍କା ଯାଇଥିବାବେଳେ କେଉଁଠି ପଲିଥିନ ସମ୍ପୂର୍ଣ୍ଣ ଭାବେ ଘୋଡାଯାଇ ନଥିବା ଦେଖିବାକୁ ମିଳୁଛି । ଏକମ୍ବା,ବେଲଗାଁ ଝରିଗାଁ ମଣ୍ଡିରେ ଟିଣ ସେଡ୍ ତଳେ ରହିଛି ଧାନ ବସ୍ତା । ଧାନ ଓ ମକା ବିକ୍ରୟ କରିନଥିବା ଚାଷୀ ଲଘୁଚାପ ବର୍ଷା ଯୋଗୁଁ ପଲିଥିନ କିଣିବାକୁ ବାଧ୍ୟ ହୋଇଛନ୍ତି । ଏପଟେ ପଲିଥିନ ବିକ୍ରି କରି ବ୍ୟବସାୟୀ ଲାଭବାନ ହେଉଥିବା ବେଳେ ଅନିଚ୍ଛା ସତ୍ତ୍ୱେ ଶସ୍ୟ ସୁରକ୍ଷା ପାଇଁ ଖର୍ଚ୍ଚ କରିବାକୁ ପଡୁଛି ଚାଷୀଙ୍କୁ । ପାଣିପାଗ ଯଦି ଅନୁରୂପ ଜାରି ରହେ ତାହାହେଲେ ଜନଜୀବନ ଅସ୍ତବ୍ୟସ୍ତ ହେବାସହ ଚାଷୀ ତାର ଉତ୍ପାଦିତ ଶସ୍ୟ ପାଇଁ ଚିନ୍ତାଗ୍ରସ୍ତ ବିଷୟ ପାଲଟିଛି ।

## ■ ଲୋକ ମହୋତ୍ସବ ଚଇତି ଉଦ୍‌ଘାଟିତ

# ଐତିହ୍ୟ ସହ ବିକାଶକୁ ତ୍ୱରାନ୍ୱିତ ପାଇଁ ସଂକଳ୍ପ ନେବା : ମନ୍ତ୍ରୀ



ରାୟଗଡ(ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ଗଣପର୍ବ ଭାବେ ପ୍ରସିଦ୍ଧ ଚଇତି ଲୋକ ମହୋତ୍ସବ ଆଜି ଉଦ୍‌ଘାଟିତ ହୋଇଯାଇଛି । ରାୟଗଡା ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣି ପ୍ରାଙ୍ଗଣରୁ ଚଇତି ମଶାଲ ସହ କଳସ ଯାତ୍ରା ଆରମ୍ଭ ହୋଇ ସ୍ଥାନୀୟ ଜିସିଡି ପଡ଼ିଆ ମଞ୍ଚ ଠାରେ ପହଞ୍ଚିଥିଲା । ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ଜିଲ୍ଲାପାଳ ପାରୁଲ ପଟାୱାରୀ, ରାୟଗଡା ବିଧାୟକ ଆପଲସ୍ୱାମୀ କାଡ୍ରାକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ପ୍ରମୁଖ ଶୋଭାଯାତ୍ରା ଯୋଗଦାନ କରି ସହର ପରିକ୍ରମା କରିଥିଲେ । ନିଜର ବକ୍ତବ୍ୟରେ ମନ୍ତ୍ରୀ ଶ୍ରୀଯୁକ୍ତ ନାଏକ ପ୍ରଥମ ଦିନର ଉଦ୍ଘାଟନୀ ଦିବସରେ ବିକାଶ ସହ ଐତିହ୍ୟକୁ ତ୍ୱରାନ୍ୱିତ ପାଇଁ ସଂକଳ୍ପ କରିବାକୁ ଆହ୍ୱାନ ଦେଇଥିଲେ । ମାଟିର ଗୌରବ ବଞ୍ଚାଇବା ଆମର କର୍ତ୍ତବ୍ୟ । ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ବିକାଶ ପଥକୁ ଆଗେଇବା ପାଇଁ ଅତିଥି ଭାବେ ଉପସ୍ଥିତ ତିନି ବିଧାୟକଙ୍କୁ ନିବେଦନ କରିଥିଲେ । ଆଦିବାସୀ ପିଲାଙ୍କ ଶିକ୍ଷା ସହ ଜନଜାତି ଅଞ୍ଚଳକୁ ସଡକ ଯୋଗାଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିଭଳି ପାନୀୟଜଳ ଯୋଗାଣ, ସମସ୍ତ ଭୂମିହୀନଙ୍କୁ ମାଗଣା ଜମି ସରକାରୀ ଜମି ମାଗଣାରେ ଯୋଗାଣ ହେବ ବୋଲି ଘୋଷଣା କରିଥିଲେ । ଜିଲ୍ଲାପାଳ ପାରୁଲ ପଟାୱାରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାୟଗଡ଼ା ବିଧାୟକ ଆପଲାସ୍ୱାମୀ କାଡ୍ରାକା, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଷମକଟକ ବିଧାୟକ ନୀଳମାଧବ ହିକକା, କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗଦାନ କରିଥିଲେ । ଲୋକକଳା ସହ ମାଟି, ପବନ, ଆକାଶକୁ ପୂଜା କରୁଥିବା ଜିଲ୍ଲା ହେଉଛି ଆମ ରାୟଗଡା ଜିଲ୍ଲା । ଏହି ପର୍ବ ସମସ୍ତଙ୍କୁ ବାନ୍ଧି ରଖିବା ସୂତ୍ର ପାଲଟିଛି । ଏହି ଉତ୍ସବ ସଂସ୍କୃତି ଗୀତ, ନୃତ୍ୟକୁ ବଂଚାଇବାରେ ସହାୟକ ହେଉଛି ବୋଲି ଅତିଥିମାନେ ନିଜ ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଏସପି ସ୍ୱାତୀ ଏସ. କୁମାର, ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ ମଞ୍ଚାସୀନ ଥିଲେ । ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ । ଏହାପରେ ଜିଲ୍ଲାର ଉଲେଖନୀୟ କୃତିତ୍ୱ ହାସଲ କରଥିବା ବ୍ୟକ୍ତି ମାନଙ୍କୁ ପୁରସ୍କୃତ କରିଥିଲେ । ଚଇତିର ମୁଖସାକ୍ଷୀ ସ୍ମରଣିକା ଚଇତାଳି ଉନ୍ମୋଚନ କରିଥିଲେ । ଏହାପରେ ଲାଞ୍ଜିଆ ସଉରା ସମ୍ପ୍ରଦାୟର ନିଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ନବେଶ ଶବର, ଆଶା ଅନୁସୂୟା ବିଡ଼ିକା, ୟୁଜିସ ନେଟରେ କୃତକାର୍ଯ୍ୟ ହୋଇଥିବା ଡ଼ଙ୍ଗରିଆ ଯୁବକ ଅଜୟ କାଡ୍ରାକା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁଙ୍କୁ ମୁଖ୍ୟ ଅତିଥି ଚଇତି ମଞ୍ଚରେ ସମ୍ମାନିତ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଲାଞ୍ଜିଆ ସଉରା ସଂପ୍ରଦାୟର ନୃତ୍ୟ, ଡଙ୍ଗରିଆକନ୍ଧ ନୃତ୍ୟ, କାଶୀପୁର ଢେମସା, ରାମନାଗୁଡା ମେରିୟା ନୃତ୍ୟ ଓ ପୀଡିସି ରାୟଗଡ ଢେମସା ନୃତ୍ୟ ପ୍ରଦର୍ଶିତ ହୋଇଥିଲା ।

## ପଞ୍ଚାୟତରାଜ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ୍): ପଞ୍ଚାୟତ ରାଜ ମନ୍ତ୍ରୀ ରବି ନାୟକ କୋରାପୁଟ ଗସ୍ତରେ ଆସିଥିବା ବେଳେ ଲକ୍ଷ୍ମୀପୁର ବିଜେପି ଦଳ ତରଫରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏଥି ସହ ରାସ୍ତାକଡରେ ଥିବା ବିଜେପି କାର୍ଯ୍ୟାଳୟ ଠାରେ ଅଧଘଣ୍ଟା ଧରି ଅଟକି ରହି ବିଭିନ୍ନ ସମସ୍ୟା ବିଷୟରେ କର୍ମୀଙ୍କ ସହ ଆଲୋଚନା କରି ଶେଷରେ ନାରାୟଣପାଟଣା ବ୍ଲକ ବିଜାଘାଟି ଠାରେ ଥିବା ମେଗା ଜଳ ପ୍ରକଳ୍ପ ଦେଖିବା ପାଇଁ ବାହାରିଥିଲେ । ମନ୍ତ୍ରୀଙ୍କ ଏହି ଗସ୍ତକୁ ନେଇ ଲକ୍ଷ୍ମୀପୁର ପୋଲିସର ଏକ ଟିମ ରୂପକଣା ଛକ ଠାରୁ ଏସ୍କର୍ଟ କରି ଆଣିବା ସହ ପାଲୁର ଗ୍ରାମ ଠାରେ ଛାଡିଥିଲେ । ସେଠାରୁ ନାରାୟଣପାଟଣା ପୋଲିସର ଏକ ଏସ୍କର୍ଟ ଟିମ ବିଜାଘାଟି ଯାଏଁ ମନ୍ତ୍ରୀଙ୍କ ସହ ଯାଇଥିଲେ । ମନ୍ତ୍ରୀଙ୍କ ଏହି ଗସ୍ତ ବେଳେ କୋରାପୁଟ ବିଧାୟକ ରଘୁରାମ ମାଛ,କେନ୍ଦ୍ରୀୟ ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ କାଳିରାମ ମାଝି, ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ବିଜେପି ଜିଲ୍ଲା ସମ୍ପାଦକ ଅଗସ୍ତି ହାଲବା, ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ମନୋଜ ସାହୁ ପ୍ରଭୃତି ସାମିଲ ଥିଲେ ।

# ଖଡ଼ିଆଳ ସରକାରୀ ମତ୍ସ୍ୟ ଜାଆଁଳା କେନ୍ଦ୍ରରେ ନିୟମ ବାଟବଣା

## ଠିକାଦାରଙ୍କ ମନମାନିରେ ଚାଲିଛି ପାଚେରୀ କାମ, ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ

ଖଡ଼ିଆଳ(ଭାସ୍କର ନ୍ୟୁଜ୍): ସରକାରୀ ସ୍ତରରେ ଯେ କୌଣସି କାର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲାଗିବାର ନିୟମ ରହିଛି । ଫଳକରେ କାମ ଆରମ୍ଭର ତାରିଖ ସହ କାମ କେବେ ସରିବ ତାହା ରହିବା ସହିତ ଜଣେ ଶ୍ରମିକ କେତେ ଟଙ୍କା ପାଇବ ଓ କେତେ ଘଣ୍ଟା କାମ କରିବ ଓ କାର୍ଯ୍ୟକାରି ସଂସ୍ଥାର ନାମ, ଅଟକଳ ପରିମାଣ କେତେ ଟଙ୍କାର ବୋଲି ଫଳକରେ ସେସବୁ ଲୋକେ ଜାଣିବା ପାଇଁ ଲେଖା ହେବାର ନିୟମ ରହିଛି । ହେଲେ ତାହା ନୂଆପଡା ଜିଲ୍ଲା ଖଡ଼ିଆଳ ସରକାରୀ ମତ୍ସ୍ୟ ଜାଆଳା କାର୍ଯ୍ୟାଳୟରେ ବାଟବଣା ହୋଇଯାଇଛି । ଖଡ଼ିଆଳ ସରକାରୀ ମତ୍ସ୍ୟ ଯାଆଁଳା କେନ୍ଦ୍ର ଓ କାର୍ଯ୍ୟାଳୟର ପାଚେରୀ ନିର୍ମାଣ ହେଉଛି । ଆଉ ସେହି ପାଚେରୀ ନିର୍ମାଣ ଶ୍ରମିକ ଭରସାରେ ଚାଲିଛି । ଠିକାଦାର ଓ ଜେଇଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ଏହି ପାଚେରୀ ନିର୍ମାଣ ।

**ଠିକାଦାର-ଜେଇଙ୍କ ମଧୁଚନ୍ଦ୍ରିକା ଅଭିଯୋଗ**

ଏହି ମତ୍ସ୍ୟ ଯାଆଁଳା ପାଚେରୀ ନିର୍ମାଣ ଏତେ ନିମ୍ନମାନର ହେଉଛିଯେ ତାର ସ୍ଥାୟିତ୍ୱ ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଲକ୍ଷ ଲକ୍ଷ ଟଙ୍କାର ପାଚେରୀ ନିର୍ମାଣ କାର୍ଯ୍ୟ ଚାଲିଛି ହେଲେ କାର୍ଯ୍ୟାଳୟ ଜେଇଙ୍କ ଦେଖାନାହିଁ । ଠିକାଦାରଙ୍କ ମନଇଛାରେ ପାଚେରୀ କାମ ଚାଲିଛି । ଶ୍ରମିକ କେତେ ବାଲି ରେ କେତେ ସିମେଣ୍ଟ ଦେଉଛ ବୋଲି ପଚାରିଲେ ଆମେ ଜାଣିନାହୁଁ ଆଜ୍ଞା । ଠିକାଦାର ଯେତେ କହିଲେ ସେତେ ଦେଉଛୁ ବୋଲି କହୁଛନ୍ତି । ଇଟା ନିର୍ମାଣ କାନ୍ଥରେ ନିମ୍ନମାନର ସିମେଣ୍ଟ ଦେଉଥିବାବେଳେ ଇଟାର ମଧ୍ୟ ସ୍ଥାୟୀତ୍ୱ ଅଳ୍ପ ଦିନ ରେ ଭାଙ୍ଗିଯିବ ପାଚେରୀ ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି । ଏ ନେଇ ବିଭଗୀୟ ଜେଇଙ୍କ ସହ ଫୋନ୍‌ରେ ବାରମ୍ବାର ଯୋଗାଯୋଗ କରିଥିଲେ ହେଁ ଫୋନ୍ ଉଠେଇ ନାହାନ୍ତି । ଆଶ୍ଚର୍ଯ୍ୟର କଥା ଯେ ସରକାର ସେମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ଦରମା ଦେଇ ନିଯୁକ୍ତି କରିଥିବାବେଳେ ସେ ତାଙ୍କ କାର୍ଯ୍ୟ ସୂଚାରୁ ରୂପେ ତୁଲାଉ ନ ଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଫଳରେ ସରକାରଙ୍କ କୋଟି କୋଟି ଟଙ୍କା ନିମ୍ନମାନର କାମ ହେତୁ ଫସର ଫାଟିଯାଉଛି ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି । ତେଣୁ ଡିପାର୍ଟମେଣ୍ଟର ଉଚ୍ଚାଧିକାରୀ ଦୃଷ୍ଟି ଦେବାସହ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣ ଲୋକେ ଦାବୀ କରୁଛନ୍ତି ।

## ବିଜେଡ଼ିର ପ୍ରତିଷ୍ଠା ଦିବସ ପାଳିତ



ଖଇରପୁଟ(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ ବିଜୁ ଜନତା ଦଳର ସଭାପତି ବିଦ୍ୟାଧର ପୂଜାରୀଙ୍କ ନେତୃତ୍ୱରେ ଆଜି ସଦର ମହକୁମା ଠାରେ ଥିବା ସହିଦ ଲକ୍ଷ୍ମଣ ନାୟକ ଭବନ ଠାରେ ବିଜୁ ଜନତା ଦଳର ୨୮ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ମାଥିଲି ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀ ନାୟକ, ବରିଷ୍ଠ କାର୍ଯ୍ୟକର୍ତ୍ତା କାନାମରାଜୁ ନାୟକ, ଜିଲ୍ଲା ପରିଷଦ ସଭ୍ୟ ହିରଣ୍ୟ ମୁଦୁଲି, ଜିଲ୍ଲା ପରିଷଦ ସଭ୍ୟ ବଲି ମାଝୀ, ବାଲିମେଳା ଏନଏସି ଉପାଧକ୍ଷ ରଶ୍ମୀତା ବାଙ୍କା, ଖଇରପୁଟ ବ୍ଲକ ସଭାପତି ସାଧୁ ହନ୍ତାଳ, ଇନ୍ଦ୍ର ନାୟକ, କୁଡୁମୁଲୁଗୁମ୍ମା ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ, ଜିଲ୍ଲା ସଦସ୍ୟ ସଦାଶିବ ପୂଜାରୀ, ଜିଲ୍ଲା ବିଜେଡ଼ି କାର୍ଯ୍ୟକାରିଣୀ ସଦସ୍ୟ ଭଗବାନ ସାହୁ, ଭୀମସେନ ନାୟକ, ପୂର୍ଣ୍ଣ ଦୁରିଆ, ରଘୁରାମ ପୂଜାରୀ,ବୃନ୍ଦାବତୀ ଦୁରୁଆ, ରଶ୍ମିତା ପୂଜାରୀ ଓ ମଧୁସୂଦନ ନାୟକ ପ୍ରମୁଖ ଉପସ୍ଥିତ ରହି ବିଜୁ ବାବୁଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଦୀପ ପ୍ରଜ୍ୱଳନ କରିଥିଲେ । ଏହି ଅବସରରେ ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘ ବର୍ଷ ଧରି ଶାସନ ରେ ରାଜ୍ୟର ବିଭିନ୍ନ ଯୋଜନା ଦ୍ୱାରା ଆଜି ରାଜ୍ୟରେ ଲୋକଙ୍କ ଅର୍ଥ ନୈତିକ ଅଭିବୃଦ୍ଧି ସହିତ ଗାଁ ଗାଁରେ ରାସ୍ତା ନିର୍ମାଣ ହେଉ କିମ୍ବା ଗାଁକୁ ଗାଁ ଲକ୍ଷ୍ମୀ ବସ ଚାଲିବା ଦ୍ୱାରା ଗାଁର ଲୋକମାନେ ସ୍ୱଳ୍ପ ଖର୍ଚ୍ଚରେ ସହରରେ ପହଞ୍ଚିବା ସହିତ ସ୍ୱାସ୍ଥ୍ୟ ସେବା ପାଇ ପାରୁଛନ୍ତି । ତାହା ସହିତ ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକ ଗରିବ ଲୋକମାନଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ ଯୋଜନା କରିବା ଦ୍ୱାରା ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ । ଏପରି ଗରିବ ଲୋକମାନଙ୍କ ପାଇଁ ଅନେକ ଯୋଜନା କରିବା ଦ୍ୱାରା ବହୁ ନିରୀହ ଆଦିବାସୀ ଗରିବ ଲୋକମାନେ ତାହାର ଉପକୃତ ହେଉଛନ୍ତି । ନବୀନ ବାବୁଙ୍କ ଅମଳରେ ଲାଗୁ ହୋଇଥିବା ସମସ୍ତ ଯୋଜନା ବିଷୟରେ ଅବଗତ କରାଇବା ସହ ଲୋକଙ୍କ ପୁଣିଥରେ ପ୍ରିୟଭାଜନ ହେବା ପାଇଁ ଅତିଥିମାନେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ସବୁଠାରୁ ବଡ଼ କଥା ହେଉଛି ନବୀନ ବାବୁ ମାଲକାନଗିରି ଜିଲ୍ଲାକୁ ପ୍ରାଥମିକତା ଦେଇ ରାଜ୍ୟ ସରକାରଙ୍କ ଯେ କୌଣସି ଯୋଜନା ହେଉ, ଏହି ମାଲକାନଗିରି ଜିଲ୍ଲାରୁ ଆରମ୍ଭ କରିଥିଲେ, ଯେପରିକି ବିଚ୍ଛିନ୍ନାଞ୍ଚଳକୁ ସ୍ୱାଭିମାନ ଅଞ୍ଚଳରେ ନାମ ପରିବର୍ତ୍ତନ କରିବା ସହିତ ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଉଡାଜାହାଜ ପଡିଆ ନିର୍ମାଣ କରି ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ।

## ବଜାର ମଝିରେ ଗଞ୍ଜେଇ ଚାଷ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାକୁ ସବୁଜ ଜହର ମୁକ୍ତ କରିବା ପାଇଁ ଜଙ୍ଗଲରେ ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରିବାରେ ଜିଲ୍ଲା ଅବକାରୀ ଓ ପୋଲିସ ବିଭାଗର କର୍ମଚାରୀମାନେ ରାତି ଦିନ ଏକ କରି ପ୍ରୟାସ ଜାରି ରଖିଛନ୍ତି । ସେଥିପାଇଁ ଅବକାରୀ ଓ ପୋଲିସ ବିଭାଗ ଅଧିକାରୀ ଏବଂ କର୍ମଚାରୀ ମାନେ ପ୍ରତିଦିନ ଏକର ଏକର ବେଆଇନ ଗଞ୍ଜେଇ ଗଛ କାଟି ଜିଲ୍ଲାକୁ ସବୁଜ ଜହର ମୁକ୍ତ କରିବାରେ ବ୍ୟସ୍ତ ରହୁଛନ୍ତି ।କିନ୍ତୁ ସେହି ସବୁଜ ଜହର ବା ଗଞ୍ଜେଇ ଗଛ ଏବେ ବଜାର ମଝିରେ ଦେଖିବାକୁ ମିଳିଛି । ଏପରି ଦୃଶ୍ୟ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମାର ୩୨୬ ଜାତୀୟ ରାଜପଥ ନିକଟରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଦେଖିବାକୁ ମିଳିଛି । ସେଠାରେ ଏକ ଗଞ୍ଜେଇ ଗଛ ବିରାଟ ଆକାରର ବୃକ୍ଷରେ ପରିଣତ ହେଲାଣି ଅଥଚ ଅବକାରୀ ବିଭାଗ ଆଖିରେ ଅନ୍ଧପୁଟୁଳି ବନ୍ଧାହୋଇଥିବା ଭଳି ଜଣାପଡୁଛି । ଏଥିପ୍ରତି ସ୍ଥାନୀୟ ପ୍ରଶାସନ ପକ୍ଷରୁ କାହାରି ନିଘା ନାହିଁ । ସଦର ମହକୁମା ଠାରେ ଥିବା ଅବକାରୀ ବିଭାଗ ଥାନା ଅଧିକାରୀ ଓ କର୍ମଚାରୀମାନେ ଜାଣିଛନ୍ତି ନା ସବୁ ଜାଣି ଅଜଣା ପାଲଟିଛି ବୋଲି ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆମେ ଏବିଷୟରେ ମାଥିଲି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ହେମନ୍ତ ବାଘଙ୍କୁ ଯୋଗାଯୋଗ କରିବାରୁ ଚେଷ୍ଟା କରିଥିଲୁ ହେଲେ ଅବକାରୀ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇଥିଲା । ଖବର ପ୍ରକାଶ ପରେ ବିଭାଗ ପକ୍ଷରୁ କି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ସୁଶାସନ ଦିବସ ପାଳିତ



କନ୍ଧମାଳ (ଭାସ୍କର ନ୍ୟୁଜ୍): ଫୁଲବାଣୀ ସ୍ଥିତ ଗାନ୍ଧୀ ସ୍ମୃତି ଭବନ ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହକୁ 'ସୁଶାସନ ଦିବସ' ଭାବେ ପାଳନ କରାଯାଇଛି । ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଗୋକୁଳାନନ୍ଦ ମଲ୍ଲିକ କହିଲେ, ବାଜପେୟୀ ଭାରତକୁ ବିଶ୍ୱ ଦରବାରରେ ପହଞ୍ଚାଇ ପାରିଥିଲେ । ଭାରତ ମାତାର ସେବା କରିବାକୁ ସେ ନିଜକୁ ନିୟୋଜିତ କରିଥିଲେ । ବିଧାୟକ ଘୁ.ଉଦୟଗିରି ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ କହିଲେ, ଯେ ପର୍ଯ୍ୟନ୍ତ ଠିକ୍ ଶିକ୍ଷାଦାନ ଦିଆଯାଇପାରିନାହିଁ ସେ ପର୍ଯ୍ୟନ୍ତ ସୁଶାସନ ସମ୍ଭବ ହୋଇପାରିବ ନାହିଁ । ସୁଶାସନ ସେତେବେଳେ ସମ୍ଭବ ହେବ ଯେତେବେଳେ ସମସ୍ତେ ନିଜ ନିଜର ଦାୟିତ୍ୱ ତୁଲାଇବେ । ଆବଶ୍ୟକ ପଡ଼ିଲେ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାଆବଶ୍ୟକ ବୋଲି ବିଧାୟକ ଶ୍ରୀ ପ୍ରଧାନ କହିଥିଲେ । ବିଧାୟକ ଫୁଲବାଣୀ ଉମା ଚରଣ ମଲ୍ଲିକରାଷ୍ଟ୍ରକୁ ସଶକ୍ତ କରିବା ପାଇଁ ବାଜପେୟୀ କିଭଳି ଦୃଢ ସାମାଜିକ ତଥା ଅର୍ଥନୈତିକ ଅଭିବୃଦ୍ଧିକୁ ଗୁରୁତ୍ୱ ଦେଉଥିଲେ ସେବିଷୟରେ ଆଲୋଚନା କରିଥିଲେ । ସେହିପରି, ଜିଲ୍ଲାପାଳ, କନ୍ଧମାଳ ଅମ୍ରିତ୍ ଋତୁରାଜ, ମୁଖ୍ୟ ଉନ୍ନୟନ ଅଧିକାରୀ -ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, କନ୍ଧମାଳ ସ୍ନେହାଶିଷ ସାହୁ, ଉପ-ଜିଲ୍ଲାପାଳ, କନ୍ଧମାଳ ଚିତ୍ତରଞ୍ଜନ ମହନ୍ତ ଭାରତୀୟ ରାଜନୀତିରେ ବାଜପେୟୀଙ୍କ ଅବଦାନଏବଂ ତାଙ୍କର ଦୃଷ୍ଟିକୋଣକୁ ସ୍ମରଣ କରିବା ପାଇଁ ସୁଶାସନ ଦିବସ ପ୍ରତିଷ୍ଠା କରାଯାଇଥିବା ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମକୁ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା ଶ୍ରୀ କୃପାସିନ୍ଧୁ ବେହେରା ପରିଚାଳନା କରିଥିବାବେଳେ, ପ୍ରକଳ୍ପ ପ୍ରଶାସିକା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଦେବଜାନୀ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ, ସ୍ଥାନୀୟ ଜନସାଧାରଣ, ହିତାଧିକାରୀ, କବି, ସରକାରୀ ପଦାଧିକାରୀ, ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ ।

## ଛାତ୍ରଙ୍କ ଆତ୍ମହତ୍ୟା

ଗୁଣପୁର(ଭାସ୍କର ନ୍ୟୁଜ): ଗୁଣପୁର ଥାନା ଅନ୍ତର୍ଗତ ଡମ୍ବସରା ଗ୍ରାମରେ ଜଣେ ଯୁକ୍ତଦୁଇ କଲେଜ ଛାତ୍ର ଆତ୍ମହତ୍ୟା କରିଥିବା ଜଣାପଡିଛି । ମୃତ ଛାତ୍ରର ନାମ ବିନୟ ଶବର (୧୬)ହେଇଥିବାବେଳେ ସେ ପୁଟାସିଂ ଥାନା ଅନ୍ତର୍ଗତ ବଡମସିଂ ଗ୍ରାମର ବୋଲି ଜଣାପଡିଛି । ଛାତ୍ର ଜଣଙ୍କ ଡମ୍ବସରା ଗ୍ରାମ ପୁଟ ସାହିରେ ଏକ ଭଡାଘରେ ରହି ଡମ୍ବସରା ଡକ୍ଟର ଆମ୍ବେଦକର ଯୁକ୍ତଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲା । ତେବେ ଶୁକ୍ରବାର ସକାଳେ ଛାତ୍ରଜଣକ ଘରେ ଝୁଲନ୍ତା ଅବସ୍ଥାରେ ମୃତ୍ୟୁବରଣ କରିଥିବା ନେଇ ଗ୍ରାମବାସୀ ଦେଖିବା ପରେ ଗୁଣପୁର ପୋଲିସକୁ ଖବର ଦେଇଥିଲେ । ଗୁଣପୁର ଆଦର୍ଶ ଥାନାର ତଦନ୍ତକାରୀ ଅଧିକାରୀ ଭାବେ ରଂଜିତ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ଶବ ଉଦ୍ଧାର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି ।

# ବୃଦ୍ଧା-ବୃଦ୍ଧ ଓ ପିଲାଙ୍କୁ ଶୀତବସ୍ତ୍ର ବଣ୍ଟନ





ବାଲିମେଳା/କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଓ ବାଲିମେଳା ସହରରେ ଥିବା ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତିର ସମ୍ପାଦକ ମହେନ୍ଦ୍ର ନାଥ ରାୟ, କୋଷାଧ୍ୟକ୍ଷ ରତିକାନ୍ତ ମହନ୍ତ, ସକ୍ରିୟ ସଭ୍ୟ ବିଜୟ କୁମାର ପ୍ରଧାନ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହ ପ୍ରାନ୍ତ ସେବା ପ୍ରମୁଖ ରବୀନ୍ଦ୍ର ନାଥ ରାୟ, ସଂଘର ବ୍ୟବସ୍ଥା ପ୍ରମୁଖ ଜିତେନ୍ଦ୍ର କୁମାର ପାଇକରାୟ, କମୁଲୁ ପୂଜାରୀ ପ୍ରମୁଖ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନୀଳାକାମ୍ବେରୁ ପଞ୍ଚାୟତ ଅଧିନସ୍ଥ କନ୍ଧ ଗୁଡା ଗ୍ରାମରେ ବସବାସ କରୁଥିବା ବୃଦ୍ଧା ବୃଦ୍ଧଙ୍କ ସମେତ ପିଲାମାନଙ୍କୁ ମିଶାଇ ମୋଟ ୩୬ଜଣଙ୍କୁ ପ୍ରଚଣ୍ଡ ଶୀତରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ କମ୍ବଳ ଓ ସ୍ୱେଟର ବଣ୍ଟନ କରିଛନ୍ତି । ସେହିପରି ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତିର ବାଲିମେଳାର ଏହି କର୍ମକର୍ତ୍ତା ଓ ସଦସ୍ୟମାନେ ବିଚ୍ଛିନ୍ନାଞ୍ଚଳ ତଥା ଚିତ୍ରକୋଣ୍ଡା ବ୍ଲକ ପଣସପୁଟ ପଞ୍ଚାୟତ ଅଧିନସ୍ଥ ସିଦ୍ଧିପୁଟ ଓ ମୁକୁଡି ପାଲ୍ଲୀ ଗ୍ରାମରେ ପହଁଞ୍ଚି ଉପରୋକ୍ତ ଦୁଇଟି ଗ୍ରାମରେ ବସବାସ କରୁଥିବା ଗରିବ ଶ୍ରେଣୀର ବୃଦ୍ଧ ବୃଦ୍ଧାଙ୍କ ସହ ପ୍ରାୟ ୮୦ ରୁ ଉର୍ଦ୍ଧ୍ୱ ପିଲାମାନଙ୍କୁ ଶୀତଦାଉରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ କମ୍ବଳ ଓ ସ୍ୱେଟର ତଥା ଶୀତ ବସ୍ତ୍ର ବଣ୍ଟନ କରିଛନ୍ତି । ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ସ୍ୱାବଲମ୍ବୀ ଓ ସମାନଅଧିକାର ପାଇଁ ଏହି ସ୍ୱେଚ୍ଛାସେବୀ ସମିତି ସର୍ବଦା କାମ କରିଆସୁଛି । ଏଥିସହ ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଶିବିର ଓ ରକ୍ତଦାନ ଶିବିର ଭଳି କାର୍ଯ୍ୟକ୍ରମ ଅଧିକାଂଶ ଅଞ୍ଚଳରେ କରାଯାଉଥିବା ସଂଘ ପ୍ରାନ୍ତ ପ୍ରମୁଖ ରବୀନ୍ଦ୍ର ନାଥ ରାୟ ସୂଚନା ଦେଇଛନ୍ତି ।

# ପ୍ରଶାସନ ଶୁଣିଲେନି, ଶେଷରେ ରାସ୍ତା ନିର୍ମାଣ କଲେ ଗ୍ରାମବାସୀ



ଉମରକୋଟ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାପାଳ , ଉମରକୋଟ ବିଡିଓ, ବେହେଡା । ସରପଞ୍ଚ, ପିଇଓ ଓ ଜୀଆରସେ ସମସ୍ତଙ୍କୁ ଲିଖିତ ଭାବେ ବାରମ୍ବାର ଗୁହାରୀ କଲୁ କିନ୍ତୁ କେହି ମାତ୍ର ଆମ କଥା ଶୁଣିଲେନି । ଶେଷ ରେ ଗାଁ ରାସ୍ତା ନିଜେ ଗ୍ରାମବାସୀ ନିର୍ମାଣ କରିବାକୁ ବାଧ ହେଲୁ ବୋଲି ଏପରି ଅଭିଯୋଗ କରିଛନ୍ତି ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ବେହେଡା । ଗ୍ରାମ ପଞ୍ଚାୟତର ୪ ନମ୍ବର୍ ୱାର୍ଡ ଗାଁ ତୁମରିଲିଆ ଗୁଡ଼ା । ବେହେଡା । ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ମାତ୍ର ୨ କିଲୋମିଟର ଦୁରରେ ଥିବାଏହି ଗ୍ରାମ ର ମୁଖ୍ୟ ରାସ୍ତାର ଅବସ୍ଥା ନ କହିଲେ ଭଲ । ଦୀର୍ଘ ବର୍ଷ ତଳେ ଏହି ଗାଁ କୁ ମେଟାଲ ରାସ୍ତା ନିର୍ମାଣ ହେଇଥିଲା । କିନ୍ତୁ ବର୍ତ୍ତମାନ ମେଟାଲ ଆଉ ନାହି ଖାଲି ମାଟି ରାସ୍ତା । ରାସ୍ତା ବର୍ତ୍ତମାନ କାଦୁଅରେ ପଚ ପଚ । ରାସ୍ତା ର ଏପରି ଅବସ୍ଥା ଯୋଗୁଁ ଗ୍ରାମକୁ ରୋଗୀ କିମ୍ବା ଗର୍ଭବତୀ ମହିଳାଙ୍କୁ ଆଣିବା ପାଇଁ ଆମ୍ବୁଲାନ୍ସ ଯାଇପାରୁନି । ରାସ୍ତା ର ଅବସ୍ଥା ଏପରି ଯେ ଲୋକେ ଖାଲି ପାଦରେ ମଧ୍ୟ ଯିବା ଆସିବା କରି ପାରୁନାହାଁନ୍ତି ନାହି । ଫଳରେ ବର୍ଷା । ହେବା ମାତ୍ରେ ପିଲାଙ୍କ ବେହେଡାରେ ଥିବା ଉଚ୍ଚ ବିଦ୍ୟାଳୟ ଯୁକ୍ତ ୨ କଲେଜକୁ ଆସି ପାଠ ପଢିବା ବନ୍ଦ । ଆଉ ସବୁ ଠାରୁ ଦୁଃଖ ର କଥା ହେଲା ଶ୍ମଶାନ ଆଉ ପୋଖରୀକୁ ଯିବା ରାସ୍ତା ର ଅବସ୍ଥା ଏତେ ଖରାପ ଥିଲା ଯେ ଲୋକମାନେ ବହୁତ୍ ଅସୁବିଧାର ସମ୍ମୁଖୀନ ହେଉଥିଲେ । ସରପଞ୍ଚ କୁ ବି ଡାକି ଆଣିଲେ ଗ୍ରାମବାସୀ ଦେଖାଇଲେ କିଛି ହେଲା ନାହିଁ । ବେହେଡା । ପିଇଓ ଓ ଗ୍ରାମ ରୋଜଗାର ସେବକ ଓ ଉମରକୋଟ ବିଡିଓ କୁ ମଧ୍ୟ ବାରମ୍ବାର ଅଭିଯୋଗ କଲେ କେହି ଶୁଣିଲେନି । ଶେଷରେ ଗ୍ରାମବାସୀ ୨୯/୭/୨୪ ତାରିଖ ଦିନ ଜିଲ୍ଲାପାଳଙ୍କ ଉମରକୋଟ ଠାରେ ହେଇଥିବା ଅଭିଯୋଗ ଶୁଣାଣିରେ ମଧ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଲେ । କିନ୍ତୁ କେହିବି କର୍ଣ୍ଣପାତ କଲେ ନାହି । ୨ ଦିନିଆ ଭୀଷଣ ବର୍ଷା ଯୋଗୁ ଲୋକେ ଆଉ ଘରୁ ବାହାରି ଶ୍ମଶାନ କିମ୍ବା ପୋଖରୀକୁ ଯିବା ବନ୍ଦ ହେଇଗଲା । ଶେଷରେ ଆଜି ଗ୍ରାମର ରଇନୁ ଭତ୍ରା, ରାମ ଭତ୍ରା, ଅର୍ଜୁନ ଗଣ୍ଡ, ଚକ୍ର ଭତ୍ରା, ସରାଦୁ ଭତ୍ରାଙ୍କ ନେତୃତ୍ୱ ରେ ୧୦୦ରୁ ଉର୍ଦ୍ଧ୍ୱ ଲୋକେ ବାହାରି ରାସ୍ତା ର ନିର୍ମାଣ କଲେ । ୩୦୦ ରୁ ଉର୍ଦ୍ଧ୍ୱ ବସ ବାସ କରୁଥିବା ଗ୍ରାମ ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୨ କିଲୋମିଟର ଦୂରରେ ଥିବା ଏହି ରାସ୍ତାର ଅବସ୍ଥା ଯଦି ଏପରି ତେବେ ବେହେଡା । ଗ୍ରାମ ପଞ୍ଚାୟତର ଦୁର୍ଗମ ଗାଁ ର ଅବସ୍ଥା କଣ ହେଇଥିବ ସହଜରେ ଏଥିରେ ଅନୁମାନ କରିହେବ ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଟାଙ୍ଗୀ ପଡ଼ିଆଠାରେ ଆୟୋଜିତ ଚତୁର୍ଦ୍ଦଶତମ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଷଷ୍ଠ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି।ଏହି ମ୍ୟାଚରେ ଏମ.କେ.ସି.ସି, ଘୋରଡିଆ ଓ ବି.ସି.ସି, ଲୋଧାଚୁଆ ମଧ୍ୟରେ ମୁକାବିଲା ହୋଇଥିଲା।ଘୋରଡିଆ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇ ନିର୍ଦ୍ଧାରିତ ୧୯.୨ ଓଭର ଖେଳି ସମସ୍ତ ଉଇକେଟ ବିନିମୟରେ ୧୦୪ ରନ ସଂଗ୍ରହ କରିଥିଲା।ଏହାର ଜବାବରେ ଲୋଧଚୁଆ ଦଳ ୧୯.୨ ଓଭର ଖେଳି ୯୨ କ୍ ରନ କରି ସମସ୍ତ ଉଇକେଟ ହରାଇ ପରାଜିତ ହୋଇଥିଲା। ଏହି ମ୍ୟାଚଟିକୁ ଆମ୍ପେୟର ଭାବେ ପିଣ୍ଟୁଆ ପ୍ରଧାନ ଓ ନିବାସୀ ପତ୍ର ପରିଚାଳନା କରିଥିଲେ।ଆଜିର ମ୍ୟାଚ୍‌ରେ ଅତିଥି ଭାବେ ସମାଜସେବୀ ତଥା ଶିଳ୍ପପତି ଶିବନାରାୟଣ ମିଶ୍ର, ଓଡ଼ିଶା ଉଦ୍ୟୋଗୀ ପରିବାର ସଦସ୍ୟ ଯୁବ ଶିଳ୍ପୋଦ୍ୟୋଗୀ ଜିତେନ୍ଦ୍ର କୁମାର ପ୍ରଧାନ ଓ ଜ୍ୟୋତି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବ୍ ସଭାପତି ନିରଞ୍ଜନ ନାୟକଙ୍କ ସମେତ ସଦସ୍ୟ ବାଘା,ସାଗର, ବିକାଶ,ବାବାଲି,ଗୌର ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ପ୍ରଥମ କ୍ୱାର୍ଟର ଫାଇନାଲରେ ଠଣାପଲ୍ଲୀ ଓ ଖଳିସାହି ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ପରିଚାଳକ ଶାନ୍ତନୁ ଛୋଟରାୟ ସୂଚନା ପ୍ରଦାନ କରିଛନ୍ତି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମନମୋହନଙ୍କ ବିୟୋଗରେ...

ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ ଏବଂ ୧୯୫୭ ମସିହାରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀ ସମ୍ମାନ ସହିତ ଅର୍ଥନୀତିରେ ଟ୍ରାଇପୋଜ୍ ହାସଲ କରିଥିଲେ। ୧୯୬୨ ମସିହାରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କ ଡି-ଫିଲ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଚଣ୍ଡୀଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟରେ ବରିଷ୍ଠ ଅଧ୍ୟାପକ ଭାବେ କ୍ୟାରିଅର ଆରମ୍ଭ କରିଥିଲେ ଏବଂ ସେହି ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ପ୍ରାଧ୍ୟାପକ ହୋଇଥିଲେ। ୧୯୬୯ ମସିହାରେ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସରେ ଅନ୍ତର୍ଜାତୀୟ ବାଣିଜ୍ୟ ବିଷୟର ପ୍ରାଧ୍ୟାପକ ହୋଇଥିଲେ। ୧୯୭୧ରେ ବୈଦେଶିକ ବାଣିଜ୍ୟ ମନ୍ତ୍ରଣାଳୟରେ ଆର୍ଥିକ ପରାମର୍ଶଦାତା ଭାବେ ଯୋଗ ଦେଇଥିଲେ। ୧୯୮୨ରୁ ଜାନୁଆରୀ ୧୯୮୫ ପର୍ଯ୍ୟନ୍ତ ସେ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ହୋଇଥିଲେ। ମନମୋହନ ସିଂହ ଆମ ଜାତୀୟ ଜୀବନରେ ନିଜର ଛାପ ଛାଡ଼ି ଯାଇଛନ୍ତି। ତାଙ୍କ ବିୟୋଗରେ ଦେଶ ଜଣେ ବିଶିଷ୍ଟ ରାଷ୍ଟ୍ରନେତା, ପ୍ରଖ୍ୟାତ ଅର୍ଥନୀତିଜ୍ଞଙ୍କୁ ହରାଇଛି। କ୍ୟାବିନେଟ୍ ପକ୍ଷରୁ ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଯାଇଛି।

### କାର୍ଯ୍ୟକାଳ ଆଉ..

ବିଶେଷକରି ବିଜେପିର ନିର୍ବାଚନୀ ପ୍ରତିଶ୍ରୁତିଗୁଡ଼ିକୁ ପୂରଣ କରିବାରେ ସେ ବଡ଼ ଭୂମିକା ଗ୍ରହଣ କରିଥିଲେ। ରାଜ୍ୟରେ ପ୍ରଥମ ଥର ନାଭାଲ ଡେ, ଡିଜିପି ସମ୍ମିଳନୀର ସଫଳ ଆୟୋଜନ ହୋଇଥିବାବେଳେ ଆଗକୁ ପ୍ରବାସୀ ଭାରତୀୟ ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ସୂଚନାଯୋଗ୍ୟ ଯେ ଶ୍ରୀ ଆହୁଜା କେନ୍ଦ୍ରୀୟ ଡେପୁଟେସନରେ ଥିଲେ। ସେ ସେଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସଚିବ ଭାବେ କାର୍ଯ୍ୟ କରୁଥିଲେ। ରାଜ୍ୟରେ ବିଜେପି ସରକାର ଆସିବା ପରେ କେନ୍ଦ୍ରୀୟ ଡେପୁଟେସନରେ ଥିବା ଶ୍ରୀ ଆହୁଜାଙ୍କୁ ଓଡ଼ିଶା ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିଲା। କେନ୍ଦ୍ର ସରକାର ଶ୍ରୀ ଆହୁଜାଙ୍କୁ ଓଡ଼ିଶା କ୍ୟାଡରକୁ ଫେରିଯିବା ପାଇଁ ଅନୁମତି ଦେଇଥିଲେ। ୧୯୯୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ଶ୍ରୀ ଆହୁଜା ଭୁବନେଶ୍ୱର ଆସି ମୁଖ୍ୟ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କ...

ଅନୁରୂପ ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ପୂର୍ବତନ ବିଧାୟକ ନାଉରୀ ନାଏକ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମନମୋହନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଆଜି ଶେଷକୃତ୍ୟ...

ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ସାଂସଦ ପ୍ରିୟଙ୍କା ଗାନ୍ଧୀ ପ୍ରମୁଖ ମନମୋହନଙ୍କ ବାସଭବନରେ ପହଞ୍ଚି ଶେଷ ସୁମନ ତଥା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମନମୋହନଙ୍କ ପରଲୋକରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି। ତେଣୁ ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ବାତିଲ କରି ଦିଆଯାଇଛି। ତାଙ୍କ ବିୟୋଗରେ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି। ଜଣେ ଅମାୟିକ ତଥା ବିଦ୍ୱାନ ରାଜନେତା ଭାବେ ମନମୋହନ ବେଶ୍ ପରିଚିତ ଥିଲେ। ତାଙ୍କ ପରିବାରରେ ପତ୍ନୀ ଓ ୩ ଝିଅ ଅଛନ୍ତି। ତାଙ୍କର ଜଣେ ଝିଅ ଆମେରିକାରେ ରହୁଥିବାବେଳେ ସେ ଶନିବାର ଦିଲ୍ଲୀରେ ପହଞ୍ଚିବା ପରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଭାରତର ରାଜନୀତି ଓ ଆର୍ଥିକ ସୁଧାର କ୍ଷେତ୍ରରେ ମନମୋହନଙ୍କ ଯୋଗଦାନକୁ ଏ ଦେଶ ଓ ଜାତି ସବୁବେଳେ ମନେ ରଖିବ। ପ୍ରଖ୍ୟାତ ଅର୍ଥନୀତିଜ୍ଞ ଭାବେ ପରିଚିତ ମନମୋହନ ଭାରତ ବର୍ଷରେ ଜଗତିକରଣ ଅର୍ଥନୀତିର ପ୍ରବର୍ତ୍ତକ ଥିଲେ। ସେ ଅତି ସରଳ, ଅମାୟିକ ଓ ଅତ୍ୟନ୍ତ ନମ୍ର ସ୍ୱଭାବର ବ୍ୟକ୍ତିଭାବେ ପରିଚିତ ରହିଥିଲେ। ସେ ୩୩ ବର୍ଷ ଧରି ରାଜ୍ୟସଭାର ସଦସ୍ୟ ରହିଥିଲେ। ଗତବର୍ଷ ଏପ୍ରିଲ ମାସରେ ରାଜ୍ୟସଭା ସାଂସଦ ଭାବେ ସେ ଅବସର ଗ୍ରହଣ କରିଥିଲେ। ତାଙ୍କୁ ୧୯୮୭ ମସିହାରେ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ତାଙ୍କ ଶରୀର ଗୁରୁତର ହେବାରୁ ତାଙ୍କୁ ଦିଲ୍ଲୀ ଏମ୍ସର ଜରୁରିକାଳୀନ ୱାର୍ଡରେ ଭର୍ତ୍ତି କରାଯାଇ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଦ୍ୱାରା ଚିକିତ୍ସା ଆରମ୍ଭ କରାଯାଇଥିଲା। ତେବେ ସମସ୍ତ ଚେଷ୍ଟା ସତ୍ତ୍ୱେ ତାଙ୍କର ଦେହାନ୍ତ ହୋଇଥିଲା।

## कार्यपालक अभियंता का कार्यालय ग्रामीण विकास विशेष प्रमण्डल, जामताड़ा

Email Id:rdsdjmt@gmail.com

**अल्पकालीन ई0–आमंत्रण**

**संख्या–RDD/SD/JMT/13/2024-25**

1. कार्य की विस्तृत विवरणी :–

| क्र0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | जामताड़ा जिलान्तर्गत जामताड़ा प्रखण्ड के रानीडीह पंचायत में स्टेडियम निर्माण कार्य। | 2,22,51,000.00 | 4,46,000.00 | 10,000.00 | 12 माह |

2. वेबसाईट में निविदा प्रकाशन की तिथि :–दिनांक–06.01.2025
3. ई0–निविदा प्राप्ति की तिथि एवं समय :–दिनांक–06.01.2025 से दिनांक–15.01.2025 (अपराह्न 5:00 बजे)
4. निविदा शुल्क एवं अग्रधन की राशि केवल Online Mode द्वारा की स्वीकार्य होगी।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही संबंधित निविदादाता की होगी।
6. निविदा खोलने का स्थान:–e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमण्डल, जामताड़ा।
7. निविदा खुलने की तिथि एवं समय:–दिनांक–17.01.2025 (अपराह्न 2:00 बजे)
8. निविदा आमंत्रित करने वाले पदाधिकारी का नाम एवं पता:–कार्यपालक अभियंता,ग्रामीण विकास विशेष प्रमण्डल, जामताड़ा।
9. ई0–निविदा प्रकोष्ठ का दुरभाष संख्या:–9973957543
10. अधोहस्ताक्षरी / सक्षम पदाधिकारी को किसी भी निविदा को बिना कारण बताये रद्द करने का अधिकार सुरक्षित रहेंगा तथा निविदादाता को कारण पृच्छा का अधिकार मान्य नहीं होगा।
11. B.O.Q की राशि घट–बढ़ सकती है, तद्नुसार अग्रधन की राशि देय होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय के सूचना पट्ट पर देखा जा सकता है।

ह0/–
कार्यपालक अभियंता
ग्रामीण विकास विशेष प्रमण्डल, जामताड़ा।

PR.NO.342976 Rural Development(24-25):D

## कार्यपालक अभियन्ता का कार्यालय, लघु सिंचाई प्रमंडल, खूँटी

**सूचना**

इस कार्यालय के निविदा आमंत्रण सूचना सं०–WRD/MID/KHUNTI/B.D./ S.L.I.-16/2024-25 Date-5.12.2024,जिसका पी. आर. सं०–341449 Minor Irrigation 24-25 (D) है,को अपरिहार्य कारणों से रद्द किया जाता है।

कार्यपालक अभियन्ता,
लघु सिंचाई प्रमंडल,खूँटी

PR 342979 (Minor Irrigation)24-25*D

## कार्यालय,कार्यपालक अभियन्ता, लघु सिंचाई प्रमण्डल,सिमडेगा

midivsimdg@gmail.com

पत्रांक:–    सिमडेगा,दिनांक:–

**निविदा स्थगन सूचना**

इस कार्यालय के पत्रांक:–757 दिनांक:–04.12.2024 द्वारा आमंत्रित ई–निविदा आमंत्रण सूचना संख्या:–WRD/ MID/SIMDEGA /BD/ SLI-08/2024-25 दिनांक:–04.12.2024 द्वारा:–

Constructon of Solar L.I.Scheme at Parkala Block-Kurdeg जिसका प्रकाशन PR 341154 Simdega(24-25).D & PR 342024 Simdega(24-25)#D एवं PR 342770 Simdega(24-25)#D है, जो विभिन्न दैनिक समाचार पत्रों में प्रकाशित हुआ को अपरिहार्य कारणवश अगले आदेश तक के लिए स्थगित किया जाता है।

विस्तृत जानकारी हेतु बेवसाईट www.jharkhandtenders.gov.in. एवं कार्यालय के सूचना पट्ट पर देखा जा सकता है।

कार्यपालक अभियंता,
लघु सिंचाई प्रमण्डल, सिमडेगा।

PR.NO.343032 Minor Irrigation(24-25):D

## Government of Jharkhand
## Urban Development And Housing Department
### Dhanbad Municipal Corporation, Dhanbad

**e-Procurement Re-Tender Notice No. DMC/32/2024-25**

Reference No. : DMC/32/2024-25    Date : 27.12.2024

| क्रम सं0 | Group No. | वार्ड सं0 | योजना का नाम | प्राक्कलित राशि | अग्रधन राशि | परिमाण विपत्र का मूल्य | कार्य समाप्ति का अवधि |
|---|---|---|---|---|---|---|---|
| 1 | DMC/32/2024-25/01 | 7 | Renovation of Bitumenous Road from Naya More via Denobili School via Bengali club via Daud Nagar to Sijua Stadium in ward no. 07 under DMC, Dhanbad (3rd Call) | 9660600.00 | 2 % of BOQ | 10000.00 | 180 दिन |
| 2 | DMC/32/2024-25/02 | 14 | Construction of Bitumenous Road from Rajkiya Madhya Vidyalaya Kusunda to Mahesh Kirana Store Jalan Factory via Kharikabandh Harijan Basti and from Near Jalan Factory gate to Near Kusunda Durga Mandir via Gondudih Thana in ward no. 14 under DMC, Dhanbad. (3rd Call) | 14982500.00 | 2 % of BOQ | 10000.00 | 180 दिन |
| 3 | DMC/32/2024-25/03 | 18 | Renovation of Bitumenous Road in Bharat Chowk to Rashid Mahajan House and Rahmatganj more to Ansar Nagar Yunus house via Rauf House and Kumhar Patti to Das Tola via Madan Public School in ward no. 18 under DMC, Dhanbad (3rd Call) | 10836100.00 | 2 % of BOQ | 10000.00 | 180 दिन |
| 4 | DMC/32/2024-25/04 | 18 | Renovation of Bitumenous Road in Polytehnic more to Bypass Road via Patel Chowk, Patel Chowk to Ara More in ward no. 18 under DMC, Dhanbad (3rd Call) | 9036300.00 | 2 % of BOQ | 10000.00 | 180 दिन |

Date of Publication of Tender on website :- **05.01.2025 At 03.00 PM**
Online Last Date / Time for receiving of bids :- **20.01.2025 (Online) till 03:00 PM**
Date of Bid Opening :- From **21.01.2025 at 03:00 PM** (Online)

**NOTE:-**
(i) Only e-Tenders will be accepted. Further details can be seen on website http://www.jharkhandtenders.gov.in.
(ii) Contractor should be registered in appropriate class as per NIT
(iii) Estimated Cost / Quantity May Vary
(iv) Municipal Commissioner, Dhanbad reserves the right to reject any or all the tender(s) received without assigning any reasons thereof.

S/d-
Executive Engineer,
Dhanbad Municipal Corporation, Dhanbad

PR 343037 Urban Development and Housing (24-25)_D

## Government of Jharkhand
## Urban Development and Housing Department
### PHUSRO NAGAR PARISHAD (BOKARO)

**Very Short Term Notice Inviting Tender**
**E-Tender Notice No. : - PMC/04/2024-25**

| Group No. | Tender Reference No. | Description | Estimated Cost in Rs. | Earnest Money in Rs. | BOQ Document Fees in Rs. | Duration for Work |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | PMC/01/ 04/2024-25 | Providing and Constructing of PCC Road work from Main Road Near Nirankari Bhawan to DhoriPench to towards Behind of Madhya Vidyalaya Dhori More upto 550 M Length Under Nagar Parishad Phusro (Bokaro) | 40,16,342 | 80,400 | 10,000 | 06 Month |
| 2 | PMC/02/ 04/2024-25 | Providing and Constructing of PCC Road work from Punit Mahto Chowk to Khublal School to towards Kocha Kulhi to Primary School to Saraswati Mandap to towards Raju Giri House upto 1500 M Length Under Nagar Parishad Phusro (Bokaro) | 89,29,016 | 1,78,600 | 10,000 | 06 Month |
| 3 | PMC/03/ 04/2024-25 | Providing and Constructing of PCC Road work from Railway Crossing Dhori to Prakash Yadav House Near DhoriFootbal Ground, Dispensari to Ramdev Nishad House, Santosh Yadav House to Basudev Singh House, Mina Sharma House to Masjid, Anuranjan Jha House to Back of Pravesh Akhtar House, Dhori Post Office to Chandragupt Pandey House, Raj Kumar Pandit House to Lakshya Kr Narayan House upto 2250 M Length Under Nagar Parishad Phusro (Bokaro) | 97,37,118 | 1,94,800 | 10,000 | 06 Month |
| 4 | PMC/04/ 04/2024-25 | Providing and Constructing of PCC Road work from Bhedmukka Near Culvert to towards Hathiapather Baba Mandir upto 1600 M Length Under Nagar Parishad Phusro (Bokaro) | 94,31,925 | 1,88,700 | 10,000 | 06 Month |
| 5 | PMC/05/ 04/2024-25 | Providing and Constructing of PCC Road work from Bajrang More Medical Shop to Noor Mohamad House, Ram Nagar Ambedkar Club to Shiv Mandir, Ganesh Mandap to Hulash Mohalla to Ramnagar Prathmik Vidyaaya Bermo-I upto 1250 M Length Under Nagar Parishad Phusro (Bokaro) | 69,07,423 | 1,38,200 | 10,000 | 06 Month |
| 6 | PMC/06/ 04/2024-25 | Providing and Constructing of PCC Road work from Kargali Gate Main Road Dr. Anupama Vaerma House to towards Raju Tiwari House and Sujit Kumar House to River Side Road upto 1400 M Length Under Nagar Parishad Phusro (Bokaro) | 49,56,993 | 99,200 | 10,000 | 06 Month |
| 7 | PMC/07/ 04/2024-25 | Providing and Constructing of PCC Road work from Ragho Yadav House to Laxmi Paswan House to Rajendra Chouhan House, Hero Shop To Thakur House, Naveen Thakur House to Bangla Tak, Manoj Singh House to Karipani Main Road, Bijli Ghar to Varun Singh Office, Ganga Rajak House to Manoj Sharma House, Raju House to Chotu Shop, Main Road to Sarju Chouhan House, Back of New Qrtr to Shamshan Ghat upto 1700 M Length Under Nagar Parishad Phusro (Bokaro) | 1,00,51,483 | 2,01,100 | 10,000 | 06 Month |
| 8 | PMC/08/ 04/2024-25 | Providing and Constructing of RCC Drain Work at Karipani Colony from Nanku House to Joria Nala and Tulsi Singh House to towards culvert upto 500 M Length (Size 1.50 M Wide X 1.00 M Depth)Under Nagar Parishad Phusro (Bokaro) | 74,82,958 | 1,49,700 | 10,000 | 06 Month |
| 9 | PMC/09/ 04/2024-25 | Providing and Constructing of RCC Drain Work from Durga Mandir ke Niche Congress Office ke Samne Se Aage Near Well Tak upto 500 M Length (Size 2.00 M Wide X 1.50 M Depth) Under Nagar Parishad Phusro (Bokaro) | 99,22,417 | 1,98,500 | 10,000 | 06 Month |

1. Date of Publication of Tender on website (Online) - 30.12.2024 From 10:30 AM (Uploading of Bid Online Only)
2. Date of Downloading of Tender on website (Online) - 31.12.2024 From 10:30 AM (Downloading Bid Online Only)
3. Last Date and Time of Submitting of Bids (Online) - 10.01.2025 up to 05:00 PM (Submitting Bid Online Only)
4. Date and Time of Opening of Bid (Online Only) – 11.01.2025 From 10:30 AM (Opening of Bid Online Only)
5. Name of Online E-Tender Notice Inviting Officer - Mr. Rajeev Ranjan (Administrator, Phusro Nagar Parishad)
6. Name and Address of E-Tender Notice Inviting Office - Office of The Administrator, Phusro Nagar Parishad (Bokaro)
7. Contact No. of E-Procurement Officer – 06549-356303
8. Help Line No. of E-Procurement Office - 06549-356303
9. Only E-Tenders will be accepted. Further details can be seen on website http://jharkhandtenders.gov.in

Administrator
Phusro Nagar Parishad, Bokaro

PR 343010 Urban Development (24-25)_D

---

Phone No.06671-224074
e-mail : eerwkhariar@gmail.com

**O-1004**

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KHARIAR

**e-Procurement Notice**
**BID IDENTIFICATION NO:- RWKHR-10/2024-25 (Online)**

Bid documents consisting of Work, Estimated Cost, EMD, Cost of tender Paper, Class of Contractor, Time of Completion and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the Work :- Roads & Building Works
2. Total No of Works :- 17 nos.
3. Estimated Cost :- 1.26 to 37.82 lakhs
4. Period of Completion :- 1 (One) Calendar Months
5. Other details :-

| Procurement officer | Bid Identification No | Availability of Tender on line for bidding: From | Availability of Tender on line for bidding: To | Last date & time of seeking tender clarification | Date & time of Opening of Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer R.W. Division, Khariar | RWKHR-10/2024-25 (Online) | 30.12.2024 At 10:00 AM | 08.01.2025 Up to 5:00 PM | 07.01.2025 Up to 11.00 AM | 09.01.2025 at 11.00 AM |

Further details can be seen from the website www.tendersodisha.gov.in

Sd/-Executive Engineer
Rural Works Division
Khariar

OIPR 25152/11/0005/2425

---

**A-782**

GOVERNMENT OF ODISHA
OFFICE OF THE SUPERINTENDING ENGINEER
NABARANGPUR IRRIGATION DIVISION, NABARANGPUR
DIST: NABARANGPUR
e-mail Id: senidivision@gmail.com

**QUOTATION CALL NOTICE NO. 08/ 2024-25 DATED 23 / 12 /2024**

Lr No.1627    Dated. 23.12.2024

1. Quotations in sealed cover duly superscripted the quotation call notice No. on the body of the cover are invited from the manufacturers/reputed firms/suppliers/authorized dealers having in possession of valid GSTIN and Income Tax P.A.N. Card for supply of the articles as follows:

| Sl. No. | Description of items | Unit | Quantity |
|---|---|---|---|
| 1. | Almirah 78" (MAKE NUTAN) | Each | 1 No. |
| 2. | Computer cum Office table | Each | 2 No. |
| 3. | S type chair with cushion seat | Each | 6 No. |

**The Bidders may submit their quotation for any or all of the articles mentioned.**

2. Receipt of the quotations: From 27.12.2024 to 06.01.2025 (Up to 05:00 PM) in the office of the Superintending Engineer, Nabarangpur Irrigation Division, Nabarangpur.

3. Quotation should accompany Bid Security (E.M.D.) @ 1% (one percent) of the quoted value in shape of Deposit Receipt of scheduled bank/Kissan Vikas Patra/ Post Office Savings Bank Account pass book / National Savings Certificate/Post Office Time Deposit Account pass book duly pledged in favour of Superintending Engineer, Nabarangpur Irrigation Division, Nabarangpur; Valid GST Registration Certificate showing GSTIN, Income Tax P.A.N. Card & valid Dealership Certificate.

4. Validity of quoted rates: 90 (ninety) days from the last date of receipt of quotations

5. Date of opening of quotations: 07.01.2025 at 11:00 AM.

Sd/-
Superintending Engineer
Nabarangpur Irrigation Division
Nabarangpur

OIPR 32361/11/0008/2425

---

OFFICE OF THE EXECUTIVE ENGINEER,R.W.S & S DIVISION, GAJAPATI
PARALAKHEMUNDI, ODISHA
Email - eerwssgjp@gmail.com, Ph No- 06815 224803

**O-1043**

**Invitation of Bid Through E-Tendering**
**Bid Identification No.SE/RWS&S/GPT/11 of year 2024-25**

1. The Superintending Engineer, RWS&S Division, Gajapati, on behalf of Governor of Odisha, invites percentage rate bids in double cover system in **ONLINE MODE** for Rural Piped Water Supply Projects as detailed in the **DTCN** to be hoisted in the website **www.tenderorissa.gov.in.** The eligible Class of Contractors may offer their bids for e-procurement.
2. No. of works:- 01
3. Estimated cost :- Approx.Rs.44.06 Lakhs .
4. Period of completion:- Six Calender months
5. Tender Cost = Rs.6000/- as mentioned in the Annexure.
6. Class of Contractor = "B" Class.
7. Date & time of availability of bid in the website: 30.12.2024 to 09.01.2025 up to 5PM
8. Last date & time for seeking Tender clarification: 08.01.2025 up to 5.00PM.
9. Last date & time for receipt of bids : 09.01.2025 up to 5.00PM.
10. Date & Time of Opening of Technical & Financial Bids: 10.01.2025 at 11.00 AM
11. Further details can be had in the website www.tenderorissa.gov.in only.
12. The contractors who have been awarded with the work orders for execution of any work under this Division earlier, but, on some account or the other, have not successfully completed the same within the stipulated period and, have remained defaulter for considerable period of time are debarred from participating in the tender process.
13. Authority reserves the right to reject any or all the tenders without assigning any reason thereof.

Enclosed :-The details of the works in annexure attached herewith for reference.

Sd/- Executive Engineer,
RWS&S Division, Gajapati
Paralakhemundi

OIPR 25025/11/0004/2425

---

E.Mail – rw_rourkela@yahoo.co.in

**O-991**

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH

**TENDER CALL NOTICE**
**BID IDENTIFICATION NO. ONLINE-SERKL-26 of 2024-25**

1. Name of the Work :- Roads & Bridges
2. Total No. of works :- 06(Six) Nos.
3. Estimated cost :- Rs. 5.74 Lakhs to Rs. 30.76 Lakhs
4. Class of contractor :- "D" & "C" & "B" Class
5. Period of completion :- 01 (One) Calendar months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding: From | Availability of Tender On-line for bidding: To |
|---|---|---|---|
| 1 | 2 | 3 | 4 |
| **Superintending Engineer, Rural Works Division-II, Sundargarh** | **Online-SERKL-26 of 2024-25** | **30.12.2024 from 12.00 A.M** | **07.01.2025 upto 5.00 PM** |

Further details can be seen from the website www.tendersodisha.gov.in

Sd/-Additional Chief Engineer
RW Division-II, Sundargarh

OIPR 25193/11/0048/2425

---

**NATIONAL COMPETITIVE BIDDING THROUGH e-Procurement**
**Tel. No.06752222092, e-mail id-eerwpuri@gmail.com**

**O-1009**

TCN NO. TENDER ONLINE - **06 OF 2024-25**
No. **9319** /Dt. **20.12.2024**

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 10 Nos. of work for the year 2024-25 in the District of Puri.

1.Total no. of works: **10 nos.**

2 .Tender cost of packages: Amount varies from **Rs.5.04 lakh to Rs.16.81 lakhs.**

3.Class of contractor: **As per DTCN.**

4.Period of completion: **2(two) Calendar months .**

5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding: From | Availability of tender on-line for bidding: To | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer Rural Works Division, Puri. | Online- 06 | 31.12.2024 at 11.00 A.M. | 08.01.2025 up to 5.00 P.M. | 06.01.2025 up to 1.30 P.M. | 09.01.2025 at 11.30 A.M. Office of the S.E.,R.W. Division, Puri. |

6. Other details can be seen in the bidding documents, which is available in website "https://tendersodisha.gov.in".

Sd/- Superintending Engineer,
R.W. Division, Puri

OIPR 25065/11/0009/2425

---

ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା,ଗଜପତି
DISTRICT PROJECT OFFICE,
SAMAGRA SHIKSHA GAJAPATI

No. 2870 / Fin/24    Dated 24 / 12 /2024

**Tender Call Notice**    **n-178**

Sealed tenders are invited from interested reputed Travel Agencies/Tour Operators/Private Individuals having GST registration & GeM registration for providing one hiring vehicle having sitting capacity not more than five including, driver shall conform to the terms and conditions terms and conditions available in the website **www.gajapati.odisha.gov.in/spd.opepa@nic.in** & submit the same to the District Education Officer-cum-DPC, Samagra Shiksha, At-Betaguda, Via-Jhami, Paralakhemundi, Gajapati through Registered/Speed post only on or before 08/01/2025 at 03:00PM. Tender papers received after due date and time shall not be considered for evaluation of quotation.

Collector-cum-chairman, SSA, Gajapati reserves the right to accept or reject any or all quotations in full or part without assigning any reason thereof, no intimation will be given to the bidders.

Sd/-Collector-cum-Chairman,
Samagra Shiksha, Gajapati

OIPR 27024/11/0001/2425

---

**O-1048**

By E_Mail/e-Despatch
E_Mail ID : serwcbaripada@gmail.com
Ph-No-06792-261343/261344
Gangraj, Baripada

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
************

Office Order No 3765 / Dt 23.12.2024 //

**1st Corrigendum to National Competitive Bidding e_procurement Notice No.3645/Road work Dt.10.12.2024 (NCB No-362).**

Due to unavoidable circumstances the important dates of tendering process for road works are being changed as follows.

| Procurement Officer | Bid Identification No. | Availability of tender On-line for bidding: From – Previously fixed on | From – Presently changed to | To – Previously fixed on | To – Presently changed to | Last date & Time of seeking Tender Clarification – Previously fixed on | Presently changed to | Opening of Technical Bid – Previously fixed on | Presently changed to | Opening of Financial Bid – Previously fixed on | Presently changed to |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| Chief Construction Engineer Rural Works Circle, Baripada | Road Online N.C.B. No-362 | 23.12.2024 at 11.00 am | 03.01.2025 At 11.00 am | 07.01.2025 up to 5.00 pm | 17.01.2025 up to 5.00 pm | 06.01.2025 up to 5.00 pm | 16.01.2025 up to 5.00 pm | 08.01.2025 up to 11.00 am | 18.01.2025 up to 11.00 am | Will be intimated later | Will be intimated later |

All other terms and conditions remain unchanged.

Sd./ Er. A.K Naik
Chief Construction Engineer
R.W. CIRCLE, BARIPADA

OIPR 25130/11/0010/2425



ମୁମ୍ବାଇ : ସ୍ୱିଗି ଇନଷ୍ଟାମାର୍ଟ ବର୍ଷ ଶେଷରେ ଅର୍ଡର ରିପୋର୍ଟ ଜାରି କରିଛି । ବର୍ଷ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ହୋଇଥିବା ଅନେକ ମଜାଦାର ଅର୍ଡର ତଥ୍ୟ ଏହା ସଂଗ୍ରହ କରିଛି । ନିଆରା ଅର୍ଡର ଓ ଟ୍ରେଣ୍ଡ ସହିତ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଲୋକଙ୍କ ଖାଇବା ପାଟର୍ନ ବିଷୟରେ ମଧ୍ୟ ଏଥିରେ ଆଲୋକପାତ କରାଯାଇଛି । ସ୍ୱିଗିର ସଦ୍ୟ ରିପୋର୍ଟ ଅନୁସାରେ, ଦିଲ୍ଲୀ ବାସିନ୍ଦା ଏ ବର୍ଷ ଇନଷ୍ଟାଣ୍ଟ ନୁଡଲ୍ସ ଅର୍ଡର ଉପରେ ହାରାହାରି ୬୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଏ ବର୍ଷ ଦିଲ୍ଲୀବାସୀ ସର୍ବାଧିକ ଆଳୁ ଚିପ୍ସ ମଧ୍ୟ ଅର୍ଡର କରିଛନ୍ତି । ସେହିପରି ସ୍ୱିଗି ଇନଷ୍ଟାମାର୍ଟ ରିପୋର୍ଟ ଅନୁସାରେ, ସର୍ବାଧିକ ପିଆଜ ଅର୍ଡର ମାମଲାରେ ମୁମ୍ବାଇ ଶୀର୍ଷରେ ଅଛି । ତା'ପରରେ ଅଛି ହାଇଦ୍ରାବାଦ ଓ ଦିଲ୍ଲୀ । ରିପୋର୍ଟ ଅନୁସାରେ ୧ ତାରିଖରେ ସାରା ଦେଶର ଯୁଜର ସଂଖ୍ୟା ୭-୮ଟା ମଧ୍ୟରେ ମୋଟ୍ ୪୫୦୦ କିଲୋ ପିଆଜ ଅର୍ଡର କରିଥିଲେ । ମୁମ୍ବାଇବାସୀ ଗୋଟିଏ ଦିନରେ ସ୍ୱିଗି ଇନଷ୍ଟାମାର୍ଟରେ ୮ ଲକ୍ଷ ଟଙ୍କାର ସ୍ନାକ୍ସ ଅର୍ଡର କରିଥିବା ରେକର୍ଡ ହୋଇଛି । ଚଳିତ ବର୍ଷ କ୍ଷୀର, ଦହି, ଦୋସା ଗୋଲ, ଚିପ୍ସ ଓ ସଫ୍ଟ ଡ୍ରିଙ୍କ ସ୍ୱିଗିରେ ସର୍ବାଧିକ ଅର୍ଡର ହୋଇଛି । ପ୍ରତି ୧ଟି ଅର୍ଡରରେ ଗୋଟିଏ ପ୍ୟାକେଟ୍ କ୍ଷୀର ଏବଂ ପ୍ରତି ୫ ଅର୍ଡରରେ ଗୋଟିଏ ଫଳ କିଣା ପଡ଼ିବା ଅର୍ଡର ହୋଇଛି ।

# ଜାନୁଆରୀରେ ଭାଜପାର ସଦସ୍ୟତା ନେବେ ରଘୁବର ଦାସ



ରାଞ୍ଚି : ଓଡିଶାର ରାଜ୍ୟପାଳ ପଦରୁ ଇସ୍ତଫା ଦେଇଥିବା ରଘୁବର ଦାସ ଜାନୁଆରୀ ପ୍ରଥମ ସପ୍ତାହରେ ଭାଜପାରେ ଯୋଗଦେବେ। ରାଷ୍ଟ୍ରପତି ତାଙ୍କ ଇସ୍ତଫା ଗ୍ରହଣ କରିଛନ୍ତି, କିନ୍ତୁ ନୂତନ ରାଜ୍ୟପାଳଙ୍କ ଶପଥ ଗ୍ରହଣ ପର୍ଯ୍ୟନ୍ତ ତାଙ୍କୁ କାର୍ଯ୍ୟକାରୀ ରାଜ୍ୟପାଳ ଭାବରେ ଜାରି ରଖିବାକୁ କୁହାଯାଇଛି। ଏହି ଦାୟିତ୍ୱରୁ ମୁକ୍ତି ପାଇବା ପରେ ସେ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେବେ। ଶୁକ୍ରବାର ତାଙ୍କ ବାସଭବନରେ ଗଣମାଧ୍ୟମ ବ୍ୟକ୍ତିବିଶେଷଙ୍କ ସହ କଥାବାର୍ତ୍ତା ବେଳେ ରଘୁବର ଦାସ କହିଛନ୍ତି ଯେ ସେ ନିଜ ଇଚ୍ଛାରେ ରାଜ୍ୟପାଳ ପଦ ଛାଡିଛନ୍ତି। ସେ ନିଜକୁ ଭାଗ୍ୟବାନ ମନେ କରନ୍ତି ଯେ ତାଙ୍କ ଭଳି ଜଣେ ସାଧାରଣ କର୍ମୀଙ୍କୁ ଭାଜପା ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ପରି ସାମ୍ବିଧାନିକ ଦାୟିତ୍ୱ ଦେଇଛି। କେବଳ ଭାରତୀୟ ଜନତା ପାର୍ଟିରେ ଏହା ସମ୍ଭବ। ସେ କହିଛନ୍ତି ଯେ ସେ ବର୍ତ୍ତମାନ କୌଣସି ରାଜନୈତିକ ପ୍ରସଙ୍ଗ ଉପରେ ମନ୍ତବ୍ୟ ଦେବାକୁ ଚାହୁଁନାହାନ୍ତି। ସେ କାର୍ଯ୍ୟକାରୀ ରାଜ୍ୟପାଳଙ୍କ ଦାୟିତ୍ୱରୁ ଆନୁଷ୍ଠାନିକ ଭାବେ ମୁକ୍ତ ହୋଇ ଭାଜପାର ସଦସ୍ୟତା ଗ୍ରହଣ କରିବା ପରେ ହିଁ ସେ ରାଜନୀତିରେ ଆଲୋଚନା କରିବେ। ନିଜକୁ ମୂଳତଃ ଏକ ସଂଗଠନର ବ୍ୟକ୍ତି ଭାବରେ ବର୍ଣ୍ଣନା କରି ରଘୁବର ଦାସ କହିଛନ୍ତି ଯେ ଦଳର ପ୍ରତ୍ୟେକ ଆଦେଶ ଏବଂ ନିର୍ଦ୍ଦେଶ ପାଳନ କରିବା ତାଙ୍କର କର୍ତ୍ତବ୍ୟ ବୋଲି ସେ କହିଛନ୍ତି। ୧୯୮୦ରେ ବୁଥ ସ୍ତରର କର୍ମୀ ଭାବରେ ତାଙ୍କର ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ। ମୋର ବିଶ୍ୱସ୍ତତା, ଉତ୍ସର୍ଗୀକୃତତା ଏବଂ ଏହାର ଆଦର୍ଶ ଏବଂ ନୀତି ପ୍ରତି ସଂଗ୍ରାମକୁ ବିଚାର କରି ଦଳ ଯେଉଁ ସ୍ଥିତିରେ ପହଞ୍ଚିଛି, ସେଥିରେ ମୁଁ ଅତ୍ୟନ୍ତ ମର୍ମାହତ। ମୋର ଶେଷ ଇଚ୍ଛା ହେଉଛି ଯେତେବେଳେ ମୋର ଏହି ଦୁନିଆରୁ ବିଦାୟ ନେବାକୁ ଆସେ, ସେତେବେଳେ ଭାଜପା ପତାକା ମୋ ସହିତ ରହିବା ଉଚିତ୍? ସେ ତାଙ୍କର ୧୪ମାସର ଅଭିଜ୍ଞତାରୁ ଓଡିଶାର ରାଜ୍ୟପାଳ ଭାବରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରେ ମୁଁ ଦୀର୍ଘ ବାସସ୍ଥାନରେ ଏତେ ଦିନ ରହିଥିଲି ଏବଂ ବର୍ତ୍ତମାନ ସେଠାରୁ ଫେରିବା ପୂର୍ବରୁ ମଧ୍ୟ ମୁଁ ଭଗବାନଙ୍କଠାରୁ ଆଶୀର୍ବାଦ ଲୋଡିଛି ଯାହା ଦ୍ୱାରା ମୁଁ ମୋର ଜନ୍ମସ୍ଥାନ ଏବଂ କର୍ମକ୍ଷେତ୍ରରେ ସେବା କରିପାରିବି।

# ପ୍ରସିଦ୍ଧ କବି ସୁମିତ୍ରା ନନ୍ଦନଙ୍କୁ ମନେ ପକାଇଲେ ବିଷ୍ଣୁଦେବ



ରାୟପୁର : ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ଶ୍ରୀ ସାଏ ଆଧୁନିକ ହିନ୍ଦୀର ଯୁଗ ପ୍ରବର୍ତ୍ତକ, ହିନ୍ଦୀ ସାହିତ୍ୟର ମୂର୍ଦ୍ଧନ୍ୟ କବି ଏବଂ ପ୍ରମୁଖ ସାହିତ୍ୟିକ ପଦ୍ମଭୂଷଣ ସୁମିତ୍ରା ନନ୍ଦନଙ୍କୁ ତାଙ୍କ ପୁଣ୍ୟତିଥିରେ ସ୍ମରଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଯେ ହିନ୍ଦୀ ସାହିତ୍ୟ କ୍ଷେତ୍ରରେ ସୁମିତ୍ରା ନନ୍ଦନଙ୍କ ଯୋଗଦାନ ଅତୁଳନୀୟ। ହିନ୍ଦୀ ସାହିତ୍ୟର ଜଣେ ସର୍ବଶ୍ରେଷ୍ଠ ସାହିତ୍ୟିକ ହିସାବରେ ତାଙ୍କୁ ଗଣାଯାଇଥାଏ। ତାଙ୍କ ରଚନାରେ ପ୍ରକୃତି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ଚିତ୍ର ଦେଖିବାକୁ ମିଳିଥାଏ। ତାଙ୍କ କବିତାରେ ମଧ୍ୟ ଛାୟାବାଦର ସୂକ୍ଷ୍ମ ପରିକଳ୍ପନା ଏବଂ କୋମଳ ଭାବନା ସହିତ ପ୍ରଗତିବାଦ ଏବଂ ବିଚାରଧାରାର ଝଲକ ଦେଖିବାକୁ ମିଳିଥାଏ। ତାଙ୍କର ଦର୍ଶନ ଏବଂ ମାନବ କଲ୍ୟାଣ ପାଇଁ ଭାବନା ସମସ୍ତ ହିନ୍ଦୀ କବିଙ୍କୁ ପ୍ରେରଣା ଯୋଗାଉଛି। ହିନ୍ଦୀ ସାହିତ୍ୟର ସେବା ପାଇଁ ତାଙ୍କୁ ଜ୍ଞାନପୀଠ, ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ତାଙ୍କର କାଳଜୟୀ ରଚନା ଏବଂ ହିନ୍ଦୀ ସାହିତ୍ୟରେ ଯୋଗଦାନ ସବୁଦିନ ପାଇଁ ସମସ୍ତଙ୍କର ମନେ ରହିବ ବୋଲି ଶ୍ରୀ ସାଏ କହିଥିଲେ। ଶ୍ରୀ ସାଏ କହିଥିଲେ ଯେ ସୁମିତ୍ରା ନନ୍ଦନଙ୍କୁ ଆଜିର ହିନ୍ଦୀ କବିମାନେ ମନେ ପକାଇବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସାହିତ୍ୟ ରଚନାରେ ମନୋନିବେଶ କରିବା ଜରୁରି।

# 'ମେଡ଼ିକାଲ କଲେଜ, ଜିଲ୍ଲା ହସ୍ପିଟାଲରେ ହେଲ୍ଥ ସର୍କିଟ ବନାଅ'



ରାଞ୍ଚି : ରାଜ୍ୟର ସବୁ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ହେଲ୍ଥ ସର୍କିଟ ପ୍ରତିଷ୍ଠା କରିବା ପାଇଁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ସ୍ୱାସ୍ଥ୍ୟସେବା ସହ ଜଡ଼ିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯାହାଫଳରେ ଆବଶ୍ୟକତା ଅନୁସାରେ ରୋଗୀଙ୍କୁ ଗୋଟିଏ ହସ୍ପିଟାଲରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇପାରିବ। ଏଥିସହ ଗୋଟିଏ ହସ୍ପିଟାଲ ଉପରେ ରୋଗୀଙ୍କ ଚାପ ଅଧିକ ରହିବ ନାହିଁ। ସ୍ୱାସ୍ଥ୍ୟ, ଚିକିତ୍ସା ଶିକ୍ଷା ଓ ପରିବାର କଲ୍ୟାଣ ବିଭାଗର ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସୋରେନ କହିଛନ୍ତି ଯେ, ରାଜ୍ୟରେ ଲୋକମାନଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇଦେବାକୁ ରାଜ୍ୟ ସରକାର ପ୍ରତିବଦ୍ଧ। ରାଜ୍ୟର ସବୁ ହସ୍ପିଟାଲ ୨୪ଘଣ୍ଟିଆ ଖୋଲା ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ହସ୍ପିଟାଲରେ ୨୪ଘଣ୍ଟିଆ ଉପଲବ୍ଧ ହେବା ଉଚିତ। ଯାହାଫଳରେ ଜରୁରୀ ପରିସ୍ଥିତିରେ ଆସୁଥିବା ରୋଗୀଙ୍କୁ ଯେଭଳି ଠିକ୍ ସମୟରେ ଚିକିତ୍ସା ମିଳିପାରିବ। ହସ୍ପିଟାଲ ଆସୁଥିବା ରୋଗୀମାନେ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ସେସବୁ ଅସୁବିଧା ଦୂର ପାଇଁ ହସ୍ପିଟାଲ ମ୍ୟାନେଜମେଣ୍ଟ ବ୍ୟବସ୍ଥା କରାଯିବା ଆବଶ୍ୟକ ସେହିଭଳି ରାଜ୍ୟର ୫ ନୂଆ ମେଡ଼ିକାଲ କଲେଜ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକ୍ଷମ କରିବାକୁ ସୋରେନ ନିର୍ଦ୍ଦେଶ ଦେଇଛନ୍ତି। ରିମ୍ସରେ ସମସ୍ତ ପ୍ରକାର ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ସେ ଜୋର ମଧ୍ୟ ଦେଇଛନ୍ତି। ଏଥିସହ ରାଜଧାନୀ ରାଞ୍ଚିର ପୁନର୍ବିକାଶ ଯୋଜନା ଓ ଯାତାୟତ ବ୍ୟବସ୍ଥାକୁ ନେଇ ମଧ୍ୟ ଶ୍ରୀ ସୋରେନ ସମୀକ୍ଷା କରିଥିଲେ।

# ଟ୍ରେନ୍ ତଳେ ଲୁଚି ୨୫୦ କିମି ଅତିକ୍ରମ କଲେ ଯୁବକ

ନୂଆଦିଲ୍ଲୀ : ଟ୍ରେନ୍ ଟିକେଟ କାଟିବାକୁ ପାଖରେ ଟଙ୍କା ନ ଥିଲା। ତେଣୁ ଯୁବକ ରଚିଲେ ଭୟଙ୍କର ଉପାୟ। ଟ୍ରେନ୍ ବଗି ତଳେ ଓ ଚକା ମଝିରେ ରହି ସେ ଅତିକ୍ରମ କଲେ ୨୫୦ କିମି ବାଟ। ଟ୍ରେନ୍‌ର ପ୍ରଖର ଶବ୍ଦରେ ବି ସେ ବିଚଳିତ ନ ହୋଇ ଅତି ସତର୍କତାର ସହ ଅତିକ୍ରମ କରିଛନ୍ତି ଏହି ବାଟ। ଟିକେ ହଲଚଲ ହେଲେ ଜୀବନ ଯିବାର ଭୟ ଥିଲା। ମାତ୍ର ପାଖରେ ଅର୍ଥର ଅଭାବ ଯୁବକଙ୍କୁ ନିର୍ଭୟ କରି ଦେଇଥିଲା। ମଧ୍ୟପ୍ରଦେଶର ଇଟାରସିରୁ ଜବଲପୁର ପର୍ଯ୍ୟନ୍ତ ଦୂରତାକୁ ଯୁବକଜଣକ ଏପରି ଭାବେ ଅତିକ୍ରମ କରିଛନ୍ତି। ଟ୍ରେନ୍‌ଟି ଜବଲପୁର ଷ୍ଟେଶନ ନିକଟରେ ପହଞ୍ଚିବା ପରେ ଏହି ଘଟଣାର ଖୁଲାସା ହୋଇଥିଲା। ଟ୍ରେନ୍‌ଟି ଜବଲପୁର ଷ୍ଟେସନ ନିକଟରେ ପହଞ୍ଚିବା ପରେ ରେଳ କର୍ମଚାରୀ ତାହାର ଯାଞ୍ଚ କରୁଥିଲେ। ଉକ୍ତ ସମୟରେ ସେ ବଗି ତଳେ ଜଣେ ଯୁବକ ଥିବା ଦେଖିବାକୁ ପାଇଥିଲେ।

# ଅଲ୍ଲୁ ଅର୍ଜୁନଙ୍କ ଜାମିନ ଆବେଦନ ଶୁଣାଣି ଘୁଞ୍ଚିଲା

ହାଇଦ୍ରାବାଦ: ଘୁଞ୍ଚିଲା ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ନିୟମିତ ଜାମିନ (ରେଗୁଲାର ବେଲ୍) ଆବେଦନର ଶୁଣାଣି। ହାଇଦ୍ରାବାଦ ଦଳାଚକଟା ମାମଲାରେ ଶୁଣାଣି କରୁଥିବା ନାମ୍ପାଲୀ କୋର୍ଟ ଜାମିନ ଆବେଦନ ଶୁଣାଣିକୁ ଡିସେମ୍ବର ୩୦ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛନ୍ତି। ଏହା ପୂର୍ବରୁ ଅଦାଲତ ଅଭିନେତାଙ୍କୁ ୧୪ ଦିନର ନ୍ୟାୟିକ ହେପାଜତରେ ରଖିଥିଲେ, ଯାହା ତାରିଖ ଆଜି(ଡିସମ୍ବର ୨୭) ଶେଷ ହେଉଛି। ଶୁକ୍ରବାର ମାମଲାର ଶୁଣାଣି ପାଇଁ ଅଭିନେତା ଅଲ୍ଲୁ ଅର୍ଜୁନ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଚାରପତିଙ୍କ ସମ୍ମୁଖରେ ହାଜର ହୋଇଥିଲେ। ମାମଲାର ଶୁଣାଣି ଚାଲିଥିବା ବେଳେ ସରକାରୀ ଓକିଲ କାଉଣ୍ଟର କରିବାକୁ ଅତିରିକ୍ତ ସମୟ ମାଗିଥିଲେ। ଏହାପରେ କୋର୍ଟ ଜାମିନ ଆବେଦନ ଉପରେ ତର୍କକୁ ସ୍ଥଗିତ ରଖିଥିଲେ। ତେଲେଙ୍ଗାନା ହାଇକୋର୍ଟ ତାଙ୍କୁ ଜାମନ ଦେଇଛନ୍ତି ବୋଲି ଅଭିନେତାଙ୍କ ଲିଗାଲ ଟିମ୍ କୋର୍ଟଙ୍କୁ ଅବଗତ କରାଇଥିଲେ। ଇତି ମଧ୍ୟରେ, ଅଲ୍ଲୁ ଅର୍ଜୁନଙ୍କ ନ୍ୟାୟିକ ରିମାଣ୍ଡର ଜାନୁଆରୀ ୧୦ କୁ ବୃଦ୍ଧି ସହ ଜଡ଼ିତ ଶୁଣାଣି ମଧ୍ୟ ସ୍ଥଗିତ ରଖାଯାଇଛି। ସନ୍ଧ୍ୟା ଥିଏଟର ଦଳାଚକଟା ମାମଲା ଜନସାଧାରଣ ତଥା ଆଇନର ଦୃଷ୍ଟି ଆକର୍ଷଣ କରିଛି। ଯେଉଁଥିରେ ଅଭିନେତାଙ୍କ ଜାମିନ ଆବେଦନ ଆଇନଗତ ପ୍ରକ୍ରିୟାର ଏକ କେନ୍ଦ୍ର ପାଲଟିଛି। ପରବର୍ତ୍ତୀ ଶୁଣାଣିରେ ଉଭୟ ସରକାରୀ ଓକିଲଙ୍କ କାଉଣ୍ଟର ଏବଂ ନିୟମିତ ଜାମିନ ପାଇଁ ଅଭିନେତାଙ୍କ ଆବେଦନକୁ ସମାଧାନ କରାଯିବ ବୋଲି ଆଶା କରାଯାଉଛି। ସୂଚନା ଥାଉକି, ଡିସେମ୍ବର ୪ ରେ ସାନ୍ଧ୍ୟା ଥିଏଟରରେ ଆଲୁ ଅର୍ଜୁନ ଷ୍ଟାରର୍ ପୁଷ୍ପା ୨ ଦି ରୁଲ ଶୋ' ଦେଖାଇବାକୁ ଯାଇଥିବା ବେଳଏ ତାଙ୍କୁ ଦେଖିବାକୁ ଆସିଥିଲା ଭିଡ଼ରେ ଦଳାଚକଟା ହୋଇଥିଲା। ଏଥିରେ ଜଣେ ୩୫ ବର୍ଷୀୟା ମହିଳାଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ୯ ବର୍ଷର ତାଙ୍କ ଶିଶୁପୁତ୍ରଙ୍କ ଗୁରୁତର ଅବସ୍ଥାରେ ଆଇସିୟୁରେ ଚିକିତ୍ସିତ ହେଉଥିବା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ଥ ରେଡ୍ଡି ସୂଚନା ଦେଇଥିଲେ। ମାଲମରେ ପୁଷ୍ପ-୨ ଟିମ୍ ପକ୍ଷରୁ ପୀଡ଼ିତ ପରିବାରକୁ ୨ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରାଯାଇଛି।

# ଅନ୍ନା ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କୁ ଦୁଷ୍କର୍ମ ଘଟଣା: ନିଜକୁ ଚାବୁକ ମାରି ପ୍ରତିବାଦ କଲେ ବିଜେପି ରାଜ୍ୟ ସଭାପତି



ନୂଆଦିଲ୍ଲୀ: ଚେନ୍ନାଇର ଅନ୍ନା ବିଶ୍ୱବିଦ୍ୟାଳୟରେ ଜଣେ ୧୯ ବର୍ଷୀୟା ଛାତ୍ରୀଙ୍କୁ ଯୌନ ଉତ୍ପୀଡ଼ନ ଘଟଣାରେ ବିଜେପିର ବିରୋଧ ଜାରି ରହିଛି। ମାମଲାକୁ ପ୍ରତିବାଦ କରିବା ସହ ପୀଡ଼ିତାଙ୍କୁ ନ୍ୟାୟ ପାଇଁ ଦାବି କରିଆସୁଛି ବିଜେପି। ଦଳ ଅଭିଯୋଗ ଆଣିଛି ଅଭିଯୁକ୍ତ ଡିଏମକେର ପଦାଧିକାରୀ। ଅବଶ୍ୟ ଶାସକ ଦଳ ଏହି ଅଭିଯୋଗକୁ ଖାରଜ କରୁଛନ୍ତି। ତେବେ ଏହାରି ମଧ୍ୟରେ ବିଜେପି ରାଜ୍ୟ ସଭାପତି ଅନ୍ନାମଲାଇ ନିଜ ଉପରେ ଚାବୁକ ମାଡ଼ କରି ଘଟଣାର ପ୍ରତିବାଦ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ସେ ଡିଏମକେ ସରକାରଙ୍କୁ ହଟାଇବା ପର୍ଯ୍ୟନ୍ତ ଚପଲ ପିନ୍ଧିବେନି ଆଉ ଖାଲିପାଦରେ ଚାଲିବେ ବୋଲି କହିଥିଲେ। ଚାବୁକ ମାଡ଼କୁ ନେଇ ସେ କହିଛନ୍ତି ଏହା କୌଣସି ବ୍ୟକ୍ତି କିମ୍ବା କାହା ବିରୋଧରେ ନୁହେଁ। ଏହି ବିରୋଧ ରାଜ୍ୟରେ ଲଗାତାର ହେଉଥିବା ଅନ୍ୟାୟ ବିରୋଧରେ। ଅନ୍ନା ବିଶ୍ୱବିଦ୍ୟାଳୟରେ ଯାହା କିଛି ଘଟିଛି, ତାହା କେବଳ ଗୋଟିଏ ସଙ୍କେତ। ସୂଚନାଥାଉକି, ଅନ୍ନାମଲାଇ ଅଭିଯୋଗ କରିଛନ୍ତି ଘଟଣାରେ ଅଭିଯୁକ୍ତ ଡିଏମକେର ପଦାଧିକାରୀ। ଏମିତିକି ଅଭିଯୁକ୍ତର ଡିଏମକେ ନେତାଙ୍କ ସହ ଫଟୋ ମଧ୍ୟ ଦେଖାଇଛନ୍ତି ଅନ୍ନାମଲାଇ। ସେ କହିଛନ୍ତି ଅଭିଯୁକ୍ତ ଶାସକ ଦଳର ଛାତ୍ର ଶାଖାର ପଦାଧିକାରୀ। ଅଭିଯୁକ୍ତ ଶାସକ ଦଳ ସହ ଜଡ଼ିତ ଥିବାରୁ ଏହି ଅପରାଧ ଘଟାଇଛି। ଅଭିଯୁକ୍ତ ଡିମେକେ ସହ ଥିବାରୁ ପୋଲିସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିନଥିଲା। ଅନ୍ନା ବିଶ୍ୱବିଦ୍ୟାଳୟରେ ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଦୁଷ୍କର୍ମ ଘଟଣା ସେତେବେଳେ ସାମ୍ନାକୁ ଆସିଥିଲା, ଯେତେବେଳେ ପୀଡ଼ିତା ଜଣକ ନିଜେ ପୋଲିସରେ ଅଭିଯୋଗ କରିଥିଲେ। ସୋସିଆଲ ମିଡିଆରେ କେସ୍ ସେତେବେଳେ ସାମ୍ ?ନାକୁ ଆସିଥିଲା ଯେତେବେଳେ ପୋଲିସ ଘଟଣା ତଦନ୍ତ ଆରମ୍ଭ କରିଥିଲା। ମାମଲାରେ ପୋଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତ ଜ୍ଞାନଶେଖରନଙ୍କୁ ଗିରଫ କରିଛି। ୩୭ ବର୍ଷୀୟ ଜ୍ଞାନଶେଖରନ ବିଶ୍ୱବିଦ୍ୟାଳୟ ପରିସର ନିକଟରେ ବିରିୟାନୀ ବିକ୍ରି କରୁଥିଲା। ପୋଲିସର କହିବା ଅନୁଯାୟୀ, ୩୭ ବର୍ଷୀୟ ଅଭିଯୁକ୍ତ ନାଁରେ ପ୍ରାୟ ୧୦ ଆପରାଧିକ ମାମଲା ରହିଛି । ଘଟଣାରେ ଜାତୀୟ ମହିଳା ଆୟୋଗ ନିନ୍ଦା କରିଥିଲେ। ଆୟୋଗ ତାମିଲନାଡୁ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଶଙ୍କର ଜୀବାଲଙ୍କୁ ଚିଠି ଲେଖି ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଧାରା ୭୧ ଲାଗୁ କରିବାକୁ କହିଥିଲେ।

# ବାଣିଜ୍ୟ



ରାଉରକେଲା(ଭାସ୍କର ନ୍ୟୁଜ): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ରରେ ଏକ ୱାଇ-ଫାଇ-ସକ୍ଷମ ଉନ୍ନତ ସୁବିଧାକୁ ଡିସେମ୍ବର ୨୬ ତାରିଖରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଉଦଘାଟନ କରିଥିଲେ। ନିଜସ୍ୱ ରୂପେ ବିକଶିତ ଏହି ଅତ୍ୟାଧୁନିକ ବ୍ୟବସ୍ଥାରେ ଡାଟାବେସ୍ ସୁରକ୍ଷା ପାଇଁ ଦୃଢ଼ ସୁରକ୍ଷା ବୈଶିଷ୍ଟ୍ୟ ସହିତ ଅନଲାଇନ କୁଇଜ୍ ପ୍ରୋଗ୍ରାମ ଏବଂ ବ୍ୟବସାୟ ସିମୁଲେସନ୍ ଗେମ ପରିଚାଳନା କରିବାକୁ ଡିଜାଇନ୍ କରାଯାଇଛି । ଏହି ଅବସରରେ ଶ୍ରୀ ଭୌମିକ ବରିଷ୍ଠ ଅଧିକାରୀଙ୍କ ପାଇଁ 'ଜ୍ଞାନ ସାରଥୀ' ନାମକ ଏକ ନୂତନ ପରିଚାଳନା କୁଇଜ୍ ସିରିଜ୍ ଆରମ୍ଭ କରିଥିଲେ। ଏହାର ଉଦଘାଟନୀ ସଂସ୍କରଣରେ ଡ଼ିଆଇସି, କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ଅପରେସନ୍ସ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ ପି ସିଂହଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ସହ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ କୁଇଜ୍ ମାଷ୍ଟର କୋକ୍ ଓଭେନସ୍ ବିଭାଗର ଏଜିଏମ୍ ସମ୍ପଦ ମିଶ୍ର ପରିଚାଳନା କରିଥିଲେ।

# ଇଣ୍ଡିକ୍ୟୁବ୍ ସ୍ପେସେସ୍ ପକ୍ଷରୁ ୮୫୦ କୋଟି ଟଙ୍କାର ଆଇପିଓ ପାଇଁ ଡିଆର୍‌ଏଚ୍‌ପି ଦାଖଲ



ମୁମ୍ବାଇ: ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଜରିଆରେ ପାଣ୍ଠି ସଂଗ୍ରହ କରିବା ଲାଗି ଇଣ୍ଡିକ୍ୟୁବ୍ ସ୍ପେସେସ୍ ଲିମିଟେଡ୍ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। ଭେଞ୍ଚର କ୍ୟାପିଟାଲ୍ ସଂସ୍ଥା ୱେଷ୍ଟବ୍ରିଜ୍ କ୍ୟାପିଟାଲ୍ ଦ୍ୱାରା ସମର୍ଥିତ ଇଣ୍ଡିକ୍ୟୁବ୍‌ରେ ଆଶିଷ ଗୁପ୍ତା ନିବେଶ କରିଥିବା ବେଳେ କମ୍ପାନିର ଅଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସିଇଓ ଋଷି ଦାଶ ଓ ସିଓଓ ଭାବେ ମେଘନା ଅଗ୍ରୱାଲ୍ କାର୍ଯ୍ୟ କରୁଛନ୍ତି। ବେଙ୍ଗାଲୁରୁର ଏହି କମ୍ପାନି ନୂଆ ଇକ୍ୱିଟି ସେୟାର ଜାରି କରି ୭୫୦ କୋଟି ଟଙ୍କା ଏବଂ ଅଫର ଫର ସେଲ୍ ଜରିଆରେ ନିବେଶକମାନେ ସେୟାର ବିକ୍ରି କରି ୧୦୦ କୋଟି ଟଙ୍କା ହାସଲ କରିବ। କମ୍ପାନିର ପ୍ରତିଷ୍ଠାତା ଋଷି ଦାସ ଓ ମେଘନା ଅଗ୍ରୱାଲ୍ ନିଜ ଇକ୍ୱିଟି ସେୟାର ବିକ୍ରି କରିବେ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ତାହାକୁ ଇଣ୍ଡିକ୍ୟୁବ୍ ସ୍ପେସେସ୍ ଲିମିଟେଡ୍ ୪୬୨.୬ କୋଟି ଟଙ୍କାକୁ ନୂଆ କେନ୍ଦ୍ର ସ୍ଥାପନ କରିବାରେ କାର୍ଯ୍ୟକାରୀ ପ୍ରି ଆକାରରେ, ୧୦୦ କୋଟି ଟଙ୍କାକୁ କମ୍ପାନିର ଋଣକୁ ଆଂଶିକ କିମ୍ବା ପୂର୍ଣ୍ଣ ପରିଶୋଧ କରିବା ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରାଯିବ। ଆଇକ୍ୟୁବ୍‌ର କ୍ଲାଏଣ୍ଟ୍ ମଧ୍ୟରେ ଗ୍ଲୋବାଲ୍ କାପାବିଲିଟି ସେଂଟର, ଭାରତୀୟ କର୍ପୋରେଟ୍, ୟୁନିକର୍ଣ୍ଣ ଯଥା ମିନ୍ତ୍ରା, ଅପଗ୍ରାଡ୍, ଜିରୋଧା, ନୋ ବ୍ରୋକର, ରେଡ୍‌ବସ୍, ଜସ୍‌ପେ, ପରଫ୍ଲସ୍, ମୋଗ୍‌ଲିସ୍, ନିକାର୍ଟ, ସିମେନ୍‌ସ, ନାରାୟଣ ହେଲ୍‌ଥ ରହିଛି। ଇଣ୍ଡିକ୍ୟୁବ୍ ଗ୍ରୋ ପକ୍ଷରୁ ଇଣ୍ଟେରିୟର, ପ୍ରଯୁକ୍ତି, ବ୍ୟବସ୍ଥା ପରିଚାଳନା ଓ ମୂଲ୍ୟଯୁକ୍ତ ସେବା ଜରିଆରେ ବ୍ୟାପକ କର୍ମକ୍ଷେତ୍ର ସମାଧାନ ପ୍ରଦାନ କରାଯାଉଛି। ଏହାର ବିଭିନ୍ନ ଭର୍ଟିକାଲ୍ ମଧ୍ୟରେ ରହିଛି ଇଣ୍ଡିକ୍ୟୁବ୍ ବିସ୍ପୋକ୍, ଇଣ୍ଡିକ୍ୟୁବ୍ ୱାନ୍, ଏମ୍‌ଆଇକ୍ୟୁବ୍ ଓ ଇଣ୍ଡିକ୍ୟୁବ୍ କର୍ଣ୍ଣରଷ୍ଟୋନ୍ ରହିଛି। ଏହି ଇସ୍ୟୁର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି ଆଇସିଆଇସିଆଇ ସିକ୍ୟୁରିଟିଜ୍ ଲିମିଟେଡ୍ ଓ ଜେଏମ୍ ଫାଇନାନ୍ସିଆଲ୍ ଲିମିଟେଡ୍। ଏହାର ଇକ୍ୱିଟି ସେୟାରକୁ ବିଏସଇ ଓ ଏନ୍‌ଏସଇରେ ତାଲିକାଭୁକ୍ତ କରାଯିବ।

# ସେନହାଇଜର ପକ୍ଷରୁ ପ୍ରୋଫାଇଲ ୱାୟାରଲେସର ଶୁଭାରମ୍ଭ

ନୂଆଦିଲ୍ଲୀ: କ୍ରିଏଟର୍ ଏବଂ ଭିଡିଓଗ୍ରାଫରଙ୍କ ପାଇଁ ସେନ୍‌ହାଇଜର୍ ପ୍ରୋଫାଇଲ୍ ୱାୟାରଲେସ୍‌ର ଶୁଭାରମ୍ଭ କରିଛି ଯାହା ଏକ ଟୁ-ଚ୍ୟାନେଲ୍, ୨.୪ ଗିଗାହର୍ଜ ୱେ୍ୟାରଲେସ୍ ମାଇକ୍ରୋଫୋନ୍ ସିଷ୍ଟମ୍ ଅଟେ । ଏହାକୁ ମୋବାଇଲ ଫୋନ, କ୍ୟାମେରା କିମ୍ବା କମ୍ପ୍ୟୁଟର ସହିତ ସଂଯୋଗ କରାଯାଏ ଏବଂ କ୍ଲିପ୍-ଅନ୍ ମାଇକ୍, ହ୍ୟାଣ୍ଡହେଲ୍ଡ ମାଇକ୍, କିମ୍ବା ଟେବୁଲ୍-ଟପ୍ ମାଇକ୍ରୋଫୋନ୍ ଭାବରେ ବ୍ୟବହାର କରାଯାଇପାରିବ । ଏଥିରେ ଏକ ମଲ୍ଟିଫଙ୍କସନଲ ଚାର୍ଜିଂ ବାର୍ ରହିଛି ଯାହା ସିଷ୍ଟମର ପ୍ରମୁଖ ଉପାଦାନଗୁଡିକୁ ଷ୍ଟୋର୍ ଏବଂ ଚାର୍ଜ କରିଥାଏ ଏବଂ ହ୍ୟାଣ୍ଡହେଲ୍ଡ କିମ୍ବା ଡେସ୍କଟପ୍ ମାଇକ୍ ଭାବରେ ଦ୍ୱିଗୁଣିତ ହୋଇଥାଏ । ଚାର୍ଜିଂ ବାର୍‌ରେ ଓଏଲ୍‌ଇଡି ଟଚ୍ ଡିସପ୍ଲେ ଥିବା ଏକ ଦୁଇ ଚ୍ୟାନେଲ୍ ମିନି ରିସିଭର, ରିସିଭର୍ ସହ ସ୍ୱତଃସ୍ଫୁର୍ତ ଭାବେ ସଂଯୋଗ ହେଉଥିବା ଦୁଇଟି ପ୍ରି-ପେୟାର କ୍ଲିପ୍-ଅନ୍ ମାଇକ୍ରୋଫୋନ୍, ସୂକ୍ଷ୍ମ ପୋଷାକରେ ମାଇକ୍ ସଂଯୋଗ କରିବା ପାଇଁ ଚୁମ୍ବକୀୟ କ୍ଲିପ୍ ଏବଂ ରିସିଭରକୁ ମୋବାଇଲ୍ ଫୋନ୍ କିମ୍ବା କ୍ୟାମେରା କୋଲ୍ଡ ସୁଜ ମାଉଣ୍ଟ ସହିତ ସଂଯୋଗ କରିବା ପାଇଁ ଆଡାପ୍ଟର ରହିଛି। ପ୍ରୋଫାଇଲ୍ ୱାୟାରଲେସ୍ ପ୍ରଥମ ତ୍ରୟମାସିକ ମଧ୍ୟରେ ୨୯,୯୦୦ଟଙ୍କାର ରିଟେଲ ମୂଲ୍ୟରେ ଉପଲବ୍ଧ ହେବ । ୨୪୫ ମିଟର ପର୍ଯ୍ୟନ୍ତ ପ୍ରଭାବଶାଳୀ ୱେ୍ୟାରଲେସ୍ ରେ ଥିବା ଏହି ସିଷ୍ଟମ ଦୀର୍ଘ ଦୂରତା ରେ ମଧ୍ୟ ସ୍ୱଷ୍ଟ ଅଡିଓ କୁ ସୁନିଶ୍ଚିତ କରିଥାଏ । ପ୍ରତ୍ୟେକ କ୍ଲିପ୍-ଅନ୍ ୱେ୍ୟାରଲେସ୍ ମାଇକ୍ରୋଫୋନ୍ ରେ ୧୬ ଜିବି ଅନ୍ ବୋର୍ଡ ମେମୋରୀ ଥାଏ, ଯାହା ୨୪-ବିଟ୍ / ୪୮ କିଲୋହର୍ଜ ରିଜୋଲ୍ୟୁସନ୍‌ରେ ୩୦ ଘଂଟା ପର୍ଯ୍ୟନ୍ତ ଅଡିଓ ରେକର୍ଡ କରିବାକୁ ସକ୍ଷମ। ସେନ୍‌ହେଜର ଇଣ୍ଡିଆର କଂଟ୍ରି ମ୍ୟାନେଜର ତଥା ସେଲ୍ସ ପ୍ରୋ ଅଡିଓର ନିର୍ଦ୍ଦେଶକ ବିପିନ ପୁଙ୍ଗାଲିଆ କହିଛନ୍ତି ଯେ, ଆଜିର ଡିଜିଟାଲ ମିଡିଆ ଯୁଗରେ ଭାରତରେ ଲକ୍ଷ ଲକ୍ଷ କଣ୍ଟେଣ୍ଟ କ୍ରିଏଟର ଏବଂ ସକ୍ରିୟ କଣ୍ଟେଣ୍ଟ ଉପଭୋକ୍ତା ଅଛନ୍ତି।

# ଟିପିସିଓଡିଏଲ୍‌କୁ ଜାତୀୟ ସୁରକ୍ଷା କନକ୍ଲେଭରେ ସମ୍ମାନଜନକ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ୍)କୁ ୧୫ତମ ଜାତୀୟ ସୁରକ୍ଷା କନକ୍ଲେଭ ୨୦୨୪ରେ ରୌପ୍ୟ ବର୍ଗରେ ସମ୍ମାନଜନକ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି। ଇନଷ୍ଟିଚ୍ୟୁଟ୍ ଅଫ କ୍ୱାଲିଟି ମ୍ୟାନେଜମେଣ୍ଟ ଆଣ୍ଡ୍ ଏନ୍‌ଭରମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମ୍‌ଏସ୍) ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯାହା କର୍ମକ୍ଷେତ୍ରରେ ସୁରକ୍ଷା ଓ ନବସୃଜନ ପ୍ରତି ଉଲ୍ଲେଖନୀୟ ଅବଦାନକୁ ପାଳନ କରୁଛି। ଏହି ପୁରସ୍କାର ସମାରୋହରେ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଟିପିସିଓଡିଏଲ୍ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ସଫଳତା ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି, ଏହି ମାନ୍ୟତା ଏକ ସୁରକ୍ଷିତ ଓ ସୁସ୍ଥ କର୍ମକ୍ଷେତ୍ର ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ଡିଜିଟାଲ ଉପକରଣର ଉପଯୋଗ ଏବଂ 'ଶୂନ ଆଘାତ' ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଆମକୁ ପରିଚାଳନାଗତ ଉତ୍କର୍ଷତା ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ସମ୍ମାନକୁ ଆମେ ଆମର କର୍ମଚାରୀ ଏବଂ ଅଂଶୀଦାରମାନଙ୍କୁ ଉତ୍ସର୍ଗ କରୁଛୁ ଯେଉଁମାନଙ୍କ ନିରାପତ୍ତା ପ୍ରତି ନିରନ୍ତର ସମର୍ପଣ ଆମକୁ ପ୍ରତିଦିନ ପ୍ରେରଣା ଯୋଗାଉଛି।

# ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ନୂତନ ୟୁନିକର୍ନର ଶୁଭାରମ୍ଭ

ଗୁରୁଗ୍ରାମ: ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମଏସଆଇ) ଏହାର ନୂତନ ୟୁନିକର୍ନର ଶୁଭାରମ୍ଭ କରିଛି ଯାହାକି ଆସନ୍ତା ଓବିଡ଼ି୨ବି ନିୟାମକ ଅନୁରୂପ କାର୍ଯ୍ୟଦକ୍ଷତାର ସୀମାହିନ ପ୍ରତିକକୁ ନେଇ ବିକଶିତ ଜ୍ଞାନକୌଶଳ, ଚମକପ୍ରଦ ଡ଼ିଜାଇନ, ବିଶ୍ୱସନୀୟତା ତଥା ଅତ୍ୟାଧୁନିକ ବିଶେଷତ୍ୱକୁ ଏକାଠି କରିପାରିଛି । ଏହି ନୂତନ ୨୦୨୫ ହୋଣ୍ଡା ୟୁନିକର୍ନର ମୂଲ୍ୟ ଟ ୧,୧୯,୪୮୧ ଆରମ୍ଭ ହୋଇଛି ତଥା ଏହା ଏକ୍ସ ସୋ'ରୁମ ଦିଲ୍ଲୀ ରହିବ। ୟୁନିକର୍ନର ପରିଚୟ ପର୍ବ ଅବସରରେ ମତବ୍ୟକ୍ତ କରି ସୁଟୁସୁମୁ ଓଟାନୀ, ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଛନ୍ତି, ହୋଣ୍ଡା ୟୁନିକର୍ନ ଭାରତର ପ୍ରିମିୟମ କମ୍ୟୁଟର ବିଭାଗରେ ସବୁବେଳେ ଅଗ୍ରଗାମୀର ଭୂମିକା ଗ୍ରହଣ କରିଛି। ବିଗତବର୍ଷ ମାନଙ୍କରେ ଏହା ଲକ୍ଷ ଲକ୍ଷ ଗ୍ରାହକମାନଙ୍କ ବିଶ୍ୱାସଭାଜନ



ହୋଇ ସୁବିଧା, ବିଶ୍ୱସନୀୟତା ତଥା ଆରାମଦାୟକ ପ୍ରଦାନକାରୀତାରେ ଅତୁଳନୀୟ ହୋଇପାରିଛି। ନୂତନ ୨୦୨୫ର ଏହି ମଡ଼େଲର ଶୁଭାରମ୍ଭ ଅବସରରେ ଆମେ ଏହାର ବଂଶାନୁକ୍ରମିକତାକୁ ଅଧିକ ଶକ୍ତିଶାଳୀ କରିବାର ଲକ୍ଷ୍ୟ ରଖିଛୁ। ବିଶେଷତ୍ୱରେ ଭରା ଏହି ନୂତନ ଅପଡ଼େଟ ୟୁନିକର୍ନର ପରିବର୍ଦ୍ଧିତ ରୂପରେଖ ଆସନ୍ତା ପୀଢ଼ିର ଗ୍ରାହକମାନଙ୍କୁ ଅଧିକ ଆକର୍ଷଣୀୟ କରିପାରିବ। ଏହି ନୂତନ ଶୁଭାରମ୍ଭ ଉପରେ ମନ୍ତବ୍ୟ ରଖି ଯୋଗେଶ ମାଥୁର, ନିର୍ଦ୍ଦେଶକ, ସେଲସ୍ ଆଣ୍ଡ ମାର୍କେଟିଂ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଛନ୍ତି, ୨୦୨୫ର ଏହି ୟୁନିକର୍ନ ହୋଣ୍ଡାର ସମସ୍ତ ଯାନ୍ତ୍ରିକୀ କୌଶଳ ସହିତ ଏକାଠି ହୋଇ ଏକ ଉନ୍ନତମାନର ୟୁଏସପିର ଉପସ୍ଥାପନ କରିଛି ଯାହା ମଧ୍ୟରେ ରହିଛି ଆଧୁନିକତମ ବୈଶିଷ୍ଟ୍ୟତା, ବ୍ୟବହାରିକତା ତଥା ଓବିଡ଼ି୨ବି ଅନୁରୂପ ଏକ ଅଧୁନତମ ଶକ୍ତିଶାଳୀ ଇଞ୍ଜିନ। ଏହି ନୂତନ ୨୦୨୫ ହୋଣ୍ଡା ୟୁନିକର୍ନର ମୂଲ୍ୟ ଟ.୧,୧୯,୪୮୧ ରୁ ଆରମ୍ଭ ହେବା ସହିତ ସମସ୍ତ ମୂଲ୍ୟ ଏକ୍ସ ସୋ'ରୁମ ଦିଲ୍ଲୀ ରହିବ। ବର୍ତ୍ତମାନ ସମଗ୍ର ଭାରତ ବର୍ଷରେ ଏହା ନିକଟସ୍ଥ ଏଚ୍‌ଏମଏସଆଇର ଅଧିକୃତ ବିକ୍ରେତାମାନଙ୍କ ନିକଟରେ ଉପଲବ୍ଧ ହେଉଅଛି।

# ୨୭ ରୁ ୨୯ ମଧ୍ୟରେ ନେକ୍ସସ ଏସ୍‌ପ୍ଲାନେଡ୍‌ର ସେଭ୍ ଆଣ୍ଡ ୱିନ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନେକ୍ସସ ଏସପ୍ଲାନେଡ୍ ୨୦୨୪କୁ ଧମାକାଦାର ଭାବେ ଶେଷ କରିବାକୁ ଯାଉଛି। ଡିସେମ୍ବର ୨୭ରୁ ଡିସେମ୍ବର ୨୯ ପର୍ଯ୍ୟ' ବର୍ଷର ଅନ୍ତିମ ବିକ୍ରୟ ଇଭେଟ୍ ୫୦% ସମୟରେ ଗ୍ରାହକମାନେ ଏକ ଅତୁଳନୀୟ ସପିଂ ଅଭିଜ୍ଞତା ହାସଲ କରିଛନ୍ତି। ଫ୍ୟାସନ, ଜୀବନଶୈଳୀ, ଇଲେକ୍ଟ୍ରୋନିକ୍ସ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ୧୦୦ରୁ ଅଧିକ ପ୍ରିମିୟମ ବ୍ରାଣ୍ଡରେ ଅତୁଳନୀୟ ରିହାତି ପ୍ରଦାନ କରାଯିବ, ଯାହା ଫଳରେ ଏହା ସର୍ବୋତମ ଡିଲ୍ ହାସଲ କରିବାର ଏକ ଉପଯୁକ୍ତ ସୁଯୋଗ ହେବ । ଆପଣ ଆପଣଙ୍କ ୱାର୍ଡରୋବ୍ ଅପଡେଟ୍ କରୁଛନ୍ତି, ଆପଣଙ୍କ ଗ୍ୟାଜେଟ୍ ଅପଗ୍ରେଡ୍ କରୁଛନ୍ତି କିମ୍ବା ପ୍ରିୟଜନଙ୍କ ପାଇଁ ସପିଂ କରୁଛନ୍ତି, ଏହି ବିଶାଳ ବିକ୍ରୟ ବିଭିନ୍ନ ଉତ୍ପାଦ ଉପରେ ଅପରାଜେୟ ସଞ୍ଚୟ ପ୍ରତିଶୃତି ଦେଇଥାଏ। କିନ୍ତୁ କେବଳ ଏତିକି ନୁହେଁ, ଆସନ୍ତୁ ହାପିନେସ୍ ୱାଲା ସେଲ୍ ସମୟରେ ନେକ୍ସସ୍ ଏସ୍‌ପ୍ଲାନେଡ୍‌ରେ ପ୍ରତ୍ୟେକ କ୍ରୟରେ ଏକ ସେଭ୍ ଆଣ୍ଡ୍ ୱିନ୍ ଅଫର ଆସିଥାଏ, ଯେଉଁଠାରେ ଆପଣ ଆକର୍ଷଣୀୟ ପୁରସ୍କାର ଜିତିବାର ନିଶ୍ଚିତ, ଯାହା ଆପଣଙ୍କ ସପିଂ ଅଭିଯାନରେ ଅତିରିକ୍ତ ରୋମାଞ୍ଚ ଯୋଡିଥାଏ। ନେକ୍ସସ ଏସପ୍ଲାନେଡରେ ଅବିଶ୍ୱସନୀୟ ସଂଚୟ ଏବଂ ରୋମାଞ୍ଚକର ଆଶ୍ଚର୍ଯ୍ୟ ସହିତ ୨୦୨୪କୁ ଅବିସ୍ମରଣୀୟ କରିବାପାଇଁ ଏହା ଆପଣଙ୍କର ଶେଷ ସୁଯୋଗ । ଆପଣଙ୍କ କ୍ୟାଲେଣ୍ଡରଗୁଡିକ ଚିହ୍ନିତ କରନ୍ତୁ, କାରଣ ଏହା ଏପରି ଏକ ଘଟଣା ଯାହାକୁ ଆପଣ ସମ୍ପୂର୍ଣ୍ଣ ଭାବରେ ହାତଛଡ଼ା କରିପାରିବେ ନାହିଁ। ଫ୍ଲାଟ୍ ୫୦% ଏବଂ ଚମତ୍କାର ପୁରସ୍କାର ଜିତିବାର ସୁଯୋଗ ସହିତ, ନେକ୍ସସ୍ ଏସପ୍ଲାନେଡ୍ ଆପଣଙ୍କୁ ବର୍ଷର ଶେଷ ସପିଂ ଇଭେଟ୍‌ର ସର୍ବାଧିକ ଫାଇଦା ଉଠାଇବାକୁ ଆମନ୍ତ୍ରଣ କରେ । ବହୁତ ବିଳମ୍ବ ହେବା ପୂର୍ବରୁ ତରବରିଆ ହୁଅନ୍ତୁ ।



ନୂଆଦିଲ୍ଲୀ: ଓଡ଼ିଆ ଝିଅ ଭାରୋତ୍ତୋଳିକା ପ୍ରତିସ୍ମିତା ଭୋଇଙ୍କୁ ମିଳିଛି ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ସମେତ ୧୪ ରାଜ୍ୟର ୧୭ ଜଣ (୭ ବାଳକ ଓ ୧୦ ବାଳିକା)ଙ୍କୁ ମର୍ଯ୍ୟାଦାଜନକ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାରରେ ସମ୍ମାନିତ କରିଛନ୍ତି। ଗୁରୁବାର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ କଳା ଓ ସଂସ୍କୃତି, ସୃଜନୀ, ବିଜ୍ଞାନ ଓ ପ୍ରଯୁକ୍ତି, ସମାଜସେବା, କ୍ରୀଡ଼ା ଓ ପରିବେଶ ଭଳି ୭ଟି ବର୍ଗରେ ଉଲ୍ଲେଖନୀୟ ଉପଲବ୍ଧି ପାଇଥିବା ୧୪ ଜଣଙ୍କୁ ପୁରସ୍କୃତ କରାଯାଇଛି। ଏହି କ୍ରମରେ ଭାରୋତ୍ତୋଳନ କ୍ଷେତ୍ରରେ ଉଚ୍ଚ ପ୍ରଦର୍ଶନ ପାଇଁ ଢେଙ୍କାନାଳର ୧୫ ବର୍ଷୀୟା ପ୍ରତିସ୍ମିତାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରିଛନ୍ତି ରାଷ୍ଟ୍ରପତି। ଚଳିତ ବର୍ଷ ପେରୁର ଲିମାରେ ଆଇଡବ୍ଲ୍ୟୁଏଫ୍ ବିଶ୍ୱ ଯୁବ ଭାରୋତ୍ତୋଳନ ପ୍ରତିଯୋଗିତାରେ ପ୍ରତିସ୍ମିତା ବାଳିକା ୪୦ କିଲୋଗ୍ରାମ ବର୍ଗରେ ନୂଆ ବିଶ୍ୱ କୀର୍ତ୍ତିମାନ ସହ ସ୍ୱର୍ଣ୍ଣ ଜିତିଥିଲେ। ପୁରସ୍କାର ସ୍ୱରୂପ ପ୍ରତ୍ୟେକ ବିଜେତାଙ୍କୁ ପଦକ, ପ୍ରମାଣପତ୍ର ଓ ପୁସ୍ତିକା ପ୍ରଦାନ କରାଯାଇଛି। ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରିବା ପରେ ବିଜେତାମାନେ ସ୍ଥାନୀୟ ଭାରତ ମଣ୍ଡପମ୍‌ରେ ତୃତୀୟ ବୀର ବାଲ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଭାରତ ମଣ୍ଡପମ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ୧୭ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ସହିତ ଭାବ ବିନିମୟ କରିଥିଲେ।

# ବକ୍ସିଂ ଡେ ଟେଷ୍ଟ: ଅଷ୍ଟ୍ରେଲିଆର ଦବ୍‌ଦବା ଜାରି

## ଭାରତ ୧୬୪/୫



ମେଲବର୍ଣ୍ଣ : ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଐତିହାସିକ ମେଲବର୍ଣ୍ଣ ଷ୍ଟାଡିୟମରେ ବର୍ଡର-ଗାଭାସ୍କର ଟ୍ରଫିର ଚତୁର୍ଥ ମ୍ୟାଚ୍ ଖେଳାଯାଉଛି। ଗୁରୁବାର ଆରମ୍ଭ ହୋଇଥିବା ମ୍ୟାଚରେ ପ୍ରଥମେ ବ୍ୟାଟିଂ କରୁଥିବା ଅଷ୍ଟ୍ରେଲିଆ ଶୁକ୍ରବାର ଦ୍ୱିତୀୟ ଦିନରେ ମଧ୍ୟ ଭଲ ପ୍ରଦର୍ଶନ କରି କରିଛି। ଦଳ ପ୍ରଥମ ପାଳିରେ ୪୭୪ ରନରେ ସମସ୍ତ ୱିକେଟ ହରାଇଥିଲା। ଜବାବରେ ଭାରତ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା କେବଳ ୧୬୪ ରନ କରି ୫ଟି ବହୁମୂଲ୍ୟ ୱିକେଟ ହରାଇଛି। ଅର୍ଥାତ କଙ୍ଗାରୁ ଦଳଠୁ ଏବେ ୩୧୦ ରନ ପଛୁଆ ରହିଛି ଭାରତ। ବକ୍ସିଂ ଡେ ଟେଷ୍ଟର ପ୍ରଥମ ଦିନରେ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଦିନରେ ଘରୋଇ ଦଳର ଶୀର୍ଷ ୪ଜଣ ବ୍ୟାଟର ଅର୍ଦ୍ଧଶତକ ହାସଲ କରି ଭାରତକୁ ବ୍ୟାକଫୁଟକୁ ଠେଲିଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ କିଛି ମାତ୍ରାରେ କମବ୍ୟାକ୍ କରିଥିଲା ଭାରତ। ତେବେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୬ଟି ୱିକେଟ ହରାଇ ଅଷ୍ଟ୍ରେଲିଆ ୩୧୧ ରନ କରିଥିଲା। ଅର୍ଦ୍ଧଶତକ ହାସଲ କରି ସାରିଥିବା ସ୍ମିଥ ଓ ଅଧିନାୟକ ପାଟ କମିନ୍ସ କ୍ରିଜରେ ମହଜୁଦ ରହିଥିଲେ। ଆଜି ଦ୍ୱିତୀୟ ଦିନରେ ଅଷ୍ଟ୍ରେଲିଆ ପକ୍ଷରୁ ମଧ୍ୟ ଚମତ୍କାର ଆରମ୍ଭ ଦେଖିବାକୁ ମିଳିଥିଲା। ମଧ୍ୟାହ୍ନ ଭୋଜନ ବିରତି ପର୍ଯ୍ୟନ୍ତ ଦଳର ସ୍କୋର ୭ ୱିକେଟ ବିନିମୟରେ ୪୫୪ ରହିଥିଲା। ତେବେ ମଧ୍ୟାହ୍ନ ଭୋଜନ ବିରତି ପରେ ୧୪୦ ରନର ଦମଦାର ପାଳି ଖେଳିଥିବା ଷ୍ଟିଭେନ ସ୍ମିଥ୍ ଆଉଟ୍ ହୋଇଥିଲେ। ଅଧିନାୟକ ପାଟ୍ କମିନ୍ସ ୪୯, ମିଚେଲ ଷ୍ଟାର୍କ ୧୫ ରନ୍ ଏବଂ ନାଥନ ଲାୟନ ୧୩ ରନ୍ କରି ପାଭିଲିୟନ ଫେରିଥିଲେ। ତେବେ ଅଷ୍ଟ୍ରେଲିଆ ପାଳି ୪୭୪ ରନରେ ଶେଷ ହୋଇଥିଲା। ଏହି ପାଳିରେ ଭାରତ ପକ୍ଷରୁ ସ୍ପିଡଷ୍ଟାର ଜସପ୍ରୀତ ବୁମ୍ରା ଚମତ୍କାର ବୋଲିଂ କରି ସର୍ବାଧିକ ୪ ୱିକେଟ୍ ନେଇଥିଲେ। ଜାଡେଜା ୩ଟି ୱିକେଟ ହାସଲ କରିଥିବାବେଳେ ଆକାଶ ଦୀପ ୨ଟି ଓ ୱାଶିଂଟନ ସୁନ୍ଦର ଗୋଟିଏ ସଫଳତା ପାଇଥିଲେ। ଏହାପରେ ପ୍ରଥମ ପାଳି ଖେଳିବାକୁ ମୈଦାନକୁ ଓହ୍ଲାଇଥିଲା ଭାରତ। ଦଳ ପକ୍ଷରୁ ଯୁବ ଓପନର ଜୈସୱାଲଙ୍କ ସହ ପାଳି ଆରମ୍ଭ କରିଥିଲେ ଅଧିନାୟକ ରୋହିତ ଶର୍ମା। ହେଲେ ଲୟ ଖୋଜି ପାଉନଥିବା ରୋହିତ କେବଳ ୩ ରନ କରି ଆଉଟ ହୋଇଥିଲେ। ଜୈସୱାଲଙ୍କ ସହ ମିଶି ଦଳୀୟ ସ୍କୋରକୁ ଆଗକୁ ବଢ଼ାଉଥିବା ରାହୁଲ ୨୪ ରନ କରି ଆଉଟ ହେବା ପରେ ଆସିଥିଲେ ବିରାଟ କୋହଲି। ଅନ୍ୟପଟେ ଚମତ୍କାର ବ୍ୟାଟିଂ ଜାରି ରଖିଥିବା ଜୈସୱାଲ ୮୨ ରନ ସ୍କୋର କରିଥିବାବେଳେ ରନ୍ ଆଉଟ୍ ହୋଇ ଶତକରୁ ବଞ୍ଚିତ ହୋଇଥିଲେ। ସେପଟେ କୋହଲି ଆରମ୍ଭ ଭଲ କରିଥିଲେ ମଧ୍ୟ ପୁଣି ପୂର୍ବ ପରି ଭୁଲ କରିଥିଲେ। ସେ ସ୍କଟ ବୋଲାଣ୍ଡଙ୍କ ଓଭରରେ ଆଉଟ ଷ୍ଟମ୍ପ ବାହାର ବଲକୁ ଖେଳିବା ଚେଷ୍ଟା କରି କିପର ଆଲେକ୍ସ କ୍ୟାରୀଙ୍କ ହାତରେ ଧରା ପଡ଼ିଥିଲେ। ଏହାପରେ ନାଇଟ ୱାଚମ୍ୟାନ ଭାବେ ପାଳି ବଞ୍ଚାଇବାକୁ ଆସିଥିବା ଆକାଶ ଦୀପ ମଧ୍ୟ ଖାତା ନଖୋଲି ଆଉଟେ ହୋଇଯାଇଥିଲେ। ତେବେ ଆଜି ଦ୍ୱିତୀୟ ଦିନକର ଖେଳ ଶେଷ ହେବା ବେଳକୁ ଭାରତ ୪୬ ଓଭର ଖେଳି ୫ଟି ୱିକେଟ ହରାଇଥିବାବେଳେ କେବଳ ୧୬୪ ରନ କରିଛି। ଋଷଭ ପନ୍ତ (୬) ଓ ରବୀନ୍ଦ୍ର ଜାଡେଜା (୪) କ୍ରିଜରେ ମହଜୁଦ ରହିଛନ୍ତି।

## ଭାରତୀୟ ଦଳ କଳା ବ୍ୟାଣ୍ଡ ପିନ୍ଧି ଖେଳିଲେ



ମେଲବର୍ଣ୍ଣ: ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କର ଗୁରୁବାର ରାତିରେ ଦେହାନ୍ତ ହୋଇଯାଇଛି। ତାଙ୍କର ଦେହାନ୍ତ ଯୋଗୁ ସମଗ୍ର ଦେଶରେ ଶୋକାକୁଳ ପରିବେଶ ରହିଛି। ତାଙ୍କ ମୃତ୍ୟୁକୁ ନେଇ ସାରା ବିଶ୍ୱରୁ ସମବେଦନା ବାର୍ତ୍ତା ଆସୁଛି। ବର୍ଡର-ଗାଭାସ୍କର ଟ୍ରଫିର ମେଲବୋର୍ଣ୍ଣ ଟେଷ୍ଟରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ଟିମ୍ ଇଣ୍ଡିଆ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଖେଳାଳିମାନେ କଳା ବ୍ୟାଣ୍ଡ ପିନ୍ଧି ଖେଳିବାକୁ ପଡ଼ିଆକୁ ଓହ୍ଲାଇଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ମ୍ୟାଚର ଦ୍ୱିତୀୟ ଦିନରେ ଅଷ୍ଟ୍ରେଲିଆ ୧୦ ୱିକେଟେ ହରାଇ ୪୭୪ ରନ୍ ସଂଗ୍ରହ କରିଛି। ଭାରତୀୟ ଦଳ ୧-୧ ସ୍ଥିତିରେ ଥିବା ମ୍ୟାଚ୍‌କୁ ଜିତିବାକୁ ପଡ଼ିଆକୁ ଓହ୍ଲାଇଛନ୍ତି। ଏହା ସହିତ ଟିମ୍ ଇଣ୍ଡିଆର ବହୁ ଖେଳାଳି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପରଲୋକରେ ସୋସିଆଲ ମିଡିଆରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ପୋଷ୍ଟ ସେୟାର କରିଛନ୍ତି।

## ଆଜିଠୁ ଆରମ୍ଭ ହକି ଇଣ୍ଡିଆ ଲିଗ୍

ରାଉରକେଲା (ଭାସ୍କର ନ୍ୟୁଜ୍) : ଶନିବାର ଠାରୁ ବିଶ୍ୱର ସର୍ବବୃହତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ପ୍ରଥମ ମ୍ୟାଚ୍ ଟିମ୍ ଗୋନାସିକା ଓ ଦିଲ୍ଲୀ ଏସ୍‌ଜି ପାଇପସର ମଧ୍ୟରେ ଖେଳାଯିବ। ପ୍ରତିଯୋଗିତା ପାଇଁ ମୋଟ୍ ୭ଟି ଦଳ, ଯଥା- ସୂରମା ହକି କ୍ଲବ, ୟୁପି ରୁଦ୍ରସ୍, ହାଇଦ୍ରାବାଦ ତୁଫାନ୍ସ, ବେଦାନ୍ତ କଳିଙ୍ଗ ଲାନ୍‌ସର୍ସର, ଟିମ୍ ଗୋନାସିକା, ଶ୍ରାଚୀ ରା' ବେଙ୍ଗଲ ଟାଇଗର୍ସ ଓ ଦିଲ୍ଲୀ ଏସ୍‌ଜି ପାଇପର୍ସର ରାଉରକେଲାରେ ପହଞ୍ଚିସାରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଅନ୍ତିମ ଦଳଭାବେ ତାମିଲନାଡୁ ଡ୍ରାଗନ୍ସ ରାଉରକେଲାରେ ପହଞ୍ଚିଛି।। ତାମିଲନାଡୁ ଦଳରେ ଓଡ଼ିଆ ତାରକା ତଥା ଦୁଇଦୁଇଥର ଅଲିମ୍ପିକ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିବା ଅମିତ ରୋହିଦାସ ପହଞ୍ଚିଛନ୍ତି। ଗୁରୁବାର ଅପରାହ୍ନରେ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଟିମ୍ ଗୋନାସିକା ଓ ଶ୍ରାଚୀ ରା' ବେଙ୍ଗଲ ଟାଇଗସର ମଧ୍ୟରେ ଏକ ପ୍ରାକ୍ଟିସ୍ ମ୍ୟାଚ୍ ଖେଳାଯାଇଥିଲା। ଉଭୟ ଦଳ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଅଭ୍ୟାସ ମ୍ୟାଚ୍ ହୋଇଥିଲେ ସୁଦ୍ଧା ଏହା ବେଶ୍ ଉତ୍କଣ୍ଠାପୂର୍ଣ୍ଣ ହୋଇଥିଲା। ତେବେ ଏହି ମ୍ୟାଚ୍‌କୁ ଟିମ୍ ଗୋନାସିକା ୩-୦ ଗୋଲ୍‌ରେ ଜିତିନେଇଥିଲା। ହକି ଇଣ୍ଡିଆ ଲିଗ୍ ଅବ୍ୟବହତି ପୂର୍ବରୁ ଶୁକ୍ରବାର ପୂର୍ବାହ୍ନରେ ୬ଟି ଦଳର ଅଧିନାୟକ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ୬ ଅଧିନାୟକଙ୍କୁ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେବ। ଅପରପକ୍ଷରେ ପୂର୍ବରୁ ପହଞ୍ଚିସାରିଥିବା ବିଭିନ୍ନ ଦଳ କ୍ରୀଡ଼ାଭ୍ୟାସ ଆରମ୍ଭ କରିଦେଇଛନ୍ତି। ପରସ୍ପର ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳୁଥିବା ଦେଖିବାକୁ ମିଳୁଛି। ଗୁରୁବାର ଅପରାହ୍ନରେ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଟିମ୍ ଗୋନାସିକା ଓ ଶ୍ରାଚୀ ରା' ବେଙ୍ଗଲ ଟାଇଗର୍ସ ମଧ୍ୟରେ ଏକ ପ୍ରାକ୍ଟିସ୍ ମ୍ୟାଚ୍ ଖେଳାଯାଇଥିଲା। ଉଭୟ ଦଳ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଅଭ୍ୟାସ ମ୍ୟାଚ୍ ହୋଇଥିଲେ ସୁଦ୍ଧା ଏହା ବେଶ୍ ଉତ୍କଣ୍ଠାପୂର୍ଣ୍ଣ ହୋଇଥିଲା। ତେବେ ଏହି ମ୍ୟାଚ୍‌କୁ ଟିମ୍ ଗୋନାସିକା ୩-୦ ଗୋଲ୍‌ରେ ଜିତିନେଇଥିଲା।

### ଜାତୀୟସ୍ତର ରଗ୍‌ବୀ ଫୁଟବଲ୍ ପ୍ରତିଯୋଗିତା

## ମୟୂରଭଞ୍ଜରୁ ୧୦ଜଣ ସାମିଲ



ବାରିପଦା (ଭାସ୍କର ନ୍ୟୁଜ୍): ଡିସେମ୍ବର ୨୮ ରୁ ୨୯ ତାରିଖ ପର୍ଯ୍ୟନ୍ତ ବିହାର ରାଜ୍ୟ ପାଟନାର ପାଟଳିପୁତ୍ର ସ୍ପୋର୍ଟ୍ସ କୋମପ୍ଲେକ୍ସଠାରେ ୧୭ ବର୍ଷରୁ କମ ବର୍ଗର ବାଳକ ବାଳିକା ମାନଙ୍କର ଅନୁଷ୍ଠିତ ଜାତୀୟସ୍ତର ରଗବୀ ଫୁଟବଲ ପ୍ରତିଯୋଗିତାରେ ଓଡିଶା ରାଜ୍ୟ ଟିମରେ ମୟୂରଭଞ୍ଜ ଜିଲ୍ଲାରୁ ୧୦ ଜଣ କ୍ରୀଡ଼ାବିତ ଚୟନ ହୋଇଛନ୍ତି। ସେମାନେ ହେଲେ ୧୭ ବର୍ଷରୁ କମ ବାଳକ ବିଭାଗରେ ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ସିନ୍ଦୁରଗୌରା ଉଚ୍ଚ ବିଦ୍ୟାଳୟର ସୁମନ୍ତ ମୁର୍ମୁ ଓ ଶିବା ସୋରେନ, ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ରାଇରଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟର କୃଷ୍ଣଚନ୍ଦ୍ର କ୍ୟାଣ୍ଡେଙ୍କେଲ, ବାରିପଦାସ୍ଥିତ ଉତ୍କଳମଣି ଗୋପବନ୍ଧୁ ପ୍ରାକ୍ଟିସିଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ଅନୀଲ କୁମାର ମହାନ୍ତ ଏବଂ ବାଳିକା ବିଭାଗରେ ସିନ୍ଦୁରଗୌରା ଉଚ୍ଚ ବିଦ୍ୟାଳୟର ପମା ମୁର୍ମୁ, ବାରିପଦାସ୍ଥିତ ରାଣୀଭୋଳ ଏସଏସଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସୁମିତ୍ରା ମୁର୍ମୁ, ପାଏଲ ହାଁସଦା,ସୁଲେନା ହେମ୍ବ୍ରମ, ବାସନ୍ତୀ ମୁର୍ମୁ, ସବିତା ସୋରେନ। ଟିମ କୋଚ ଭାବେ ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ର ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲଡିହାର ଦିବ୍ୟରଞ୍ଜନ ଦାସ ଯୋଗ ଦେଇଛନ୍ତି। ଏହି ସଫଳତା ପାଇଁ ଏମାନଙ୍କୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଉତ୍ସାହିତ କରିବା ସହ ଶୁଭେଚ୍ଛା ଜଣାଯାଇଛି।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ସଦର ବ୍ଲକ ଅନ୍ତର୍ଗତ ଗଡ଼ିରାଉତପାଟଣା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ ବସୁନ୍ଧରାର ୧୫ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ସମସ୍ତ ପିଲା ଅଂଶ ଗ୍ରହଣ କରିଥିଲେ । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରିନି ମହାନ୍ତି , ସମ୍ମାନିତ ଅତିଥି ପ୍ରଫେସର ଚିତ୍ରା ମହାନ୍ତି, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଷ୍ଠା ମହାପାତ୍ର, ଡ.ସ୍ନିଗ୍ଧା ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସାଗରିକ ପଟ୍ଟନାୟକ ଯୋଗଦେଇଥିବା ବେଳେ ଓ ବିଧୁଭୂଷଣ ମହାନ୍ତି ସଭା ପରିଚାଳନା କରିଥିଲେ । ସେହିପରି ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଡ.ଶୁଭାଶିଷ ଶତପଥୀ ଯୋଗଦେଇ ପିଲାମାନଙ୍କୁ ଜୀବନରେ ଖେଳର ମହତ୍ତ୍ୱ ବିଷୟରେ ବୁଝାଇ ଥିଲେ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ । ଶେଷରେ ଇଂ.ସୁରଜ୍ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀମତୀ ଅର୍ଚ୍ଚନା ମହାନ୍ତି, ଶ୍ରୀମତୀ ସଂଘମିତ୍ରା ଦାସ ଓ ଶ୍ରୀମତୀ କବିତା ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ ।

## ଭାରତ ବିପକ୍ଷରେ ସାମ୍ କୋନଷ୍ଟାସଙ୍କ ଐତିହାସିକ ରେକର୍ଡ



ମେଲବର୍ଣ୍ଣ : ଅଷ୍ଟ୍ରେଲିଆର ୧୯ ବର୍ଷୀୟ ଓପନର ସାମ କୋନଷ୍ଟାସ ପ୍ରଥମ ଟେଷ୍ଟରେ ହିଁ ସମସ୍ତଙ୍କୁ ପ୍ରଭାବିତ କରି ଭାରତ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ବକ୍ସିଂ ଡେ ଟେଷ୍ଟରେ ସେ ଭାରତର ଯଶପ୍ରୀତ ବୁମ୍ରା ଆଣ୍ଡ କୋ ବିପକ୍ଷରେ ଦମଦାର ଇନିଂସ ଖେଳିଛନ୍ତି। କୋନଷ୍ଟାସ ଆରମ୍ଭରୁ ଆଟାକିଂ ଖେଳ ପ୍ରଦର୍ଶନ କରିବା ସହ ବୁମ୍ରାଙ୍କୁ ୨ଟି ଛକା ମଧ୍ୟ ମାରିଛନ୍ତି। ସେ ୬୫ ବଲରେ ୬୦ ରନ କରିବା ପରେ ରବୀନ୍ଦ୍ର ଜାଡେଜାଙ୍କ ବଲରେ ଆଉଟ ହୋଇଥିଲେ। ଏହି ଇନିଂସ ପରେ କୋନଷ୍ଟାସ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଅଷ୍ଟ୍ରେଲିଆର ସର୍ବକନିଷ୍ଠ କ୍ରିକେଟର ଭାବେ ଭାରତ ବିପକ୍ଷ ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରିଛନ୍ତି। କୋନଷ୍ଟାସ ୧୯ ବର୍ଷ ଓ ୮୫ ଦିନ ବୟସରେ ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ଭାରତ ବିପକ୍ଷରେ ଡେବ୍ୟୁ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ତାଙ୍କ ପୂର୍ବରୁ ଭାରତ ବିପକ୍ଷ ଟେଷ୍ଟ ଡେବ୍ୟୁରେ କେହି ବି ଏମିତି କରି ନଥିଲେ। ଭାରତ ପ୍ରଥମ ଟେଷ୍ଟ ମ୍ୟାଚ୍ ୧୯୩୨ ରେ ଖେଳିଥିଲା। ତେଣୁ ୯୨ ବର୍ଷ ମଧ୍ୟରେ କୋନଷ୍ଟାସ ପ୍ରଥମ ସର୍ବକନିଷ୍ଠ ଖେଳାଳି ଭାବେ ଭାରତ ବିପକ୍ଷରେ ଡେବ୍ୟୁରେ ଅର୍ଦ୍ଧଶତକ ମାରି ପାରିଛନ୍ତି। ସେହିପରି କୋନଷ୍ଟାସ ଅଷ୍ଟ୍ରେଲିଆର ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ଭାବେ ଟେଷ୍ଟରେ ଅର୍ଦ୍ଧଶତକ କରିଛନ୍ତି। ତାଙ୍କ ଉପରେ ଇଆନ କ୍ରେଗ ରହିଛନ୍ତି। ସେ ୧୭ ବର୍ଷ ଓ ୨୪୦ ଦିନରେ ଅଷ୍ଟ୍ରେଲିଆ ପାଇଁ କୌଣସି ଟେଷ୍ଟରେ ୫୦ କିମ୍ବା ତା' ଠାରୁ ଅଧିକ ରନ କରିଥିଲେ। ଭାରତ ବିପକ୍ଷରେ ତୃତୀୟ ସର୍ବକନିଷ୍ଠ ଖେଳାଳି ଭାବେ କୌଣସି ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହି ତାଲିକାରେ ପାକିସ୍ତାନର ମୁସ୍ତାକ ମହମ୍ମଦ ଓ ଶାହିଦ ଆଫ୍ରିଦି ରହିଛନ୍ତି। କୋନଷ୍ଟାସଙ୍କ ତୁଳନାରେ ଆଫ୍ରିଦି ଓ ମହମ୍ମଦ ଆହୁରି କମ ବୟସରେ ଭାରତ ବିପକ୍ଷ ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରିଥିଲେ। କିନ୍ତୁ କୋନଷ୍ଟାସ ଡେବ୍ୟୁ ମ୍ୟାଚ୍‌ରେ ଏପରି ରେକର୍ଡର ଅଧିକାର ହେବା ବେଶ ସ୍ୱତନ୍ତ୍ର।

### ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କପ୍ ଉଦ୍‌ଘାଟିତ

## ପ୍ରଥମ ମ୍ୟାଚ୍‌ରେ ୟୁସିସି ରାଞ୍ଚି ବିଜୟୀ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ମୟୁରଭଞ୍ଜ ଜିଲ୍ଲା ଚଢେଇଭୋଳ ହାଇସ୍କୁଲ ଖେଳ ପଡିଆରେ ୧୭ ତମ ସର୍ବଭାରତୀୟ ଆଜାଦ ଚ୍ୟାଲେଞ୍ଜ କପ ଉଦଘାଟିତ ହୋଇଯାଇଛି । ଆଜାଦ୍ ସ୍ପୋର୍ଟସ ଆଣ୍ଡ କଲଚୁରାଲ କ୍ଲବର ସଭାପତି ମହମ୍ମଦ ସୁଲେମାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ କରଞ୍ଜିଆ ଗୋଷ୍ଠି ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ନାଏକ, ସମ୍ମାନିତ ଅତିଥି ରୂପେ ବିଜେପି କୃଷକ ମୋର୍ଚ୍ଚା ସଭାପତି ମଦନ ମୋହନ ମହାନ୍ତ, ମୁଖ୍ୟବକ୍ତା ଭାବେ ସହକାରୀ ଯନ୍ତ୍ରୀ ଇମତିଆଜ ଅଲ୍ଲୀ, ସାଂସଦଙ୍କ ପ୍ରତିନିଧି ଉମେଶ ଚନ୍ଦ୍ର ବେହେରା, ମହମଦ ଫରାଇମ ,ମହମ୍ମଦ ହମିଦ, ଇନ୍ଦ୍ରମଣିମହାକୁଡ଼, ମହମ୍ମଦ ରିୟାଜୁଲ, ମହମ୍ମଦ ରିୟାଯୁଦ୍ଦିନ ,ଖଲ୍ଲିଲୁର ରହେମନ , ମହମ୍ମଦ ଅନିଶଅଲ୍ଲୀ ପ୍ରମୁଖଙ୍କ ଉପସ୍ଥିତିରେ ଖେଳକୁ ଉଦଘାଟନ କରିଥିଲେ। ସର୍ବପ୍ରଥମେ ମୁଖ୍ୟଅତିଥି ଙ୍କ ଦ୍ୱାରା କ୍ରୀଡ଼ା ପତାକା ଉତ୍ତୋଳନ କରାଯାଇଥିଲା। ଆଜି ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚରେ ୟୁସିସି ରାଞ୍ଚି ବନାମ ଫେମସ କ୍ଲବ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଫେମସ କ୍ଲବ କେନ୍ଦୁଝର ଟସ ଜିତି ବୋଲିଂ କରିବା ନିଷ୍ପତ୍ତି ନେଇ ବିପକ୍ଷ ୟୁସିସି ରାଞ୍ଚିକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା, ରାଞ୍ଚି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୨ ଓଭରରେ ୮ ଉଇକେଟ ହରାଇ ୨୩୫ ରନ ସଂଗ୍ରହ କରିଥିଲା। ଜବାବରେ ପ୍ରତିପକ୍ଷ ଫେମସ କ୍ଲବ କେନ୍ଦୁଝର ୨୨ ଓଭରରେ ୭ ୱିକେଟ ହରାଇ ୧୯୬ ରନ ସଂଗ୍ରହ କରି ୩୯ ରନ ରେ ପରାସ୍ତ ହୋଇଥିଲା। ମ୍ୟାଚରେ ଅମ୍ପାୟାର ଭାବେ ଓସିଏ ପ୍ୟାନେଲ ଅମ୍ପାୟାର ପ୍ରାଣନାଥ ଜେନା ଓ ଖଗେଶ୍ୱର ମଲ୍ଲିକ ପରିଚାଳନା କରିଥିଲେ । ମ୍ୟାଚ ଶେଷରେ ଖଲ୍ଲିଲୁର ରହେମନ ଓ ଇନ୍ଦ୍ରମଣି ମହାକୁଡ଼ ଉପସ୍ଥିତରହି ୫ ଓଭରରେ ୨୪ ରନ ଦେଇ ୨ଟି ୱିକେଟ ନେଇ ୧୦ ରନ କରିଥିବା ରାଞ୍ଚିର ପଙ୍କଜ ଯାଦବଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଏହି ଟୁର୍ନାମେଣ୍ଟକୁ ପରିଚାଳନାରେ ମହମ୍ମଦ ସରାଫତ ଆଲମ, ମହମ୍ମଦ କାଦିର, ଜାହିର ଆୱାସ, ବିଜୟ ବାରିକ, ଆସଗର ଅଲ୍ଲୀ, ବୁଲୁ ମିଶ୍ର, ଆବୁ ତାଲିବ, ମାଧବ ମାଝୀ, ରମାକାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା କାଲି ରାଇଜିଂ ଷ୍ଟୁଡେଣ୍ଟ, କଟକ ବନାମ ରାଉରକେଲା କ୍ରିକେଟ ଆସସିଏସନ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ସମ୍ପାଦକ୍ ସବୀର ଅଲ୍ଲୀ ସୂଚନା ଦେଇଛନ୍ତି।

## ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ସ୍ୱାମୀ ବିବେକାନନ୍ଦ କ୍ଲବ ପରିସରରେ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ସ୍ୱାମୀ ବିବେକାନନ୍ଦ କ୍ଲବର ସଭାପତି ଶିବଦତ୍ତ ସାହୁ ସମ୍ପାଦକ ରାକେଶ ସିଂ, ସିମାଞ୍ଚଳ ପ୍ରଧାନ,ଶ୍ୟାମ ସୁନ୍ଦର ନାଗ, ଗଣେଷ ହରିଜନ, ପ୍ରକାଶ ହରିଜନଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ମାନଙ୍କର ନେତୃତ୍ୱରେ ଏହା ଆୟୋଜନ କରାଯାଇଛି। ଏହି ଟୁର୍ନାମେଣ୍ଟରେ ବାଲିମେଳା ସହରର ଆୟସ୍ପା ସାହି, ମନୋରଞ୍ଜନ କ୍ଲବ, ବିବେକାନନ୍ଦ କ୍ଲବ ଦୁର୍ଗା ସାହି, ନୂତନ ବସ ଷ୍ଟାଣ୍ଡ, ଓହେଚପିସି ପଡିଆ ଟିମ, ନୂଆସାହି, ଜେଇଡି ଲାଇନ,ବିବେକାନନ୍ଦ-ବି, ଗୋପବନ୍ଧୁ କ୍ଲବ ସମେତ କୋରୁକୋଣ୍ଡା ବ୍ଲକ ଅଧିନସ୍ତ ନୀଳାଦ୍ରୀ ନଗର, ଚିତାପାରି-୩,ପୁରୁଣା ଚିତାପାରି, ୪ ନମ୍ବର ଗ୍ରାମ ଟିମ ଏବଂ ଏମଭି -୧୦୪ନମ୍ବର ଗାଁ ଏପରି ମୋଟ ୧୬ଟି ଟିମ ଅଂଶଗ୍ରହଣ କରିବେ। ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଆସନ୍ତା ୨୯ ତାରିଖରେ ଖେଳା ଯିବାକୁ ସ୍ୱାମୀ ବିବେକାନନ୍ଦ କ୍ଲବ ପକ୍ଷରୁ ନିଷ୍ପତି ନିଆଯାଇଛି। ପ୍ରଥମ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଓର୍କେଲ ଥାନା ଅଧିକାରୀ ଧିରେନ କୁମାର ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଏସ ଆଇ ମନୋହର ସାହୁ, ଏଏସଆଇ ମିଳନ ବରିହା ପ୍ରମୁଖ ଯୋଗଦେଇ ପ୍ରଥମେ ଭଗବାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ରିବନ କାଟି ଏହି ଭଲିବଲ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ପ୍ରଥମ ମ୍ୟାଚ ଆୟସ୍ପା ସାହି ଓ ମନୋରଞ୍ଜନ କ୍ଲବ ଟିମ ମଧ୍ୟରେ ଖେଳ ହୋଇଥିଲା। ଏହାପରେ ନୀଳାଦ୍ରୀନଗର ଓ ଜେଇଡି ଲାଇନ ଟିମ ମଧ୍ୟରେ ଖେଳ ହୋଇଥିଲା। ଏହିପରି ଆଜି ମୋଟ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି।

## ଭୁଲ ସ୍ୱୀକାର କଲେ କୋହଲି

ନୂଆଦିଲ୍ଲୀ : ବର୍ଡର-ଗାଭାସ୍କର ଟ୍ରଫିରେ କ୍ରିକେଟର ବିରାଟ କୋହଲିଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନ୍ ପର୍ଥ ଟେଷ୍ଟରେ ଶତକ ଲଗାଇଥିଲେ ହେଁ ଆଗାମୀ ୩ ଇନିଂସରେ ବିଫଳ ରହିଥିଲେ। କେବଳ ଏତିକି ନୁହେଁ ସମାନ ଢ଼ଙ୍ଗରେ ଆଉଟ୍ ହୋଇଥିଲେ। ଅଫ୍ ଷ୍ଟମ୍ପ ବାହାରେ ବଲ୍‌କୁ ଖେଳିବାକୁ ଯାଇ ତାଙ୍କ ଉଇକେଟ ଯାଇଥିଲା। କୋହଲି ନିଜର ଏହି ଭୁଲକୁ ମାନିଛନ୍ତି। ମେଲବର୍ନ ଟେଷ୍ଟର ପ୍ରଥମ ଦିନ ଖେଳ ଶେଷ ହେବା ପରେ କୋହଲି ଷ୍ଟାର ସ୍ପୋର୍ଟ୍ସକୁ କହିଛନ୍ତି ଯେ ଗତ ୨-୩ ଇନିଂସରେ ସେ ବ୍ୟାଟିଂ ମାମଲାରେ ଅନୁଶାସନହୀନ ରହିଛନ୍ତି। କୋହଲି ଷ୍ଟାର ସ୍ପୋର୍ଟ୍ସକୁ କହିଛନ୍ତି, ମୁଁ ମାନୁଛି, ଗତ ୨-୩ ଇନିଂସ ସେଭଳି ଯାଇନାହିଁ, ଯେଉଁଭଳି ମୁଁ ଚାହୁଁଥିଲି। ମୁଁ ପିଚ୍‌ରେ ରହିବା ଲାଗି ଅନୁଶାସନ ଦେଖାଇ ନାହିଁ। ଏହାହିଁ ଟେଷ୍ଟ କ୍ରିକେଟର ଅସଲ ଚ୍ୟାଲେଞ୍ଜ। ଗତ ଗସ୍ତ ମୁକାବିଲାରେ ଏଥର ଅଷ୍ଟ୍ରେଲିଆର ପିଚ୍ ଅଧିକ ଦ୍ରୁତ ଏବଂ ବାଉନ୍ସ କରୁଛି। ଏଣୁ ଏଠାରେ ଭିନ୍ନ ଖେଳର ଆବଶ୍ୟକତା ରହିଛି। ହେଲେ ଭିନ୍ନ ଭିନ୍ନ ପରିସ୍ଥିତିରେ ଭଲ ପ୍ରଦର୍ଶନ କରିବା ହିଁ ଅସଲ ଖେଳ ବୋଲି ସେ କହିଛନ୍ତି। କୋହଲି ଏବେ ମେଲବର୍ନ ଟେଷ୍ଟ ଏବଂ ସିଡନୀ ଟେଷ୍ଟ ଲାଗି ନିଜର ରଣନୀତି କହିଛନ୍ତି। ଏବେ କ୍ରିଜ୍‌ରେ ନିଜ ଦୃଷ୍ଟିଭଙ୍ଗୀ ସ୍ଥିର କରିବି। ଅଧିକରୁ ଅଧିକ ବଲର ସାମ୍ନା କରିବି। ଏହାପରେ ନିଜ ଖେଳକୁ ଆଗକୁ ବଢ଼ାଇବି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ପରିସ୍ଥିତିକୁ ସମ୍ମାନ ଜଣାଇବା ବୋଲି ସେ କହିଛନ୍ତି।

# ଅଷ୍ଟ୍ରେଲିଆ ଗଣମାଧ୍ୟମ ଟାର୍ଗେଟରେ ବିରାଟ କୋହଲି

ନୂଆଦିଲ୍ଲୀ : ବର୍ଡର-ଗାଭାସ୍କର ଟ୍ରଫି ନେଇ ସାରା ବିଶ୍ୱର ନଜର ରହିଛି। ଖାସ୍ କରି କୋହଲିଙ୍କ ଆଚରଣକୁ ନେଇ ଦୋହଲୁଛି ମେଲବୋର୍ଣ୍ଣ । ଅଷ୍ଟ୍ରେଲିଆ ମିଡିଆରେ ବିରାଟଙ୍କୁ ଅନେକ ସମାଲୋଚନାର ଶିକାର ହେବାକୁ ପଡିଲାଣି । ଆଉ ଗଣମାଧ୍ୟମରେ ହିରୋ ପାଲଟିଛନ୍ତି ୧୯ ବର୍ଷୀୟ ଡେବ୍ୟୁଟାଣ୍ଟ ସାମ କନଷ୍ଟାସ୍। ମିଡିଆରେ ତାଙ୍କୁ ହିରୋ ସଜାଇ ଅନେକ ପ୍ରଶଂସା କରାଯାଉଛି । ସେହିପରି ଫ୍ୟାନ ଫଲୋଅର୍ସ ଅଧିକ ଥିବା ଖେଳାଳି ମାନେ କିଙ୍ଗ ଏବେ ଭିଲେନ୍ । ତାଙ୍କର ଜୋକର ଭଳି ଚିତ୍ର ସବୁ ପୋଷ୍ଟ କରାଯାଇଛି । ସୂଚନା ଥାଉକି, ଖେଳର ପ୍ରଥମ ଦିନରେ ଅଷ୍ଟ୍ରେଲୀୟ ଇନିଂସର ଦଶମ ଏବଂ ଏକାଦଶ ଓଭର ମଧ୍ୟରେ ବିରତି ସମୟରେ ଏହି ଘଟିଥିଲା ଅଘଟଣ । କଙ୍ଗାରୁ ଖେଳାଳି ଆଉଟ୍ ହୋଇ ଯାଉଥିବା ବେଳେ ବିରାଟ କୋହଲିଙ୍କ ସାମ କନଷ୍ଟାସ୍ କାନ୍ଧକୁ ପିଟିଥିଲେ ଖୁବ୍ ଜୋରରେ । ତେବେ ଏହାକୁ ପସନ୍ଦ କରିନଥିଲେ କନଷ୍ଟାସ୍ । ତେବେ ଏହାକୁ ନେଇ ଆରମ୍ଭ ହୋଇଥିଲା ବିବାଦ। ଚାରିଆଡୁ ସମାଲୋଚନାର ଶିକାର ହୋଇଥିଲେ କୋହଲି । ଏମିତିକି ମ୍ୟାଚ୍ ଫି ୨୦ ପ୍ରତିଶତ କଟିଥିଲା । ଗୋଟିଏ ଡେରମିଣ୍ଟ ବି ଲାଗିଛି । ତେବେ ଆଇସିସିର ଏହି ନିଷ୍ପତ୍ତିରେ ଅଷ୍ଟ୍ରେଲିଆ ଗଣମାଧ୍ୟମ ଖୁସି ମନେ ହେବା ପରି ଲାଗୁନି । କାରଣ ଅଷ୍ଟ୍ରେଲୀୟ ଖବରକାଗଜରେ ବିରାଟ କୋହଲିଙ୍କୁ ଟାର୍ଗେଟ କରାଯାଇଛି। 'ପଶ୍ଚିମ ଅଷ୍ଟ୍ରେଲିୟା' ଖବରକାଗଜ କୋହଲିଙ୍କ ପାଇଁ 'କ୍ଲାଉନ୍' ଶବ୍ଦ ବ୍ୟବହାର କରିଥିଲା । ଏହି ଖବରକାଗଜ ଶୀର୍ଷକ ରଖିଛି- କ୍ଲାଉନ୍ କୋହଲି। 'ପଶ୍ଚିମ ଅଷ୍ଟ୍ରେଲିୟା' ଖବରକାଗଜରେ କୋହଲିଙ୍କୁ 'ସୁକ୍' (କାନ୍ଦୁଥିବା ବା ଭୟଭୀତ) ବୋଲି ମଧ୍ୟ ବର୍ଣ୍ଣନା କରାଯାଇଛି। ସେହିଭଳି ଦୈନିକ ଟେଲିଗ୍ରାଫ୍ ଖବରକାଗଜ ବିରାଟ କୋହଲିଙ୍କ ଉପରେ ମଧ୍ୟ ଟାର୍ଗେଟ କରିଥିଲା । ସାମ୍ କନଷ୍ଟାସ୍‌ଙ୍କୁ ପ୍ରଶଂସା କରି ଏହି ଖବରକାଗଜ ଶୀର୍ଷକ ପ୍ରକାଶ କଲା- 'କିଙ୍ଗ କୋନ୍' । ସେହିପରି ଆଇସିସିର ନିଷ୍ପତ୍ତିରେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଙ୍ଗ ଅସନ୍ତୁଷ୍ଟ ଦେଖାଯାଉଥିଲେ । ପଣ୍ଟିଙ୍ଗ ବିଶ୍ୱାସ କରନ୍ତି ଯେ ଏହି ଦଣ୍ଡ ବହୁତ ହାଲୁକା ଥିଲା । ପଣ୍ଟିଂ କହିଛନ୍ତି, 'ମୁଁ ଭାବୁନାହିଁ ଯେ ଦଣ୍ଡ କଠୋର ଥିଲା। ଫକ୍ସ ସ୍ପୋର୍ଟସ୍ ଏହି ପ୍ରସଙ୍ଗରେ ଏକ ଆର୍ଟିକିଲ୍ ପ୍ରକାଶ କରିଛି, ସେ ଅତ୍ୟଧିକ ଗର୍ବିତ ହେବେ ନା । ୱାଇଡ୍ ୱାର୍ଲ୍ଡ ଅଫ୍ ସ୍ପୋର୍ଟସ୍ (ଡବ୍ଲ୍ୟୁଡବ୍ଲ୍ୟୁଏସ୍) ଶୀର୍ଷକ ଲେଖିଛି, କୋହଲି କନଷ୍ଟାସ୍ ମାମଲାରେ ନିଷେଧାଦେଶରୁ ରକ୍ଷା ପାଇଛନ୍ତି । ଅନ୍ୟ ଏକ ଆର୍ଟିକିଲରେ ଷ୍ଟିଭ୍ ୱାହଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ଯେ ସେ ନିଷେଧାଦେଶକୁ ଏଡାଇବା ପାଇଁ ଅତ୍ୟଧିକ ଭାଗ୍ୟବାନ ଥିଲେ। ସିଡନୀ ମର୍ନିଂ ହେରାଲ୍ଡ ଏହି ପ୍ରସଙ୍ଗକୁ ଭିନ୍ନ ଢଙ୍ଗରେ ଆଲୋକିତ କରିଥିଲେ । ୨୦୧୮ରେ ବଲ୍ ଟାମ୍ପରିଂ ଦୁର୍ନୀତି ପରେ ଆଇସିସି ଆଚରଣ ବିଧିରେ ପରିବର୍ତ୍ତନ ହେତୁ କୋହଲିଙ୍କୁ କିପରି ବାରଣ କରାଯାଇ ନାହିଁ ବୋଲି କୁହାଯାଇଥିଲା। ୨୦୧୯ ପରଠାରୁ ବିରାଟ କୋହଲି ପ୍ରଥମ ଥର ପାଇଁ ଡେରିମିଟ୍ ପଏଣ୍ଟ ପାଇଛନ୍ତି ।





## ନବୀନଙ୍କ ପରାଜୟ

ହାତ ହଲାଇଦେଲେ ଭୋଟ ଅଜାଡ଼ି ହୋଇପଡୁଥିଲା। ଆପଣମାନେ ଖୁସିତ କହି ଦେଉଥିଲେ ଭୋଟ ବର୍ଷା ହେଉଥିଲା। ରାଜ୍ୟ ରାଜନୀତିର ସବୁଠାରୁ ବ୍ରାଣ୍ଡ ନା ଥିଲା ନବୀନ ପଟ୍ଟନାୟକ। ପାଞ୍ଚ ପାଞ୍ଚ ଥରର ମୁଖ୍ୟମନ୍ତ୍ରୀ। ଦୀର୍ଘ ୨୪ ବର୍ଷର ଲମ୍ବା ଶାସନ। ହେଲେ କଣ୍ଟାବାଞ୍ଜିରେ ଲକ୍ଷ୍ମଣ ବାଗଙ୍କ ଠାରୁ ପରାଜିତ ହେଲେ। ନିର୍ବାଚନରେ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହେବା ପରେ ନବୀନ ପଟ୍ଟନାୟକ ଏବେ ବିରୋଧୀ ଦଳ ନେତା। ଦଳର ସଙ୍ଗଠନକୁ ମଜବୁତ କରିବା ପାଇଁ ଏବେ ପ୍ରୟାସରତ।



## ଶାସନ ମଙ୍ଗ ଧରିଲେ ମୋହନ

ଶାସନ ମଙ୍ଗ ଧରିଲେ ମୋହନ: ୨୦୨୪ ନିର୍ବାଚନରେ ବିଜେପି ସଂଖ୍ୟାଗରିଷ୍ଠ ହେବା ପରେ ରାଜ୍ୟ ଶାସନର ମଙ୍ଗ ଧରିଲେ ବିଜେପିର ବରିଷ୍ଠ ନେତା ମୋହନ ଚରଣ ମାଝୀ। ଯାହା କି ଥିଲା ଅପ୍ରତ୍ୟାଶିତ ଓ ଆଶ୍ଚର୍ଯ୍ୟଜନକ। ଗରିବ ଆଦିବାସୀ ଘରର ପୁଅ ଯେ ଓଡ଼ିଶା ଶାସନ ଦାୟିତ୍ୱ ନେବ ଏହା ଥିଲା ସମସ୍ତଙ୍କ କଳ୍ପନାଜଳ୍ପନାର ବାହାରେ। ହଠାତ୍ କେନ୍ଦ୍ରୀୟ ନେତୃତ୍ୱ ତାଙ୍କ ନାମ ଘୋଷଣା କରି ସମସ୍ତଙ୍କୁ ଚକିତ କରିଦେଇଥିଲା। ନିର୍ବାଚନ ପୂର୍ବରୁ ବିଜେପି ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ଆରମ୍ଭ କରିଛନ୍ତି ମୋହନ।

## ବିଜେଡ଼ିର ପରାଜୟ

ଯାହା ଅପ୍ରତ୍ୟାଶିତ ଥିଲା, ତାହା ଘଟିଗଲା। ୨୦୨୪ ନିର୍ବାଚନ ଫଳାଫଳ ବିଜେଡ଼ିକୁ ଶକ୍ତ ଝଟକା ଦେଲା। ଜୁନ୍ ୪ ର ଫଳାଫଳ ବିଜେଡ଼ି ପାଇଁ ଅଭିଶାପ ପାଲଟିଥିଲା। ଅନେକ ପରାଜୟ ପାଇଁ ନେତୃତ୍ୱକୁ ଦାୟୀ କଲେ। ପରିସ୍ଥିତି ଏପରି ହେଲା ବହୁ ନେତା ଦଳ ଛାଡି ବିଜେପିରେ ସାମିଲ ହେଲେ। ମମତା ମହନ୍ତ, ସୁଜିତ କୁମାରଙ୍କ ଭଳି ରାଜ୍ୟସଭା ସଦସ୍ୟ ନବୀନଙ୍କ ହାତ ଛାଡ଼ିଦେଲେ। ନିର୍ବାଚନରେ ବିଜେଡିର ପରାଜୟ ପରେ ଦଳର ଭବିଷ୍ୟତ ନେଇ ସନ୍ଦେହରେ ନେତା।





**ମେଲାଣି ନେଉଛି ବର୍ଷ ୨୦୨୪। ୨୦୨୫ ନୂଆ ବର୍ଷକୁ ସ୍ୱାଗତ କରିବା ପାଇଁ ସବୁଠି ପ୍ରସ୍ତୁତି ଆରମ୍ଭ। ତେବେ, ୨୦୨୪ ବର୍ଷ ରାଜନୀତି କ୍ଷେତ୍ରରେ ବହୁ ଉତ୍ଥାନ, ପତନ ଦେଖିଛି। ବିଶେଷ କରି ଓଡ଼ିଶା ରାଜନୀତିରେ ଦୀର୍ଘ ୨୪ ବର୍ଷ ଧରି ନିରଙ୍କୁଶ ଶାସନ କରୁଥିବା ବିଜେଡି ସରକାରର ପତନ ଘଟିଛି। ରାଜ୍ୟରେ ବିଜେପି ନେତୃତ୍ୱାଧୀନ ସରକାର ଶାସନ ଭାର ଗ୍ରହଣ କରିଛି। ୨୦୨୪ରେ ଓଡ଼ିଶାରେ ଘଟିଥିବା ରାଜନୈତିକ ଉତ୍ଥାନ, ପତନକୁ ନେଇ ପ୍ରତିବେଦନ।**

## ବିଦ୍ରୋହୀଙ୍କ ଖେଳ

୨୦୨୪ ନିର୍ବାଚନରେ ବହୁ ହେଭିଓ୍ୱେଟ ପରାଜୟର ସମ୍ମୁଖୀନ ହେଲେ। ବିଜେଡ଼ିର ନିମାପଡ଼ା ବିଧାୟକ ସମୀର ଦାଶ ବିଜେଡ଼ି ଛାଡ଼ି ବିଜେପିରେ ଯୋଗ ଦେବାରୁ ସେଠାରୁ ବିଜେପି ପ୍ରାର୍ଥିନୀ ପ୍ରଭାତୀ ପରିଡ଼ା ବିଜୟ ଲାଭ କଲେ। ଜଗତସିଂହପୁରରେ ବିଜେଡ଼ିର ଯୁବନେତା ଅମରେନ୍ଦ୍ର ଦାସ ବିଜେପିରେ ସାମିଲ ହୋଇ ପ୍ରାର୍ଥୀ ହେବାରୁ ବିଜେଡ଼ି ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି ପରାଜିତ ହେଲେ। ଦଳୀୟ ନେତାଙ୍କ ବିଦ୍ରୋହ ଯୋଗୁ ଭୁବନେଶ୍ୱର ଏକାମ୍ର ଆସନରେ ମନ୍ତ୍ରୀ ଥିବା ଅଶୋକ ପଣ୍ଡା ହାରିଯାଇଥିଲେ।

## ଭୋଟ ଲଢ଼େଇରେ ପ୍ରତିଶ୍ରୁତିର ପାହାଡ଼

ନିର୍ବାଚନ ପୂର୍ବରୁ ରାଜ୍ୟର ବିଭିନ୍ନ ରାଜନୈତିକ ଦଳ ଭୋଟରମାନଙ୍କ ମନ ଜିଣିବା ପାଇଁ ପ୍ରତିଶ୍ରୁତିର ପାହାଡ଼ ଅଜାଡ଼ି ଦେଇଥିଲେ। ବିଜେପି ସୁଭଦ୍ରା ଯୋଜନାରେ ୫୦ ହଜାର, ଧାନ ଏମଏସ୍‌ପି ୩,୧୦୦, ଶ୍ରୀମନ୍ଦିର ଚାରିଦ୍ୱାର, ରତ୍ନଭଣ୍ଡାର ଖୋଲିବା, ୩୦୦ ୟୁନିଟ ବିଜୁଳି ମାଗଣା, ବାର୍ଦ୍ଧକ୍ୟ ଭତ୍ତା ୩,୦୦୦ କରିବାର ପ୍ରତିଶ୍ରୁତି ଦେଇଥିବାବେଳେ ବିଜେଡ଼ି, କଂଗ୍ରେସ ମଧ୍ୟ ବହୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଭୋଟର ବିଜେପିକୁ ଗ୍ରହଣ କରିନେଇଥିଲେ।



## ବିଜେଡ଼ି ଛାଡ଼ିଲେ ବହୁ ନେତା

୨୦୨୪ ବର୍ଷ ବିଜେଡ଼ି ପାଇଁ ଥିଲା ସଂଘର୍ଷର ବର୍ଷ। ନିର୍ବାଚନ ପୂର୍ବରୁ ନେତାମାନେ ବିଜେଡ଼ି ଛାଡ଼ି ଅନ୍ୟ ଦଳକୁ ଲମ୍ଫ ଦେଲେ। ଭର୍ତ୍ତୃହରି ମହତାବ, ପ୍ରଦୀପ ପାଣିଗ୍ରାହୀ, ସମୀର ରଞ୍ଜନ ଦାଶ, ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସ ନାୟକ, ସୀମାରାଣୀ ନାୟକ ପ୍ରମୁଖ ବିଜେଡ଼ି ଛାଡ଼ି ବିଜେପିରେ ସାମିଲ ହେଲେ।



## ଧର୍ମେନ୍ଦ୍ରଙ୍କ ଗୋଟିଚାଳନା



କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨୦୨୪ ନିର୍ବାଚନରେ ବିଜେପିକୁ ବିଜୟୀ କରିବା ପାଇଁ ଯେଉଁ ମିଶନ ଆରମ୍ଭ କରିଥିଲେ ତାହା ସଫଳତା ହାସଲ କଲା। ବିଜେଡ଼ି ସରକାର ବିରୋଧରେ ରାଜ୍ୟରେ ପ୍ରଥମେ ଧର୍ମେନ୍ଦ୍ର ହିଁ ଆକ୍ରମଣାତ୍ମକ ଆଭିମୁଖ୍ୟ ଆରମ୍ଭ କରିଥିଲେ। ଧର୍ମେନ୍ଦ୍ର ଆରମ୍ଭ କରିଥିବା ଓଡ଼ିଆ ଅସ୍ମିତା ବିଜେଡ଼ିକୁ ଗାଦିରୁ ହଟାଇବାରେ ସଫଳ ହୋଇଥିଲା। ସେହିପରି ସମ୍ବଲପୁର ଲୋକସଭା ଆସନରେ ବିଜେଡ଼ିର ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ପରାଜିତ କରି ଏକ ନୂଆ ରେକର୍ଡ଼ କରିବାରେ ଧର୍ମେନ୍ଦ୍ର ସମର୍ଥ ହୋଇଥିଲେ।

## ଜାଗିଲା ଓଡ଼ିଆ ଅସ୍ମିତା

୨୦୨୪ ବର୍ଷରେ ଓଡ଼ିଶାରେ ମୁଖ୍ୟ ପ୍ରସଙ୍ଗ ଭାବେ ଉଭା ହୋଇଥିଲା ଓଡ଼ିଆ ଅସ୍ମିତା। ବିଜେପି ଏହାକୁ ଟ୍ରମ୍ପ କାର୍ଡ଼ ଭାବେ ବ୍ୟବହାର କଲା। ଦଳ ସପକ୍ଷରେ ହାଓ୍ୱା ବହିଲା ଓ ବିଜେଡ଼ିକୁ ପରାଜିତ କରିବାରେ ସମର୍ଥ ହେଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜେଡ଼ିର କ୍ଷମତା କେନ୍ଦ୍ର କୁହାଯାଉଥିବା ଭି.କେ ପାଣ୍ଡିଆନଙ୍କୁ ତେରଛା ତୀର ମାରି ଓଡ଼ିଆ ଅସ୍ମିତା ପ୍ରସଙ୍ଗ ଉଠାଇଥିଲେ, ଯାହାକୁ ବିଜେପି ପାଇଁ ପ୍ଲସ୍ ପଏଣ୍ଟ ହୋଇଥିଲା।

## ଦଳ ଛାଡ଼ିଲେ ଭୃଗୁ, ଲେଖାଶ୍ରୀ





୨୦୨୪ ନିର୍ବାଚନ ପୂର୍ବରୁ ବିଜେପି ଛାଡ଼ିଲେ ଲେଖାଶ୍ରୀ ସାମନ୍ତସିଂହାର ଓ ଭୃଗୁ ବକ୍ସିପାତ୍ର। ବିଜେଡ଼ିର ବାଲେଶ୍ୱର ସାଂସଦ ପ୍ରାର୍ଥୀ ହୋଇ ଲେଖାଶ୍ରୀ ପରାଜିତ ହୋଇଥିବା ବେଳେ ଭୃଗୁ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ହୋଇ ହାରିଯାଇଥିଲେ। ସେହିପରି ବିଜେପି ଛାଡ଼ି ବିଜେଡ଼ି ପାଇଁ ନୀଳଗିରି ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବା ସୁକାନ୍ତ ନାୟକ ମଧ୍ୟ ପରାଜିତ ହୋଇଥିଲେ।






Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଟାଙ୍ଗୀ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ଟାଙ୍ଗୀ ବାଳିକା ହାଇସ୍କୁଲ ପରିସରରେ ଆୟୋଜିତ ପାଚିକା ପ୍ରଶିକ୍ଷଣର ଉଦଯାପନୀ ଦିବସରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ସାହୁ, ଟାଙ୍ଗୀ ଡାକ୍ତରଖାନାର ସୁପରିଟେଣ୍ଡେଣ୍ଟ ଡାକ୍ତର ସତ୍ୟରଞ୍ଜନ ନନ୍ଦ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ,ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୁଲତା ବେହେରା, ପ୍ରଧାନ ଶିକ୍ଷକ ସୁରେଶ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ପାଚିକାମାନେ ଅମୃତର ସନ୍ତାନମାନଙ୍କୁ ଆହାର ଯୋଗାଉଛନ୍ତି । ନିଜେ ସ୍ୱାସ୍ଥ୍ୟର ଯତ୍ନ ନେବା ସହିତ ସ୍ୱଚ୍ଛ ଓ ସ୍ୱାସ୍ଥ୍ୟକର ପରିବେଶରେ ସେବା ମନୋଭାବ ନେଇ ଏହିକାର୍ଯ୍ୟ କରିବା ସହିତ ତାଲିମରେ ଗ୍ରହଣ କରିଥିବା ଅଧିକ ତଥ୍ୟ ବିଦ୍ୟାଳୟ ସ୍ତରରେ କାର୍ଯ୍ୟକାରୀ କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପାଚିକାମାନେ ପ୍ରସ୍ତୁତ କରି ଆଣିଥିବା ଖାଦ୍ୟର ସ୍ୱାଦ ମାନ ପରୀକ୍ଷଣ କରାଯାଇଥିଲା । ସଫଳ ଶିକ୍ଷକ ରୂପେ ପ୍ରଧାନ ଶିକ୍ଷକ ତଥା ଆଦର୍ଶ ଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ପ୍ରଦୀପ ମହାରଣା, ସିଆରସିସି. ପ୍ରଶାନ୍ତ ମହାପାତ୍ର, ଅମିତ ଚକ୍ରବର୍ତ୍ତୀ, ସୁକାନ୍ତି ସାହୁ, ବାସନ୍ତି କଳସ ପ୍ରମୁଖ ଯୋଗଦେଇଥିଲେ ।



# ଡାକ୍ତରଖାନା ଗୃହ ନିର୍ମାଣରେ ଅନିୟମିତତା

## ଠିକାଦାରଙ୍କ ମର୍ଜିରେ ଚାଲିଛି କାମ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ): ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାର ବିକାଶ ଦିଗରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଡାକ୍ତରଖାନାର ଉନ୍ନତିକରଣ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସ୍ଥିତ ବନ୍ତିଲୋ ଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ଚାଲିଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟରେ ଅନିୟମିତତା ନେଇ ପ୍ରଶ୍ନ ଉଠିଛି । ପଦାରେ ପଡିଛି ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଅଲିଖିତ ମଧୁଚନ୍ଦ୍ରିକା । ପୁଣି ଆଗକୁ ନିମ୍ନମାନର କାମକୁ ନେଇ ନୂତନ ବିଲଡ଼ିଂ ନିର୍ମାଣ କାର୍ଯ୍ୟ ପ୍ରଭାବିତ ହେବାର ଆଶଙ୍କା ଓ ସ୍ଥାୟୀତ୍ୱକୁ ନେଇ ଏବେଠୁ ପ୍ରଶ୍ନ ଉଠିଛି । ତେବେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୃହ ନିର୍ମାଣ ଓ ଉର୍ନ୍ନତ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ କରୁଛନ୍ତି ନୂତନ ଗୃହ । ଯଦିଓ ଟେଣ୍ଡର ମାଧ୍ୟମରେ ଠିକା ନେଇ ନିର୍ମାଣ କାର୍ଯ୍ୟ କରୁଛନ୍ତି ଠିକାଦାର, କାମର ମାନ ତଦାରଖ ଦାୟିତ୍ୱ ତୁଲାଉଛନ୍ତି ବିଭାଗୀୟ ସରକାରୀ ଯନ୍ତ୍ରୀ । ବିଭାଗୀୟ ଯନ୍ତ୍ରୀ ଅସ୍ତରଙ୍ଗ ଅଞ୍ଚଳର ଲୋକ ହୋଇଥିବାରୁ ବିଭାଗୀୟ ଯନ୍ତ୍ରୀଙ୍କ ସହ ବରିଷ୍ଠ ଅଧିକାରୀ ମାନଙ୍କ ପିସି ଲୋଭ ପାଇଁ ନିର୍ମାଣଧୀନ କାର୍ଯ୍ୟକୁ ଅଣଦେଖା କରୁଥିବାରୁ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ସରକାରଙ୍କ ଉଦ୍ଦେଶ୍ୟ, ଆଭିମୁଖ୍ୟ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପୂରଣରେ ବିଫଳ ହେଉଥିବା ନଜରକୁ ଆସୁଛି ବୋଲି ଅଭିଯୋଗ ହେଉଛି । ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବନ୍ତିଲୋ ନିକଟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନୂତନ ବିଲିଡିଂ ନିର୍ମାଣ ଚାଲୁରହିଛି । ଯାହାକି ସମ୍ପୂର୍ଣ୍ଣ କଚ୍ଛପ ଗତିରେ ଚାଲିଛି । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ଡାକ୍ତରଖାନା ଗୃହ, ପାଚେରୀ ନିର୍ମାଣ, କର୍ମଚାରୀଙ୍କ ପାଇଁ କ୍ୱାଟର ନିର୍ମାଣ କରାଯିବାର ଅଛି । ହେଲେ ଠିକାଦାର ତାଙ୍କ ଇଚ୍ଛା ଅନୁସାରେ ମନମାନୀ କରୁଥିବାର ଦେଖିବାକୁ ମିଳୁଛି । ପ୍ରଥମତଃ କୋଠରୀ ସ୍ପେସରେ ବାଲି ଫିଲିଂ କରାଯିବା ବଦଳରେ ରାତାରାତି ମାଟି ଫିଲିଂ କରିବା ଘଟଣାକୁ ସହଜରେ ସ୍ଥାନୀୟ ଲୋକ ମାନେ ଗ୍ରହଣ କରିପାରୁନଥିବା ଦେଖିବାକୁ ମିଳିଛି । ଏହା ଦ୍ୱାରା ଫିଲିଂ ମାଟି ଦବିବା ସହ ଫ୍ଲୋର ମଧ ପରେ ଦବିବାର ସମ୍ଭାବନା ରହିଛି ବୋଲି ଆଲୋଚନା ହେଉଛି । ଦ୍ୱିତୀୟତଃ ନିମ୍ନ ମାନର ଇଟା ସହ ବ୍ୟବହୃତ ଲୁହା ଛଡ଼ ମଧ୍ୟରେ ବ୍ୟବଧାନ ମଧ୍ୟ ସଠିକ ରହୁନାହିଁ । କଂକ୍ରିଟ ମିଶ୍ରଣ ଅତି ନିମ୍ନ ମାନର । କିଭଳି କମ୍ କଂକ୍ରିଟ ପଡିବ ସୁବିଧା ଦେଖି ଗୃହ ନିର୍ମାଣ କାର୍ଯ୍ୟ ଜାରୀ ରହିଛି । ଉପଯୁକ୍ତ ପରିମାଣବାଲି କି ସିମେଣ୍ଟ ବ୍ୟବହୃତ ହେଉନାହିଁ, ଲୁହା ଜାଲିରେ ଯେଉଁ ବ୍ୟବଧାନ ଲୁହା ଛଡ଼ ବନ୍ଧା ଯିବାର ନିୟମ ଥିବା ବେଳେ ଛାଡି ଛାଡି ଛଡ଼ ବନ୍ଧା ଯାଉଛି । ଯାହା ଫଳରେ କମ୍ ଦିନରେ ଘର ଦୁର୍ବଳତା ଆଶଙ୍କା ରହିଛି । ଯାହା ଚର୍ଚ୍ଚା ହେଉଛି ବିଭାଗୀୟ ଅଧିକାରୀଙ୍କ ଭିତିରିଆ ପକେଟ ଗରମ ହେଉଥିବା ବେଳେ କାର୍ଯ୍ୟ ନିମ୍ନ ମାନର ହେଉଛି । ଏହି ଠିକାଦାରଙ୍କ ଉପରେ ବିଭାଗର ସମର୍ଥନ ରହିଥିବାରୁ ଠିକାଦାର ଜଣଙ୍କ ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି । ଏ ନେଇ ବିଭାଗୀୟ ଏସଡିଓଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ପୂର୍ବରୁ ଇଟା ବ୍ୟବହାର ଉପରେ ଅଭିଯୋଗ ଆସିଥିଲା, ସ୍ଥିତି ଅନୁଧ୍ୟାନ କରି ଇଟା ପରିବର୍ତନ କରାଯାଇଛି, ବର୍ତ୍ତମାନ ସବୁ ଠିକଠାକ କାମ ଜାରି ରହିଛି । ତେବେ ଏଭଳି ବେନିୟମ ତଥା ଅନିୟମିତତା କାର୍ଯ୍ୟ ଉପରେ ତଦନ୍ତ ହୋଇ କାର୍ଯ୍ୟ ଶୈଳୀରେ ସୁଧାର ଆସୁଛି ନାଁ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ସବୁକିଛି ପୂର୍ବ ଭଳି ଚାଲୁ ରହୁଛି ଦେଖିବାକୁ ବାକି ରହିଲା । ଯଦି ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ଭିଜିଲାନ୍ସ ବିଭାଗ ଓ ଉଚ୍ଚ ପଦସ୍ତ ଅଧିକାରୀ ତଦନ୍ତ କରିଲେ ଯନ୍ତ୍ରୀ ଓ ଠିକାଦାରଙ୍କ ଗୁମର ଲୋକ ଲୋଚନକୁ ଆସି ପାରିବ ବୋଲି ବୁଦ୍ଧିଜୀବି କହିଛନ୍ତି ।

# ଦୁର୍ଘଟଣାରେ ଯୁବକ ମୃତ

ଶୁଳିଆପଦା (ଭାସ୍କର ନ୍ୟୁଜ): ସଡକ୍ ଥିଲା ରେସିଂ ବାଇକ୍ ଚଢିବା । ଦୁର୍ଘଟଣାରେ ଚାଲିଗଲା ଯୁବକଙ୍କ ଜୀବନ । ଶୁଳିଆପଦା ବ୍ଲକ୍ ଫାନିଆ ପଞ୍ଚାୟତ ଅଧିନ କୁଣ୍ଡିଆଶୋଳ ଗ୍ରାମର ବଂଶୀଧର ହେମ୍ବ୍ରମଙ୍କ ପୁଅ ଲାଲମୋହନ ୨ ଦିନ ତଳେ ରାଜ୍ୟ ବାହାରୁ ଫେରି ବାରିପଦାରେ ପହଞ୍ଚି ପାପା,ଭାଇଙ୍କୁ ସେଠାକୁ ଡାକିଥିଲେ ।ବାପା,ଭାଇଙ୍କ ଉପସ୍ଥିତିରେ ବାଇକ୍ କିଣି ନୂଆ ବାଇକ୍‌ରେ ଘରକୁ ଆସିଥିଲେ । ତେବେ ଲାଲମୋହନ ଗତକାଲି ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ବେଳେ ଆଜି ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି । ସୂଚନା ମୁତାବକ ଲାଲମହୋନ ଗତକାଲି ନିଜ ଘରଠାରୁ ମଣ୍ଡା ଗ୍ରାମକୁ ଯାଉଥିବା ବେଳେ ମଣ୍ଡା ଛକରୁ ପ୍ରାୟ ୫ଶହ ମିଟର ପଛକୁ ସମ୍ପ୍ରସାରଣ ଜନିତ ନିର୍ମାଣାଧୀନ ଅଧପନ୍ତରିଆ ହୋଇ ପଡି ରହିଥିବା ପୋଲ ତଳୁ ଆଜି ତାଙ୍କର ମୃତ ଦେହ ଉଦ୍ଧାର କରାଯାଇଛି । କାରଣ ସ୍ପଷ୍ଟ ହୋଇନଥିବା ବେଳେ ଅଜଣା ଗାଡି ଧକ୍କା ଦେଇଥିବା ଅନୁମାନ କରାଯାଉଛି । ଆଜି ସକାଳେ ସ୍ଥାନୀୟ ଲୋକମାନେ ମୃତ ଦେହ ଓ ବାଇକ୍ ଦେଖି ୧୧୨ କୁ ଫୋନ୍ କରିଥିଲେ । ଖବର ପାଇ ଶୁଳିଆପଦା ଅଗ୍ନିଶମ ବିଭାଗ ଭାରପ୍ରାପ୍ତ ଅଧିକାରୀ ଗୋପାଳ ଚନ୍ଦ୍ର ନାଏକ୍ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିବା ବେଳେ ଶୁଳିଆପଦା ଥାନା ଏଏସଆଇ ରସାନନ୍ଦ ମହାନ୍ତି ଶବ ବ୍ୟବଚ୍ଛେଦ କରାଇ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି ।

# ବିଜେଡ଼ିର ସାମ୍ବାଦିକ ସମ୍ମିଳନୀ




ନିମାପଡ଼ା (ଭାସ୍କର ନ୍ୟୁଜ): ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ବିଜେଡ଼ି ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୁବ ନେତା ଦିଲ୍ଲୀପ ପାତ୍ର, ମାନସ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ କୁଳତା ସାମଲ, ପୂର୍ବତନ ସରପଂଚ ଭାଗ୍ୟଧର ଖଟୋଇ, ରବୀନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ କହିଥିଲେ ଯେ, ଗତ ୨୪ ତାରିଖରେ ଜିଲ୍ଲାପାଳଙ୍କୁ ଭେଟି ବିଜେଡ଼ିର କାର୍ଯ୍ୟକର୍ତାମାନେ ଚାଷୀମାନଙ୍କର ବର୍ଷାରେ ନଷ୍ଟ ହୋଇଥିବା ଧାନ ଫସଲ ଆକଳନ କରିବା ପାଇଁ କୃଷି ବିଭାଗ, ତହସିଲଦାର, ରାଜସ୍ୱ ନିରୀକ୍ଷକ ମାନଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଜଣାଇଥିଲେ । ମାତ୍ର ଏ ଦିଗରେ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନେଇ ନାହିଁ । ଯାହାଦ୍ୱାରା ଚାଷୀମାନେ ସେମାନଙ୍କର ନଷ୍ଟ ହୋଇଥିବା ଫସଲକୁ ଜାହିତାହି ଆଦାୟ କରୁଥିବା ବେଳେ ଅନେକ ଚାଷୀମାନଙ୍କର ଫସଲ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ପ୍ରଶାସନ ୧୦ଦିନ ମଧ୍ୟରେ ପଦକ୍ଷେପ ନ ନେଲେ ଜନସାଧାରଣଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଜେଡ଼ି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ପୁରୀ ଜିଲ୍ଲାରେ ବ୍ୟାପକ ଫସଲ କ୍ଷୟକ୍ଷତି ହୋଇଥିବା ବେଳେ ତୁରନ୍ତ ଚାଷୀମାନଙ୍କୁ ସରକାର କ୍ଷତିପୂରଣ ଦିଅନ୍ତୁ ବୋଲି ବିଜେଡ଼ି କହିଛି ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ସମାବେଶ ନେଇ ପ୍ରସ୍ତୁତି ବୈଠକ

ପୁରୀ (ଭାସ୍କର ନ୍ୟୁଜ): ଜାନୁଆରୀ ୧୨ ତାରିଖରେ ତାଳବଣିଆ ସ୍ଥିତ ପାର୍କିଂ ସ୍ଥଳ ଠାରେ ଅନୁଷ୍ଠିତ ହେବ ଠାକୁର ଅନୁକୂଳଚନ୍ଦ୍ରଙ୍କର ଉତ୍କଳ ଆଗମନର ୧୦୩ ତମ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପର୍ଣ୍ଣ କରିବାକୁ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିବା ସହ ବିଗତ ବର୍ଷ ମାନଙ୍କ ଭଳି ଚଳିତ ବର୍ଷର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ସେମାନଙ୍କ ଦାୟିତ୍ୱକୁ ସୁଚାରୁ ରୁପେ ନିର୍ବାହ ପାଇଁ ପରାମର୍ଶ ଦେଇଥିଲେ । ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା,ବିଦ୍ୟୁତ ବ୍ୟବସ୍ଥା, ବ୍ୟାରିକେଡ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ଚୁଡାନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ପୁରୀ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ,ଏଡିଏମଓ ଡା ବିରଜା ଶଙ୍କର ରଥ, ଡେପୁଟି କଲେକ୍ଟର ପ୍ରିୟଦର୍ଶନୀ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସତସଙ୍ଗ ସହ ପ୍ରତି ରିତିକ ନିରଞ୍ଜନ ବେହେରା, ଡ ନନ୍ଦ କିଶୋର ପ୍ରଧାନ, ଅରୁଣ କୁମାର ସାହୁ,ଉମ୍ବରୁଧର ଦାସ ବି ଆଶିଷ କୁମାର ସୁବୁଦ୍ଧି, ନୃସିଂହ ଶ୍ରୀଚନ୍ଦନ, ଇଂ ଉମାକାନ୍ତ ସାହୁ, ନଟବର ଓଝା, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ସତସଙ୍ଗର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।

# ଗ୍ରାମବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ

ଯାଜପୁର (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡା ଗ୍ରାମରେ ଶୁକ୍ରବାର ଦିନ ବିରଜା କ୍ଷେତ୍ର ରୋଟାରୀ କ୍ଲବ୍ ତରଫରୁ ଶାଢ଼ୀ, କମ୍ବଳ ଓ ବିସ୍କୁଟ ବଣ୍ଟନ କରାଯାଇଛି । କ୍ଲବ ସଭାପତି ଡ଼ଃ ଉଦୟନାଥ ମାଝୀ ଙ୍କ ନେତୃତ୍ୱରେ ରୋଟାରିୟାନ୍ ନନ୍ଦକିଶୋର ସାହୁ, ଡ଼ଃ ଶରତ ଚନ୍ଦ୍ର ରାୟ, ବଳରାମ ମହାନ୍ତି, ରଶ୍ମି ରଞ୍ଜନ ମହାନ୍ତି, ଅକ୍ଷୟ କୁମାର ପରିଡା, ଅନିଲ କୁମାର ମହାନ୍ତି, ସୂର୍ଯ୍ୟମଣି ରାଉତ, ପ୍ରଶାନ୍ତ ଦାସ, ସୁଶାନ୍ତ ସାମଲ, ମଳୟ ଜେନା ଏବଂ ଅନ୍ତର୍ଯ୍ୟାମୀ ନାୟକ ପ୍ରମୁଖ ସଦସ୍ୟ ବୃନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଦେଶ ଜଣେ ପ୍ରଖ୍ୟାତ ଅର୍ଥନୀତିଜ୍ଞ ଦୂରଦ୍ରଷ୍ଟା ରାଷ୍ଟ୍ରନେତାଙ୍କୁ ହରାଇଲା । ସେ ଆଉ କେହି ନୁହଁନ୍ତି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହ । ମନରେଗା ଠାରୁ ଆରମ୍ଭ କରି ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜଳ ପରିମଳ ମିଶନ, ସୂଚନା ଅଧିକାର ଆଇନ, ଶିକ୍ଷା ଅଧିକାର ଆଇନ, ସର୍ବ ଶିକ୍ଷା ଅଭିଯାନ, ଖାଦ୍ୟ ସୁରକ୍ଷା ଆଇନ, ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା, ଏଫଡିଆଇ ତଥା ମୁକ୍ତ ଅର୍ଥନୀତି ଯାଏ ଦେଶର ସାଧାରଣ ଜନତାଙ୍କ ସ୍ୱାର୍ଥ ପାଇଁ ଅନେକ ଅବଦାନ ରଖିଥିବା ଏହି ରାଷ୍ଟ୍ରନାୟକଙ୍କୁ କୋଟି କୋଟି ପ୍ରଣାମ । ଏକ ଶୋକାକୁଳ ପରିବେଶରେ ଶୁକ୍ରବାର ସନ୍ଧ୍ୟାରେ କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ତାଙ୍କ ତୈଳ ଚିତ୍ରରେ ଶୋକାଞ୍ଜଳି ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ(ସଂଖ୍ୟାଲଘୁ ବିଭାଗ)ସୟଦ ଅବଦୁଲ ସତ୍ତାର, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ପ୍ରଦୀପ କୁମାର ମହାନ୍ତି, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ସିପିଆଇ ଜିଲ୍ଲା ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ବର୍ଷା ଯୋଗୁଁ ବନ୍ଧୁଗାଁରେ ଧାନ ଫସଲ ନଷ୍ଟ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବା ଜଣାପଡିଛି । କୁମ୍ଭଗାଣ୍ଡା, କୁମ୍ଭାରି ପୁଟ, ଜାଗୁଗୁଡା, କାପଲଡ଼ା, କାନା ଗାଁ, ନିଲାବାଡ଼ି ଆଦି ପଞ୍ଚାୟତର କିଛି ଚାଷୀଙ୍କ ଧାନ କଟା ହୋଇ ଜମିରେ ପଡି ରହିଥିବା ବେଳେ ତାହା ସବୁ ବର୍ଷା ପାଣିରେ ଭିଜି ଗଜା ହବା ଦେଖି ଚିନ୍ତାରେ ପଡିଛନ୍ତି ଚାଷୀ । ଅମଳ ବେଳେ ଦଇବ ଦାଉ ସାଜିଥିବାରୁ ପରିବାର ଭରଣ ପୋଷଣ କରିବେ କିପରି ଋଣ ସୁଝିବେ କିପରି ବୋଲି ଚାଷୀ ଶରତ ପୀଡିକା, ସୁବାରାଓ କାଡ୍ରାକା, ଟମି ପୀଡିକା, ବାଣେଶ ରାଓ କାଡ୍ରାକା, ପୋତିଗା ପୀଡିକା, ଗୋବିନ୍ଦା ମେଲେକା କହିଛନ୍ତି । ବ୍ଲକରେ ଅନେକ ଧାନ ଫସଲ ନଷ୍ଟ ହେବା ସତ୍ତ୍ୱ କୃଷି ବିଭାଗ ପାଖେ କୌଣସି ରିପୋର୍ଟ ନାହିଁ । ଏସମସ୍ତ ଚାଷୀ ଆଗକୁ ହଉରାଣ ହରଗତ ହେବା ପୂର୍ବରୁ ତୁରନ୍ତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସବୁ ମହଲରେ ଦାବି ହୋଇଛି ।

# ପ୍ରାକ୍ତନ ପ୍ରଧାନମନ୍ତ୍ରୀଙ୍କ ବିୟୋଗରେ ଶୋକ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ଭାରତୀୟ ଷ୍ଟେଟବ୍ୟାଙ୍କ କଟକ ଜିଲ୍ଲା ଅଧିନରେ ଥିବା ଗ୍ରାହକସେବା ପରିଚାଳକ ସଂଘ ତରଫରୁ ଭାରତର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ବିଶିଷ୍ଟ ଅର୍ଥନୀତିଜ୍ଞ ଓ ଆର୍ଥୀକ ଅନ୍ତର୍ଭୂକ୍ତିର ଜନକ ଡ. ମନମୋହନ ସିଂଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ନିଶ୍ଚିନ୍ତକୋଇଲି ଠାରେ ଅନୁଷ୍ଠିତ ଶୋକସଭାରେ ସଂଘର ସଭାପତି ପ୍ରମୋଦ କୁମାର ସ୍ୱାଇଁ, ସମ୍ପାଦକ ଅନୁପ କୁମାର ମଲ୍ଲ, ବଳଦେବ ସ୍ୱାଇଁ, କୋଷାଧ୍ୟକ୍ଷ ହରପ୍ରସାଦ ଶତପଥି, ଉପସଭାପତି ଅୟଷକାନ୍ତ ସାହୁ, ଅକ୍ଷୟ କୁମାର ସାହୁ, ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବଶେଷ ଯୋଗଦାନ କରି ସ୍ୱର୍ଗତ ସିଂଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖି ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ ।

# ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ଜଣେ ଗିରଫ

ଭଞ୍ଜନଗର (ଭାସ୍କର ନ୍ୟୁଜ): ତାରାସିଂ ଥାନା ଅଧିନ କଳିଙ୍ଗପଦର ଗ୍ରାମରେ ଗତ ବୁଧବାର ଦିନ ପୂର୍ବ ଶତୃତାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ଗଣ୍ଡଗୋଳକୁ ନେଇ ଜଣକୁ ତାରାସିଂ ପୋଲିସ ଗିରଫ କରି କୋର୍ଟଚାଲଣ କରିଥିବା ଥାନାଧିକାରୀ ରେବତୀ ସବର ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ ଗତ ବୁଧବାର ଦିନ କଳିଙ୍ଗପଦର ଗ୍ରାମର କିଛି ଯୁବକ ପୂର୍ବ ରାଜନୈତିକ ଶତୃତାକୁ ନେଇ ସେହି ଗ୍ରାମର ଆକୁଳ ସେଠୀ ଓ ତାଙ୍କର ସହଯୋଗୀ ସହ ପାଟିତୁଣ୍ଡ କରିବା ସାଙ୍ଗକୁ ହାତ ହୋଇଥିଲେ । ଫଳରେ ଉଭୟ ଗୋଷ୍ଠୀ ତାରାସିଂ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ । ଆକୁଳ ସେଠୀଙ୍କ ଅଭିଯୋଗ ଥାନା କେସନଂ ୪୦୪/୨୪ ଏବଂ ଆକୁଳ ସେଠୀଙ୍କ ବିପକ୍ଷ ଗୋଷ୍ଠୀ ପକ୍ଷରୁ ସାନ୍ତନୁ ନାୟକଙ୍କ ମା ଟୁନୀ ନାୟକ ଅଭିଯୋଗ କେସନଂ ୪୦୫/୨୪ ଉଭୟ କାଉଁଟର କେସ ମାମଲା ରୁଜୁ କରାଯାଇ ଆକୁଳ ସେଠୀକୁ ପୋଲିସ ଗିରଫ କରି କୋର୍ଟଚାଲଣ କରିଥିବା ବେଳେ ବିପକ୍ଷ ଗୋଷ୍ଠୀ ଫେରାର ଥିବାରୁ କାହାକୁ ଗିରଫ କରାଯାଇନଥିବା ବେଳେ ଖୁବ୍ ଶିଘ୍ର ଫେରାର୍ ଥିବା ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ରେବତୀ ସବର କହିଛନ୍ତି ।

# ଭିନ୍ନକ୍ଷମଙ୍କୁ ସ୍କୁଟି ପ୍ରଦାନ

କଣାସ (ଭାସ୍କର ନ୍ୟୁଜ): କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଆଜି ପୁରୀ ସାଂସଦ ଡଃ ସମ୍ବିଦ୍ ପାତ୍ର ୩ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ତିନିଚକିଆ ସ୍କୁଟ୍ ପ୍ରଦାନ କରିଛନ୍ତି । ପୋତାଘର, ସହନା ଏବଂ ଘରଛିଆ ଗ୍ରାମର ୩ଜଣ ବ୍ୟକ୍ତି ଏହି ସ୍କୁଟିକୁ ସଂସଦଙ୍କ ନିକଟରୁ ଗ୍ରହଣ କରିଥିଲେ । ସ୍କୁଟ୍ ପ୍ରଦାନ ସମୟରେ ସ୍ଥାନୀୟ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବିଡିଓ ନାରାୟଣ ସାହୁ, ତହସିଲଦାର ହିମାଂଶୁଶେଖର ଗିରି, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ଓ ଲୋକ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ ।

# ମତ୍ସ୍ୟ କିଶାନ ସମୃଦ୍ଧି ଯୋଜନା ଶିବିର

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଜାତୀୟ ମତ୍ସ୍ୟ ବିକାଶ ବୋର୍ଡ଼ ଜଳକୃଷି ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଶାନ ସମୃଦ୍ଧି ସହ ଯୋଜନା ଶିବିର ଅନୁଷ୍ଠିତ ହୋଇଛି । ଏଥିରେ କୃଷ୍ଣପ୍ରସାଦ ବ୍ଲକର ଶତାଧିକ ମତ୍ସ୍ୟ ଚାଷୀ ଯୋଗଦେଥିଲେ । କିପରି ବୈଜ୍ଞାନିକ ପଦ୍ଧତିରେ ଚାଷୀ ଚିଙ୍ଗୁଡ଼ି ଚାଷ କରିବାସହ ଏହାର ରକ୍ଷଣା ବେକ୍ଷଣ କରିପାରିବେ ସେ ସମ୍ପର୍କରେ ଜାତୀୟ ମସ୍ୟ ବିକାଶ ପରାମର୍ଶ ଦାତା ସୌମ୍ୟ ରଞ୍ଜନ ପଣ୍ଡା, ସହକାରୀ ମତ୍ସ୍ୟ ଅଧିକାରିଣୀ ସଂଘମିତ୍ରା ପାଣିଗ୍ରାହୀ, ସହକାରୀ ମସ୍ୟ ଅଧିକାରୀ କୁଳଦୀପ ଅମ୍ଲାନ, ସହକାରୀ ମତ୍ସ୍ୟ ଅଧିକାରୀ ରନ୍ ମଞ୍ଜରୀ ସାହୁ, ବୀମାସାଖା ପରିଚାଳକ ବଳରାମ ପ୍ରଧାନ, ସହ ପରିଚାଳକ ବାସୁଦେବ ବିଶ୍ୱାଳ, ସହକାରୀ ପରିଚାଳକ ଅବିନାଶ ସ୍ୱାଇଁ ଓ କୃଷ୍ଣପ୍ରସାଦ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଯୋଗଦେଇ ଉତ୍ତମ ମତ୍ସ୍ୟ ଚାଷ ସମ୍ପର୍କରେ ସୂଚନା ଦେଇଥିବା ବେଳେ ସାମାଜିକ କର୍ମୀ ତ୍ରିଲୋଚନ ପଲେଇ ସହଯୋଗ କରିଥିଲେ ।

# ତୋରଣ ନିର୍ମାଣକୁ ନେଇ ବିଜେଡି ଓ ବିଜେପି ଥାନାର ଦ୍ୱାରସ୍ଥ

ଆଳି (ଭାସ୍କର ନ୍ୟୁଜ): ଆଳି ନୂଆବଜାରର କେନ୍ଦ୍ରସ୍ଥଳ ଦୁର୍ଗାମଣ୍ଡପ ନିକଟରେ ନୂଆବର୍ଷ ପାଇଁ ଦଳୀୟ ତୋରଣ ନିର୍ମାଣକୁ କେନ୍ଦ୍ରକରି ଆଜି ସନ୍ଧ୍ୟାରେ ବିଜେଡି-ବିଜେପି ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଉଭୟ ଦଳର କର୍ମୀ ଦୁର୍ଗାମଣ୍ଡପ ନିକଟରେ ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନରେ ତୋରଣ ନିର୍ମାଣ ପାଇଁ ଜିଦ୍ ଧରିବା ଫଳରେ ଉତ୍ତେଜନା ସୃଷ୍ଟି ହୋଇଛି । ବିଜେପି ପକ୍ଷରୁ ବାଉଁଶ ପୋତାଯାଇ ତୋରଣ ନିର୍ମାଣ ଆରମ୍ଭ ପରେ ବିଜେଡି ପକ୍ଷରୁ ତାହାର ପ୍ରତିବାଦ କରାଯାଇଥିଲା । ଏଥିଯୋଗୁଁ ବିବାଦୀୟ ସ୍ଥିତି ଉପୁଜିଥିଲା । ଦୀର୍ଘ ୨୫ ବର୍ଷ ହେଲା ଏହି ସ୍ଥାନରେ ବିଜେଡି ପକ୍ଷରୁ ତୋରଣ ହେଉଛି । ଏ ବର୍ଷ ମଧ୍ୟ ଏଠାରେ ତୋରଣ ହେବ ବୋଲି ବିଜେଡି କର୍ମୀମାନେ ଯୁକ୍ତି ବାଢ଼ିଥିଲେ । ଅନ୍ୟପଟେ ତୁମେ ଦୀର୍ଘବର୍ଷ ହେଲା ଏଠାରେ ତୋରଣ କରୁଛ, ଏଥର ଆମେ ଏଠାରେ ତୋରଣ ନିର୍ମାଣ କରିବୁ ବୋଲି ବିଜେପି କର୍ମୀମାନେ ଜିଦ୍ ରେ ଅଟଳ ରହିଥିଲେ । ଯୁକ୍ତିତର୍କ ଯୋଗୁଁ ଉଭୟ ଦଳର କର୍ମୀମାନେ ମୁହାଁମୁହିଁ ସ୍ଥିତିକୁ ଆସି ଯାଇଥିଲେ । ରାତିରେ ଆଳି ତହସିଲଦାର, ପୋଲିସ ଏସଡିପିଓ, ଉଚ୍ଚ ପ୍ରଶାସନିକ ଅଧିକାରୀ ମାନେ ବିବାଦର ସମାଧାନ ପାଇଁ ଏକାଠି ହୋଇ ଉଭୟପକ୍ଷ ସହିତ ଆଲୋଚନା ଜାରି ରଖିଥିବା ବେଳେ ଗଣ୍ଡଗୋଳ ଆଶଙ୍କାରେ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି ।

# ଡ଼ଃ ମନମୋହନ ସିଂହଙ୍କ ବିୟୋଗରେ ଶୋକ

ଯାଜପୁର (ଭାସ୍କର ନ୍ୟୁଜ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ଼ଃ ମନମୋହନ ସିଂଙ୍କ ବିୟୋଗରେ ଯାଜପୁର ଜିଲ୍ଲା ଉପଭୋକ୍ତା ସମିତି ତରଫରୁ ଅମ୍ବିକା ଦେବୀ ହାଇସ୍କୁଲ ଆଙ୍ଗୁଲା ପରିସରରେ ଏକ ଶୋକସଭା ଉପଭୋକ୍ତା ସମିତିର ସଭାପତି ଦିଗମ୍ବର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ମନମୋହନ ସିଂଙ୍କ ସମ୍ବନ୍ଧରେ ଉପଭୋକ୍ତା ସମିତିର ସମ୍ପାଦକ କୈଳାସ ନାୟକ, ଅମ୍ବିକା ଦେବୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅର୍ଜୁନ ଦାସ, ଶିକ୍ଷକ ବିଷ୍ଣୁଚରଣ ପାଣିଗ୍ରାହୀ, ଯାଜପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ସୁଦିପ କୁମାର କର, ଯୁବନେତା ସଂଗ୍ରାମ କିଶୋର ଜେନା ପ୍ରମୁଖ ମତବ୍ୟକ୍ତ କରିଥିଲେ । ଉକ୍ତ ଶୋକସଭାରେ କଂଗ୍ରେସ ନେତା, ଦିଲ୍ଲୀପ କୁମାର ଦାସ, ପ୍ରଦୀପ ଯେନା, ସେଖ କମିରୁଦ୍ଦିନ୍, ଚୈତନ୍ୟ ଚରଣ ବେଉରିଆ, ଗୟାଧର ପୁହାଣ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ସେଖ ବସିରୁଦ୍ଦିନ୍, ପ୍ରଦୀପ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ଶୋକବ୍ୟକ୍ତ କରିଥିଲେ । ଶେଷରେ ହାଇସ୍କୁଲ ଶିକ୍ଷକ ବିଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଲଘୁଚାପ ବର୍ଷା, ବିଲରେ ଭିଜୁଛି ସୁନାର ଫସଲ

## ଚାଷୀ ମୁଣ୍ଡରେ ଚଡ଼କ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ବ୍ଲକରେ ହୋଇଥିବା ସୁନାର ଫସଲ(ଧାନ ଚାଷ) ଏବେ ବିଲରେ ଭିଜୁଛି । କାରଣ ଲଘୁଚାପ ଜନିତ ବର୍ଷା ଗତ ୫ ଦିନ ଧରି ଲାଗି ରହିଛି । ଏହା ଫଳରେ ବିଲରେ ଅମଳ ହେବାକୁ ଥିବା ଧାନ ଏବେ ବର୍ଷାରେ ଭିଜୁଛି । ଅନେକ ସ୍ଥାନରେ ଧାନରେ ଗଜା ବାହାରିଲାଣି । ଏଭଳି ଅବସ୍ଥା ଦେଖି ଚାଷୀକୂଳ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଚାଷୀମାନେ ବିଲରେ ୩୦ ଭାଗ ଧାନ କାଟି ରଖିଥିଲେ । କଟା ଧାନକୁ ଖଳାକୁ ଆଣିବା ସହ ବାକି ଧାନ କାଟିଥାନ୍ତେ । ହେଲେ ଲଘୁଚାପ ଜନିତ ଲଗାଣ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି । ଏବେ ଚାଷୀମାନେ କେବଳ ନିଜ ଭାଗ୍ୟକୁ ଆଦରି ପଡି ରହିଥିବା କହିଛନ୍ତି । କାରଣ ସରକାର ଯେଉଁ କ୍ଷତିପୂରଣ ପ୍ରଦାନ କରନ୍ତି ତାହା ୫୦ ଭାଗ ମଧ୍ୟ ନୁହେଁ । ଚାଷୀଟି ଯଦି ୧ ଲକ୍ଷ ଟଙ୍କାର ଧାନ ଅମଳ କରିବ ବୋଲି ଲକ୍ଷ ରଖିଥାଏ ଓ ବର୍ଷାରେ ଧାନ ନଷ୍ଟ ହୋଇଯାଏ ତେବେ ଚାଷୀକୁ ୨୦ ରୁ ୩୦ ହଜାର ଟଙ୍କା କ୍ଷତି ପୂରଣ ମିଳେ । ତାହା ପୁଣି ତହସିଲ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହେବା ପରେ ସେମାନଙ୍କୁ ମିଳେ । ତେଣୁ ଚଳିତ ଲଘୁଚାପ ବର୍ଷା ଚାଷୀଙ୍କ ସୁନାର ଫସଲକୁ ନଷ୍ଟ କରି ଦେଇଥିବା କୃଷକ ଆଦିକନ୍ଦ ରାଉଳ କହିଛନ୍ତି । ସେ କହିଛନ୍ତି ସେ ୫ ଏକର ଧାନ ଫସଲ କରିଛନ୍ତି । ଏହାକୁ ବିକ୍ରି କରିଥିଲେ ଅଢେଇ ଲକ୍ଷ ଟଙ୍କା ପାଇଥାନ୍ତେ । ହେଲେ ବର୍ଷା ହୋଇଯିବା ପରେ ଯେଉଁ ଧାନ ଅମଳ ହେବ ତାହା ଏଫଏକ୍ୟୁ ମାନର ଧାନରେ ପରିଗଣିତ ହେବ ନାହିଁ । ତେଣୁ ଏହାକୁ ସମବାୟ ସମିତି କିଣିବ ନାହିଁ । ବାଧ ହୋଇ ଆମେ ବେପାରୀଙ୍କୁ ଅଧା ଦାମରେ ବିକ୍ରି କରିବୁ । କିନ୍ତୁ ଯଦି ବର୍ଷା ଲାଗି ରହେ ତାହା ହେଲେ ବିଲରେ ସବୁ ଧାନ ଗଜା ହାଇଯିବ । ଶେଷରେ ବିଲରେ ଗୋରୁ ଚରିବେ ଓ ଚାଷୀକୂଳ ହତାଶ ହୋଇଯିବେ ବୋଲି ସେ କହିଛନ୍ତି । କୃଷକ ନେତା ରମଣୀରଞ୍ଜନ ରାଉତରାୟ କହିଛନ୍ତି ବର୍ତ୍ତମାନ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି ଲଘୁଚାପ ଜନିତ ଲଗାଣ ବର୍ଷା । ଚାଷୀମାନେ ଯେଉଁ ଧାନ ଫସଲ କରିଥିଲେ ତାହା ସୁନାର ଫସଲ ଭଳି ଚାଷୀକୂଳ ମୁହଁରେ ହସ ଫୁଟାଇଥିଲା । ସରକାର କ୍ଷୟକ୍ଷତିର ଉପଯୁକ୍ତ ଆକଳନ କରି ଯଦି ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବେ ତେବେ ଚାଷୀମାନେ ଅଣ୍ଟା ସଳଖି ଛିଡା ହୋଇ ପାରିବେ । ଫସଲ କ୍ଷୟକ୍ଷତି ସଂକ୍ରାନ୍ତରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟ କହିଛନ୍ତି ଯେ, ଚାଷୀମାନଙ୍କ ଯେତିକି ପରିମାଣର ଫସଲ ନଷ୍ଟ ହେବ ତାହାକୁ ଆକଳନ କରାଯାଇ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ । ସରକାର ଏ ନେଇ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ଷା ଛାଡିବା ପରେ କୃଷି ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଆକଳନ ହେବ । ଯେଉଁ ଚାଷୀର ଯେତିକି ଫସଲ ନଷ୍ଟ ହୋଇଥିବ ତାଙ୍କୁ ସେହି ପରିମାଣର କ୍ଷତିପୂରଣ ପ୍ରଦାନ କରାଯିବ ।

# ମନମୋହନ ସିଂହଙ୍କ ବିୟୋଗର ଶୋକ ବାର୍ତ୍ତା

ଯାଜପୁର (ଭାସ୍କର ନ୍ୟୁଜ): ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କର ବିୟୋଗରେ ବିକଶିତ ଭାରତ ପାଇଁ ଏକ ଅପୁରଣୀୟ କ୍ଷତି ବୋଲି କଂଗ୍ରେସ ନେତା ସନ୍ତୋଷ ନନ୍ଦ ପ୍ରକାଶ କରିଛନ୍ତି । ଭାରତର ଅର୍ଥନୀତିରେ ସଂସ୍କାର ଓ ସୁଧାର ଆଣିବା ପାଇଁ ତାଙ୍କ ପ୍ରଦତ୍ତ ଉଦାରୀକରଣ ପ୍ରକ୍ରିୟା ସମୟୋଚିତ କାର୍ଯ୍ୟ ଏକ ଯୁଗାନ୍ତକାରି ପଦକ୍ଷେପ ବୋଲି ଶ୍ରୀ ନନ୍ଦ ଏକ ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରିଛନ୍ତି । ଦଳମତ ନିର୍ବିଶେଷରେ ସେ ସମସ୍ତଙ୍କର ଗ୍ରହଣ ଯୋଗ୍ୟ ଥିଲେ ଓ ଦେଶର ସ୍ୱାର୍ଥ ପାଇଁ ସେ ଯାହାକିଛି କରିଯାଇଛନ୍ତି ତାହା ଦେଶ ବାସୀଙ୍କ ପାଇଁ ଅଭୁଲା ହୋଇ ରହିବ ଶ୍ରୀନନ୍ଦ ଆହୁରି ମଧ କହିଥିଲେ ତାଙ୍କ ବିୟୋଗରେ ମର୍ମାହତ ଓ ଦୁଃଖିତ ବଶ୍ୱସ୍ତରରେ ଜଣେ ବିଶିଷ୍ଟ ଅର୍ଥନୈତିଜ୍ଞଙ୍କୁ ଦେଶ ହରାଇଛି ବୋଲି ଶୀ ନନ୍ଦ କହିଥିଲେ ।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଶିକ୍ଷକ ସଂଘର ଦାବିପତ୍ର



ଭଞ୍ଜନଗର (ଭାସ୍କର ନ୍ୟୁଜ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭଞ୍ଜନଗର ଗସ୍ତ ବେଳେ ଅଞ୍ଚଳର ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ବହୁ ଦାବିପତ୍ର ପ୍ରଦାନ କରାଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ବାଇକ ଶୋଭା ଯାତ୍ରାରେ ଗାଙ୍ଗପୁରରେ ପହଞ୍ଚି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ଶରତ ଚନ୍ଦ୍ର ପଣ୍ଡା ଉଚ୍ଚ ବିଦ୍ୟାଳୟ ପରିସରରେ ପହଞ୍ଚି ବିଦ୍ୟାଳୟର କନଫେରନସ୍ ହଲ ଉଦଘାଟନ କରିଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସହ ଗଂଜାମ ଜିଲ୍ଲାର ପ୍ରାୟ ସମସ୍ତ ବିଧାୟକ, ଆସିକା ସାଂସଦ, ଗଂଜାମ ଜିଲା ଶିକ୍ଷାଧିକାରୀଙ୍କ ଉପସ୍ଥିତିରେ ରାଜ୍ୟ ୧୬୯ ନୂତନ ଅନୁଦାନ ପ୍ରାପ୍ତ ଉଚ୍ଚବିଦ୍ୟାଳୟର ଶିକ୍ଷକ କର୍ମଚାରୀ ସଂଘର ସଭାପତି ସୁଦୀପ୍ତ କୁମାର ପଟ୍ଟନାୟକ ମନ୍ତ୍ରୀଙ୍କୁ ସାକ୍ଷାତ କରି ଶିକ୍ଷକଙ୍କ ଚାକିରୀ ସର୍ତ୍ତାବଳୀ, ପେନସନ, ଅବସର ନେଇଥିବା ଶିକ୍ଷକ କର୍ମଚାରୀଙ୍କ ପେନସନ, ବିଦ୍ୟାଳୟରେ ଖାଲିପଡ଼ିଥିବା ପଦବୀ ପୂରଣ ଓ ସମସ୍ତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟକୁ ସରକାରୀକରଣ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ, ରାଣ୍ଡିବା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ସାହୁ, ରାଜ୍ୟ ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ବିଜୟ କୁମାର ମହାରଣାଙ୍କ ସମେତ ବହୁ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ ।



ଟାଙ୍ଗୀ (ଭାସ୍କର ନ୍ୟୁଜ): ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଚାଷୀମାନେ ନିଜ ନିଜର ଚାଷଜମିରେ ରବି ଜାତୀୟ ଫସଲ କରିବା ପାଇଁ ମୁଗ- ବିରି , ରାଶି , ବାଦାମ ଓ ସୂର୍ଯ୍ୟମୁଖୀ ଫସଲ କରିବା ପାଇଁ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଅଞ୍ଚଳର ଚାଷୀ ମାନଙ୍କୁ ବିହନ ବଣ୍ଟନ କରାଯାଇଛି । ଟାଙ୍ଗୀ ଜିଲ୍ଲା କୃଷି କାର୍ଯ୍ୟାଳୟ ପରିସରରେ ଏହି ବିହନ ବଣ୍ଟନ କରାଯାଇଛି । ଟାଙ୍ଗୀ ବ୍ଲକରେ ୩ ହଜାର ଚାଷୀମାନଙ୍କୁ ଏଭଳି ବଣ୍ଟନ କରାଯିବ ବୋଲି ଜିଲ୍ଲା କୃଷି ଅଧିକାରୀ ମନୋରଞ୍ଜନ ମିଶ୍ର କହିଛନ୍ତି । ସହ କୃଷି ଅଧିକାରୀ ଯାଜ୍ଞ୍ୟସେନୀ ନାୟକ, କ୍ଷେତ୍ର କୃଷି ଅଧିକାରୀ ପ୍ରତାପ କୁମାର ସାହୁ ଓ ସଞ୍ଜୀବ କୁମାର ରାଉତରାୟ, କୃଷକ ସାଥି ସୀତାରାମ ନାୟକ, ଆର୍. ଜିଭା , ବ୍ଲକ ସଂଯୋଜକ ପ୍ରତ୍ୟୁଷ ଛୋଟରାୟ, ସନ୍ତୋଷ କୁମାର ସାହୁଙ୍କ ଉପସ୍ଥିତିରେ ଶତାଧିକ ଚାଷୀ ରବି ଜାତୀୟ ଫସଲ ପାଇଁ ବିହନ ନେଇଥିଲେ ।



### ବରଙ୍ଗ ଚାଷୀ ଆତ୍ମହତ୍ୟା ଘଟଣା

# ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ, ବିଜେପି କୃଷକ ମୋର୍ଚ୍ଚା ଓ ବିଜେଡି ଟିମ



ଛତ୍ରପୁର (ଭାସ୍କର ନ୍ୟୁଜ): ଅଦିନିଆ ବର୍ଷାରେ ଧାନ ଫସଲ ବ୍ୟାପକ କ୍ଷୟକ୍ଷତି ହେବାରୁ ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ବଡ଼ମାଧପୁର ପଞ୍ଚାୟତ ବରଙ୍ଗ ଗ୍ରାମର ଚାଷୀ ବନମାଳୀ ପେଣ୍ଟଇ(୬୪) ନିଜ ଘର ପାଇଖାନାରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ। ଶୁକ୍ରବାର ସକାଳେ ଆତ୍ମହତ୍ୟା କରିଥିବା ଚାଷୀଙ୍କ ପରିବାରକୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଭେଟିଛନ୍ତି ।ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇବା ସହ ନିଜ ହାତ ପାଣ୍ଠିରୁ ୩୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ପ୍ରତିକ୍ରିୟା ରଖି ସେ କହିଛନ୍ତି, ସମସ୍ତ ଚାଷୀମାନେ ଧୈର୍ଯ୍ୟ ରଖନ୍ତୁ ସରକାର ଆପଣମାନଙ୍କ ସହ ଅଛନ୍ତି କିଭଳି ଚାଷୀଙ୍କୁ ସହାୟତା ପ୍ରଦାନ କରାଯିବ,ଏଫକ୍ୟୁ ମାନ କୋହଳ କରାଯିବ ଏ ନେଇ ଉଚ୍ଚ ସ୍ତରୀୟ ଏବଂ ଜିଲାସ୍ତରରେ ଘନ ଘନ ବୈଠକ ହେଉଛି। ଏଣୁ ସେ ସମସ୍ତ ଚାଷୀଙ୍କୁ ନିବେଦନ କରିଛନ୍ତି ଯେ, ଧୈର୍ଯ୍ୟ ରଖନ୍ତୁ ଏହା ସହ କେଉଁ କାରଣ ଯୋଗୁ ଚାଷୀ ଜଣଙ୍କ ମୃତ୍ୟୁବରଣ କଲେ ତାହାର ତଦନ୍ତ କରିବାକୁ ଉପସ୍ଥିତ ଥିବା ପ୍ରସାଶନିକ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ ଏହା ସହ ଉକ୍ତ ପରିବାରକୁ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ଛତ୍ରପୁର ବିଧାୟକ ଗଣମାଧ୍ୟମକୁ କହିଛନ୍ତି। ଏହାର କିଛି ସମୟ ପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ବରଙ୍ଗ ଗ୍ରାମକୁ ଆସି ମୃତ ଚାଷୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆତ୍ମହତ୍ୟାର ପ୍ରକୃତ କାରଣ ପଚାରି ବୁଝିଥିଲେ। ଲଘୁଚାପ ଜନିତ ଲଗାଣ ବର୍ଷାରେ କ୍ଷୟକ୍ଷତି ସହ ଋଣ ଭାର ଯୋଗୁଁ ଆତ୍ମହତ୍ୟା କରିଥିବା ବିଜେଡି କହିଛି। ଏହା ସହ ଚାଷୀର ପରିବାର ତୁରନ୍ତ କ୍ଷତିପୂରଣ ସହ ଯୁଦ୍ଧ କାଳୀନ ଭିତିରେ ସରକାର ସମସ୍ତ ଚାଷୀଙ୍କ ଧାନ ନେବା ସହ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ କହିଛନ୍ତି ଏବଂ ମୃତ ଚାଷୀଙ୍କ ପରିବାରକୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ବିଜେଡିର ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟନାୟକ, ବିକ୍ରମ ପଣ୍ଡା, ସୁବାଷ ଚନ୍ଦ୍ର ବେହେରା, ବିଜେଡି ନେତା ସୁବାଷ ମହାରଣା, ଶଙ୍କର ଦାଶ, ଛାତ୍ର ବିଜେଡ଼ି ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଯୁବନେତା ବିମଳ ପଣ୍ଡା, ପ୍ରବାସୀ ପ୍ରଧାନ, କିଶୋର ବେହେରା, ଟି ଚନ୍ଦ୍ର ଶେଖର ରାଓ ପ୍ରମୁଖ ଯାଇଥିଲେ। ସେହିପରି ଶୁକ୍ରବାର ମଧ୍ୟାହ୍ନରେ ବିଜେପିର କୃଷକ ମୋର୍ଚ୍ଚାର ଏକ ଟିମ୍ ମଧ୍ୟ ମୃତ ଚାଷୀ ପରିବାରଙ୍କୁ ଭେଟି ଆତ୍ମହତ୍ୟାର କାରଣ ପଚାରି ବୁଝିଥିଲେ ଏବଂ କିଛି ଆର୍ଥିକ ସହାୟତା ମଧ୍ୟ ଉକ୍ତ ପରିବାରକୁ ପ୍ରଦାନ କରିଥିଲେ। ବନମାଳୀ କାହା ଠାରୁ କେତେ ଟଙ୍କା ଋଣ ଆଣିଥିଲେ, କେତେ ପରିଶୋଧ କରିଛନ୍ତି, ଧାନ ଚାଷ ଜମିର ଅବସ୍ଥା କିଭଳି ରହିଛି ସେ ନେଇ ବନମାଳୀଙ୍କ ପରିବାର ଲୋକଙ୍କୁ ପଚାରି ବୁଝିଥିଲେ ବିଜେପିର ପ୍ରତିନିଧି ଦଳ । ବିଜେପି ସଦାସର୍ବଦା ଲୋକଙ୍କ ସହ ରହିଛି । ତେଣୁ ଚାଷୀ ମାନେ ମ୍ରିୟମାଣ ହୋଇ ଏଭଳି ଚରମ ନିଷ୍ପତ୍ତି ନିଅନ୍ତୁ ନାହିଁ । ସରକାରଙ୍କ ପକ୍ଷରୁ କ୍ଷୟକ୍ଷତି ଆକଳନ ଚାଲୁ ରହିଛି । କ୍ଷୟକ୍ଷତିର ରିପୋର୍ଟ ଆସିବାର ୭୨ ଘଣ୍ଟା ମଧ୍ୟରେ ଚାଷୀ ମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ । ଏହାଛଡ଼ା ବନମାଳୀଙ୍କର ମଧ୍ୟ କେତେ କ୍ଷୟକ୍ଷତି ହୋଇଛି ଓ କେତେ ଋଣ ରହିଛି ସେ ନେଇ ଏକ ରିପୋର୍ଟ ବିଜେପି ରାଜ୍ୟ ସରକାରଙ୍କୁ ପ୍ରଦାନ କରିବା ପରେ ସରକାରଙ୍କ ପକ୍ଷରୁ ମଧ୍ୟ ବନମାଳୀଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି ବିଜେପି ରାଜ୍ୟ କୃଷକ ମୋର୍ଚ୍ଚାର ସଭାପତି ମହେଶ୍ୱର ସାହୁ । ବିଜେପିର ଏହି ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଆସିଥିବା ବେଳେ ଏଥିରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଗଜେନ୍ଦ୍ର ଚୌଧୁରୀ, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସନ୍ତୋଷ ବିଶ୍ୱାଳ, ଗୋବିନ୍ଦ ପ୍ରଧାନ, ସନାତନ ସଂଗ୍ରାମ ସିଂଙ୍କ ସହ ବହୁ ବିଜେପି ନେତା ସାମିଲ ଥିଲେ । ସକାଳେ ଅତିରିକ୍ତ ଜିଲ୍ଲାପାଳ ଶୀତାଂଶୁ କୁମାର ଭୋଇ, ଉପଜିଲ୍ଲାପାଳ ଦେବବ୍ରତ ମହାନ୍ତ, ଜିଲ୍ଲା କୃଷି ଅଧିକାରୀ, ବ୍ଲକ କୃଷି ଅଧିକାରୀ, ବିଡ଼ିଓ ଏବଂ ପୋଲିସ ଅଧିକାରୀମାନେ ମୃତ ଚାଷୀଙ୍କ ପରିବାରକୁ ଭେଟି ସମସ୍ତ ତଥ୍ୟ ପଚାରି ବୁଝି ନେଇଥିଲେ।

## ଅଦିନିଆ ବର୍ଷାରେ ଫସଲ ନଷ୍ଟ ସମ୍ପର୍କରେ ସମୀକ୍ଷା କଲେ ସମବାୟ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଭିନ୍ନ ଗଣମାଧ୍ୟମରେ ଅଦିନିଆ ବର୍ଷାରେ ଫସଲ ନଷ୍ଟ ସମ୍ପର୍କିତ ପ୍ରକାଶିତ ଓ ପ୍ରସାରିତ ଖବରକୁ ଗମ୍ଭୀରତାର ସହ ଗ୍ରହଣ କରି ଶୁକ୍ରବାର ଏକ ସମୀକ୍ଷା ବୈଠକ କରିଛନ୍ତି ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ । ଚାଷୀମାନଙ୍କଠାରୁ ସୂଚନା ପାଇବା ପରେ କିପରି ଯଥାଶୀଘ୍ର କ୍ଷେତ୍ର ଅନୁଧ୍ୟାନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ଏବଂ ଚାଷୀଙ୍କୁ ଯଥାଶୀଘ୍ର ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବ ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବୀମା କମ୍ପାନୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ସମବାୟ ମନ୍ତ୍ରୀ । ସମବାୟ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ କମିଶନର ତଥା ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ, ସମବାୟ ଏବଂ କୃଷି ବିଭାଗର ବରିଷ୍ଠ ଅଧିକାରୀ, ଓଡ଼ିଶାରେ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରୁଥିବା ଚାରି ଗୋଟି ବୀମା କମ୍ପାନୀ, ଯଥା ରିଲାୟନ୍ସ ଜି.ଆଇ.ସି., ଏସ୍.ବି.ଆଇ. ଜି.ଆଇ.ସି., ଫ୍ୟୁଚର ଜେନେରାଲି, ଏ.ଆଇ.ସି.ଆଇ. ର ରାଜ୍ୟସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଚଳିତ ଖରିଫ ୨୦୨୪ ଋତୁରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ରାଜ୍ୟରେ ମୋଟ ୨୨ ଲକ୍ଷ ୪୮ ହଜାର ଚାଷୀ ଫସଲ ବୀମା ପଞ୍ଜୀକରଣ କରିଛନ୍ତି । ବୀମା ପଞ୍ଜିକୃତ ଚାଷୀମାନେ କ୍ଷତିପୂରଣ ପାଇବାକୁ ହେଲେ କୃଷି ରକ୍ଷକ ଆପ କିମ୍ବା ହେଲ୍ପ ଲାଇନ ନମ୍ବର ୧୪୪୪୭ ରେ ଫସଲ କ୍ଷତିର ୭୨ ଘଣ୍ଟା ମଧ୍ୟରେ ସୂଚନା ଦେବାକୁ ଗଣମାଧ୍ୟମ ଜରିଆରେ ସମବାୟ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ନିବେଦନ କରାଯାଇଛି । ଚାଷୀମାନଙ୍କ ମଧ୍ୟରେ ଅଧିକ ସଚେତନତା ପାଇଁ ସମବାୟ ବିଭାଗର ଅଧିକାରୀମାନେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସମବାୟ ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## ୨୦୨୪ ବର୍ଷର ଶେଷ କର୍ପୋରେସନ ବୈଠକ ସ୍ଥଗିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୦୨୪ ବର୍ଷର ଶେଷ କର୍ପୋରେସନ ବୈଠକ ସ୍ଥଗିତ ରହିଛି । ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂହଙ୍କ ଉଦ୍ଦେଶ୍ୟରେ ଶୋକସଭା ହୋଇ ବନ୍ଦ ହେଲା ଭୁବନେଶ୍ୱର ମହାନଗର ନିଗମର ସତବିଂଶ କର୍ପୋରେସନ ବୈଠକ ବୋଲି ସୂଚନା ଦେଇଛନ୍ତି ମେୟର ସୁଲୋଚନା ଦାସ । ଆସନ୍ତା ୭ଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଭୁକ୍ତ କୌଣସି କାର୍ଯ୍ୟକ୍ରମ ହେବନାହିଁ । ପ୍ରବାସୀ ଭାରତୀୟ ସମ୍ମିଳନୀ ଉଦ୍ଦେଶ୍ୟରେ ହେବାକୁ ଥିବା ପଥଉତ୍ସବ ସମେତ ସିଟି ଏକ୍ଟିଭେସନ କାର୍ଯ୍ୟକ୍ରମକୁ ମଧ୍ୟ ବନ୍ଦ ରଖିଛି ଭୁବନେଶ୍ୱର ମହାନଗର ନିଗମ । ପରବର୍ତ୍ତୀ କର୍ପୋରେସନ ବୈଠକ ୨୦୨୫ ଜାନୁଆରୀ ମାସ ୧୫ ତାରିଖରେ ହେବାର ନିଷ୍ପତି ନିଆଯାଇଛି ବୋଲି ସୁଲୋଚନା ଦାସ କହିଛନ୍ତି ।

# ଅପହରଣ ପରେ ମାଗିଲେ ୫୦ ଲକ୍ଷ ଟଙ୍କା, ନଦୀ ପଠାରୁ ମିଳିଲା ମୃତଦେହ



ବାରିପଦା (ଭାସ୍କର ନ୍ୟୁଜ): ଭୁବନେଶ୍ୱରର ଖାରବେଳନଗର ଥାନା ଅଞ୍ଚଳରେ ହୋଇଥିବା ଅପହରଣ ମାମଲା ଏବେ ହତ୍ୟାର ରହସ୍ୟ ରୂପେ ପ୍ରକାଶିତ ହୋଇଛି। ଏହି ଘଟଣାରେ ମୃତକ ହେଲେ କେନ୍ଦ୍ରାପଡା ଜିଲ୍ଲାର ଚନ୍ଦନ କୁମାର ସ୍ୱାଇଁ। ଗତକାଲି ବାରିପଦାର ବୁଢ଼ାବଳଙ୍ଗ ନଦୀ ପଠାରୁ ତାଙ୍କର ମୃତଦେହ ବାହାରିଥିବାରୁ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତକଙ୍କ ପରିବାରର ଅଭିଯୋଗ ଅନୁସାରେ, ଚନ୍ଦନ ଏବଂ ତାଙ୍କର କିଛି ସାଙ୍ଗ ବାଙ୍ଗାଲୋରରେ କାମ କରୁଥିବା ବେଳେ ଏକ ସଙ୍ଗେ ଭୁବନେଶ୍ୱରକୁ ଫେରିଥିଲେ। ଭୁବନେଶ୍ୱରରୁ ତାଙ୍କୁ ବାରିପଦାକୁ ବୁଲିବିକୁ ଆଣାଗଲା ଓ ତାଙ୍କ ପରିବାରକୁ ଫୋନ୍ କରି ୫୦ ଲକ୍ଷ ଟଙ୍କା ମଗାଗଲା। ମୃତକଙ୍କ ଘରଲୋକ, ଅପହରଣକାରୀଙ୍କ ଦାବୀ ପୂରଣ ନକରି ପାରିବାରୁ ଚନ୍ଦନକୁ ହତ୍ୟା କରି ମୃତଦେହକୁ ବୁଢାବଳଙ୍ଗ ନଦୀର ବାଲି ଶଯ୍ୟାରେ ଗୋପନ ଭାବେ ପୋତି ଦିଆଯାଇଥିବା ଅନୁମାନ କରାଯାଉଛି। ଗତକାଲି ସ୍ଥାନୀୟ ଲୋକେ ବୁଢ଼ାବଳଙ୍ଗ ନଦୀ ପଠାରେ ବାଲି ମଧ୍ୟରୁ ଏକ ଯୁବକଙ୍କ ହାତ ଦେଖି ପୋଲିସକୁ ଖବର ଦେଇଥିଲେ। ସାଇଣ୍ଟିଫିକ ଟିମ୍, ବାରିପଦା ଏସ୍.ଡି.ପି.ଅଙ୍କ ସମେତ ପୋଲିସ ଟିମ୍, ଡ୍ରଗ୍ସ ସ୍କ୍ୱାଡ୍ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ମୃତଦେହ ଗଳିତ ଅବସ୍ଥାରେ ଥିବା ସହିତ ସାରା ଦୃଶ୍ୟ ଭୟଙ୍କର ଲାଗୁଥିଲା। ପରବର୍ତ୍ତୀ ତଦନ୍ତରେ ମୃତକଙ୍କ ଠିକଣା ଏବଂ ଘଟଣାର ପରିବେଶ ମଧ୍ୟରୁ ଏହାର ସମ୍ପୂର୍ଣ୍ଣ ଛବି ସ୍ପଷ୍ଟ ହେବାକୁ ଲାଗିଛି ଏବଂ ଏହା ହତ୍ୟା ବୋଲି ପୋଲିସ୍‌ର ସୂଚନା। ମୃତକଙ୍କ ପରିବାର ଲୋକେ ଖାରବେଳନଗର ଥାନାର ଅପହରଣ ମାମଲା ଦାୟର କରିବା ସମୟରେ ପୋଲିସ ମୃତଦେହ ଉଦ୍ଧାର ସହ ଦୁଇ ଯୁବକଙ୍କୁ ଅଟକ ରଖିଛି । ସେମାନେ ଚନ୍ଦନଙ୍କ ସାଙ୍ଗ ଥିବା ସୂଚନା ମିଳିଛି। ତଦନ୍ତ ଚାଲିଥିବା ସମୟରେ ସେମାନଙ୍କ ଉପରେ ହତ୍ୟା ମାମଲା ରୁଜୁ ହେବାର ସମ୍ଭାବନାଅଛି । ମୁଖ୍ୟ ହତ୍ୟାକାରୀ ବାରିପଦା ଶିରିଶିବୋଣି ଅଞ୍ଚଳର ହୋଇଥିବା ସୂଚନା। ମୃତକଙ୍କ ପରିବାର ପୋଲିସ ପକ୍ଷରୁ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି କଡ଼ା ଦଣ୍ଡ ଦେବାକୁ ଦାବି କରିଛନ୍ତି। ସମଗ୍ର ଘଟଣାର ସତ୍ୟ ଜଣାପଡିବା ପରେ ରହସ୍ୟ ଉପରୁ ପରଦା ଉଠିବ ବୋଲି ଆଶା କରିଛନ୍ତି ବୁଦ୍ଧିଜୀବୀ।

## ଓଡ଼ିଶା ରାଜ୍ୟ ଦକ୍ଷତା ଓ ସହାୟକ ଅଭିବୃଦ୍ଧି ନୀତି ସମ୍ପର୍କିତ ୨ୟ ଉଚ୍ଚସ୍ତରୀୟ ପରିଚାଳନା କମିଟି ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ରାଜ୍ୟ ଦକ୍ଷତା ଓ ସହାୟକ ଅଭିବୃଦ୍ଧିନୀତି (ଓଏସସିଆରଜିପି) କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ଉଚ୍ଚସ୍ତରୀୟ ପରିଚାଳନା କମିଟିର ଦ୍ୱିତୀୟ ବୈଠକ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରକଳ୍ପ ଅଧିନରେ କରାଯାଉଥିବା କାର୍ଯ୍ୟ ସଂପର୍କରେ ବୈଠକରେ ବିସ୍ତୃତ ଭାବେ ସମୀକ୍ଷା କରାଯାଇଥିଲା । ଏହା ଅଧିନରେ ରାଜ୍ୟରେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କ ତଥ୍ୟଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଅଧିନସ୍ଥ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର ଦ୍ୱାରା ଅଦ୍ୟତନ କରାଯାଉଛି, ଯାହା ଫଳରେ ରାଜ୍ୟରେ ଏ କ୍ଷେତ୍ରରେ ସୁଦୃଢ଼ଗ୍ରହଣୀୟ ବ୍ୟବସ୍ଥା ପୂର୍ବକ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସେବା ପ୍ରଦାନକୁ ନିଶ୍ଚିତ କରିବ । ବିଶ୍ୱ ବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପ କାର୍ଯ୍ୟକାରିତାକୁ ତଦାରଖ କରିବା ପାଇଁ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ନୋଡାଲ ବିଭାଗ ରହିଛନ୍ତି । ଜୁଲାଇ ୨୦୨୩ ରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପର ସମୟସୀମା ୨୦୨୮ ଏପ୍ରିଲ ପର୍ଯ୍ୟନ୍ତ ରହିଛି । ୧୧୮୩ କୋଟି ଟଙ୍କା ଅଟକଳରେ ଏହି ପ୍ରକଳ୍ପରେ ରାଜ୍ୟ ସରକାରଙ୍କ ପାଣ୍ଠି ୩୮୭ କୋଟି ଟଙ୍କା ରହିଛି । କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ଶ୍ରୀମତୀ ଗର୍ଗ କହିଥିଲେ ଯେ, ଏହି ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ। ଜନସାଧାରଣଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ ଏବଂ ତାହାକୁ କାର୍ଯ୍ୟକାରୀ କରାଯିବା ପରିପ୍ରେକ୍ଷୀରେ ସଠିକ୍ ତଥ୍ୟ (ଡାଟା)ର ନିତାନ୍ତ ଆବଶ୍ୟକତା ରହିଥାଏ । ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ କେଉଁ କ୍ଷେତ୍ରରେ କେତେ କାର୍ଯ୍ୟ ଅଗ୍ରଗତି ହେବା କଥା, କେତେ କାମ ହୋଇଛି ଓ କାମର ମାନଦଣ୍ଡ କିପରି ହେବାକଥା ସେ ସଂପର୍କରେ ଉନ୍ନୟନ କମିଶନର ସମୀକ୍ଷା ପୂର୍ବକ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ତ୍ୱରାନ୍ୱିତ କରିବାକୁ ସେ ସମ୍ପୃକ୍ତ ବିଭାଗ ତଥା ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପରିଚାଳନା କମିଟିର ସଦସ୍ୟ ଥିବା ଅର୍ଥ ବିଭାଗ, ଇଲେକ୍ଟ୍ରୋନିକ୍ସ ଓ ଆଇଟି, ଯୋଜନା ଓ ସଂଯୋଜନ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓସଡମା ଏବଂ ସଂପୃକ୍ତ ଅନ୍ୟ ବିଭାଗର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## କାନ୍ଦୁଛି ଚାଷୀ, ବଣଭୋଜିରେ ଆତ୍ମା ଅଧିକାରୀ

କଣାସ (ଭାସ୍କର ନ୍ୟୁଜ): ଦୀର୍ଘ ୫ଦିନ ଧରି ଲଗାତର ବର୍ଷା ଲାଗି ରହିବାରୁ କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତର ଋଷୀମାନେ ଶାରଦ ଧାନ ଫସଲ ହରାଇ ବିଲମୁଣ୍ଡରେ କାନ୍ଦୁଥିବା ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନସିଂଙ୍କ ପରଲୋକ ଯୋଗୁଁ ଜାତୀୟ ଶୋକ ଦିବସ ପାଳନ କରାଯାଉଥିବା ବେଳେ କଣାସ ବ୍ଲକର ଆତ୍ମା ଅଧିକାରୀମାନେ ଆତ୍ମାର ସଭ୍ୟ ଥିବା କେତେକ ଋଷୀ ପରିବାରଙ୍କୁ ସଂଗରେ ଧରି ବସ୍‌ଯୋଗେ ସାକ୍ଷୀଗୋପାଳ ନଡିଆଫାର୍ମ ପରିଦର୍ଶନ କରି ରାମଚଣ୍ଡିରେ ଭୋଜିଭାତ କରୁଥିବା ଜଣାପଡିଛି । ଏ ସଂପର୍କରେ ଆତ୍ମାର ଅଧ୍ୟକ୍ଷ ବିଶ୍ୱଭୂଷଣ ମଙ୍ଗରାଜଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ଏ ସଂପର୍କରେ କିଛି ଜାଣିନାହିଁ । ଅଧିକାରୀମାନେ ତାଙ୍କ ମନଇଚ୍ଛା କାର୍ଯ୍ୟ କରୁଛନ୍ତି ।

## ଜଣେ ମନ୍ତ୍ରୀଙ୍କୁ ଦୁଇଟି ଜିଲ୍ଲାର ପାଳକ ଦାୟିତ୍ୱ ଦେଲେ ମିଳିବ ଲୋକାଭିମୁଖୀ ଶାସନ ବ୍ୟବସ୍ଥା: ପୃଥ୍ୱୀରାଜ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦୁଇଟି ଲେଖାଏଁ ଜିଲ୍ଲାକୁ ଜଣେ ଜଣେ ମନ୍ତ୍ରୀଙ୍କୁ ପାଳକ ହିସାବରେ ଦାୟିତ୍ୱ ଦିଆଯାଇଛି । ପ୍ରଶାସନିକ ସ୍ତରରେ ଜିଲ୍ଲାର ଶାସନ ବ୍ୟବସ୍ଥା ଲୋକାଭିମୁଖୀ କରିବା, ସରକାରୀ ଯୋଜନା ପ୍ରଣୟନ, ସାଧାରଣ ଲୋକଙ୍କ ଅଭିଯୋଗ ଶୁଣାଣୀ ଓ ନିରାକରଣ ଉପରେ ଗୁରୁତ୍ୱ ଦିଆଯିବ । ମନ୍ତ୍ରୀ ମାନେ ଜିଲ୍ଲା ଗସ୍ତ କରି ବିଭିନ୍ନ କାର୍ଯ୍ୟ ତଦାରଖ କରିବା ସହ ସମୀକ୍ଷା କରିବେ ବୋଲି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଯାହାଦ୍ୱାରା ଓଡ଼ିଶାରେ ନୂଆ ମଡେଲ ଅଫ ଗଭର୍ଣାସ ସବୁ କରିବେ । ଯାହାଦ୍ୱାରା ଲୋକଙ୍କୁ ଯାହା ସବୁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପୂରଣ ହୋଇପାରିବ । ଲୋକଙ୍କ ସୁବିଧା ଅସୁବିଧା, ଅଭିଯୋଗ ଶୁଣିବା ମନ୍ତ୍ରୀ ।

## ଉପ-ନିବନ୍ଧକ ନିଯୁକ୍ତି ଦାବି

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ଦୀର୍ଘଦିନ ହେବ ସବ୍‌ରେଜିଷ୍ଟର ନଥିବା ବେଳେ ଏହି ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟରେ କେତେକ ବାହାର ବ୍ୟକ୍ତିଙ୍କର ଦଣ୍ଡିଆଳି ଚାଲିଛି । ଏହି ବ୍ୟକ୍ତିମାନେ ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟରେ ପହଞ୍ଚି ନିଜକୁ ସର୍ବେସର୍ବା ବୋଲାଇ କାର୍ଯ୍ୟାଳୟରେ ବସି ରହୁଛନ୍ତି । ଯାହାଦ୍ୱାରା ଜନସାଧାରଣ ସେମାନଙ୍କର ଶୀକାର ହେଉଥିବା ଦେଖିବାକୁ ମିଳିଛି । ଉପ-ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଦୀର୍ଘଦିନ ହେବ ସବ୍‌ରେଜେଷ୍ଟ୍ରି ପଦବୀ ଖାଲି ଥିବା ବେଳେ ତୁରନ୍ତ ଉପ-ମୁଖ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେବାକୁ ଅନେକ ବ୍ୟକ୍ତି ଦାବି କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ଉପ-ନିବନ୍ଧକ କାର୍ଯ୍ୟାଳୟରେ ଦୀର୍ଘଦିନ ହେବ ଉପ-ନିବନ୍ଧକଙ୍କ ପଦବୀ ଖାଲି ପଡ଼ିଥିବା ବେଳେ ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ ଦାୟିତ୍ୱ ନିର୍ବାହ କରୁଛନ୍ତି । ସ୍ଥାୟୀ ଉପ-ନିବନ୍ଧକ ନିଯୁକ୍ତି ପାଇଁ ଦୀର୍ଘ ବର୍ଷ ହେବ ଦାବି ହେଉଥିଲେ ମଧ୍ୟ ଦାବି ପୂରଣ ହୋଇପାରୁ ନାହିଁ । ଏ ଦିଗରେ ଉପ-ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେଇ ଉପ-ନିବନ୍ଧକ ପଦବୀ ପୂରଣ କରିବା ପାଇଁ ନିମାପଡ଼ା ଅଂଚଳର ଜନସାଧାରଣ ଦାବୀ କରିଛନ୍ତି ।

## ଚାଷୀଙ୍କୁ ବର୍ଷା କ୍ଷତିପୂରଣ ଦେବେ ସରକାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଦିନିଆ ବର୍ଷା ଯୋଗୁଁ ଯେଉଁ ଚାଷୀ ମାନଙ୍କର କ୍ଷତି ହୋଇଛି ସେମାନଙ୍କୁ କ୍ଷତିପୂରଣ ଦେବେ ସରକାର । ଚାଷୀ ମାନେ ବିବ୍ରତ ହୁଅନ୍ତୁ ନାହିଁ ବୋଲି ଅପିଲ କରିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ତୁରନ୍ତ କ୍ଷୟକ୍ଷତି ଆକଳନ ପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ଓପିସିସି ପକ୍ଷରୁ ଡଃ ମନମୋହନ ସିଂହଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ବିଶିଷ୍ଟ ଅର୍ଥନୀତିଜ୍ଞ ତଥା କଂଗ୍ରେସ ଦଳର ବରିଷ୍ଠ ନେତା ଡଃ ମନମୋହନ ସିଂହଙ୍କ ବିୟୋଗରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା। ସର୍ବପ୍ରଥମେ ଡଃ ସିଂହଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ଜଣାଇ ବରିଷ୍ଠ କଂଗ୍ରେସ ନେତା ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ପଂଚାନନ କାନୁନ୍‌ଗୋ ଶିବାନନ୍ଦ ରାୟ, ଶରତ ରାଉତ ଓ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ନିଜ ବକ୍ତବ୍ୟରେ କହିଲେ ଯେ ସ୍ୱର୍ଗତ ମନମୋହନ ସିଂହ ଜଣେ ଉଚ୍ଚକୋଟିର ଅର୍ଥନୀତିଜ୍ଞ ଥିଲେ। ସେ ଭାରତର ପ୍ରଧାନମନ୍ତ୍ରୀ ଥିବା ସମୟରେ ଭାରତର ଅର୍ଥନୀତିକୁ ବ୍ୟବସ୍ଥିତ ଓ ସୁଦୃଢ଼ କରିଥିଲେ। ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା। ଏହି ଶୋକ ସଭାରେ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ରହି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଓମ୍ୱାଡସି ଓଭରସାଇଟ ଅଥରିଟିଙ୍କ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା



ବାରିପଦା (ଭାସ୍କର ନ୍ୟୁଜ): ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ଓଡିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମର (ଓମ୍ୱାଡିସି) ଓଭରସାଇଟ ଅଥରିଟି ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ ମୟୂରଭଞ୍ଜ ଜିଲ୍ଲା ୫ ଦିନିଆ ଗସ୍ତରେ ଆସି ଓମ୍ୱାଡସି ପାଣ୍ଠି ସହାୟତାରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର କ୍ଷେତ୍ରସ୍ତରୀୟ ଅନୁଧ୍ୟାନ କରିଛନ୍ତି । ଡିସେମ୍ବର ୨୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ଜଷ୍ଟିସ ପଟ୍ଟନାୟକ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସିଛନ୍ତି। ଗସ୍ତର ପ୍ରଥମ ଦୁଇ ଦିନରେ ଜିଲ୍ଲାର ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ଯାଇ ଓମ୍ୱାଡସି ସହାୟତାରେ ଚାଲିଥିବା ପ୍ରକଳ୍ପଗୁଡିକୁ ବୁଲି ଦେଖିବା ସହ ଏହାର ଅଗ୍ରଗତିକୁ ନେଇ ସେ ସନ୍ତୋଷ ପ୍ରକାଶ କରିଛନ୍ତି । ମୟୂରଭଞ୍ଜ ଜିଲ୍ଲାରେ ଓମ୍ୱାଡସି ପାଣ୍ଠି ସହାୟତାରେ ପ୍ରମୁଖ କ୍ଷେତ୍ରରେ ପ୍ରକଳ୍ପମାନ କାର୍ଯ୍ୟକାରୀ କରାଯାଉଛି ଏବଂ ଏହା ମଧ୍ୟରେ ମୁଖ୍ୟତଃ ପାନୀୟ ଜଳ, ଶିକ୍ଷା ଓ ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଅର୍ଥ ବିନିଯୋଗ କରାଯାଉଛି । ପ୍ରଥମ ଦିନରେ ଜଷ୍ଟିସ ପଟ୍ଟନାୟକ ତକତପୁର ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ ଓ ବିଶ୍ୱବିଦ୍ୟାଳୟକୁ ଯାଇ ସେଠାରେ ପିଜି ପରିଷଦ କୋଠା ନିର୍ମାଣ, ଡିସପେନସାରୀ ବିଲଡିଂ ନିର୍ମାଣ, ନୂତନ ଏକାଡେମିକ୍ କୋଠା ନିର୍ମାଣ ଏବଂ ଲାଇବ୍ରେରୀ ବିଲ୍ଡିଂର ସମୀକ୍ଷା କରିଥିଲେ ଏବଂ ବିଶ୍ୱବିଦ୍ୟାଳୟରେ ଶିକ୍ଷାଗତ ଭିତ୍ତିଭୂମି ବିକାଶ ବିଷୟରେ ଯାଞ୍ଚ କରିଥିଲେ। ସେଠାରେ ସେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ବିଷୟରେ ସେ ପ୍ରଧାପକଙ୍କ ଠାରୁ ପଚାରି ବୁଝିଛନ୍ତି । ସେହିପରି ଦ୍ୱିତୀୟ ଦିନ ଗସ୍ତରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଡ୍ରିଙ୍କ ଫ୍ରମ ଟ୍ୟାପ ମିଶନ ମାଧ୍ୟମରେ ଲୋକଙ୍କ ଦୁଆର ମୁହଁରେ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି । ଓମ୍ୱାଡସି ପାଣ୍ଠି ସହାୟତାରେ କରାଯାଇଥିବା ଏହି ପ୍ରକଳ୍ପ ଦ୍ୱାରା ଲୋକମାନେ କିପରି ଉପକୃତ ହେଉଛନ୍ତି ସେ ନେଇ ଓଭରସାଇଟ ଅଥରିଟି ହରୀସାହି, ୧୨ ନମ୍ବର ୱାର୍ଡକୁ ଯାଇ ନିଜେ ଅନୁଧ୍ୟାନ କରିଛନ୍ତି ଏବଂ ଉଦଳା ସ୍ଥିତ ମଲ୍ଟି ପ୍ରପୋଜ ଇନଡୋର ଷ୍ଟାଡିୟମ ପରିଦର୍ଶନ କରିଥିଲେ ଏବଂ କ୍ରୀଡା ଓ ବ୍ୟାୟାମ ପାଇଁ ଅତ୍ୟାଧୁନିକ କ୍ରୀଡା ସାମଗ୍ରୀ ବିଷୟରେ ଉପସ୍ଥିତ ଯୁବବର୍ଗଙ୍କୁ ପଚାରିଥିଲେ। ଜଷ୍ଟିସ ଶ୍ରୀ ପଟ୍ଟନାୟକ ଏହା ପରେ ବଡ଼ସାହି ଏବଂ ଗୋପବନ୍ଧୁ ନଗର ବ୍ଲକ ପରିଦର୍ଶନ କରି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ଜଳ ବିଶୋଧନାଗାର ଏବଂ ଇଣ୍ଟେକ ୱେଲ ଯାଞ୍ଚ କରିଥିଲେ ଏବଂ ଅଧିକାରୀ ଏବଂ ପ୍ରକଳ୍ପର ହିତାଧିକାରୀଙ୍କ ସହ ଜଷ୍ଟିସ ପଟ୍ଟନାୟକ କଥା ହୋଇ କାର୍ଯ୍ୟକ୍ରମର ସଫଳତା ବିଷୟରେ ପଚାରି ବୁଝିଛନ୍ତି । ଏଥିସହିତ ଉଦଳା, ବଡ଼ସାହି, ଗୋପବନ୍ଧୁ ନଗର ବ୍ଲକର ପ୍ରତ୍ୟେକ ପରିବାରକୁ ପାନୀୟ ଜଳ ଯୋଗାଇବା ପାଇଁ ସମସ୍ତ ଗ୍ରାମ ମେଗା ପାଇପ୍ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉଛି ବୋଲି ଜାଣି ଜଷ୍ଟିସ ଶ୍ରୀ ପଟ୍ଟନାୟକ ସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ବଡ଼ସାହି ଅଧିନସ୍ଥ ନୂଆଗାଁ ଗ୍ରାମ ପଞ୍ଚାୟତରେ ନିର୍ମାଣାଧୀନ ପ୍ରକଳ୍ପ ମଧ୍ୟରୁ ଗୋଟିଏରେ କାର୍ଯ୍ୟର ଅଗ୍ରଗତି ଯାଞ୍ଚ କରିଛନ୍ତି। ଅପରାହ୍ନରେ ସେ ସାମୁଖୁଣ୍ଟା ବ୍ଲକରେ କୃଷି ବିଜ୍ଞାନ କେନ୍ଦ୍ର (କେଭି କେ) ପରିଦର୍ଶନ କରି ଆଗ୍ରି-ଇନକ୍ୟୁବେସନ ଆଣ୍ଡ ଏଣ୍ଟରପ୍ରାଇଜର୍ସିପ୍ ଡେଭଲପମେଣ୍ଟ ପ୍ରୋଗ୍ରାମ, ଦକ୍ଷତା ବିକାଶ ଏବଂ କୃଷି ପ୍ରକ୍ରିୟାକରଣ ୟୁନିଟ୍ର କାର୍ଯ୍ୟ ପଦ୍ଧତି ଦେଖି ନିଜର ଖୁସି ବ୍ୟକ୍ତ କରିଥିଲେ। ପରେ ସେ ସେଠାରେ କୃଷି ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ଏବଂ ଆଗାମୀ ପ୍ରକଳ୍ପଗୁଡିକର ଦୃଷ୍ଟିକୋଣ ଏବଂ ମାର୍ଗ ବିଷୟରେ ଥିବା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ମତାମତ ନେଇଥିଲେ। ଏହି ପାଞ୍ଚଦିନିଆ ଗସ୍ତ ବେଳେ ଓମ୍ୱାଡସି ଓଭରସାଇଟ ଅଥରିଟି ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକଙ୍କ ସହ ଓମ୍ୱାଡସି ସିଇଓ ଜି ରାଜେଶ, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ମୟୂରଭଞ୍ଜ, ଧର୍ମାନନ୍ଦ ବେହେରା, ଜେନେରାଲ ମ୍ୟାନେଜର (ଅପରେସନ) ଜୟନ୍ତ କୁମାର ଦାସ, ସ୍ୱତନ୍ତ୍ର ଅଧିକାରୀ ଶେଖ ନଇମୁଦ୍ଦିନ ଏବଂ ଦ୍ୱିପାୟନ ପଟ୍ଟନାୟକ, ଜେନେରାଲ ମ୍ୟାନେଜର (ଅପରେସନ୍) ଜୟନ୍ତ କୁମାର ଦାଶ, ଖର, ଜଗନ୍ନାଥ ମିଶ୍ର, ଆଦିତ୍ୟ ପ୍ରଧାନ ଏବଂ ଟିମ୍ ଲିଡର ନିହାରକାନ୍ତ ସାହୁ ଏହି ଗସ୍ତ ସମୟରେ ଜଷ୍ଟିସ ଶ୍ରୀ ଏ.କେ ପଟ୍ଟନାୟକଙ୍କ ସହ ଯାଇଥିଲେ ଏବଂ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଛନ୍ତି ।ସୂଚନାନୁସାରେ ଜଷ୍ଟିସ ଶ୍ରୀ ପଟ୍ଟନାୟକଙ୍କ ମୟୂରଭଞ୍ଜ ଗସ୍ତ ୩୦ ଡିସେମ୍ବର ପର୍ଯ୍ୟନ୍ତ ଜାରି ରହିବ।

## ଓଡିଶାରେ ୪୦ ଲକ୍ଷରୁ ଅଧିକ ଭୂତ ରାସନ୍ କାର୍ଡ ଧାରୀ ଚିହ୍ନଟ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶାରେ ୪୦ ଲକ୍ଷରୁ ଅଧିକ ଭୂତ ରାସନ୍ କାର୍ଡ ଧାରୀ ଚିହ୍ନଟ ହୋଇଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପତ୍ର ଶୁକ୍ରବାର କହିଛନ୍ତି । ସେ କହିଛନ୍ତି ଯେ, ଇ-କେଓସି ପ୍ରକ୍ରିୟା ଦ୍ୱାରା ଚିହ୍ନଟ କରାଯାଇଛି ଯେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ୧ ଲକ୍ଷରୁ ୧.୫ ଲକ୍ଷ ଭୂତ ରାସନ୍ କାର୍ଡ ଧାରୀ ଅଛନ୍ତି। ଏପର୍ଯ୍ୟନ୍ତ, ମୋଟ ୪୦ ଲକ୍ଷରୁ ଅଧିକ ଭୂତ ରାସନ୍ କାର୍ଡ ଧାରୀ ଚିହ୍ନଟ ହୋଇଛନ୍ତି । ସେ କହିଛନ୍ତି ଯେ, ଇ-କେଓସି ପ୍ରକ୍ରିୟା ଚାଲିଛି ଏବଂ ଏହି ପ୍ରକ୍ରିୟା ସମାପ୍ତ ହେବାକୁ କିଛି ଦିନ ଲାଗିବ । ଉଲ୍ଲେଖନୀୟ ଯେ. ଓଡିଶାରେ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ଲାଭଭୋଗୀଙ୍କ ତାଲିକାକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ପାଇଁ ୨୦୨୪-୨୫ ରେ ଆଧାର ଆଧାରିତ ଇ କେଓ୍ୱାଇସି ଯାଞ୍ଚ କରାଯାଇଛି ।



ଧାମନଗର, (ଭାସ୍କର ନ୍ୟୁଜ): ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀ ଷ୍ଟେଟ ବ୍ୟାଙ୍କ ସମ୍ମୁଖ ପଡ଼ିଆରେ ଧୂଷୁରୀ ପ୍ରିମିୟମ ଲିଗ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଧୂଷୁରୀ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ୍, ସମିତି ସଭ୍ୟ ଭାରତ ବିଜୟ ଦଳାଇ, ଯୁବନେତା ପ୍ରକାଶ ବେହେରା, ଧୂଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦୀପ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଥମେ ଏନପିଏମଓ୍ୱାଇସି ପଲାସାହି, ଏମକେସିସି କଲେଇ ଏବଂ ବେଷ୍ଟ ଇଲେଭେନ୍ ଧାମନଗର, ଇସଲାମିଆ କାଟିଆ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇ କ୍ୱାଟର ଫାଇନାଲରେ ପଲାସାହି ଓ ଧାମନଗର ଖେଳିଥିଲେ। ଅପରାହ୍ନରେ କ୍ୱାଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେଇଥିଲା। ଧାମନଗର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଧାମନଗର ପ୍ରଥମେ ବ୍ୟାଟିଂ କରି ଆଠ ଓଭରରେ ଆଠ ଉଇକେଟ ହରାଇ ୧୦୧ ରନ ସଂଗ୍ରହ କରିଥିଲେ। ଏଥିରେ ଓମ ୨୮ରନ କରିଥିଲେ। ଜବାବରେ ପଲାସାହି ୫ ଉଇକେଟ ହରାଇ ଆଠ ଓଭରରେ ୯୪ରନ କରି ପରାସ୍ତ ହୋଇଥଲା। ଧାମନଗର ବିଜୟ ଲାଭ କରି ସେମି ଫାଇନାଲକୁ ଉନ୍ନୀତ ହୋଇଥିଲା। ଅମ୍ପାୟାର ଭାବେ ସନ୍ଦିପ ରଣା ଓ ସଞ୍ଜୟ ରଣା, ସ୍କୋରର ଭାବେ ସୁନ୍ଦର ଲାଲ ମାଝି, ଦିବ୍ୟରଞ୍ଜନ ସ୍ୱାଇଁ, ଶାନ୍ତନୁ ସାହୁ ଏବଂ ଭାସ୍ୟକାର ଭାବେ ସରୋଜ ରାଉତ କାର୍ଯ୍ୟ କରିଥିଲେ।

## ବ୍ୟବସାୟୀଙ୍କ ପରଲୋକ



କାକଟପୁର,(ଭାସ୍କର ନ୍ୟୁଜ୍): କାକଟପୁର ଥାନା ଅଧିନସ୍ଥ ଓଥକା ଗ୍ରାମର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ କନିଷ୍ଠ ଭ୍ରାତା ବେଣୁଧର ସ୍ୱାଇଁ, ବଂଶୀଧର ସ୍ୱାଇଁ, ଝିଅ, ଜ୍ୱାଇଁ, ନାତିନାତୁଣୀ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ସ୍ୱର୍ଗତ ସ୍ୱାଇଁ ଜଣେ ବନ୍ଧୁବତ୍ସଳ, ମିଷ୍ଟଭାଷୀ, ପରୋପକାରୀ, ଅତ୍ୟନ୍ତ ମେଳାପୀ ସ୍ୱଭାବର ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କର ପାର୍ଥିବ ଶରୀରକୁ ପୁରୀ ସ୍ଥିତ ବାସଭବନକୁ ଅଣାଯିବା ପରେ ବହୁ ରାଜନେତା, ସାମ୍ବାଦିକ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଶେଷଦର୍ଶନ କରିଥିଲେ। ତାଙ୍କର ମରଶରୀରକୁ ଏକ ବିରାଟ ପଟୁଆରରେ ନିଆଯାଇ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରାଯାଇଥିଲା। କନିଷ୍ଠ ଭ୍ରାତା ବଂଶୀଧର ମୁଖାଗ୍ନି ଦେଇଥିବା ବେଳେ ପରିବାର ବର୍ଗ, ଶୁଭେଚ୍ଛୁ, ବନ୍ଧୁ, ପରିଜନମାନେ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଦୁଃଖପ୍ରକାଶ କରିଛନ୍ତି।

## ବେଆଇନ ପାର୍କିଂ ଯୋଗୁଁ ଦୁର୍ଘଟଣା



କେନ୍ଦୁଝର, (ଭାସ୍କର ନ୍ୟୁଜ): ଜାତୀୟ ରାଜପଥ ୨୦ଅନ୍ତର୍ଗତ ହୁଣ୍ଡୁଳାରେ ବେଆଇନ ଭାରୀଯାନ ପାର୍କିଂ ଯୋଗୁଁ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଗତକାଲି ବିଳମ୍ବିତ ରାତିରେ ଏକ କଞ୍ଜୁମର ଡିଜେଲ ପମ୍ପ ସମ୍ମୁଖରେ ଛିଡ଼ା ହୋଇଥିବା ଏକ ଆଇରନ ବୋଝେଇ ଟ୍ରକକୁ ପଛପଟୁ ଆଉ ଏକ ଟ୍ରକ ଧକ୍କା ଦେବାରୁ ଗାଡ଼ିଚାଳକ ଗୁରୁତର ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ସିଜେ ଡାରସେଲ ଲଜିଷ୍ଟିକ ଲିଃ କଞ୍ଜୁମର ଡିଜେଲ ପମ୍ପ ସମ୍ମୁଖରେ ଗାଡି ଭଡ଼ା ଚାଲାଣ ପାଇଁ ଅଟକିଥିବା ଏକ ଟ୍ରକକୁ ପଛପଟୁ ଆଉ ଏକ ଟ୍ରକ ଧକ୍କା ଦେଇଥିଲା। ଉକ୍ତ ସ୍ଥାନରେ ଗାଡ଼ି ଚାଲାଣ ପାଇଁ ନିୟମିତ ଭାବେ ଭାରୀଯାନ ଘଣ୍ଟା ଘଣ୍ଟା ଧରି ଅଟକି ରହୁଥିବାରୁ ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି। ହୁଣ୍ଡୁଳାରେ ବହୁ ସଂଖ୍ୟାରେ କଞ୍ଜୁମର ଡିଜେଲ ଏବଂ ପେଟ୍ରୋଲ ପମ୍ପ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ଅନୁମତି ଦେଉଥିବାରୁ ରାଜପଥ ଉପରେ ବହୁ ସଂଖ୍ୟାରେ ଟ୍ରକ ଜାତୀୟ ରାଜପଥ ଉପରେ ପାର୍କିଂ କରୁଛନ୍ତି। ପେଟ୍ରୋଲ ପମ୍ପରୁ ଜାତୀୟ ରାଜପଥ କୁ ସଂଯୋଗ କରୁଥିବା ସର୍ଭିସ ରୋଡ଼ ସଠିକ ଭାବେ ନିର୍ମାଣ ନ ହୋଇ ପମ୍ପ ଚାଲିଛି। ଏନ୍‌ଏଚ୍‌ଏଆଇ ଏସବୁ ଦିଗ ପ୍ରତି ଅଣଦେଖା କରି ପେଟ୍ରୋଲ ଏବଂ କଞ୍ଜୁମର ଡିଜେଲ ପମ୍ପକୁ ଅନୁମତି ପ୍ରଦାନ କରୁଛି। ଫଳରେ ଏହି କାରଣରୁ ଜାତୀୟ ରାଜପଥ ଖରାପ ହେବା ସହ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ ପାର୍ଶ୍ୱରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ଯାତାୟତରେ ସମସ୍ୟା ସୃଷ୍ଟି କରୁଥିବା ବେଳେ ଧୂଳି ଉଡ଼ି ବାୟୁ ପ୍ରଦୂଷଣ ସୃଷ୍ଟି କରୁଛି। ପୂର୍ବରୁ ସିଜେ ଡାରସେଲ କଞ୍ଜୁମର ଡିଜେଲ ପମ୍ପ ସର୍ଭିସ ରୋଡ଼ ଖରାପ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଏବଂ ରାସ୍ତା ଖରାପ ହେଉଥିବା ଅଭିଯୋଗ ହେବା ପରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ବନ୍ଦ କରିବା ପାଇଁ ନୋଟିସ କରାଯାଇଥିଲା। ତେବେ ଏନ୍‌ଏଚ୍‌ଏଆଇର ନିର୍ଦ୍ଦେଶକୁ ବେଖାତିର କରି ଉକ୍ତ ସଂସ୍ଥା ବ୍ୟବସାୟ କରୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଜାତୀୟ ରାଜପଥ ୨୦ ଏବଂ ଜାତୀୟ ରାଜପଥ ୪୯ର ଉପରେ ରାସ୍ତାକୁ ଅବରୋଧ କଲାଭଳି ଅନେକ ସ୍ଥାନରେ ଭାରୀଯାନ ଗୁଡ଼ିକ ଅଟକି ରହୁଛନ୍ତି। ଫଳରେ ରାସ୍ତାରେ ସବୁବେଳେ ଦୁର୍ଘଟଣା ସମ୍ଭାବନା ରହୁଛି। ବିନା କାରଣରେ ଗାଡ଼ିଗୁଡିକ ରାସ୍ତାକୁ ଲାଗି ଘଣ୍ଟାଘଣ୍ଟା ଛିଡ଼ା କରିବା କାରଣରୁ ବାଟୋଇମାନଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ଦୁର୍ଘଟଣା ଏବଂ ଦୁର୍ଘଟଣା ଜନିତ ମୃତାହତଙ୍କ ସଂଖ୍ୟା ବୃଦ୍ଧି କାରଣରୁ କେନ୍ଦୁଝର ଜିଲ୍ଲା ସବୁବେଳେ ଚର୍ଚ୍ଚାରେ ରହୁଛି। ଜିଲ୍ଲାର ଦୁର୍ଘଟଣା ସଂଖ୍ୟା କମିବା ବଦଳରେ ବଢ଼ିବଢ଼ି ଚାଲିଛି। ଜିଲ୍ଲା ପ୍ରଶାସନ ଦୁର୍ଘଟଣା କମାଇବାକୁ ସଚେତନତା କାର୍ଯ୍ୟକ୍ରମ କରୁଛି। କିନ୍ତୁ ଏକଥାକୁ କେହି କାମରେ ଲଗାଉଥିବା ଭଳି ଜଣାପଡୁ ନାହିଁ। ଜାତୀୟ ରାଜପଥ ପ୍ରାଧିକରଣ, ପୁଲିସ ପ୍ରଶାସନ ଏବଂ ପରିବହନ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେଲେ ଦୁର୍ଘଟଣା ସଂଖ୍ୟା କମିବା ବଦଳରେ ବୃଦ୍ଧି ହେବା ଆଶଙ୍କାକୁ ଏଡ଼ାଇଦେଇ ହେବନାହିଁ। ଏ ସମ୍ପର୍କରେ ଏନ୍‌ଏଚ୍‌ଏଆଇ ମ୍ୟାନେଜର ଟେକ୍ନିକାଲ ପୁନିତ ଖାନ୍ନାଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସଦର ଥାନା ଆଇଆଇସି ଅମିତ କୁମାର ଭୂୟାଁଙ୍କ ସହ ଯୋଗଯୋଗ କରିବାରୁ ଗାଡ଼ି ଭଡ଼ା ଚାଲାଣ ଦେଉଥିବା ଟ୍ରାନ୍ସପୋର୍ଟର ଏବଂ କଞ୍ଜୁମର ପମ୍ପ ମାଲିକ ବିରୁଦ୍ଧରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଥିଲେ।

## ଯୌତୁକ ଜୁଇରେ ନବବଧୂ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ କଣ୍ଟାପଡା ଗ୍ରାମରେ ଜଣେ ନବବଧୂଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ଓ ଶ୍ୱଶୁରକୁ ଗିରଫ କରିଛି ପୁଲିସ। ଅଭିଯୋଗ ମୁତାବକ, ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଙ୍କୁଅ ଗ୍ରାମର ପ୍ରତାପ ମହାରଣାଙ୍କ ଝିଅ ଦୀପଶିଖା ମହାରଣା (୨୪)ଙ୍କୁ କଣ୍ଟାପଡ଼ା ଗ୍ରାମର ନବଘନ ଓଝାଙ୍କ ପୁଅ ରାଜେଶ ଓଝାଙ୍କୁ ଫେବୃଆରୀ ୧୪, ୨୦୨୪ମସିହାରେ ବୈଦିକ ରୀତିରେ ବିବାହ କରିଥିଲେ। ଏହି ସମୟରେ ବରପକ୍ଷ ଦାବୀ ମୁତାବକ ୭୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ସହ ସୁନା ଅଳଙ୍କାର ଓ ଘରକରଣା ସାମଗ୍ରୀ ଯୌତୁକ ଆକାରରେ ଦିଆଯାଇଥିଲା ବୋଲି ଦୀପଶିଖାଙ୍କ ପରିବାର ଲୋକ କହିଛନ୍ତି। ବିବାହ ପରେ ୪ ମାସ ଝିଅ ଭଲରେ ଚଳିଥିଲା। ଏହା ପରେ ସ୍ୱାମୀ ରାଜେଶ ସମେତ ଶାଶୂଘର ଲୋକମାନେ ଅଧିକ କିଛି ଟଙ୍କା ଯୌତୁକ ଆଣିବା ପାଇଁ ଦାବୀ କରି ଝିଅକୁ ଗାଳିଗୁଲଜ କରିବା ସହ ଅକଥନିୟ ଅତ୍ୟାଚାର କରୁଥିଲେ। ଟଙ୍କା ଯୌତୁକ ନ ଆଣିଲେ ଜୀବନରୁ ମାରିଦେବାକୁ ସେମାନେ ଧମକ ଦେଇଥିଲେ ବୋଲି ଥାନାରେ ଅଭିଯୋଗ କରିଛନ୍ତି ମୃତ ଦୀପଶିଖାଙ୍କ ପରିବାର ଲୋକେ। ଗୁରୁବାର ଅପରାହ୍ନ ୩ଘଟିକାରେ ଝିଅର ପରିବାର ଲୋକ ଏ ସମ୍ବନ୍ଧରେ ଖବର ପାଇଥିଲେ। ଖବର ପାଇ ଅପରାହ୍ନ ୪ଘଟିକାରେ ବାପଘର ଲୋକେ ସେଠାରେ ପହଞ୍ଚି ଦେଖିଥିଲେ ଖଟ ଉପରେ ଝିଅ ମୃତ ଅବସ୍ଥାରେ ପଡ଼ିରହିଛି। ଝିଅ ଦୀପଶିଖା ୮ ମାସର ଗର୍ଭବତୀ ଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ପୋଲିସ ପଚାରିବାରେ ଶାଶୂଘର ଲୋକେ କହୁଛନ୍ତି ଦୀପଶିଖା ନିଜେ ଆତ୍ମହତ୍ୟା କରିଛନ୍ତି। ତେବେ ଏହା ଆତ୍ମହତ୍ୟା ନୁହେଁ ବରଂ ଶାଶୂଘର ଲୋକମାନେ ମିଳିମିଶି ଝିଅକୁ ମାରିଦେଇଛନ୍ତି ବୋଲି ଅସ୍ତରଙ୍ଗ ଥାନାରେ ଦୀପଶିଖାଙ୍କ ବାପା ଅଭିଯୋଗ ଏତଲାରେ ଦର୍ଶାଇଛନ୍ତି। ଖବର ପାଇ ପୁଲିସ କଣ୍ଟାପଡ଼ା ଗାଁରେ ପହଞ୍ଚିବା ପରେ ସ୍ୱାମୀ ରାଜେଶ ଓଝା ଓ ଶଶୁର ନବଘନ ଓଝାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ପରେ ଅସ୍ତରଙ୍ଗ ଥାନା କେଶ ନମ୍ବର ୨୬୪/୨୪ରେ ସ୍ୱାମୀ ରାଜେଶ ଓଝା, ଶଶୁର ନବଘନ ଓଝା ଓ ଶାଶୁ କୁନିଲତା ଓଝାଙ୍କ ନାଁରେ ମାମଲା ରୁଜୁ କରି ସ୍ୱାମୀ ଓ ଶଶୁରଙ୍କୁ ଶୁକ୍ରବାର ଅପରାହ୍ନରେ ଅସ୍ତରଙ୍ଗ ଥାନା ପୋଲିସ କୋର୍ଟ ଚାଲାଣ କରାଯାଇଛି। ବାହାଘରକୁ ଗୋଟିଏ ବର୍ଷ ବି ପୁରିଲାନି। ଛାତିରେ ପଥର ରଖି ବାପା ସେ ଦିନ ପରଘରକୁ ନିଜ ଅଲିଅଳି ଝିଅକୁ ଛାଡ଼ିଦେଇ ଆସିଥିଲେ। ମଥାରେ ସିନ୍ଦୁର ହାତରେ ଶଙ୍ଖା ନାଇଁ ସଜେଇହୋଇ ଦୀପଶିଖାକୁ ରାଜେଶ ସେ ଦିନ ପିନ୍ଧାଇଥିଲେ ବରଣମାଳା। ନୂଆ ସ୍ୱପ୍ନକୁ ନେଇ ନୂଆ ସଂସାର ଆରମ୍ଭ କରୁଥିବା ବେଳେ ତାଙ୍କ ଜୀବନକୁ ଧସେଇ ପଶିଥିଲା ଯୌତୁକ ରୂପି ରାକ୍ଷାସ ଯିଏ କି ସବୁ ସାରିଦେଲା। ଏହି ନବବିବାହିତା ବୋହୂର ସୁନେଲି ସ୍ୱପ୍ନ ଅଧାରେ ରହିଗଲା। କାହ୍ନରୁ ୨ଜଣଙ୍କ ନାଁ ମଧ୍ୟ ଲିଭିନାହିଁ। କିନ୍ତୁ ଲିଭିଗଲା ଦୀପଶିଖାଙ୍କ ଜୀବନ ଦୀପ। ବର୍ତ୍ତମାନ ସମୟରେ ଏହି ନୂଆ ବୋହୂଟିର ଲାଜ ମିଶା ହସ ସବୁଦିନ ପାଇଁ ଦୁନିଆରୁ ହଜିଯାଇଛି।

## ବସନ୍ତ ମହାନ୍ତିଙ୍କ ଦେହାବସାନ



ଭଦ୍ରକ, (ଭାସ୍କର ନ୍ୟୁଜ): ଭଦ୍ରକର ବିଶିଷ୍ଟ ବୁଦ୍ଧିଜୀବୀ, ସରକାରୀ ଓକିଲ ଭାବେ ବେଶ୍ କିଛିବର୍ଷ କାର୍ଯ୍ୟ କରି ଆସିଥିବା ବସନ୍ତ ମହାନ୍ତି ଇହଲୀଳା ସମ୍ବରଣ କରିଛନ୍ତି। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ସହକାରୀ ଜିଲ୍ଲାପାଳ, ନ୍ୟାୟିକ କାର୍ତ୍ତିକ ନାଥ ମଣ୍ଡଳ ତାଙ୍କ ବାସଭବନକୁ ଯାଇ ସ୍ୱର୍ଗତ ମହାନ୍ତିଙ୍କୁ ଶେଷଦର୍ଶନ କରିବା ସହିତ ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଶୋକପ୍ରକାଶ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ବିୟୋଗ ପାଇଁ ସମ୍ମାନ ପ୍ରଦର୍ଶନ ପୂର୍ବକ ୨୭.୧୨.୨୪ ଶୁକ୍ରବାର ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାପାଳଙ୍କ କୋର୍ଟକୁ ଜିଲ୍ଲାପାଳ ବାତିଲ କରିଛନ୍ତି।

## ଡ. ମନମୋହନଙ୍କ ବିୟୋଗରେ କଂଗ୍ରେସର ଶୋକସଭା




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଭାରତରେ ଆର୍ଥିକ ସଂସ୍କାରର ପ୍ରମୁଖ ବିନ୍ଧାଣି, ବିଶିଷ୍ଟ ଅର୍ଥନୀତିଜ୍ଞ, ପୂର୍ବତନ କେନ୍ଦ୍ର ଅର୍ଥ ସଚିବ, କେନ୍ଦ୍ର ଯୋଜନା ବୋର୍ଡ଼ର ଉପାଧ୍ୟକ୍ଷ, ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଗଭର୍ଣ୍ଣର ତଥା ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହ ଗତକାଲି ନୂଆଦିଲ୍ଲୀ ସ୍ଥିତ ଏମ୍ସ ହସ୍ପିଟାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତ। ତାଙ୍କର ୯୨ ବର୍ଷରେ ଦେହାନ୍ତ ଘଟିଲା। ଡ. ସିଂହଙ୍କ ବିୟୋଗରେ ଶୁକ୍ରବାର ସ୍ଥାନୀୟ କଂଗ୍ରେସ ଭବନରେ କେନ୍ଦୁଝର ଜିଲ୍ଲା ଯୁବ କଂଗ୍ରେସ କମିଟି ତରଫରୁ ଜିଲ୍ଲା ସଭାପତି ସୁନେଶ ଧୀରଙ୍କ ସଭାପତିତ୍ୱରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ମନମୋହନଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା ପରେ ସ୍ମୃତିଚାରଣ କରାଯାଇଥିଲା। ଡ. ମନମୋହନ ସିଂହଙ୍କ ବିୟୋଗରେ ସମଗ୍ର ଦେଶରେ ଗଭୀର ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ଡ. ସିଂହ କଂଗ୍ରେସ ଦଳର ଦୁଇଥର ଭାରତର ପ୍ରଧାନମନ୍ତ୍ରୀ ଥିଲେ। ସେ ଆମେରିକା ସହିତ ଆଣବିକ ଚୁକ୍ତି କରି ଚର୍ଚ୍ଚାରେ ଥିଲେ। ମନରେଗା, ସୂଚନା ଅଧିକାର, ଖାଦ୍ୟ ସେ ଶାନ୍ତି ଓ ସମର୍ପିତ ନେତୃତ୍ୱର ଥିଲେ ବଡ଼ ଚେହେରା। ସେ ପ୍ରଧାନମନ୍ତ୍ରୀ ଭାବେ ଗ୍ରାମୀଣ ଦାରିଦ୍ର ଏବଂ ବେକାରୀ ସମସ୍ୟା ଦୂର କରିବା ପାଇଁ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଆଇନ ସହିତ ବହୁ ବିକାଶମୂଳକ କାର୍ଯ୍ୟ କରିଛନ୍ତି। ଶୁକ୍ରବାର ଆୟୋଜିତ ଶୋକସଭାରେ ରାଜ୍ୟ କଂଗ୍ରେସ ସମ୍ପାଦକ ସଂଗ୍ରାମ ଦାସ, ରାଜ୍ୟ ମହିଳା କଂଗ୍ରେସ ଉପ ସଭାନେତ୍ରୀ ସଂଗୀତା ସିଂହ, ପୂର୍ବତନ ବିଧାୟକ ଇଂ ସୁବର୍ଣ୍ଣ ନାୟକ, ପିସିସି ସଦସ୍ୟ ଲଳିତ ମୋହନ ନାୟକ, ଜିଲ୍ଲା କଂଗ୍ରେସ ମିଡ଼ିଆ ଅଧ୍ୟକ୍ଷ ଦିଲୀପ କୁମାର ସାହୁ, ଜିଲ୍ଲା କଂଗ୍ରେସ ଆଇନ ସେଲ ଅଧ୍ୟକ୍ଷ ସୁରଜିତ ଦାସ, ସଦର ବିଧାନସଭା ଯୁବ କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ରାଉତ, ସଦର ବ୍ଲକ୍ କଂଗ୍ରେସ ସଭାପତି ଉତ୍ତମ କୁମାର ସାହୁ, ଜିଲ୍ଲା କଂଗ୍ରେସ ସୋସିଆଲ ମିଡ଼ିଆ ସଭାପତି ସୁଜଳ କୁମାର ସେଠି, କଂଗ୍ରେସ ନେତା ରତ୍ନାକର ଜେନା, ରଘୁନାଥ ପାତ୍ର, ଯୁବ କଂଗ୍ରେସ ନେତା ଅମିତ କୁମାର ରାଉତ, ସୁନୀଲ କୁମାର ମୁଣ୍ଡା, ସୁକୁମାର ପାଣିଗ୍ରାହୀ, ସଞ୍ଜୟ ନାଏକ ଓ ସୌମ୍ୟରଞ୍ଜନ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା କଂଗେସ ଭବନ ଠାରେ ଶୋକସଭା




ମାଲକାନାଗିରି, (ଭାସ୍କର ନ୍ୟୁଜ): ଜିଲ୍ଲା କଂଗ୍ରେସ କମିଟି ଶୁକ୍ରବାର ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମନୋମହନ ସିଂଙ୍କ ଅମର ଆତ୍ମାର ସଦଗତି କାମନା ନିମନ୍ତେ ଏକ ଶୋକସଭା ଜିଲ୍ଲା କଂଗ୍ରେସ ଭବନ ଠାରେ ପାଳନ କରିଥିଲେ। ଏଥିରେ ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ଜି.ଶ୍ରୀନିବାସ ରାଓ, ପଦ୍ମ ପାଙ୍ଗି, ପର୍ଶୁରାମ ଭକ୍ତ, ଡି. ନୀଳକଣ୍ଠ ରାଓ, ପ୍ରାଣକୃଷ୍ଣ ମଣ୍ଡଳ ପ୍ରମୁଖଙ୍କ ସହ ଅନେକ କର୍ମୀ ମିଶି ପ୍ରଥମେ ୨ ମିନିଟ ନୀରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳିରେ ସାମିଲ ହୋଇଥିଲେ। ଏହି ଅବସରରେ ସଭାପତି ଗୋବିନ୍ଦ ପାତ୍ର ବିଗତ ଦିନର ଅର୍ଥନୀତିକୁ ବଜାୟ ରଖିବାରେ ଅତୁଳନୀୟ ଅବଦାନକୁ ଭାରତ କେବେ ମଧ୍ୟ ଭୁଲିପାରିବ ନାହିଁ ବୋଲି ଆଲୋଚନା କରିବା ସହ ସ୍ମୃତିଚାରଣ କରିଥିଲେ।

## ସୁନାକର ଦାଶଙ୍କ ପରଲୋକ



କଣ୍ଟାପଡା, (ଭାସ୍କର ନ୍ୟୁଜ୍): ଗୋବିନ୍ଦ ପୁରର ପୂର୍ବତନ ସରପଞ୍ଚଙ୍କ ଦାଦା ତଥା ଗୋବିନ୍ଦପୁର ଅଞ୍ଚଳର ବରିଷ୍ଠ ନାଗରିକ ସୁନାକର ଦାସଙ୍କର ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦାଶଙ୍କ ପରଲୋକ ଖବର ପ୍ରସାରିତ ହେବା ପରେ ଗୋବିନ୍ଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ରାଇରଙ୍ଗପୁରରେ ପୂର୍ତ୍ତ ବିଭାଗରେ ୩୦ବର୍ଷରୁ ଊର୍ଦ୍ଧ୍ୱ କାଳ ଚାକିରୀ କରି ଦକ୍ଷତାର ପରିଚୟ ଦେଇଛନ୍ତି। ସେ ଶାନ୍ତ, ସରଳ, ପରୋପକାରୀ ଓ ଆଧ୍ୟାତ୍ମିକ ପ୍ରେମୀ ରୂପେ ପରିଚିତ। ସେ ଗୋବିନ୍ଦପୁର ଅଞ୍ଚଳରେ ବିଭିନ୍ନ ପୂଜା ଅନୁଷ୍ଠାନ ସହିତ ନଦୀକୂଳ ହନୁମାନ ମନ୍ଦିର ନିର୍ମାଣରେ ସାମିଲ ହୋଇଥିଲେ। ସୁନାକର ବାବୁଙ୍କ ପରଲୋକରେ ବରିଷ୍ଠ ନାଗରିକ ସଂଘ, ପୂର୍ତ୍ତ ବିଭାଗର କର୍ମଚାରୀ ଓ ଅନ୍ୟାନ୍ୟ ବହୁ ଅନୁଷ୍ଠାନ ଗଭୀର ଶୋକ ପ୍ରକାଶ କରିଛନ୍ତି। ଆଜି ଏକାଦଶାହରେ ବ୍ରାହ୍ମଣ ଭୋଜନ ସହ ପରିବାରକୁ ସମବେଦନା ଜଣାଇଛନ୍ତି।

## ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ



ବୋଲଗଡ, (ଭାସ୍କର ନ୍ୟୁଜ): ବେଗୁନିଆ ସଦର ମହକୁମା ସ୍ଥିତ ବିଜୁପଟ୍ଟନାୟକ ଟାଉନ ହଲ ପରିସରରେ ବିଜେଡ଼ି ଦଳର ୨୮ତମ ପ୍ରତିଷ୍ଠା ଦିବସ ପାଳନ ହୋଇଛି। ଏଥିରେ ବୋଲଗଡ଼ ବ୍ଲକ୍ ବିଜେଡ଼ି ସଭାପତି ବାନାମ୍ବର ମାଝୀଙ୍କ ଅଧ୍ୟକ୍ଷତାରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି, ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା, ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ହୁଲାସ ପ୍ରଧାନ, ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର, ରମେଶ ସାହୁ, ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ଶୁଭେନ୍ଦୁ ସାହୁ ସମେତ ସମିତିସଭ୍ୟ ଓ ଦଳୀୟ କର୍ମୀମାନେ ଯୋଗଦେଇ ରାଜ୍ୟରେ ବିଜେଡ଼ି ଦଳ ପରାଜୟ ବରଣ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଦଳ ପ୍ରତି ତଥା ଓଡ଼ିଶାର ଲୋକପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ପ୍ରତି ଜନସମ୍ପର୍କ ଅତୁଟ ରହିଛି ବୋଲି ମତ ପ୍ରକାଶ କରିଥିଲେ। ଦୀର୍ଘ ୨୪ବର୍ଷରୁ ଊର୍ଦ୍ଧ୍ୱ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିରଙ୍କୁଶ ଭାବେ ସୁଶାସନ ଦେଇ ଓଡିଶାବାସୀଙ୍କ ସେବାରେ ସର୍ବଦା ଆଗରେ ରହି ଭରସା ଓ ବିଶ୍ୱାସକୁ ପାଥେୟ କରି ଜନସାଧାରଣଙ୍କ ସମର୍ଥନ ରହିଛି। ଆଜିର ପ୍ରତିଷ୍ଠା ଦିବସରେ ସମସ୍ତେ ଏକତ୍ରୀତ ହୋଇ ଦଳକୁ ଦୃଢ଼ ଭାବେ ମଜବୁତ କରିବା ସହ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି ଦଳକୁ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଉପଯୁକ୍ତ ଶିକ୍ଷା ଦେବା ପାଇଁ ବିଧାୟକ ସାହୁ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ସଭାର ପ୍ରାରମ୍ଭରେ ବିଜୁ ପଟ୍ଟନାୟକ ମିନି ପାର୍କ ପରିସରରେ ଥିବା କିମ୍ବଦନ୍ତୀ ପୁରୁଷ ତଥା ଝଡ଼ର ଇଗଲ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଏକ ବିରାଟ ପଦଯାତ୍ରା କରି ସଭାଗୃହକୁ ଆସିଥିଲେ।

## ୧୯୯୬ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ



କାକଟପୁର, (ଭାସ୍କର ନ୍ୟୁଜ): ବିପଦ ସମୟରେ ଯିଏ ପାଖରେ ଛିଡ଼ା ହୋଇଥାଏ ସେହି ପ୍ରକୃତ ବନ୍ଧୁ। ସେହିଭଳି ବନ୍ଧୁର ମହତ୍ୱକୁ ଆହୁରି ନିବିଡ଼ କରିବା ପାଇଁ ସରକାରୀ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟର ପିପିଲି ୧୯୯୬ ମସିହା ବ୍ୟାଚର ସବୁଠୁ 'ନିଆରା ଆମ ସାଙ୍ଗ ଗ୍ରୁପ' ସହପାଠୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରାମଚଣ୍ଡୀ ପୀଠ, କୋଣାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅସ୍ତରଙ୍ଗ, କାକଟପୁର, କୋଣାର୍କ, ଗୋପ, ନୟାହାଟ, ଚାରିଛକ, ନିମାପଡ଼ା ପିପିଲି ସମେତ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ସହପାଠୀ ମାନେ ସପରିବାରେ ଯୋଗଦେଇ ନିଜ ନିଜ ମଧ୍ୟରେ ଭାବର ଆଦାନପ୍ରଦାନ କରିବା ସହ ପୁରୁଣା ଦିନର ଅଭୁଲା ସ୍ମୃତିର ରୋମନ୍ଥନ କରିଥିଲେ। ପ୍ରଥମେ ଯେଉଁ ବନ୍ଧୁମାନଙ୍କର ନିଧନ ହୋଇଛି ସେମାନଙ୍କ ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେପରେ ନିଜ ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ନିନାବାଳା ମହାନ୍ତି ଓ ଭକ୍ତଚରଣ ସୁତାରଙ୍କ କଳାକୃତି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ଅବସରରେ ସେ ସମୟର ଶିକ୍ଷକ ବିପିନୀ ବିହାରୀ ମହାନ୍ତି ଯୋଗଦେଇ ଆଗାମୀ ଦିନମାନଙ୍କରେ ସମାଜ ଓ ଦେଶ ପାଇଁ ନିଜକୁ ସାମିଲ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ପ୍ରତିବର୍ଷ ଏହିପରି ବନ୍ଧୁମିଳନ କାର୍ଯ୍ୟକ୍ରମ ଜାରି ରଖିବାକୁ ସବୁ ବନ୍ଧୁମାନେ ମତପ୍ରକାଶ କରିବା ସହିତ ସ୍କୁଲର ଆଲମୁନି ସଭ୍ୟ ହେବାପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୟ ନାୟକ, ସୁଧାଂଶୁ ନାୟକ, ପୁରୁଷୋତ୍ତମ ତ୍ରିପାଠୀ, ହରିଶ ଚନ୍ଦ୍ର ଦଳାଇ, ଶିଲୁ ମଙ୍ଗରାଜ ବୀଣାପାଣି ସ୍ୱାଇଁ, ରାଜଶ୍ରୀ ନାୟକ ଓ ଅମୀୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ଶିବଦତ୍ତ ନାୟକ ଧନ୍ୟବାଦ ଅର୍ପଣ କରି ଏବର୍ଷର ବନ୍ଧୁମିଳନ କାର୍ଯ୍ୟକ୍ରମ ସମାପ୍ତ କରିଥିଲେ।

## ବେତନଟୀ ପ୍ରିମିୟର ଲିଗ୍:ଫାଇନାଲରେ ବାହାନଡା ଟାଇଗର

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ କ୍ରିକେଟ କ୍ଲବ୍ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ୍ ସିଜିନ -୧୧ର ଦଶମ ଦିନରେ ପ୍ରଥମ କ୍ୱାଲିଫାୟର ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଟି ମା'ଦୁର୍ଗା ଫାଇଟର୍ ଓ ବାହାନଡ଼ା ଟାଇଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ମା' ଦୁର୍ଗା ଫାଇଟର୍ ୨୦.୧ ଓଭରରେ ସମସ୍ତ




ୱିକେଟ ହରାଇ ୧୦୦ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ବାହାନଡ଼ା ଟାଇଗର ୧୪.୩ ଓଭରରେ ୪ ୱିକେଟ ହରାଇ ୧୦୩ ରନ କରି ବିଜୟ ଲାଭ କରି ଫାଇନଲାରେ ପ୍ରବେଶ କରିଛି। ବାହାନଡ଼ା ଟାଇଗରର ଖେଳାଳି ଶ୍ରୀକାନ୍ତ ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ମ୍ୟାଚର ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ଙ୍କୁ ଯୁବନେତା ସଞ୍ଜୁ ଦ୍ୱିବେଦୀ ପୁରସ୍କୃତ କରିଥିଲେ। ଏହି ଖେଳକୁ କେ. ଇନ୍ଦ୍ର ପ୍ରସାଦ ଓ ପ୍ରକାଶ ଜ୍ୟୋତି ଆଦିତ୍ୟ ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ରବୀନ୍ଦ୍ର ସାହୁ ଅନଲାଇନ ସ୍କୋର ଭାବରେ ଗୋରବ ନାଥ, ପରଚାଳନା କରଥିଲେ। ଏହି ଆୟୋଜିତ ଏହି ଖେଳକୁ ମନୋଜ କୁମାର ପଣ୍ଡା, ନରୋତ୍ତମ ମହାନ୍ତ, କରଣ ନାଥ, ଭାଗ୍ୟ ରଞ୍ଜନ ବେହେରା, ଚନ୍ଦନ ଗିରିଙ୍କ ସମତେ ସ୍ଥାନୀୟ ଅଞ୍ଚଳର ଅନ୍ୟ ଯୁବକମାନେ ସହଯୋଗ କରିଥିଲେ।

## ପୀରହାଟ ପ୍ରଦେଶ ସେବା ସଂଗଠନର ୧୩ତମ ବାର୍ଷିକ ଉତ୍ସବ




ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅଧୀନ ପୀରହାଟର ଅଗ୍ରଣୀ ସାମାଜିକ ସଙ୍ଗଠନ ପ୍ରଦେଶ ସେବା ସଙ୍ଗଠନର ୧୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ସଙ୍ଗଠନର ଧ୍ରୁବ ଚରଣ ପାଣିଗ୍ରାହୀଙ୍କ ପୌରହିତ୍ୟରେ ଏବଂ ମାନସ ରଞ୍ଜନ ନାୟକଙ୍କ ସଞ୍ଚାଳନରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ତିହିଡ଼ି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଜ୍ଞାନପ୍ରକାଶ ପାଣି, ସମ୍ମାନିତ ଅତିଥି ଭାବେ ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ, ପୀରହାଟ ଥାନା ଆଇଆଇସି ଅଜୟ କୁମାର ମୁର୍ମୁ, ଚାନ୍ଦବାଲିର ଯୁବ ସମାଜସେବୀ ସତ୍ୟାନନ୍ଦ ରାଉତ, ବରିଷ୍ଠ ସମାଜସେବିକା ସୁକାନ୍ତି ମହାନ୍ତି, ସମାଜ ସେବିକା ସୁପ୍ରଭା ପାଣି, ସିଆରସିସି ତଥା କବି ଭାସ୍କର ଦାସ ପ୍ରମୁଖ ଯୋଗ ଦେଇ ପ୍ରେଦଶ ସେବା ସଙ୍ଗଠନର ବିଭିନ୍ନ ସାମାଜିକ କାର୍ଯ୍ୟଧାରାକୁ ପ୍ରଶଂସା କରିବା ସହ ଯୁବକଯୁବତୀମାନେ ଅଧିକ ସଂଖ୍ୟାରେ ସମାଜସେବାରେ ବ୍ରତୀ ରୁହନ୍ତୁ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନଙ୍କ ସମେତ ସମାଜେସବା କ୍ଷେତ୍ରେର ଉଲ୍ଲେଖନୀୟ ଅବଦାନ ପାଇଁ ଆଇନଜୀବୀ ବିଷ୍ଣୁ ଦାଶ, ସମାଜେସବୀ ଶକ୍ତିକାନ୍ତ ପଣ୍ଡା ଓ ରମାକାନ୍ତ ସ୍ୱାଇଁ, ସାମ୍ବାଦିକ ଦେବାଶିଷ ପାଢ଼ୀ ପ୍ରମୁଖଙ୍କ ସମେତ ଅନ୍ୟମାନଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବୁଧବାର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟେର ନୃତ୍ୟ, ତର୍କ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସଙ୍ଗଠନର ଉପେଦଷ୍ଟା ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ତିହିଡ଼ି ନାଇସ୍ ହାଇଟେକ୍ ସ୍କୁଲର ଅଧ୍ୟକ୍ଷ ଦୁର୍ଗା ପ୍ରସନ୍ନ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ସୁରେଶ ମହାକୁଡ଼, ଶିକ୍ଷକ ଜୟନ୍ତ ମହାନ୍ତି, ବନବିଭାଗ ଅବସରପ୍ରାପ୍ତ କର୍ମଚାରୀ ହରିହର ମହାନ୍ତି, ସମାଜସେବୀ ଆଲୋକ ବିକାଶ ପ୍ରିୟଦର୍ଶୀ ଓ ମନୋଜ ଦାଶ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶୁକ୍ରବାର ନାଟ୍ୟ ମହୋତ୍ସବର ପ୍ରଥମ ରାତିରେ ନାଟ୍ୟ ନିର୍ଦ୍ଦେଶକ ବିପ୍ଳବ ପତିଙ୍କ ନିର୍ଦ୍ଦେଶନାରେ 'ଭୁଲ୍ ତୋର ଭୋଗୁଛି ମୁଁ' ପରିବେଷଣ କରାଯାଇ ଥିଲା। ସେହିପରି ଶନିବାର ରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶନାରେ 'ତୋ କଥା ଭାରି ମନେପଡୁଛି' ନାଟକ ମଞ୍ଚସ୍ଥ ହେବ ବୋଲି ଜଣାପଡ଼ିଛି। ସଙ୍ଗଠନର ସଭାପତି ରଞ୍ଜନ କୁମାର ମିଶ୍ର, ସମ୍ପାଦକ ସୁଭଦ୍ରା ଭାରତୀ, କୋଷାଧ୍ୟକ୍ଷ ଆର୍ତ୍ତବଲ୍ଲଭ ବାରିକ, ଗୌତମ ମିଶ୍ର, ଅକ୍ଷୟ ରଣା, ଧୀରେନ୍ଦ୍ର ବାରିକ, କମଳାକାନ୍ତ ବାରିକ, ଚଗୁଲୁ ବାରିକ, ନୀଳମାଧବ ନାୟକ ପ୍ରମୁଖଙ୍କ ସେମତ ସଙ୍ଗଠନର ସମସ୍ତ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହେଯାଗ କରିଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗ

କାଳିଆପାଣି, (ଭାସ୍କର ନ୍ୟୁଜ): ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ ପିମ୍ପୁଡ଼ିଆ ପଞ୍ଚାୟତ ନୂଆଦିହ ଗ୍ରାମର ସାମ୍ବାଦିକ କୈଳାସ ନାୟକଙ୍କ ପିତା ଚକ୍ରଧର ନାୟକ (୭୨)ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ନାୟକଙ୍କ ସ୍ୱାସ୍ଥ୍ୟ ହଠାତ ଖରାପ ହେବାରୁ ତାଙ୍କୁ ବୁଧବାର ଦିନ ଟାଟା ମେଡିକାଲର ଆଇସିୟୁରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିବା ବେଳେ ରାତି ୧୧.୪୫ସମୟରେ ଦେହାନ୍ତ ହୋଇଯାଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ସୁଷମା, ପୁତ୍ର ସାମ୍ବାଦିକ କୈଳାସ, କାଳନ୍ଦି, ଶୁଶାନ୍ତ ଓ ପୁତ୍ର ବଧୂ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ବିଭିନ୍ନ ସାମ୍ବାଦିକ ସଂଘ, ରାଜନୈତିକ ନେତା ଓ ବୁଦ୍ଧିଜୀବୀ ମାନେ ବାସଭବନରେ ପହଞ୍ଚି ପରିବାରକୁ ସମବେଦନା ଜଣାଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ କରାଯାଇଥିଲା। ବଡ଼ ପୁତ୍ର ଶୁଶାନ୍ତ ମୁଖାଗ୍ନି ଦେଇଥିଲେ। ରାଜ୍ୟ ସାମ୍ବାଦିକ ସଂଘ ରାଜ୍ୟ ସଭାପତି କୈଳାସ ନାୟକ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

## 'ଜଣେ ଥିଲେ ଜଗବନ୍ଧୁ' ସ୍ମରଣିକା ଉନ୍ମୋଚିତ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ସ୍ୱର୍ଗତ ଜଗବନ୍ଧୁ ଦାସ ଦରଦୀ ହୃଦୟର ମଣିଷ ଥିଲେ। ସାଧାରଣ ଜୀବନଶୈଳୀ ଓ ଅମାୟିକ ବ୍ୟକ୍ତିତ୍ୱ ତାଙ୍କ ପରିଚୟ ଥିଲା। ତାଙ୍କ ଅକାଳ ବିୟୋଗ ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ମର୍ମାହତ କରିଛି ବୋଲି ଏହି ବ୍ଲକ୍‌ର ଜଳମଣ୍ଡୁଆ ପଞ୍ଚାୟତ କରଞ୍ଜି ଗ୍ରାମ ବାସଭବନ ସମ୍ମୁଖରେ ସ୍ୱର୍ଗତ ଜଗବନ୍ଧୁ ଦାସଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳୀ ସଭାରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ଶୋକବ୍ୟକ୍ତ କରିଛନ୍ତି। ଡ. ଦୁଃଶାସନ ଓଝାଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାରେ ସ୍ୱର୍ଗତ ନେତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସଞ୍ଜିବ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲ୍ଲା ବିଜେପି ଉପସଭାପତି ମନୋଜ ମଲ୍ଲିକ, ନିର୍ମଳ କର, ସୁଧାଂଶୁ ନାୟକ, ବଦ୍ରୀନାରାୟଣ ଧଳ, ଅକ୍ଷୟ ସାହୁ, କଂଗ୍ରେସ ନେତା ସୁବ୍ରତ ଦାସ, ଗୋଲକ ବେହେରା, ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ରଜନୀକାନ୍ତ ଚନ୍ଦ, ପୂର୍ବତନ ସରପଞ୍ଚ ଭିକାରୀ ସେଠୀ, ବିଜୟ ଶଙ୍କର ମହାନ୍ତି, ନାରୀନେତ୍ରୀ ସୁଜାତା ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗଗନ ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ସୁବାସ ଚନ୍ଦ୍ର ବାରିକ, ଶିକ୍ଷାଗୁରୁ ବୃନ୍ଦାବନ ରାଉଳ, ଖଗେଶ୍ୱର ଓଝା, ପ୍ରମୁଖ ଯୋଗଦେଇ ନିଆରା ମଣିଷ ଜଗବନ୍ଧୁ ଦାସଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏହି ଅବସରରେ 'ଜଣେ ଥିଲେ ଜଗବନ୍ଧୁ' ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପୁତ୍ର ନିହାର, ଦିବ୍ୟ, କନ୍ୟା ମୋନାଲିସା, ଜ୍ୱାଇଁ ମନୋଜ କୃତଜ୍ଞତା ଅର୍ପଣ କରିଥିଲେ। ବିଜେପି ମଣ୍ଡଳ ସଭାପତି ଗିରିଶ ଚନ୍ଦ୍ର ସାମଲ, ନାଟ୍ୟକାର ଅରୁଣ କୁମାର ବାରିକ, ସମିତି ସଭ୍ୟ ଜଗତ ଜୀବନ ବାରିକ, ଜ୍ୟୋତିରଞ୍ଜନ ନାୟକ, ରଜନୀକାନ୍ତ ମହାପାତ୍ର, ଭକ୍ତହରୀ ମିଶ୍ର, ନିରଞ୍ଜନ ବେହେରା ପ୍ରମୁଖ ରକ୍ତଦାନ ଶିବିର ପରିଚାଳନା କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





କୋରାପୁଟ, (ଭାସ୍କର ନ୍ୟୁଜ୍) : ଜୟପୁର ମାଦଳା ସାହି ସ୍ଥିତ ଭାରତ ଗାସ ପଡିଆରେ ମାଦଳା ସାହି ପ୍ରିମିୟର ଲିଗ୍ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କୁଟରି ମିଲ୍‌ର ପ୍ରୋପାଏଟର ସୁଜିତ୍ କୁମାର ନାୟକ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଯୁବ ସାମାଜିକ କର୍ମୀ ସୌମ୍ୟ ରଞ୍ଜନ ସାହୁ ଓ ସତ୍ୟ ନାରାୟଣ ସାହୁ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଗତ ଦିନରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମାଦଳା ସାହିର ଦୁଇ ଯୁବକ ବିନାୟକ ରଥ ଓ ଦୀପକ ପାଇକଙ୍କ ଫୋଟୋ ଚିତ୍ରରେ ଉପସ୍ଥିତ ଥିବା ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଜି ଠାରୁ ଆରମ୍ଭ ହେଉଥିବା ମ୍ୟାଚ୍ ଆସନ୍ତା ଦୁଇ ତାରିଖ ପର୍ଯ୍ୟନ୍ତ ଚାଲିବ। ତିନି ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଫାଇନାଲରେ ବିଜେତା ଦଳକୁ ତିରିଶ ହଜାର ଓ ଉପ ବିଜେତା ଦଳକୁ କୋଡ଼ିଏ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ଆୟୋଜକ କମିଟି ପକ୍ଷରୁ ଜଣାପଡ଼ିଛି। ଆଇପିଲ ଢାଞ୍ଚାରେ ଖେଳାଯିବ ସବୁଗୁଡ଼ିକ ମ୍ୟାଚ। ଏହି ଟୁର୍ଣ୍ଣାମେଣ୍ଟରେ ଆଠଟି ଦଳ ଅଂଶ ଗ୍ରହଣ କରିବେ। ପ୍ରତିଦିନ ଦୁଇଟି ଲେଖା ମ୍ୟାଚ ଖେଳାଯିବ। ଆଜିର ଏହି ମ୍ୟାଚରେ ଆୟୋଜକ କମିଟି ତରଫରୁ ମାଦଳା ସାହିର ଯୁବକମାନେ ସହଯୋଗ କରିଥିଲେ।

# ଶ୍ରେଷ୍ଠ ନିକ୍ଷୟ ମିତ୍ର ଭାବେ ଡ଼ିଏମଏଫ କେନ୍ଦୁଝର ପୁରସ୍କୃତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ଯକ୍ଷ୍ମା ମୁକ୍ତ ଅଭିଯାନ ଅନ୍ତର୍ଗତ ଗତ ଡିସେମ୍ବର ୨୬ ତାରିଖରେ କେନ୍ଦୁଝର ଅଡ଼ିଟୋରିଅମ ଠାରେ ଆୟୋଜିତ ହେଇଥିବା ଜିଲ୍ଲାସ୍ତରୀୟ ଯକ୍ଷ୍ମା ମୁକ୍ତ ଅଭିଯାନର ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ) କେନ୍ଦୁଝରକୁ ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ସମସ୍ତ ସହାୟତା ପ୍ରଦାନ କରିବାରେ ଶତପ୍ରତିଶତ ସଫଳତା ହାସଲ କରିଥିବାରୁ ନିକ୍ଷୟ ମିତ୍ର ଭାବେ ସମ୍ମାନିତ କରାଯାଇଛି। ଏନେଇ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପ୍ରେରିତ ପ୍ରମାଣପତ୍ରକୁ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା କେନ୍ଦୁଝର ସାଂସଦ ଅନନ୍ତ ନାୟକ ଜିଲ୍ଲାପାଳ ତଥା ଅଧ୍ୟକ୍ଷ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଶ୍ରୀବିଶାଲ ସିଂହଙ୍କୁ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ ହେଉଛି ଲୋକମାନଙ୍କ ମଧ୍ୟରେ ଯକ୍ଷ୍ମା ରୋଗକୁ ନେଇ ରହିଥିବା ଅନ୍ଧ ବିଶ୍ୱାସକୁ ଦୂରକରିବା, ଯକ୍ଷ୍ମା ଆକ୍ରାନ୍ତଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦେବା, ପୁଷ୍ଟିକର ଖାଦ୍ୟର ମହତ୍ୱ ଓ ରୋଗ ସମ୍ପର୍କରେ ମାର୍ଗଦର୍ଶନ କରିବା। ନିକ୍ଷୟ ମିତ୍ର ଜିଲ୍ଲା ଖଣିଜ ପ୍ରତିଷ୍ଠାନର ସମର୍ଥନ ଯୋଗୁଁ କେନ୍ଦୁଝରର ଅନେକ ଯକ୍ଷ୍ମା ରୋଗୀଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଇ ପାରୁଛି। ଲୋକମାନଙ୍କୁ ପୁଷ୍ଟିକର ଖାଦ୍ୟ, ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପର୍କରେ ସଚେତନ କରାଯାଇ ଉପଯୁକ୍ତ ଚିକିତ୍ସା ଲାଗି ପରାମର୍ଶ ଦିଆଯାଉଛି ।

# ଧାନର ମାନକୁ ନେଇ ଚିନ୍ତାରେ ଚାଷୀ



କେନ୍ଦୁଝର, (ଭାସ୍କର ନ୍ୟୁଜ୍):କେନ୍ଦୁଝର ଜିଲ୍ଲାରେ ଗତ ୧୬ତାରିଖରୁ ଧାନ ମଣ୍ଡି ଖୋଲିଲାଣି ଇତି ମଧ୍ୟରେ ୨୩ଟି ମଣ୍ଡିରେ ଧାନ କିଣା ଆରମ୍ଭ ହେଲାଣି। ୨୪ ତାରିଖ ଶୁଦ୍ଧା ଜିଲ୍ଲାର ୨୩ ଗୋଟି ମଣ୍ଡିରେ ୮୭୬୩.୯୧ କ୍ୟୁଣ୍ଟାଲ୍ ଏଫଏକ୍ୟୁ ମାନର ଧାନ କିଣାଗଲାଣି। ମାତ୍ର ଅନେକ ମଣ୍ଡିରେ ଏବେ ଧାନର ମାନକୁ ନେଇ ଧାନ କିଣା ଆରମ୍ଭ ହୋଇପାରି ନାହିଁ। କାରଣ ମଣ୍ଡିକୁ ଆସୁଥିବା ୯୦%ଅଧିକ ଧାନ ଏଫଏକ୍ୟୁ ମାନକୁ ଛୁଇଁପାରୁ ନାହିଁ। ତେଣୁ ଚାଷୀ କରିବେ କ'ଣ ତାକୁ ନେଇ ପ୍ରଶ୍ନ ଉଠିଲାଣି। ସବୁଠାରୁ ବଡ଼କଥା ହେଲା ମଣ୍ଡି ଗୁଡ଼ିକରେ କେବଳ ଏଆଇ ଗ୍ରେନ ଆନାଲାଇଜର ରହୁଛି କିନ୍ତୁ ପାଡ଼ି କ୍ଲିନର ନଥିବାରୁ ବିକ୍ରୀଯୋଗ୍ୟ ଧାନଗୁଡ଼ିକୁ ଅନେକ ଚାଷୀ ଏଫଏକ୍ୟୁମାନର କରିବାରେ ବିଫଳ ହେଉଥିବାରୁ ଏଭଳି ସମସ୍ୟା ହେଉଥିବା ଜଣାପଡିଛି। ଜିଲ୍ଲାରେ ଏ ବର୍ଷ ଅଧିକ ୫ଟିକୁ ମିଶାଇ ୯୫ଗୋଟି ମଣ୍ଡିର ଧାନ କିଣା ହେବ। ଇତିମଧ୍ୟରେ ଜିଲ୍ଲାରେ ୨୩ ଗୋଟି ମଣ୍ଡି ଖୋଲିସାରିଲାଣି। ଖୁବ ଶୀଘ୍ର ଅନ୍ୟ ମଣ୍ଡିଗୁଡ଼ିକ ଖୋଲିବାକୁ ଯାଉଛି। କିନ୍ତୁ ସରକାର ଏହି ସମସ୍ୟାର ସମାଧାନ ନକଲେ ଚାଷୀ ସିନା କ୍ଷତିଗ୍ରସ୍ଥ ହେବେ ମିଲ୍ଲର କିନ୍ତୁ ଲାଭ ପାଇବେ। ସୂଚନାଯୋଗ୍ୟ ଧାନର ସାହାୟକ ମୂଲ୍ୟ ପାଇବା ପାଇଁ ଏଫଏକ୍ୟୁମାନର ଧାନ ନିମନ୍ତେ ମୁଖ୍ୟତଃ ୬ଗୋଟି ବିନ୍ଦୁ ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ସେଗୁଡ଼ିକ ମଧ୍ୟରେ ଅଜୈବିକ ବାହ୍ୟ ପଦାର୍ଥ ବା ବାଲି, ମାଟି, ଗୋଡ଼ି, ପଥର, ଧୂଳି ଇତ୍ୟାଦିର ସର୍ବୋଚ୍ଚ ସୀମା ୧.୦% ରହିବାକଥା। ସେହିଭଳି ଜୈବିକ ବାହ୍ୟପଦାର୍ଥ ବା କାଠି, କୁଟା, ଧୂଷ, ଅଗାଡ଼ି, ପୋଲା ଇତ୍ୟାଦି ୧.୦%, ଖରାପ, ବେରଙ୍ଗି, ପାଣିଫୁଲା, ପୋକା ଇତ୍ୟାଦି ୫.୦%, ଅପରିପକ୍ୱ, କଞ୍ଚା-ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି ସାରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ କ ଶ୍ରେଣୀ ଧାନ ନିମନ୍ତେ) ୬.୦%,ଆଦ୍ରତା ଜଳିୟ ଅଂଶ ୧୭.୦%କୁ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ରହିଛି। କିନ୍ତୁ ମଣ୍ଡିକୁ ଆସୁଥିବା ଧାନ ମଧ୍ୟରୁ ଅନେକ ଚାଷୀଙ୍କର ଧାନ ଏହି ମାନ ଛୁଇଁପାରୁ ନାହିଁ। ଚାଷୀ କରିବେ କଣ? ମଣ୍ଡିକୁ ଆସିଥିବା ଧାନ ପୁଣି ଘରକୁ ଫେରାଇ ମାନ ଠିକ କରି ଆଣିବା ଚାଷୀଙ୍କ ପାଇଁ କଷ୍ଟକର ବ୍ୟାପାର। ତେଣୁ ବାଧହୋଇ ମଣ୍ଡି ଗୁଡ଼ିକରେ ଥିବା ମିଲ୍ଲରମାନଙ୍କ ସହିତ ସଲା ଶୁତୁରା ହୋଇ କ୍ୟୁଣ୍ଟାଲ ପିଛା ୪/୫ କିଲୋ ଅଧିକ ଧାନ ଦେବାକୁ ବାଧ ହେଉଛନ୍ତି। ଏଥିରେ ଚାଷୀ କ୍ଷତି ସହୁଛି। ମାତ୍ର ମିଲର ପାଇଁ ଲାଭ। ଚାଷୀର ଧାନ ଏଫଏକ୍ୟୁମାନ ନଛୁଇଁଲେ ମିଲର ମଧ ଧାନ ନେବାକୁ ରାଜି ନାହିଁ। ଚାଷୀ ଆଣିଥିବା ଧାନ ଏହି ମାନର ନହେଲେ ସରକାର ଘୋଷଣା କରିଥିବା କ୍ୟୁଣ୍ଟାଲ୍ ପିଛା ୨୩୦୦ସହିତ ଇନପୁଟ ଶବସିଡି ୮୦୦ଟଙ୍କା ଚାଷୀ ପାଇପାରିବ ନାହିଁ। ଫଳରେ ଚାଷୀ ବିଚରା କରିବ କ'ଣ? ଧାନର ମାନ ଛୁଇଁବାରେ ବିଫଳ ହେବାରେ ଚାଷୀର ଯେତିକି ଭୁଲ ତା'ଠାରୁ ଅଧିକ ଭୁଲ ସରକାରଙ୍କର ବୋଲି ପ୍ରଶ୍ନ ଉଠିଲାଣି। କାରଣ ଏହି ମାନ ପର୍ଯ୍ୟନ୍ତ ପହଞ୍ଚାଇବାକୁ ସକ୍ଷମ ହେଉଥିବା ପାଡ଼ି କ୍ଲିନର ମେସିନ ସବୁ ମଣ୍ଡିରେ ଯୋଗାଇଦେବାକୁ ସରକାର ଏବେପର୍ଯ୍ୟନ୍ତ ବିଫଳ ହୋଇଛନ୍ତି। ବର୍ତ୍ତମାନ କେନ୍ଦୁଝର ଆରଏମସିରେ କେବଳ ଗୋଟିଏ ମେସିନ ରହିଛି। ଯାହାର ମୂଲ୍ୟ ୨୭ଲକ୍ଷ ହେବ। ଆଉଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ଆରଏମସିରେ ଥିବା ଏହି ମେସିନ ଘଣ୍ଟାକୁ ୨୦ କ୍ୱିଣ୍ଟାଲ୍ ଧାନକୁ ମାନ ପର୍ଯ୍ୟନ୍ତ ଆଣିବାର କ୍ଷମତା ରହିଛି। ତେଣୁ ଯଦି ମେସିନଟି ଦିନ ରାତ୍ରୀ ଅହରହ ଚାଲେ ତେବେ ତା ହେଲେ ଦିନକୁ ମାତ୍ର ୪୮୦ କ୍ୱିଣ୍ଟାଲ୍ ଧାନ କ୍ଲିନ ମାନ ଛୁଇଁବ। ଏଭଳି ହେଲେ ଜିଲ୍ଲାରେ ଏ ବର୍ଷର ଟାରଗେଟ ଥିବା ୧୩ ଲକ୍ଷ କ୍ୱିଣ୍ଟାଲ୍ ଧାନ କିଣା କେବେ ହେବ ଓ ଚାଷୀ କିପରି ଏଫଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବେ ତାକୁ ନେଇ ପ୍ରଶ୍ନ ଉଠିଲାଣି। ଏବେ ଖୋଲିସାରିଥିବା ମଣ୍ଡି ଗୁଡ଼ିକରେ ଚାଷୀ ଆଣିଥିବା ଧାନ ଏହି କାରଣରୁ ଘରକୁ ଫେରିବା ସମ୍ଭାବନା ଦେଖାଦେଲାଣି। ଅନେକ ବଡ଼ବଡ଼ ଚାଷୀ ଏହି ମେସିନ କିଣିବାକୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଛନ୍ତି। କାରଣ ମେସିନ ବ୍ୟୟବହୁଳ ହୋଇଥିବାବେଳେ ମେସିନର ଉଚ୍ଚତା ୧୭ଫୁଟ ହୋଇଥିବାରୁ ସବୁ ସ୍ଥାନକୁ ଏହା ଯିବା କଷ୍ଟକର ବ୍ୟାପାର। ସରକାର ଚାହିଁଲେ ପ୍ରତି ମଣ୍ଡିକୁ ପାଡ଼ି କ୍ଲିନର ମେସିନ ଦେଇପାରିବେ। ମାତ୍ର ତାହା ନହୋଇ ଚାଷୀଙ୍କର ଭାଗ୍ୟ ଉପରେ ଛାଡି ଦିଆଯାଇଛି। ମଣ୍ଡି ଗୁଡ଼ିକରେ କେବଳ ଏଆଇଗ୍ରେନ ଆନାଲାଇଜର ଲଗାଇ ଏଫଏକ୍ୟୁ ଧାନ ଦେବାକୁ କହୁଛନ୍ତି। ଏହି କାରଣରୁ ଜିଲ୍ଲାର ବଡ଼ ପଳାଷପାଳ, ହରିଚନ୍ଦନପୁର ପ୍ରଭୃତି ମଣ୍ଡିରେ ପ୍ରଥମ ଦିନରେ ଧାନ କିଣା ହୋଇପାରି ନାହିଁ। ଅନ୍ୟପକ୍ଷରେ ଦୂରଦୂରାନ୍ତରୁ ଚାଷୀମାନେ ଗାଡ଼ି ମୋଟରରେ ବୋହି ଧାନ ଆରଏମସିକୁ ଆଣି କ୍ୱିଣ୍ଟାଲ ପିଛା ୫୦ଟଙ୍କା ଭଡ଼ା ଦେଇ ମେସିନରେ ମାନ ଠିକ କରିବା କଥାରେ କମ୍ ସମୟ ଲାଗୁଥିଲେ ମଧ ଅନେକ କଷ୍ଟ ସାଧ ଏବଂ ବ୍ୟୟବହୁଳ ଅଟେ। ଏଭଳି ସ୍ଥିତିରେ ଚାଷୀ ମାନଙ୍କର ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ପ୍ରତି ମଣ୍ଡିରେ ସ୍ଥାୟୀ ଭିତ୍ତିଭୂମିର ଆବଶ୍ୟକତା ରହିଛି। ନଚେତ ସରକାରଙ୍କର ଜାଣନ୍ତରେ ଚାଷୀ ସହିବେ କ୍ଷତି ଲାଭ ଉଠାଇବେ ମିଲ୍ଲର ଅଭିଯୋଗ ସତ ହେବାକୁ ଯାଉଛି।

# ୩୫ତମ ରାଜ୍ୟସ୍ତରୀୟ ମଙ୍ଗଳା କପ



କାକଟପୁର, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କାକଟପୁର ଠାରେ ଆଜିକୁ ୩୫ବର୍ଷ ଧରି ଚାଲି ଆସୁଥିବା ମଙ୍ଗଳା କପ କ୍ରିକେଟ ଟୁର୍ନାମେଣ୍ଟର ଆଜି ଥିଲା ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ। ମ୍ୟାଚରେ ପରସ୍ପରକୁ ଭେଟିଥିଲେ ଓଡ଼ିଶାର ଦୁଇ ପ୍ରମୁଖ କ୍ରିକେଟ ଟିମ ସ୍ୱାଟନ କ୍ଲବ ଭୁବନେଶ୍ୱର ଏବଂ ରାମେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ ଜିତି ରାମେଶ୍ୱର ଭୁବନେଶ୍ୱର ୨୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୨୧୬ ରନ ସଂଗ୍ରହ କରିଥିଲା। ଜବାବରେ ସ୍ୱାଟନ କ୍ଲବ ୨୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୬୮ରନ କରିବାକୁ ସକ୍ଷମ ହୋଇଥିଲା। ଆଜିର ଏହି ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଭାବେ ଶ୍ରେୟାସ କୁମାରଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା। ଆଜିର ଏହି ମ୍ୟାଚକୁ କ୍ଲବର ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତ, ସମ୍ପାଦକ ଶୁଭ୍ରାଂଶୁ ଦୀକ୍ଷିତ, ମ୍ୟାନେଜର ଭାଗବତ ସ୍ୱାଇଁ, କୋଷାଧକ୍ଷ ସୂର୍ଯ୍ୟକାନ୍ତ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ରହି ଖେଳକୁ ସୂଚାର ରୂପେ ପରିଚାଳନା କରିଥିଲେ। ଆସନ୍ତାକାଲି ତୃତୀୟ ମ୍ୟାଚ୍ ଅଲଫମ କ୍ରିକେଟ କ୍ଲବ ବ୍ରହ୍ମପୁର ଏବଂ ୟୁନିକ କ୍ରିକେଟ କ୍ଲବ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ୍‌ର ଉପଦେଷ୍ଟା ରାକେଶ ପଟ୍ଟନାୟକ ଜଣାଇଛନ୍ତି।

## ସାମ୍ବାଦିକ ସମନ୍ୱୟ କମିଟିର ବନ୍ଧୁମିଳନ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବନ୍ଧଗୁଡ଼ାଠାରେ ଥିବା ବନ ବିଭାଗର ନର୍ସରୀ ମଧ୍ୟରେ ଜିଲ୍ଲା ସାମ୍ବାଦିକ ସମନ୍ୱୟ କମିଟି ପକ୍ଷରୁ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ସାମ୍ବାଦିକ ସମନ୍ୱୟ କମିଟିର ସଦସ୍ୟମାନଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଅଂଶଗ୍ରହଣ କରି ଉତ୍ସାହର ସହ ଏହାର ମଜା ଉଠାଇଥିଲେ। ଏହି ଅବସରରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଓ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇଥିଲ। ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ କାର୍ଯ୍ୟରତ ସାମ୍ବାଦିକ ମାନେ ଏହି ବନ୍ଧୁମିଳନରେ ଉପସ୍ଥିତ ରହି ବେସ ଉତ୍ସାହ ବ୍ୟକ୍ତ କରିଥିଲେ। ଏଥିରେ ପୁରାତନ ବନ୍ଧୁ ଓ ସେମାନଙ୍କ ପରିବାରଙ୍କ ସହ ବଣ ଭୋଜି ମଜା ଉଠାଇବା ସହିତ ସହିତ ସୁରଝଙ୍କାର କାର୍ଯ୍ୟକ୍ରମର ମଧ ମଜା ଉଠାଇଥିଲେ।

# ମଦ ବେପାରୀଙ୍କ ଛୁରାମାଡ଼ରେ ଯୁବକ ଆହତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ପୀରହାଟ ଥାନା ଦୌଲତପୁର ପଞ୍ଚାୟତ ଅଧୀନ ଅର୍ଜୁନବିନ୍ଧା ଗ୍ରାମର ରଶ୍ମିକାନ୍ତ ବଳ ନାମକ ଜେଣ ଯୁବକ ଖଜନ ବାରିକ ନାମକ ଜଣେ ଚୋରା ମଦ ବେପାରୀଙ୍କ ଛୁରାମାଡ଼ରେ ଆହତ ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ଏ ସମ୍ପକର୍ରେ ୨୮୦/୨୪ରେ ଏକ ମକଦ୍ଦମା ରୁଜୁ କରି ଚୋରା ମଦ ବେପାରୀ ଖଜନକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୋଗକାରୀ ରଶ୍ମିକାନ୍ତଙ୍କ ଅଭିଯୋଗରୁ ପ୍ରକାଶ ଯେ, ବୁଧବାର ରାତିରେ ପୀରହାଟ ବଜାରରେ ଖଜନ ରଶ୍ମିକାନ୍ତଙ୍କୁ ଗାଳିଗୁଲଜ କରିଥିଲେ। ପରଦିନ ବିନ୍ଧା ଛକ ନିକଟେର ଠିଆ ହୋଇଥିବା ସମୟରେ ଖଜନକୁ ଦେଖି ରଶ୍ମିକାନ୍ତ ତାଙ୍କୁ ଗତକାଲି କାହିଁକି ଗାଳିଗୁଲଜ କରୁଥିଲ ବୋଲି ପଚାରିବାରୁ ଖଜନ ଏକ ଛୁରୀରେ ରଶ୍ମିକାନ୍ତଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ରଶ୍ମିକାନ୍ତ ଆହତ ହୋଇଥିଲେ। ଏଥିସହିତ ରଶ୍ମିକାନ୍ତଙ୍କ ଠାରୁ ମଧ ଖଜନ ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗରେ ଦର୍ଶା ଯାଇଛି। ଅପରପକ୍ଷେ ଖଜନ ବାରିକଙ୍କ ପତ୍ନୀ ଗୌରୀ ବାରିକଙ୍କ ଅଭିଯୋଗ କ୍ରମେ ରଶ୍ମିକାନ୍ତଙ୍କ ସହ କେତକ ବ୍ୟକ୍ତି ତାଙ୍କ ସ୍ୱାମୀ ଖଜନଙ୍କୁ ଆକ୍ରମଣ କରିଥିଲେ। ପୁଲିସ ଏ ନେଇ ୨୮୧/୨୪ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚାଳାଇଛନ୍ତି।

# ଡ. ମନମୋହନ ସିଂହଙ୍କ ପରଲୋକରେ ଶୋକସଭା




ପୁରୀ, (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ (ଇନ୍ଦିରା ଭବନ) ରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ଜୟ ନାରାୟନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଭାରତର ବରପୁତ୍ର ପୁର୍ବତନ ପ୍ରଧାନମନ୍ତ୍ରୀ ଜାତୀୟ କଂଗ୍ରେସ ଯସ୍ୱଶି ନେତା ପ୍ରଚଣ୍ଡ ଅର୍ଥନୀତିଜ୍ଞ ସ୍ୱର୍ଗତ ଡାକ୍ତର ମନମୋହନ ସିଂହ ଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାରେ ଦିବଙ୍ଗତ ନେତା ସ୍ୱର୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ସିଂହଙ୍କର ଦେଶକୁ ଦେଇଥିବା ଦୀର୍ଘଦିନର ସୁଶାସନ ଓ ଦେଶ ପ୍ରତି ତାଙ୍କର ଅବଦାନ ଅତୁଳନୀୟ ତାଙ୍କ ଶାସନ କାଳରେ ଦେଶର ସବୁ ବର୍ଗର ଲୋକମାନଙ୍କ ପାଇଁ ତାଙ୍କର ଶାସନ ଖସଡ଼ା ଏ ଦେଶର ପ୍ରତ୍ୟେକ ନାଗରିକ ଅନୁଭବ କରୁଛନ୍ତି ଓ କରୁଥିବେ ମଧ। ବିଶେଷ କରି ଖାଦ୍ୟ ସୁରକ୍ଷା ଯୋଜନା, ମନରେଗା, ଆଧାର କାର୍ଡ଼, ଜାତୀୟ ସ୍ୱାସ୍ଥ୍ୟ ଆଇନ୍, ଜାତୀୟ ସୂଚନା ଅଧିକାର ଆଇନ୍ , ମହିଳା ସଶକ୍ତି କରଣ ଓ ୧୦୮ ଭଳି ଅନେକ ଲୋକହିତ କାରୀ କାର୍ଯକ୍ରମ ନିମନ୍ତେ ଏ ଦେଶବାସୀ ତାଙ୍କ ପାଖରେ ଚିର ଋଣି ରହିବେ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ସଦସ୍ୟମାନେ କହିଥିଲେ। ବିଶେଷ କରି ତାଙ୍କର ଓଡ଼ିଶା ପ୍ରତି ଅବଦାନ ଓ ପୁରୀ ମେଡ଼ିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ଅତୁଳନୀୟ ଅବଦାନ ପାଇଁ ଏ ଦେଶ ଏ ଜାତି ନିମନ୍ତେ ସଦା ଅମର ରହିବେ। ଏହି ଶୋକସଭାରେ ବରିଷ୍ଠ କଂଗ୍ରେସ ନେତା ପୁଷ୍କର ମହାପାତ୍ର, ରାଜେଶ କୁମାର ମିଶ୍ର, ବୈଦ୍ୟନାଥ ପାଣି, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ସୁକାନ୍ତ କୁମାର ପ୍ରଧାନ, ଅମରେନ୍ଦ୍ର ପାଇକରାୟ, ଉମାକାନ୍ତ ବରାଳ, କାଳୀ ପ୍ରାସାଦ ନାୟକ, ବିଭୁଦତ୍ତ ମିଶ୍ର, ଜିବେଶ ଚନ୍ଦ୍ର ରଥ, ଆଶୁତୋଷ ମିଶ୍ର, ସସ୍ମିତା ବେହେରା, ସରସ୍ୱତୀ ପାତ୍ର, ପ୍ରମୋଦ ପ୍ରଧାନ, ବିପିନ ଦଳାଇ, ଆର୍ତ୍ତତ୍ରାଣ ସାହୁ, ସରସ୍ୱତୀ ପାତ୍ର, ସୀତାକାନ୍ତ ମହାନ୍ତି, ସ୍ୱାଧୀନ କୁମାର ପଣ୍ଡା, ଅବିନାଶ ମିଶ୍ର, ଆଲୋକ କୁମାର ଦାଶ, ଆଶୁତୋଷ ମିଶ୍ର, ରଶ୍ମି କାନ୍ତ ସାହୁ, ଉମାକାନ୍ତ ବେହେରା, ପବିତ୍ର ମୋହନ ଦଳେଇ ଆଦି ଉପସ୍ଥିତ ଥିଲେ।

## ସଂସ୍କୃତ ବିଭାଗର ସେମିନାର

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଆନୁକୁଲ୍ୟରେ ଏକ ସେମିନାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ଆଧୁନିକ ସମାଜରେ ବାସ୍ତୁର ପ୍ରାସଙ୍ଗିକତା' ଶୀର୍ଷକ ଏକ ଆଲୋଚନା ପାଠଚକ୍ର ଉପରେ ଆଲୋକପାତ ହୋଇଥିଲା। ସର୍ବପ୍ରଥମେ ଅନୁଷ୍ଠାନିକ ଭାବେ ଅତିଥିଙ୍କ ଦ୍ୱାରା ଜଗନ୍ନାଥଙ୍କ ନିକଟରେ ଧୂପ ଦୀପ ପ୍ରଜ୍ୱଳନ କରାଯାଇ ଛାତ୍ରଛାତ୍ରୀଙ୍କ ଦ୍ୱାରା ମଞ୍ଚାସୀନ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଓ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ସଙ୍ଗୀତ ପରିବେଷଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ମିତାରାଣୀ ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ କରାଯାଇଥିଲା ବେଳେ, ସଂସ୍କୃତ ବିଭାଗର ମୁଖ୍ୟ ଦୁର୍ଯୋଧନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ ଏବଂ ବିଭାଗର ଅଧ୍ୟାପକ ବିଶିକେଶନ କର୍ଣ୍ଣ ମଞ୍ଚ ସଞ୍ଚାଳନ କାର୍ଯ୍ୟ ନିର୍ବାହ କରିଥିଲେ। ପାଠଚକ୍ରର ମୁଖ୍ୟ ପ୍ରବକ୍ତା ଡକ୍ଟର ନିର୍ମଳ ସୁନ୍ଦର ମିଶ୍ର ବାସ୍ତୁ କିପରି ମାନବ ସମାଜ ସହ ଓତଃପ୍ରୋତ ଭାବେ ଜଡ଼ିତ ରହିଛି ତଥା ସାମାଜିକ ସହାବସ୍ଥାନରେ ବାସ୍ତୁର ଆବଶ୍ୟକତା ଆଜି ପର୍ଯ୍ୟନ୍ତ ଅପରିହାର୍ଯ୍ୟ ହୋଇ ରହିଛି ଏହା ଉପରେ ଶିକ୍ଷାର୍ଥୀଙ୍କୁ ଦିଗଦର୍ଶନ ଦେଇଥିଲେ। ଗଣିତ ବିଭାଗର ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସଂସ୍କୃତ ସମ୍ପର୍କିତ ଗୁଣାବଳୀ ଉପରେ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ନୃତତ୍ତ୍ୱ ବିଭାଗର ଅଧ୍ୟାପିକା ଜୟଯୁକ୍ତା ପଟ୍ଟନାୟକ, ଅଧ୍ୟାପିକା କବିତା ସ୍ୱାଇଁ, ପ୍ରାଚୀପ୍ରଭା ସାଏନ୍ତ, ସାଗରିକା ଜେନା ଓ ସଂସ୍କୃତ ସମ୍ମାନର ସମସ୍ତ ଛାତ୍ରଛାତ୍ରୀ ସାମିଲ ହୋଇଥିଲା ବେଳେ, ପରିଶେଷରେ ଅଧ୍ୟାପିକା ଜ୍ୟୋତିର୍ମୟୀ ପରିଡ଼ା ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୫ତମ ବାର୍ଷିକ ଉତ୍ସବ




ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଡିହପଡ଼ାର ୩୫ ତମ ବାର୍ଷିକ ଉତ୍ସବର ଉଦଯାପନୀ ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମନ୍ଦିର ଗୁଡ଼ିକ ମହାନ୍ ଭାରତୀୟ ଆଦର୍ଶରେ ଅନୁପ୍ରାଣିତ ହୋଇ ଆସୁଥିବା କଥା ଉଲ୍ଲେଖ କରିଥିଲେ। ଉନ୍ନତ ଶିକ୍ଷାପ୍ରଣାଳୀ, ସାମାଜିକ ପ୍ରତିବଦ୍ଧତା ଏହି ଅନୁଷ୍ଠାନର ମୂଳମନ୍ତ୍ର। ଏଠାରୁ ବହୁ ଛାତ୍ରଛାତ୍ରୀ ଦେଶ ବିଦେଶରେ ପ୍ରତିଷ୍ଠା ଅର୍ଜନ କରିବା ସହ ଆମ ଅଞ୍ଚଳର ସୁନାମକୁ ବହୁଗୁଣିତ କରିଛନ୍ତି ବୋଲି ଅଖିଳ ଭାରତ ବିଦ୍ୟା ଭାରତୀର ସଙ୍ଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଖିଳ ଭାରତ ପୂର୍ବ କ୍ଷେତ୍ର ସଙ୍ଗଠନ ମନ୍ତ୍ରୀ ଆନନ୍ଦ ରାଓ ପାର୍ଦ୍ଧି, ଡକ୍ଟର କମ୍ବୁପାଣି ସାମନ୍ତ, ଡକ୍ଟର ପ୍ରଦୀପ ପଟ୍ଟନାୟକ, ସମ୍ପାଦକ ପଦ୍ମନାଭ ପ୍ରଧାନ, ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଏହି ଅବସରରେ ମୁଖ୍ୟ ଅତିଥି ବିଧାୟକ ନାୟକ ପ୍ରଶଂସା ପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶେଷରେ ପୂର୍ବ ପ୍ରଧାନ ଆଚାର୍ଯ୍ୟ ବୃନ୍ଦାବନ ପାଣିଗ୍ରାହୀ ଶର୍ମା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ପ୍ରଥମ ପତ୍ନୀଙ୍କ ଅଭିଯୋଗରେ ଜେଲଗଲେ ସ୍ୱାମୀ



ଭଣ୍ଡାରିପୋଖରୀ, ୨୭।୧୨ : ବିବାହ କରି ଘର ସଂସାର କରିଥିବା ଜଣେ ଯୁବକ ଜନୈକ ଆଦିବାସୀ ଯୁବତୀକୁ ବିବାହ କରିବା ଅଭିଯୋଗରେ ଜେଲ ଯାଇଥିବା ଜଣାଯାଇଛି। ଅଭିଯୋଗ ଅନୁଯାୟୀ ୨୦୧୭ ମସିହାରେ ଯାଜପୁର ଜିଲ୍ଲା କୋରେଇ ଥାନା କଇଁଆ ଗ୍ରାମର ବିଶୟା ବାରିକଙ୍କୁ ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ଥଇଳା ଗ୍ରାମର ପ୍ରଶାନ୍ତ ବାରିକଙ୍କୁ ବୈଦିକ ରୀତିରେ ଯାନିଯୌତୁକ ସହ ବିବାହ କରିଥିଲେ। ପ୍ରଶାନ୍ତଙ୍କ ଔରଷରୁ ୨ଟି ପିଲା ଜନ୍ମ ହୋଇଥିଲେ। ଏହା ପରେ ବିଶୟାଙ୍କୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେବାରୁ ପିଲାମାନଙ୍କ ସହ ବାପଘରକୁ ଚାଲିଯାଇଥିଲେ। ଛାଡପତ୍ର ଓ ଭରଣପୋଷଣ ପାଇଁ ଯାଜପୁର ଫ୍ୟାମିଲି କୋର୍ଟରେ ମାମଲା ରଜୁ କରିଥିଲେ। ଅନ୍ୟପକ୍ଷରେ ପ୍ରଶାନ୍ତ ଜନୈକ ଆଦିବାସୀ ଯୁବତୀକୁ ସରକାରୀ ପ୍ରୋତ୍ସାହନ ଅର୍ଥ ଲୋଭରେ ବିବାହ କରିଥିଲେ ବୋଲି ବିଶୟା ଅଭିଯୋଗ କରିଥିଲେ। ଫ୍ୟାମିଲି କୋର୍ଟ କେସ ସମନକୁ ଏଡାଇଯିବାରୁ ୱାରେ□ ପ୍ରଶାନ୍ତଙ୍କ ନାମରେ ଆସିଥିଲା। ପୁଲିସ ଗତ ଗୁରୁବାର ପ୍ରଶାନ୍ତକୁ ଗିରଫ କରି ଫ୍ୟାମିଲି କୋର୍ଟରେ ହାଜର କରିଥିବା ଜଣାଯାଇଛି। ଫଟୋ-ଅଭିଯୁକ୍ତ ପ୍ରଶାନ୍ତ।

# ବରିଷ୍ଠ ସାମ୍ବାଦିକଙ୍କ ମାତୃ ବିୟୋଗ



ମାଲକାନଗିରି, ତା:- ୨୭/୧୨ ମାଲକାନଗିରି ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଈଶ୍ୱର ପଟ୍ଟନାୟକଙ୍କ ମାତା ଆ ?.ବିଜୟଲକ୍ଷ୍ମୀଙ୍କ ବିୟୋଗ ହୋଇ ଯାଇଛି। ଆଜି ପୂର୍ବାହ୍ନ ୧୧.୪୦ ମିନିଟ ସମୟରେ ବିଶାଖାପାଟଣା ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ତାଙ୍କର ବିୟୋଗ ହୋଇ ଯାଇଛି। ସେ ଦୀର୍ଘ ଦିନ ଧରି କ୍ୟାନସରରେ ପୀଡିତ ଥିବା ବେଳେ ଗତ ଦୁଇଦିନ ପୂର୍ବେ ତାଙ୍କର ଶରୀର ଅତ୍ୟନ୍ତ ଅସୁସ୍ଥ ହୋଇ ପଡିବାରୁ ପ୍ରଥମେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ। ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରା ଯାଇଥିଲା। ସେଠାରେ ଗତ ଦୁଇଦିନ ଧରି ଚିକିତ୍ସା ଚାଲିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳ ୧୧.୪୦ ମି. ସମୟରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ଆଜି ସନ୍ଧ୍ୟାରେ ତାଙ୍କ ପାର୍ଥିବ ଶରୀରକୁ ନିଜ ବାସଭବନକୁ ଆଣିବା ପରେ ଆସନ୍ତା କାଲି ସକାଳେ ତାଙ୍କର ଅନ୍ତିମ ସଂସ୍କାର ଅ?ନୁଷ୍ଠିତ ହେବା ଏହି ଖବର ପାଇ ଆଜି ଶ୍ରୀ ପଟ୍ଟନାୟକଙ୍କ ବାସ ଭବନରେ ଆତ୍ମୀୟ ସଜ୍ଜନଙ୍କ ସହ ସହରର ବିଶିଷ୍ଟ ବ୍ୟକ୍ତି ମାନେ ଉପସ୍ଥିତ ରହି ସୋକ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଉଥିବା ଦେଖିବାକୁ ମିଳିଛି।

# ବ୍ଲକ୍ ବିଜେଡ଼ି କାର୍ଯ୍ୟାଳୟ ଉଦ୍‌ଘାଟିତ




ଭାପୁର, (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଡିସେମ୍ବର ୨୬ ତାରିଖ ଦିନ ୨୮ବର୍ଷରେ ପଦାର୍ପଣ କରିଛି ରାଜ୍ୟ ବିଜୁ ଜନତା ଦଳ। ଏହି ଅବସରରେ ରାଜ୍ୟର ପ୍ରତ୍ୟେକ ବ୍ଲକ୍‌ରେ ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ, ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବିଜେଡ଼ି ପକ୍ଷରୁ ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଏବଂ ଅଧକ୍ଷା ସାବିତ୍ରୀ ପ୍ରଧାନଙ୍କ ନେତୃତ୍ୱରେ ପ୍ରଭାବୀ ଢଙ୍ଗରେ ବ୍ଲକ୍ ବିଜେଡ଼ି କାର୍ଯ୍ୟାଳୟ ପରିସରରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ୍ ଉପାଧ୍ୟକ୍ଷ ପ୍ରଧାନ କର୍ମୀ ତଥା ଶୁଭେଚ୍ଛୁ ମାନଙ୍କୁ, ଓଡ଼ିଶା ବିକାଶର ସାରଥୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶକୁ ଉଚ୍ଚତର ସୋପାନକୁ ନେବା ପାଇଁ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ଭୋଟରମାନଙ୍କୁ ସୈନିକ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସରକାରଙ୍କ ବିଫଳତାକୁ ଭୋଟରଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଜେଡିର ସମସ୍ତ ଛାମୁଆ ନେତାଙ୍କୁ ମଞ୍ଚାସନ ନେତା ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ, ଖଣ୍ଡପଡ଼ା ଓ ଭାପୁର ବ୍ଲକ୍ ବିଜେଡ଼ିର ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ। ଶୁକ୍ରବାର ଆୟୋଜିତ ଏହି ପ୍ରତିଷ୍ଠା ଦିବସ ଅବସରରେ ଭାପୁର ବ୍ଲକ୍ ବିଜେଡି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ ସଭାପତିତ୍ୱ କରିଥିବା ବେଳେ ଖଣ୍ଡପଡ଼ା ବ୍ଲକ ସଭାପତି ବିଜୟ କୁମାର ଦାସ ସଭାକୁ ପରିଚାଳନା କରିଥିଲେ।

## କନେଷ୍ଟବଳ ପତ୍ନୀଙ୍କୁ ହତ୍ୟା ମାମଲା

କଟକ, (ଭାସ୍କର ନ୍ୟୁଜ୍): ଲାଲବାଗ ଥାନା ଅନ୍ତର୍ଗତ ସିଦ୍ଧେଶ୍ୱର ସାହିରେ ବୁଧବାର କଟକରେ ମହିଳା କନେଷ୍ଟବଳଙ୍କୁ ତାଙ୍କ ସ୍ୱାମୀ ଛୁରୀରେ ମାରି ହତ୍ୟାକରିବା ଓ ପରେ ନିଜେ ମଧ ବେକକୁ ଛୁରୀରେ କାଟି ଆତ୍ମହତ୍ୟା କରିବା ଘଟଣାରେ ଅଭିଯୁକ୍ତ ସ୍ୱାମୀ ବିଶ୍ୱଜିତ ମଲିକର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଛି। ଜୋନ୍ ୩ ଏସିପିଓ ଲାଲବାଗ ଥାନା ଅଧିକାରୀ ମେଡିକାଲରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ବୁଝି ଦେଖିବା ସହ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ତେବେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବାରୁ ତାଙ୍କୁ ପଚରାଉଚରା କରିବା ପାଇଁ ଅନୁମତି ଦେବାକୁ ମେଡିକାଲ ସୁପରିଟେଣ୍ଡେଣ୍ଟଙ୍କୁ ଅନୁରୋଧ କରିଥିବା ଜଣାପଡ଼ିଛି। ଚିକିତ୍ସିତ ହେଉଥିବା ଅଭିଯୁକ୍ତ ସ୍ୱାମୀ ବିଶ୍ୱଜିତକୁ ପୁଲିସ ଜଗି ରହିଛି। ତେବେ ସୁସ୍ଥ ହେବାପରେ ତାକୁ ଜେଲ୍ ହାଜତକୁ ପଠାଯିବ। ଅନ୍ୟପଟେ ମୃତ କନେଷ୍ଟବଳ ବିଷ୍ଣୁପ୍ରିୟା ଭାଇଙ୍କ ଅଭିଯୋଗ ପରେ ଲାଲବାଗ ଥାନାରେ ଏକ ମାମଲା ରୁଜୁ କରିଛି। ଏଥିସହ ପୋଲିସ ହେପାଜତରେ ଥିବା ମୃତ କନେଷ୍ଟବଳଙ୍କ ୫ ବର୍ଷର ଝିଅକୁ ତାଙ୍କ ଭାଇଙ୍କୁ ହସ୍ତାନ୍ତର କରିଥିବା ଏସିପି କହିଛନ୍ତି ।

# ମହାପାଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଲୋ ପରମହଂସପୁର ମା' ମହାପାଟଙ୍କ ଖେଳ ପଡିଆରେ ମହାପାଟ କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ପରଜଙ୍ଗ କ୍ରିକେଟ କ୍ଲବ୍ ଓ ତାଳଚେର କୁକୁଡୁଲା କ୍ଲବ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୩ ଟି ପର୍ଯ୍ୟାୟ କ୍ରମେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ୮ ଓଭର ବିଶିଷ୍ଟ ଖେଳା ଯାଇଥିଲା, ଏଥିରେ କୁକୁଡୁଲା ଟିମ୍ ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୮ ଓଭର ଶେଷ ସୁଦ୍ଧା ୬ ୱିକେଟ ହରାଇ ୭୬ ରନ ସଂଗ୍ରହ କରିଥିଲା। ଜବାବରେ ପରଜଙ୍ଗ ଟିମ୍ ୬ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନପାରି ପରାଜିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍ ୬ ଓଭର ଖେଳା ଯାଇଥିଲା। ଏଥିରେ ପରଜଙ୍ଗ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୨ ୱିକେଟ ହରାଇ ୯୨ରନ ସଂଗ୍ରହ କରିଥିବା ବେଳେ ଜବାବରେ କୁକୁଡୁଲା ଟିମ୍ ୬ ଓଭର ଶେଷ ସୁଦ୍ଧା ୫ ୱିକେଟ ହରାଇ ୫୨ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲେ। ତୃତୀୟ ତଥା ଅନ୍ତିମ ମ୍ୟାଚ୍ ୫ ଓଭର ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ କୁକୁଡୁଲା ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୫ ଓଭର ଶେଷ ସୁଦ୍ଧା ୪ ୱିକେଟ ହରାଇ ୪୭ ରନ ସଂଗ୍ରହ କରିଥିଲା। ଜବାବରେ ପରଜଙ୍ଗ ଟିମ୍ ସମାନ ରନ ସଂଗ୍ରହ କରି ଫାଇନାଲ ମ୍ୟାଚ ଅମିମାଂସିତ ରହିଥିଲା। ଯାହା ଫଳରେ ଆୟୋଜକ ପକ୍ଷରୁ ସୁପର ଓଭର ଖେଳ ପରିଚାଳନା ହୋଇଥିଲା। ସୁପର ଓଭରରେ ପରଜଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ୧ ୱିକେଟ ହରାଇ ୧୬ ରନ ସଂଗ୍ରହ କରିଥିବା ବେଳେ କୁକୁଡୁଲା ଟିମ୍ ଆବଶ୍ୟକ ରନ ସଂଗ୍ରହ କରି ନପାରି ପରାଜୟ ବରଣ କରିଥିଲେ। ଯାହା ଫଳରେ ପରଜଙ୍ଗ ଟିମ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ଉଦଯାପନୀ ସମାରୋହରେ କୁଆଲୋ ପଞ୍ଚାୟତ ସରପଞ୍ଚ ଅଜିତ୍ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗ୍ରାମ୍ୟ କମିଟି ସଭାପତି ଗୌତମ ସାହୁ, ଗଣମାଧ୍ୟମ ପ୍ରତିନିଧି ନିର୍ମଳ ଗଡ଼ ନାୟକ, ରୂପକ ରଞ୍ଜନ ସାହୁ, ଯୁବନେତା ଅନିଲ ଭୂତିଆ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଉଭୟ ଦଳକୁ ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ସୁମନ୍ତ ଓ ଚନ୍ଦନ ଖେଳ ପରିଚାଳନା କରିଥିବା ବେଳେ ସନ୍ଦୀପ ଓ ଚିନ୍ନୁ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ଦୀପକ ଓ ମଣ୍ଟୁ ଧାରାବିବରଣୀ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ସିରିଜ୍,, ବେଷ୍ଟ ବ୍ୟାଟ୍ସମ୍ୟାନ୍, ବେଷ୍ଟ କ୍ୟାଚର କୁକୁଡୁଲା ସପକ୍ଷରେ ଯାଇଥିବା ବେଳେ ମ୍ୟାନ ଅଫ ଦି ମ୍ୟାଚ୍ ପରଜଙ୍ଗ ଟିମ୍ ସପକ୍ଷରେ ଯାଇଥିଲା। ମା'ମହାପାଟ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଶୃଙ୍ଖଳିତ ଭାବେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ଚଳିତ ବର୍ଷ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଟି ଦଳ ଅଂଶ ଗ୍ରହଣ କରିଥିଲେ।

## ୨୦୨୪ ବର୍ଷର ଶେଷ କର୍ପୋରେସନ ବୈଠକ ସ୍ଥଗିତ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ୨୦୨୪ ବର୍ଷର ଶେଷ କର୍ପୋରେସନ ବୈଠକ ଅନୁଷ୍ଠିତ ହେବାକୁ ଥିବା ସ୍ଥଳେ ଏହାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂହଙ୍କ ଉଦ୍ଦେଶ୍ୟରେ ଶୋକସଭା ହୋଇ ବନ୍ଦ ହେଲା ଭୁବନେଶ୍ୱର ମହାନଗର ନିଗମର ସତବିଂଶ କର୍ପୋରେସନ ବୈଠକ ବୋଲି ସୂଚନା ଦେଇଛନ୍ତି ମେୟର ସୁଲୋଚନା ଦାସ। ସେ କହିଛନ୍ତି ଆସନ୍ତା ୭ଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଭୁକ୍ତ କୌଣସି କାର୍ଯ୍ୟକ୍ରମ ହେବନାହିଁ। ପ୍ରବାସୀ ଭାରତୀୟ ସମ୍ମିଳନୀ ଉଦ୍ଦେଶ୍ୟରେ ହେବାକୁ ଥିବା ପଥଉତ୍ସବ ସମେତ ସିଟି ଏକ୍ଟିଭେସନ କାର୍ଯ୍ୟକ୍ରମକୁ ମଧ ବନ୍ଦ ରଖିଛି ଭୁବନେଶ୍ୱର ମହାନଗର ନିଗମ। ତେଣୁ ପରବର୍ତ୍ତୀ କର୍ପୋରେସନ ବୈଠକ ଆସନ୍ତା ୨୦୨୫ ଜାନୁଆରୀ ମାସ ୧୫ ତାରିଖରେ ହେବାର ନିଷ୍ପତି ନିଆଯାଇଛି ବୋଲି ସୁଲୋଚନା ଦାସ କହିଛନ୍ତି।




# ଆମ କଳାହାଣ୍ଡି





## ଜିଲ୍ଲାପାଳଙ୍କ ଆଭାସୀ ବୈଠକ




ଭବାନୀପାଟଣା (ଭାସ୍କର ନ୍ୟୁଜ୍) : ଗୋଟିଏ ପଟେ ଅଦିନିଆ ବର୍ଷା ଜନିତ ଫସଲହାନୀ କଳାହାଣ୍ଡି ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଥିଲା ବେଳେ ଅନ୍ୟ ପଟେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ ଚାଷୀ ବୀମା ସହାୟତା ପାଇବା ପାଇଁ ୭୨ ଘଣ୍ଟା ମଧ୍ୟରେ 'କୃଷି ରକ୍ଷକ' ଆପ୍ କିମ୍ବା ହେଲ୍ପ ଲାଇନ୍ ୧୪୪୪୭ରେ ତୁରନ୍ତ ସୂଚନା ଦେବାକୁ ଅନୁରୋଧ କରାଯାଇଛି। ଏହି କ୍ରମରେ ଜିଲ୍ଲାର କୌଣସି ଯୋଗ୍ୟ ଚାଷୀ ଯେପରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବୀମା ସହାୟତା ପାଇବାରୁ ଯେପରି ବଞ୍ଚିତ ନ ହୁଅନ୍ତି ସେ ଦିଗରେ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କୁ ସଚେତନ କରାଯାଇ ସଠିକ ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଆଭାସୀ ମାଧ୍ୟମରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଅନୁଷ୍ଠିତ ଏକ ଜରୁରୀ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ତହସିଲଦାର, ଆର୍ଆଇ, କୃଷି ଅଧିକାରୀ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ଯୁଦ୍ଧକାଳୀନ ଭିତ୍ତିରେ କ୍ଷେତ୍ର ପରିଦର୍ଶନ କରି ଫସଲହାନୀର ସଠିକ ଆକଳନର ଯୁଗ୍ମ ରିପୋର୍ଟ ତୁରନ୍ତ ପ୍ରଦାନ କରିବା ପାଇଁ ମଧ୍ୟ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଦିନିଆ ବର୍ଷାରେ ଭିଜି ଓଦା ହୋଇଯାଇଥିବା ଧାନକୁ ଚାଷୀ ଘରେ, ଖଳାରେ ଖରାରେ ଶୁଖାଇ ମଣ୍ଡିକୁ ନେଇ ଯେପରି ବିକ୍ରି କରିପାରିବେ ଏଥିପାଇଁ ଟୋକନର ଅବଧି ସମୟ ସୀମାକୁ ବୃଦ୍ଧି କରାଯିବ। ଏହି ଆଭାସୀ ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ)ତନ୍ମୟ କୁମାର ଦରଓ୍ୱାନ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବଇତୁରା ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଉପ ଜିଲ୍ଲାପାଳ ଧର୍ମଗଡ଼, ଧିମାନ ଚକମା, ଉପ ଜିଲ୍ଲାପାଳ ଭବାନୀପାଟଣା, ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡାଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ, ସମସ୍ତ ବ୍ଲକର କୃଷି ଅଧିକାରୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ସର୍ବଭାରତୀୟ ଫୁଟ୍‌ବଲ୍ ପ୍ରତିଯୋଗିତା

## ଫାଇନାଲରେ ଜଗଦଲପୁର



ଧର୍ମଗଡ଼, (ଭାସ୍କର ନ୍ୟୁଜ) : ଧର୍ମଗଡ଼ ବ୍ଲକ ପର୍ଲା ମିନି ଷ୍ଟାଡିୟମଠାରେ ସର୍ବ ଭାରତୀୟ ଫୁଟ୍‌ବଲ୍ ପ୍ରତିଯୋଗିତା 'ଏ' ବିଭାଗରେ ଜଗଦଲପୁର ଫାଇନାଲରେ ଉତ୍ତୀର୍ଣ୍ଣ ହୋଇଛି। ଗୁରୁବାର ଦିନ ବଲାଙ୍ଗୀର ଓ ଜଗଦଲପୁର ମଧ୍ୟରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗଦଲପୁର ୨-୧ରେ ବିଜୟୀ ହୋଇ ସିଧାସଳଖ ଭାବେ ଫାଇନାଲକୁ ପ୍ରବେଶ କରିଛି। ପର୍ଲାଠାରେ ସର୍ବ ଭାରତୀୟ ଟୁର୍ଣ୍ଣାମେଣ୍ଟ ଗତ ୨୩ତାରିଖଠାରୁ ଆରମ୍ଭ ହୋଇଛି। ଏଥିରେ ମୋଟ ୮ଟି ଦଳ ଭାଗ ନେଇଛନ୍ତି। ଶୁକ୍ରବାର ଦିନ 'ବି' ବିଭାଗ ପ୍ରଥମ ମ୍ୟାଚ -କୋରାପୁଟ ଓ ମଧ୍ୟପ୍ରଦେଶ ମଧ୍ୟରେ ଅନୁଷ୍ଠିତ ହେବ। ଦିନକୁ ଦିନ ରୋମାଂଚକ ଖେଳ ହେଉଥିବା ବେଳେ ଖେଳପ୍ରେମୀଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖା ଦେଇଛି।

## କୁଳପତି ସଞ୍ଜୟ ଶତପଥୀଙ୍କ ବିୟୋଗରେ କ୍ୟାଣ୍ଡେଲ ଶୋଭାଯାତ୍ରା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି କର୍ଣ୍ଣେଲ ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ଅକାଳ ବିୟୋଗରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀ ତଥା ପୁରାତନ ଛାତ୍ରମାନେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ବିମଳା କନଭେଣ୍ଟ ଛକ ପର୍ଯ୍ୟନ୍ତ ଯାଇଥିଲେ । 'ସଞ୍ଜୟ ସାର୍ ଅମର ରହେ' ଏବଂ 'ଆପଣଙ୍କ ଅବଦାନ ଆମେ ଭୁଲିବୁ ନାହଁ' ବୋଲି ଛାତ୍ରଛାତ୍ରୀ ନାରା ଦେବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ବିୟୋଗ ଏ ବିଶ୍ୱବିଦ୍ୟାଳୟ ଏବଂ ସାହିତ୍ୟ କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ବୋଲି ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ କହିଥିଲେ। ଏହି ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରାରେ ବିଶ୍ୱବିଦ୍ୟାଳୟର କୁଳସଚିବ ପୀତାମ୍ବର ଭୋଇ, ଉପ କୁଳସଚିବ ଡ. ଜୟଦେବ ସାହୁ, ଅଧ୍ୟାପକ ଡ. ପଲ୍ଲିଶ୍ରୀ ପଟ୍ଟନାୟକ, ଡ. ସୁବ୍ରତ ପାଣିଗ୍ରାହୀ, ପୂର୍ବତନ ଛାତ୍ର ସଂସଦ ସଭାପତି ଅବିନାଶ ଠାକୁର, ପୁରାତନ ଛାତ୍ର ସଂଘର ମଣ୍ଟୁ ନାଏକ, ଅମିତ ଯାଦବ, ନବୀନ ନାୟକ ପ୍ରମୁଖ ଯୋଗଦେଇ ଥିଲେ।

## ଚା'ଖଟିରେ ବିଧାୟକ-ଗ୍ରାମବାସୀଙ୍କ ଆଲୋଚନା



ଧର୍ମଗଡ଼ (ଭାସ୍କର ନ୍ୟୁଜ): ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କ ସରଳତା ଜୀବନ ଯାପନ ଓ ମେଳାପୀ ଭାବକୁ ନେଇ ସଦା ପ୍ରଶଂସାର ପାତ୍ର ସାଜିଛନ୍ତି। କେବଳ ବିଧାୟକ ଗାରିମା କୁ ନୁହଁ ବରଂ ଜଣେ ସାଧାରଣ ମଣିଷପଣିଆ ବେଶ ଲୋକଙ୍କୁ ଆକୃଷ୍ଟ କରି ରଖି ପାରିଛି। ସେ କୌଣସି ଗାଁରେ ପହଁଚିଲେ ଲୋକଙ୍କ ଭିଡ଼ ଜମିଯାଏ। ଭଲମନ୍ଦ ପଚାରିବା ସହ ଗାଁର ସାମୁହିକ ସମସ୍ୟା ଉପରେ ଆଲୋଚନା କରି ତାର ସମାଧାନ ଦିଗ ଉପରେ ବିଶେଷ ଧ୍ୟାନ ଦେଇଥାନ୍ତି। ଦିନ ହେଉ ଅବା ରାତି ଲୋକଙ୍କ ଭିତରେ ରହିଲେ ଭୁଲି ଯାଆନ୍ତି ସମୟ। ପର୍ଲା ନନ୍ଦ ଚା'ଦୋକାନରେ ଗାଁ ର କିଛି ଭଦ୍ରବ୍ୟକ୍ତି ବସି କଥାବାର୍ତ୍ତା ହେଉଥାନ୍ତି। ହଠାତ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଚା'ଦୋକାନ ନିକଟରେ ପହଞ୍ଚିଥିଲେ। ଆଉ ଲୋକଙ୍କ ସହ ସୌଜନ୍ୟ ସାକ୍ଷାତ କରିଥିଲେ। ଦୋକାନୀ କୁ ଚା' ପାଇଁ ଅଡ଼ର ଦିଆଯାଏ। ଚା' ପିଇବା ଭିତରେ ଆରମ୍ଭ ହୋଇଯାଏ ଆଲୋଚନା।ଗାଁର ସମସ୍ୟାକୁ ଲୋକେ ବିଧାୟକଙ୍କ ନିକଟରେ ଉପସ୍ଥାପନ କରନ୍ତି। ବିଧାୟକ ଶୁଣି ତାର ସମାଧାନ ଖୁବ ଜଲଦି ହୋଇ ଯିବା ପ୍ରତିଶ୍ରୁତି ବି ଦିଅନ୍ତି। ସାଂଗେ ସାଂଗେ କିଛି ସମସ୍ୟା ଫୋନ ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କୁ କହି ସମାଧାନ ବି ହୋଇଛି। ବିଧାୟକଙ୍କ ଏଭଳି ଆଚାର ଓ କାର୍ଯ୍ୟ ଦକ୍ଷତା ଏବେ ଲୋକଙ୍କ ମନକୁ ଛୁଇଁ ପାରିଛି। ଏବେ ସାଧାରଣରେ ସମସ୍ତଙ୍କ ମୁହଁରେ ଗୋଟାଏ କଥା ବିଧାୟକ ହେବ ତ ଏମିତି ।

## ଜିଲ୍ଲାପାଳଙ୍କ ଧର୍ମଗଡ଼ ବିକାଶ ବୈଠକ



ଭବାନୀପାଟଣା (ଭାସ୍କର ନ୍ୟୁଜ୍) : ଧର୍ମଗଡ଼ ବିଧାନସଭା ମଣ୍ଡଳୀ ବିକାଶ କମିଟି ବୈଠକ ଧର୍ମଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହଠାରେ ବିଧାୟକ, ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି ଓ ଏହି ସମୀକ୍ଷା ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଅନୁସୂଚିତ ଜାତି, ଜନଜାତି, ଖାଦ୍ୟ ସୁରକ୍ଷା, ସହର ଏବଂ ଗ୍ରାମ୍ୟସ୍ୱଚ୍ଛତା ଏବଂ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ, ଖଣି ସମସ୍ୟା, ଶ୍ରମିକ ସମସ୍ୟା, ଗମନା ଗମନ, ସାମାଜିକ ସୁରକ୍ଷା, ପଶୁପାଳନ, କୃଷି, ମତ୍ସ୍ୟ, ଜଳସେଚନ, ଧାନ କ୍ରୟ ବିକ୍ରୟର ସୁବ୍ୟବସ୍ଥା ଉପରେ ଆଲୋଚନା କରା ଯାଇଥିଲା। ଧର୍ମଗଡ ବିଧାନସଭା ମଣ୍ଡଳୀର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ସମ୍ପର୍କରେ ବିଧାୟକ ଶ୍ରୀ ପାଟଯୋଷୀ ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ। ଧର୍ମଗଡ ନିର୍ବାଚନମଣ୍ଡଳୀ କ୍ଷେତ୍ରର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ନିମନ୍ତେ ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଜଳସେଚନ, ଗମନାଗମନ ଇତ୍ୟାଦି କ୍ଷେତ୍ରରେ ଉନ୍ନତି ଓ ବିକାଶ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଅଧିକ ଯତ୍ନବାନ୍ ହୋଇ ଲୋକଙ୍କ ହିତରେ ସେବା ମନୋଭାବ ନେଇ କାମ କରିବା ପାଇଁ ବିଧାୟକ ଶ୍ରୀ ପାଟଯୋଷୀ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ ବର୍ତ୍ତମାନର ସରକାର ହେଉଛନ୍ତି ଲୋକଙ୍କର ସରକାର, ଜନସାଧାରଣଙ୍କ ହିତରେ ସମସ୍ତ ସରକାରୀ ଅଧିକାରୀ କର୍ତ୍ତବ୍ୟନିଷ୍ଠ ଭାବରେ କାର୍ଯ୍ୟ କରିବା ଆବଶ୍ୟକ। ବିଶେଷ କରି ବିକାଶ ମୂଳକ କାର୍ଯ୍ୟରେ ବିଭାଗୀୟ ଆଧିକାରୀ ମାନେ ବିଶେଷ ଗୁରୁତ୍ୱ ଦେବାକୁ ଶ୍ରୀ ପାଟଯୋଷୀ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ, ମୁଖ୍ୟ ଉନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ, ଅଧକାରୀ, ଜିଲ୍ଲାପରିଷଦ, ଦୟାମୟ ପାଢୀ, ଡିଏଫ୍ଓ, କଲାଇ ବନାନ୍, ଉପ ଜିଲ୍ଲାପାଳ ଧର୍ମଗଡ଼ ଧିମାନ ଚାକମା, ଉପ ନିର୍ଦ୍ଦେଶକ, ଜିଲ୍ଲା ଯୋଜନା ଓ ସମନ୍ୱୟ ବିଭାଗ, ଶ୍ରୀକାନ୍ତ ଦଳେଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ସୁଚେତା ପାଣି, ମୁଖ୍ୟ ଜିଲା କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ମୋହନ ସାହୁଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ପଦାଧିକାରୀ, ବ୍ଲକ ଉନ୍ନୟନ ଅଧକାରୀ, ତହସିଲଦାର, ଧର୍ମଗଡ଼, କୋକସରା, କଲମପୁର, ଜୟପାଟଣା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଏନ୍ଏସି, ଧର୍ମଗଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପ ନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ସମନ୍ୱୟ ବିଭାଗ ଶ୍ରୀ ଦଳେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଛାଡିଲା ବର୍ଷା, ବଢ଼ିଲା ଦୁର୍ଦ୍ଦଶା

## ଡାଲି ଜାତୀୟ ଫସଲ ନଷ୍ଟ ହେବା ଆଶଙ୍କାରେ ଚାଷୀ




ଗୋଲାମୁଣ୍ଡା / ଧର୍ମଗଡ଼(ଭାସ୍କର ନ୍ୟୁଜ): ସାରା ଓଡିଶାରେ ଲଘୁଚାପ ଜନିତ ଲଗାଣ ବର୍ଷା ଜାରି ରହିଥିବା ବେଳେ ଏହାର ପ୍ରଭାବରେ ବର୍ଷା ପାଗ ଲାଗି ରହିଛି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଗତ ମଙ୍ଗଳବାର ରାତ୍ରୀଠାରୁ ଝିପି ଝିପି ବର୍ଷା ସାଙ୍ଗକୁ କୋହଲା ପାଗ ଲାଗି ରହିଛି ଫଳରେ ସାଧାରଣ ଜୀବନଜୀବିକା ପ୍ରଭାବିତ ହୋଇଛି । ଝିପି ଝିପି ବର୍ଷା ପାଇଁ ଧାନ ଓ କପା ଚାଷୀ ଚିନ୍ତାରେ ଥିବାବେଳେ ବ୍ଲକରେ ଡାଲି ଜାତୀୟ ଫସଲ ମୁଗ, କୋଳଥ, କାନ୍ଦୁଲ ଚାଷ କରିଥିବା ଚାଷୀ ମଧ୍ୟ ଚିନ୍ତାରେ ଅଛନ୍ତି । ଏପରି ପାଗରେ ମୁଗ, କୋଳଥ, କାନ୍ଦୁଲ ଅନେକାଂଶରେ ପ୍ରଭାବିତ ହେବ ବୋଲି କହିଛନ୍ତି ବ୍ଲକର ଚାଷୀମାନେ। ବର୍ତ୍ତମାନ ଅନେକ କାନ୍ଦୁଲ ଗଛରେ ଫୁଲ ଧରି ଫଳ ଧରିବାକୁ ଲାଗିଥିବା ବେଳେ ଏମିତି ପାଗ କାନ୍ଦୁଲ ଗଛ ପାଇଁ ଅନୁକୁଳ ନୁହେଁ । ଏମିତି ପାଗରେ ଫୁଲ ଝଡି ଯିବା ସହିତ କାନ୍ଦୁଲରେ ପୋକ ଲାଗିଥାଏ । ଫଳରେ କାନ୍ଦୁଲ ଚାଷ ନଷ୍ଟ ହେବା ଆଶଂକାରେ ଅଛି ଚାଷୀ। ଅପର ପକ୍ଷରେ ଚଳିତବର୍ଷ ଅନାବୃଷ୍ଟି ଯୋଗୁଁ ଅନେକ ଜମିରେ ଧାନ ଚାଷ ହୋଇ ନଥିବାବେଳେ ଏହି ସବୁ ଜମିରେ ଚାଷୀ ମୁଗ ଓ କୋଳଥ ଚାଷ କରିଥିଲେ । କୋହଲା ପାଗ ସାଙ୍ଗକୁ ଝିପି ଝିପି ବର୍ଷା ଲାଗି ରହିଥିବା ଯୋଗୁଁ ମୁଗ ଓ କୋଳଥ ଚାଷ ଜମି ମାନଙ୍କରେ ବର୍ଷା ପାଣି ଜମି ରହିଛି । ପାଣି ଜମି ରହିବା ହେତୁ ଚାଷ ସଡ଼ି ଯିବା ଓ ପୋକ ଲାଗି ନଷ୍ଟ ହେବା ଆଶଂକା ଢେର ରହିଛି। ଚାଷୀ ଡାଲି ଜାତୀୟ ଚାଷ କରି ଦୁଇ ପଇସା ରୋଜଗାର କରିବାର ଆଶାରେ ଥିବା ବେଳେ ଅଦିନିଆ ବର୍ଷା ସବୁ ଆଶାକୁ ନିରାଶାରେ ପରିଣତ କରିଛି ବୋଲି ଚାଷୀ ମହଲରୁ ପ୍ରକାଶ। ଅନ୍ୟପଟେ ଧର୍ମଗଡ଼ ଅଞ୍ଚଳରେ ମଧ ଏହି ଲଘୁଚାପଜନିତ ବର୍ଷା ଓ କୋହଲା ପାଗ ଯୋଗୁଁ ଡାଲି ଜାତୀୟ ଫସଲ ନଷ୍ଟ ଆଶଙ୍କା ଦେଖା ଦେଇଛି। ବିଶେଷ ଭାବେ ଦଣ୍ଡପାଟ ଅଞ୍ଚଳରେ ଡାଲି ଜାତୀୟ ଫସଲ ବହୁପରିମାଣ କରାଯାଇଥାଏ। ଶହ ଶହ ହେକ୍ଟର ଜମିରେ ମୁଗ, ବିରି କୋଳଥ, ହରଡ଼ ଆଦି ଚାଷ କରାଯାଇଛି। ହେଲେ ଚାଷ ଜମିରେ ବର୍ତ୍ତମାନ ଆଣ୍ଠୁଏ ପାଣି ଜମି ରହିଛି। ଯାହାକି ରୋଗ ପୋକ ସହ ନାନାଦି ସମସ୍ୟା ଦେଖାଯିବା ସମେତ ଚାଷ ନଷ୍ଟ ହେବା ସମ୍ଭାବନା ଅଧିକ ରହିଛି। ଯାହାକୁ ନେଇ ଚାଷୀ ଚିନ୍ତାରେ ପଡି ଯାଇଛି। ଜିଲ୍ଲା ପ୍ରଶାସନ ଡାଲି ଜାତୀୟ ଚାଷର ଏକ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବୀ କରିଛନ୍ତି।

## ବର୍ଷାରେ ଭାଙ୍ଗିଲା ଘର: ପଲିଥିନ ତଳେ ପରିବାର

କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତ ଖୁଣ୍ଟିଆ ଗ୍ରାମରେ ପାଞ୍ଚପ୍ରାଣୀ କୁଟୁମ୍ବ ସହ ରହନ୍ତି ଧନସାଏ ଧରୁଆ। ଝାଟିମାଟି ଘରେ ବୃଦ୍ଧ ପିତା ଇନ୍ଦ୍ର ଧରୁଆ, ସ୍ତ୍ରୀ ସରସ୍ୱତୀ, ଦୁଇ ଝିଅ ବୈଦେହି ଓ ଯମୁନାଙ୍କୁ ନେଇ ଧନସାଏ ମୂଲଲାଗି ପରିବାର ପ୍ରତିପୋଷଣ କରନ୍ତି। ଗତ ଦୁଇ ଦିନ ଧରି ଲଗାଣ ବର୍ଷା ପରିବାର ଲୋକଙ୍କୁ ଆଣିଦେଇଛି ଦୁଃଖ। ପ୍ରବଳ ବର୍ଷା ମାଡ଼ରେ ଭାଙ୍ଗି ଯାଇଛି ଝାଟିମାଟିର ଘର। ଏହି ଅଘଟଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ପରିବାର। ବର୍ତ୍ତମାନ ପରିବାର ବେସାହାରା ହୋଇପଡିଛନ୍ତି। ରାଜ୍ୟ ସରକାରଙ୍କ ଆବାସ ଗୃହ ତାଙ୍କ ପାଇଁ ସ୍ୱପ୍ନ ହୋଇଛି। ଏପରି ଏକ ଦୁଃଖଦ ପରିସ୍ଥିତିରେ ବ୍ଲକ ପ୍ରଶାସନ ଅସହାୟ ପରିବାରକୁ ସରକାରୀ ସହାୟତା ଓ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଡହଗାଁ ରାଜସ୍ୱ ନିରୀକ୍ଷକ ରାଧା ଗୋବିନ୍ଦ ପଟ୍ଟନାୟକଙ୍କୁ ପଚାରିବାରୁ ପଲିଥିନ ଦେବାସହ କ୍ଷୟକ୍ଷତି ରିପୋର୍ଟ ତହସିଲ କାର୍ଯ୍ୟାଳୟରେ ଦାଖଲ କରିବା ପରେ ସରକାରୀ ନିୟମ ମୁତାବକ ଯାହା କ୍ଷତିପୂରଣ ରହିଛି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ତୁରନ୍ତ ଫସଲ କ୍ଷୟକ୍ଷତି ଆକଳନ କରିବାକୁ ଚାଷୀଙ୍କ ଦାବି



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ଅଞ୍ଚଳରେ ଗତ ଦୁଇ ଦିନ ଧରି ଝିପିଝିପି ବର୍ଷା ଲାଗିରହିଥିବା ବେଳେ ଖଳା ଓ ବିଲରେ ଚାଷୀଙ୍କ ଧାନ ଭିଜି ଯାଇଛି। ତେବେ ଅଦିନିଆ ବର୍ଷା ଧାନ ସହ ଡ଼ାଲି ଜାତୀୟ ଫସଲକୁ ମଧ୍ୟ ବିଶେଷ ପ୍ରଭାବିତ କରିଛି। ଯାହାକୁ ନେଇ ଚିନ୍ତାଗ୍ରସ୍ତ ହୋଇ ପଡିଛନ୍ତି ଚାଷୀ। ସୂଚନା ଅନୁସାରେ, କୋକସରା ବ୍ଲକରେ ଚଳିତ ବର୍ଷ ମୁଗ ୩୪୭୦ ହେକ୍ଟର, ବିରି ୩୦୭୭ ହେକ୍ଟର ଓ ହରଡ଼ ୪୧୪୩ ହେକ୍ଟର ଆଦି ଜମିରେ ଡ଼ାଲି ଜାତୀୟ ଫସଲ ହୋଇଛି। ବର୍ତ୍ତମାନ ହରଡ଼ ଫୁଲ ଧରିବା ସମୟ ହୋଇଥିବା ବେଳେ ବର୍ଷା ଓ କୋହଲା ପାଗ ସମ୍ପୂର୍ଣ୍ଣ ପ୍ରଭାବ ପକାଇଛି। ଦୁଇ ଦିନ ଧରି ଲାଗିରହିଥିବା ବର୍ଷା ଯୋଗୁଁ ହରଡ଼ ଫୁଲ ଝଡ଼ି ଯାଇଛି। ଏଥିସହ ଗଛ ମଧ୍ୟ ତଳେ ପଡି ଯାଇ ନଷ୍ଟ ହୋଇଛି। ଅନ୍ୟପଟେ ଫଳରେ ରୋଗ ଲାଗିବା ଯଥେଷ୍ଟ ସମ୍ଭାବନା ରହିଥିବାରୁ ଚିନ୍ତାରେ ପଡିଯାଇଛନ୍ତି ଚାଷୀ। ହରଡ଼, ଶିମ୍ବ ସହ ଅନ୍ୟ ଡ଼ାଲି ଜାତୀୟ ଫସଲ ମଧ୍ୟ ବର୍ଷା ଯୋଗୁଁ ନଷ୍ଟ ହୋଇଥିବା ଅଞ୍ଚଳର ଅନେକ ଚାଷୀ ଅଭିଯୋଗ କରିଛନ୍ତି। ଦୁଇ ଦିନ ବର୍ଷା ହେବାପରେ ମଧ୍ୟ ଗୁରୁବାର କୋହଲା ପାଗ ଲାଗି ରହିଛି। ତେବେ ବର୍ଷା ସହ ଏଭଳି ପାଗ ଆଗକୁ ଲାଗି ରହିଲେ ଡାଲି ଜାତୀୟ ଫସଲ ଠାରୁ ଆରମ୍ଭ କରି ପରିବା ଚାଷ ଓ ଚାଷୀ ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହେବା ନେଇ ଆଶଙ୍କା ରହିଛି। ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଧାନ ଚାଷରେ ବିଶେଷ ପ୍ରଭାବ ଦେଖାଦେଇଥିଲା। ତେଣୁ ଚାଷୀମାନେ ଧାନ ବ୍ୟତୀତ ଡ଼ାଲି ଜାତୀୟ ଫସଲ ଉପରେ ଗୁରୁତ୍ୱ ଦେଇ ଚାଷ କରିଥିଲେ। ହେଲେ ଏହି ଅଦିନିଆ ବର୍ଷା ଡ଼ାଲି ଜାତୀୟ ଫସଲକୁ ମଧ୍ୟ ନଷ୍ଟ କରି ଦେଇ ଚାଷୀଙ୍କ ଆଶାକୁ ଉଜାଡି ଦେଇଛି। ତେଣୁ କୃଷି ବିଭାଗ ଧାନ ସହିତ ଡ଼ାଲି ଜାତୀୟ ଫସଲର କ୍ଷୟକ୍ଷତି ଉପରେ ମଧ୍ୟ ଆକଳନ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏନେଇ କୋକସରା ଗୋଷ୍ଠୀ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀଙ୍କୁ ପଚାରିବାରୁ କ୍ଷୟକ୍ଷତି ଆକଳନ କରାଯାଇ ଚାଷୀଙ୍କୁ ସରକାରୀ ସ୍ତରରେ ଯାହା ସହାୟତା ରହିଛି ଯୋଗାଇ ଦେବାନେଇ ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଛନ୍ତି।

## ବିଜେଡିର ପ୍ରତିଷ୍ଠା ଦିବସ ପାଳିତ



ନର୍ଲା (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ରୁପ୍ରାରୋଡଠାରେ ନର୍ଲା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେଡ଼ିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଜୁ ବାବୁଙ୍କ ଜୀବନୀ ଓ ଓଡ଼ିଶା ପ୍ରତି ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ନର୍ଲା ବିଜେଡ଼ି ଦଳକୁ ଆହୁରି ସୁଦୃଢ଼ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ କରିଥିଲେ। ସଭାରେ ନର୍ଲା ବିଧାୟିକାଙ୍କ ସହ ସମ୍ମାନିତ ଅତିଥି ରୂପେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, କର୍ଲାମୁଣ୍ଡା ପଞ୍ଚାୟତ ସମିତିରୁ କୁନ୍ତୀ ସାହୁ, ରାଜ୍ୟ ସରପଂଚ ସଂଘର ସଭାପତି ରୋମାଞ୍ଚଳ ସାହୁ, କର୍ଲାମୁଣ୍ଡା ବ୍ଲକ ସଭାପତି ସୁରେନ୍ଦ୍ର ସାହୁ, ନର୍ଲା ବ୍ଲକ ମହିଳା ସଭାନେତ୍ରୀ ପ୍ରମିଳା ପଧାନ, ବରିଷ୍ଠ ବିଜେଡି ନେତା ନୀଳମଣି ସାହୁ, ଜିଲ୍ଲା ପରିଷଦ କେସିଙ୍ଗା ଜୋନ ୧ର ଦୀପାଞ୍ଜଳୀ ସାହୁ, ନର୍ଲା ଜୋନ ୧ ଜିଲ୍ଲା ପରିଷଦ ସଦସ୍ୟା ନମ୍ରତା ସାହୁ, ଜୋନ ୩ରୁ ଲିଲି ଦୀପ, ନର୍ଲା ବ୍ଲକ ବିଜେଡି ଯୁବ ସଭାପତି ବିଜୟ ଧଙ୍ଗଡା ମାଝୀ, ମ.ରାମପୁର ଯୁବ ସଭାପତି ସତ୍ୟ ନାରାୟଣ ସାହୁ, ନର୍ଲା ବ୍ଲକ ସରପଂଚ ସଂଘ ସଭାପତି ଅନ୍ତରାମ୍ ମାଝୀ, ମଞ୍ଜୁଲତା ସାହୁ, ମହେନ୍ଦ୍ର ରଣା ସହ ଶତାଧିକ ଦଳୀୟ କର୍ମୀମାନେ ଯୋଗଦାନ କରିଥିଲେ।

## ରାଶିଫଳ


ଶନିବାର, ୨୮ ଡିସେମ୍ବର ୨୦୨୪



**ମେଷ:** କାର୍ଯ୍ୟପ୍ରଣାଳୀରେ ଉନ୍ନତି ହେବ। ତୁରନ୍ତ କୌଣସି ଲାଭ ହେବ ନାହିଁ। ଯେକୌଣସି ପୁରୁଣା ରୋଗ ଅବରୋଧର କାରଣ ହୋଇପାରେ। ଅର୍ଥନୈତିକ ନୀତିରେ ପରିବର୍ତ୍ତନ ଆସିବ। ଆପଣ ସାମାଜିକ କାର୍ଯ୍ୟ କରିବାକୁ ଏକ ସୁଯୋଗ ପାଇବେ।



**ବୃଷ:** ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ବ୍ୟବସାୟ ବୃଦ୍ଧି ପାଇବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନିଅନ୍ତୁ। ଧାର୍ମିକ ରୀତିନୀତିରେ ଅଂଶଗ୍ରହଣ କରିବାକୁ ଆପଣ ଏକ ସୁଯୋଗ ପାଇପାରନ୍ତି । ରାଜନୈତିକ ସମର୍ଥନ ପାଇବେ।




**ମିଥୁନ:** ବେପରୁଆ ହୁଅନ୍ତୁ ନାହିଁ, ବିଶେଷକରି ଗୃହିଣୀ । ଜରୁରୀ ଜିନିଷଗୁଡିକ ନିଖୋଜ ହୋଇପାରେ । ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଚିନ୍ତା ଏବଂ ଟେନସନ ରହିବ । ଯାନ, ଯନ୍ତ୍ର ଏବଂ ଅଗ୍ନି ବ୍ୟବହାର କରିବା ସମୟରେ ସତର୍କତା ବ୍ୟବହାର କରନ୍ତୁ।



**କର୍କଟ:** ବ୍ୟବସାୟ ବୃଦ୍ଧି ପାଇବ । ଉଚ୍ଚ ପଦାଧିକାରୀମାନେ ଚାକିରିରେ ଖୁସି ହେବେ । ବିନିଯୋଗ ଭଲ ହେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନିଅନ୍ତୁ। ବିବାହ ପ୍ରସ୍ତାବ ଗ୍ରହଣ କରାଯାଇପାରେ । କମ୍ ପ୍ରତିଦ୍ୱନ୍ଦ୍ୱିତା ହେବ । ରାଜନୈତିକ ସମର୍ଥନ ପାଇବେ।



**ସିଂହ:** ସ୍ଥାୟୀ ସମ୍ପତ୍ତିର ବଡ କାରବାର ବଡ଼ ଲାଭ ଦେଇପାରେ । ଆପଣ ଚାହୁଁଥିବା ଚାକିରି ପାଇବେ । ବ୍ୟାଙ୍କ ବାଲାନ୍ସ ବୃଦ୍ଧି ପାଇବ। ବ୍ୟବସାୟରେ ଅଭିବୃଦ୍ଧି ହେବାର ସମ୍ଭାବନା ଅଛି । ଅର୍ଥନୈତିକ ପ୍ରଗତି ପାଇଁ ପ୍ରୟାସ ସଫଳ ହେବ। ଋଣ ଠିକ୍ ସମୟରେ ପରିଶୋଧ କରିବାକୁ ସକ୍ଷମ ହେବେ।




**କନ୍ୟା:** କିଛି ଶୁଭ କାମର ଆୟୋଜନ କରାଯାଇପାରେ । ଆପଣ ସୁସ୍ୱାଦୁ ଭୋଜନ ଉପଭୋଗ କରିପାରିବେ । ଭ୍ରମଣ ଲାଭଦାୟକ ହେବ। ଆପଣ ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ । ସ୍ୱାସ୍ଥ୍ୟ ଦୁର୍ବଳ ହୋଇପାରେ । ଅନ୍ୟମାନଙ୍କ ସହିତ ଝଗଡା କରନ୍ତୁ ନାହିଁ ।



**ତୁଳା:** ଆୟରେ ନିଶ୍ଚିତତା ରହିବ । ଖରାପ ଖବର ଆସିପାରେ, ଧୈର୍ଯ୍ୟବାନ ହୁଅନ୍ତୁ । ଅତ୍ୟଧିକ ବ୍ୟସ୍ତତା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇବ। ଥକ୍କା ଏବଂ ଦୁର୍ବଳ ଅନୁଭବ କରିପାରନ୍ତି। ବକ୍ତବ୍ୟରେ କଠୋର ଶବ୍ଦ ବ୍ୟବହାର କରିବାଠାରୁ ଦୂରେଇ ରୁହନ୍ତୁ ।



**ବିଛା:** ବିନିଯୋଗ ଲାଭଦାୟକ ହେବ । ବ୍ୟବସାୟ ଏବଂ କାରବାର ଭଲ ରହିବ । ଜରୁରୀ ଜିନିଷକୁ ଠିକ୍ ସମୟରେ ନ ପାଇବାରୁ ଦୁଃଖିତ ହେବେ। କରାଯାଉଥିବା କାର୍ଯ୍ୟରେ ବାଧା ଉପୁଜିବ । ସ୍ୱାସ୍ଥ୍ୟ ଦୁର୍ବଳ ହେବ । ବିବାହ ପ୍ରସ୍ତାବ ଗ୍ରହଣ କରାଯାଇପାରେ। ଅଳ୍ପ ପରିଶ୍ରମ ସହିତ, କାମ ସରିବାରେ ସୁଖ ମିଳିବ।




**ଧନୁ:** ବ୍ୟବସାୟ ଭଲ ହେବ । ସହକର୍ମୀମାନେ ଏହି କାର୍ଯ୍ୟରେ ସହଯୋଗ କରିବେ । ଶୀଘ୍ର ଏବଂ ଅସାବଧାନତା ଯୋଗୁଁ କ୍ଷତି ହେବ। ଏକ ରାଜନୈତିକ କ୍ରୋଧ ହୋଇପାରେ । ବିବାଦ କରନ୍ତୁ ନାହିଁ । ଭଲ ଖବର ଗ୍ରହଣ କରାଯିବ । ହଜିଯାଇଥିବା ବନ୍ଧୁ ଏବଂ ସମ୍ପର୍କୀୟଙ୍କ ସହ ଭେଟ ହେବ । ବିରୋଧୀମାନେ ସକ୍ରିୟ ରହିବେ । ରିସ୍କ ନେବାକୁ ସାହସ କରନ୍ତୁ ।



**ମକର:** ବ୍ୟବସାୟ ବୃଦ୍ଧି ପାଇବ । ସେୟାର ବଜାର ଅନୁକୂଳ ଲାଭ ଦେବ । ବ୍ୟବସାୟ ଭ୍ରମଣ ଲାଭଦାୟକ ହେବ । ଚାକିରୀ ପାଇବେ । ଆୟ ବୃଦ୍ଧି ପାଇବ । ଘର ବାହାରେ ଖୁସିର ବାତାବରଣ ରହିବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । କିଛି ଅଘଟଣ ଘଟିବାର ସମ୍ଭାବନା ରହିବ ।



**କୁମ୍ଭ:** ଚାକିରିରେ କାର୍ଯ୍ୟଭାର ରହିବ । କ୍ଲାନ୍ତ ଅନୁଭବ କରିବେ। ମୂଲ୍ୟବାନ ସାମଗ୍ରୀକୁ ଦାୟିତ୍ୱରେ ରଖନ୍ତୁ । ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ। ବ୍ୟବସାୟର ଗତି ଧୀର ହେବ। ସହକର୍ମୀମାନେ ସହଯୋଗ କରିବେ ନାହିଁ। ଆଖିର ବିଶେଷ ଯତ୍ନ ନିଅନ୍ତୁ । ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ।



**ମୀନ:** ବୁଦ୍ଧି ବ୍ୟବହାର କରନ୍ତୁ । ଅଟକାଯାଇଥିବା ଅର୍ଥ ଗ୍ରହଣ କରାଯିବ । ପ୍ରୟାସ ସଫଳ ହେବ । ଭ୍ରମଣ ଆନନ୍ଦଦାୟକ ହେବ । ବ୍ୟବସାୟରେ ସନ୍ତୁଷ୍ଟ ହେବେ । ପ୍ରଲୋଭିତ ହୁଅନ୍ତୁ ନାହିଁ । ବିନିଯୋଗ ଲାଭଦାୟକ ହେବ। ଚାକିରିରେ ପ୍ରଭାବର କ୍ଷେତ୍ର ବୃଦ୍ଧି ପାଇବ । ଆପଣ ବ୍ୟବସାୟରେ ଉତ୍ସାହର ସହିତ କାମ କରିବାକୁ ସମର୍ଥ ହେବେ ।



ଜ୍ୟୋତିଷ ଭାରତୀ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯